
# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜାନୁଆରୀ ୬/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, January 6/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 44 | ମୂଲ୍ୟ ₹୭/-


**'ସ୍କାଏ ଫୋର୍ସ'ରେ ବାୟୁସେନା ଅଧିକାରୀଙ୍କ ଭୂମିକାରେ ଅକ୍ଷୟ**

ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ସ୍କାଏ ଫୋର୍ସ'ର ଟ୍ରେଲର ରବିବାର ରିଲିଜ ହୋଇଛି। ଫିଲ୍ମରେ ଅକ୍ଷୟଙ୍କୁ ଭାରତୀୟ ବାୟୁସେନା ଅଧିକାରୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ୦୨

୧୪ **ସୁର୍ମାକୁ ଜିତାଇଲେ ହରମନପ୍ରୀତ**

ରାଉରକେଲାରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ରବିବାର କଳିଙ୍ଗ ଲାନ୍ସର୍ସ ବିପକ୍ଷରେ ସୁର୍ମା ହକି କ୍ଲବକୁ ଜିତାଇଛନ୍ତି ଅଧିନାୟକ ହରମନପ୍ରୀତ ସିଂ ।





# ଟ୍ରକ୍ ମଡ଼ାଇ ୨ ଭାଜପା ନେତାଙ୍କୁ ହତ୍ୟା



ଦୁର୍ଘଟଣାଗ୍ରସ୍ତ କାର୍



ମୁରଲୀ ଛୁରିଆ



ଦେବେନ୍ଦ୍ର ନାୟକ

**ସମ୍ବଲପୁର ଅଞ୍ଚଳର ୨ ଭାଜପା ନେତା ଦେବେନ୍ଦ୍ର ନାୟକ ଓ ମୁରଲୀ ଛୁରିଆ ରାଜଧାନୀ ଭୁବନେଶ୍ୱରକୁ ଆସି ଶନିବାର ରାତିରେ କାର୍‌ରେ ଫେରୁଥିଲେ। ସମ୍ବଲପୁର ଉପକଣ୍ଠ କଟାପାଲି ଗ୍ରାମ ଦେଇ ଏନ୍.ଏଚ୍. ୫୩ରେ ଯାଉଥିବାବେଳେ ସେମାନଙ୍କୁ ପିଛା କରୁଥିବା ଏକ ହାଇୱା ଟ୍ରକ୍ ଧକ୍କା ଦେଇଥିଲା। ୨୦ ମିଟର ପର୍ଯ୍ୟନ୍ତ କାର୍ ଘୋଷରି ହୋଇ ଏକ ବୁଦାମୂଳେ ଓଲଟିପଡ଼ିବାରୁ ଉଭୟଙ୍କ ମୃତ୍ୟୁ ଘଟିଛି। ଏଥିରେ ସେମାନଙ୍କ ୨ ଜଣ ସହଯୋଗୀ ଗୁରୁତର ଆହତ ହୋଇ ବୁର୍ଲାସ୍ଥିତ ଏକ ଘରୋଇ ହସ୍ପିଟାଲର ଇନ୍‌ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଭର୍ତ୍ତି ହୋଇଛନ୍ତି। ଏହା ଏକ ଦୁର୍ଘଟଣା ଭଳି ମନେହେଉଥିଲେ ମଧ୍ୟ ହାଇୱା କାର୍‌କୁ ବାରମ୍ବାର ଧକ୍କା ଦେବା ଓ ଅନ୍ୟ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଯୋଜନାବଦ୍ଧ ହତ୍ୟା ବୋଲି ସ୍ପଷ୍ଟ ଜଣାପଡୁଛି। ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ହାଇୱା ଚାଳକଙ୍କୁ ଅଟକ ରଖିଛି। ତେବେ ଏହି ହତ୍ୟା ଷଡ଼ଯନ୍ତ୍ର ପଛରେ କାହା ହାତ ରହିଛି ଏବଂ ହତ୍ୟାର ଉଦ୍ଦେଶ୍ୟ କ'ଣ ତା'ର ପର୍ଦ୍ଦାଫାଶ କରିବା ସମ୍ବଲପୁର ପୋଲିସ ପାଇଁ ଏବେ ପାଲଟିଛି ବଡ଼ ଚ୍ୟାଲେଞ୍ଜ।**

ସମ୍ବଲପୁର, ୫।୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ଆ.କଟାପାଲି ନିକଟରେ ଶନିବାର ବିଳମ୍ବିତ ରାତିରେ ହାଇୱା ଚଢ଼ାଇ ସ୍ଥାନୀୟ ଅଞ୍ଚଳର ୨ ଜଣ ଭାଜପା ନେତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହାଇୱା ଧକ୍କା ଯୋଗୁ କାରରେ ଥିବା ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ବୁର୍ଲାର ଏକ ଘରୋଇ ନର୍ସିଂହୋମସ୍ଥିତ ଆଇସିୟୁରେ ଭର୍ତ୍ତି କରାଯାଇଛି। ମୃତକ ଦ୍ୱୟ ହେଲେ ଗୋଶାଳା ଭାଜପା ମଣ୍ଡଳ ସଭାପତି ଦେବେନ୍ଦ୍ର ନାୟକ(୫୦) ଓ କରଡ଼ୋଲାର ପୂର୍ବତନ ସରପଞ୍ଚ ମୁରଲୀ ଛୁରିଆ(୬୦)। ଦେବେନ୍ଦ୍ର କରଡ଼ୋଲା ଗ୍ରାମର ବାସିନ୍ଦା ହୋଇଥିବାବେଳେ ମୁରଲୀ ଚାରପାଲି ଗ୍ରାମର ନିବାସୀ ଥିଲେ। ଆହତଙ୍କ ମଧ୍ୟରେ ରହିଛନ୍ତି ବରିଷ୍ଠ ଭାଜପା କର୍ମୀ ତଥା କରଡ଼ୋଲା ପାଣି ପଞ୍ଚାୟତ ସଭାପତି ରାମନାରାୟଣ ପଣ୍ଡା(କୁନା) ଓ ବସନ୍ତପୁର ଗ୍ରାମର ସମାଜିକ କର୍ମୀ ସୁରେଶ ଛନ୍ଦ।

ସୂଚନାନୁସାରେ ଦେବେନ୍ଦ୍ର ଓ ମୁରଲୀ ୩ ଭାଜପା କର୍ମୀଙ୍କ ସହିତ ଭୁବନେଶ୍ୱରକୁ ଯାଇଥିଲେ। ସେଠାରେ ସେମାନେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରି ନାୟକଙ୍କୁ ଭେଟିବା ପରେ ଶନିବାର ରାତିରେ ୨ଟି ପୃଥକ୍ କାର୍‌ରେ ସମ୍ବଲପୁରକୁ ଫେରିଥିଲେ। ସେଠାରୁ ଭାଜପାର ୨ ନେତା ଓ ୩ କର୍ମୀଙ୍କୁ ନେବା ପାଇଁ ମୁରଲୀଙ୍କ ପୁଅ ଓ ଜଣେ ଡ୍ରାଇଭର କାର୍‌ରେ ସମ୍ବଲପୁରକୁ ଆସିଥିଲେ। ତେବେ ଦେବେନ୍ଦ୍ର, ମୁରଲୀ, ସୁରେଶ, ରାମନାରାୟଣ ସହିତ ମୁରଲୀଙ୍କ ପୁଅ ଓ ଡ୍ରାଇଭର ମିଶି ୬ ଜଣ ସମ୍ବଲପୁରରେ ଖିଆପିଆ ସାରି ରାତିରେ କାର୍ (ନଂ. ଓଡି-୧୫-ଜେ-୨୩୩୮)ରେ ଘରକୁ ଫେରୁଥିଲେ। ଏହି ସମୟରେ ଜାତୀୟ ରାଜପଥ ନଂ.୫୩ରେ ହଠାତ୍ ତାଙ୍କ କାରକୁ ପଛପଟୁ ଏକ ହାଇୱା(ଓଡି-୧୫-ଟି-୩୮୮୯) ଧକ୍କା ଦେଇ ଆ.କଟାପାଲି ଗ୍ରାମ ଭିତରେ ଥିବା ଏକ ବୁଦାମୂଳ ନିକଟରେ ପ୍ରାୟ ୨୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ କାର୍‌ଟି ସମ୍ପୂର୍ଣ୍ଣ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଦେବେନ୍ଦ୍ର ଓ ମୁରଲୀଙ୍କ ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ମୁରଲୀଙ୍କ ପୁଅ, ତାଙ୍କ କାର୍ ଚାଳକ, ରାମନାରାୟଣ ଓ ସୁରେଶ କାରରୁ ଜୀବନ ବଞ୍ଚାଇବା ପାଇଁ ଡେଇଁ ପଡ଼ିଥିଲେ। ସୌଭାଗ୍ୟକ୍ରମେ ସେମାନେ ବର୍ତ୍ତି ଯାଇଥିଲେ ବି ମୁରଲୀଙ୍କ ପୁଅ ଓ ଡ୍ରାଇଭର ଆହତ ହୋଇଛନ୍ତି। କିନ୍ତୁ କାର୍ ପଛପଟେ ବସିଥିବା ☞ପୃଷ୍ଠା-୪

# ତଟସୁରକ୍ଷା ହେଲିକପ୍ଟର ଦୁର୍ଘଟଣା: ୩ ମୃତ

ପୋର୍‌ବନ୍ଦର,୫।୧(ପି.ଟି.)

ଗୁଜରାଟର ପୋର୍‌ବନ୍ଦର ସହର ଉପକଣ୍ଠରେ ଥିବା ଏକ ବିମାନବନ୍ଦରରେ ଭାରତୀୟ ତଟସୁରକ୍ଷା ବଳ (ଆଇସିଜି)ର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଜଣ କ୍ରିଉ ମେମ୍ବରଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ହେଲିକପ୍ଟରଟି ଜଳିଯାଇଥିଲା। ଆଇସିଜିର ଅତ୍ୟାଧୁନିକ ହାଲୁକା ହେଲିକପ୍ଟର (ଏଏଲ୍‌ଏଚ୍) ନିୟମିତ ଉଡ଼ାଣ ସାରି ବିମାନବନ୍ଦରରେ ଅବତରଣ ଉଦ୍ୟମ ବେଳେ ମଧ୍ୟାହ୍ନ ୧୨ଟା ୧୦ ମିନିଟ୍ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ପୋର୍‌ବନ୍ଦର ଏସ୍‌ପି କହିଛନ୍ତି। ନିଆଁକୁ ଆୟତ୍ତ କରିବା ସହ ୩ କ୍ରିଉ ମେମ୍ବରଙ୍କୁ ଗୁରୁତର ଅବସ୍ଥାରେ ପୋର୍‌ବନ୍ଦର ହସ୍ପିଟାଲ ନିଆଯାଇଥିଲା। ସେମାନଙ୍କ ମଧ୍ୟରେ ୨ ଜଣଙ୍କର ବାଟରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତକମାନଙ୍କ ପରିଚୟ ମିଳିନାହିଁ।






# ପୋଲିସ ଗୁଳିରେ ୪ ମାଓବାଦୀ ନିହତ

**ଜଣେ ଯବାନ ଶହୀଦ**

ମାଲକାନଗିରି, ୫।୧(ସୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଓ ନାରାୟଣପୁର ଜିଲା ଜଙ୍ଗଲରେ ପୋଲିସ ସହ ଗୁଳି ବିନିମୟ ଘଟି ୪ ମାଓବାଦୀ ନିହତ ହୋଇଥିବା ବେଳେ ଜଣେ ଡିଆରଜି ଯବାନ ଶହୀଦ ହୋଇଛନ୍ତି। ମୃତ ଯବାନ ହେଲେ ସନ୍ନୁ କରମ୍। ଅପରପକ୍ଷରେ ନିହତ ମାଓବାଦୀଙ୍କ ପରିଚୟ ମିଳିପାରିନାହିଁ। ଯବାନମାନେ କ୍ୟାମ୍ପକୁ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ବିଜାପୁର ଓ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

କେବଳ ପୁରୁଷ ନୁହେଁ


# ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିବ ୨୯୧ କୋଟି

ଭୁବନେଶ୍ୱର, ୫।୧(ପ୍ରଦିତ ମିଶ୍ର)

ନିକଟରେ ଦେଖାଦେଇଥିବା ଅଦିନିଆ ବର୍ଷା କାରଣରୁ ଉପକୂଳବର୍ତ୍ତୀ ୧୬ଟି ଜିଲାର ଚାଷୀମାନେ ବ୍ୟାପକ କ୍ଷତି ସହିଛନ୍ତି। ଏହାର ତର୍ଜମା କରିବା ଲାଗି ମନ୍ତ୍ରିମଣ୍ଡଳର ସଦସ୍ୟ, ରାଜ୍ୟର ୨ ଉପମୁଖ୍ୟମନ୍ତ୍ରୀ ମଧ୍ୟ ଜିଲା ଗସ୍ତ କରିଥିଲେ। ସେଥିରେ ବିଭାଗୀୟ ଅଧିକାରୀମାନଙ୍କୁ ରିପୋର୍ଟ ପ୍ରଦାନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଏ ସମ୍ବନ୍ଧୀୟ ରିପୋର୍ଟ ପ୍ରସ୍ତୁତ ହୋଇସାରିଛି। ୬ ଲକ୍ଷ ୬୬ ହଜାରରୁ ଅଧିକ ଚାଷୀଙ୍କ କ୍ଷତି ହୋଇଛି। ସେମାନଙ୍କର ଯାହା କ୍ଷତି ହୋଇଛି ତା'ର ଆକଳନ ଅନୁଯାୟୀ ୨୯୧ କୋଟିଟଙ୍କା ସେମାନଙ୍କୁ ପ୍ରଦାନ କରାଯିବ। ଏହାର ପ୍ରକ୍ରିୟାକରଣ ମଧ୍ୟ ଆରମ୍ଭ ହୋଇସାରିଛି। ଖୁବ୍‌ଶୀଘ୍ର ଜିଲାପାଳମାନଙ୍କ ଜରିଆରେ ପ୍ରତ୍ୟେକ ଜିଲାରେ ଏହି କାର୍ଯ୍ୟ ତ୍ୱରିତ ବେଗରେ କରାଯିବ। ଚାଷୀମାନେ ନିଶ୍ଚୟ ସେମାନଙ୍କ କ୍ଷତିପୂରଣ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

- ■ ୨୦୨୮-୨୯ ବର୍ଷ ମଧ୍ୟରେ ନିର୍ମାଣ ହେବ ୨୪୦୦ କି.ମି. ନୂତନ କଂକ୍ରିଟ କେନାଲ
- ■ ୧୮୭୦ କି.ମି. ଅତି ପୁରୁଣା ଓ ଜରାଜୀର୍ଣ୍ଣ କ୍ଷେତ୍ରନାଳୀକୁ କଂକ୍ରିଟ ନାଳୀରେ ପୁନଃନିର୍ମାଣ କରାଯିବ

ରବିବାର ଭୁବନେଶ୍ୱର ବରମୁଣ୍ଡା ଖେଳପଡ଼ିଆଠାରେ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ପାଣି ପଞ୍ଚାୟତଗୁଡ଼ିକର ନିୟମ ଅନୁଯାୟୀ ନିର୍ବାଚନ ଓ କାଗଜ ପତ୍ର ଅଡିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପାଣି ପଞ୍ଚାୟତଗୁଡ଼ିକୁ ସଶକ୍ତ କରି କୃଷି ବିପଣନ କେନ୍ଦ୍ର ଭାବେ ବିକଶିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳସେଚନ ଏବଂ କୃଷି ବୈଜ୍ଞାନିକଙ୍କ ଗବେଷଣା ସହିତ ଚାଷୀମାନଙ୍କ ପରିଶ୍ରମ ଯୋଗୁ ବର୍ତ୍ତମାନ ଆମେ ୧୪୦ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇ ପାରୁଛୁ ଏବଂ ବିଦେଶକୁ ମଧ୍ୟ ରପ୍ତାନି କରିପାରୁଛୁ। ଏଥିଲାଗି ଚାଷୀର ଜମିକୁ ଜଳଯୋଗାଣ ନିତାନ୍ତ ଜରୁରୀ। ତେଣୁ ଜଳସେଚନ ସମ୍ପ୍ରସାରଣ ପ୍ରକଳ୍ପକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବା ଦରକାର। ରାଜ୍ୟର କୃଷକମାନଙ୍କ ଜମିକୁ ପାଣି ଯୋଗାଇଦେବା ☞ପୃଷ୍ଠା-୪

# ଜଙ୍ଗଲରେ ସିଂହ ସହ ୫ ଦିନ ବିତାଇଲେ ୭ ବର୍ଷୀୟ ବାଳକ

ହରାରେ, ୫।୧

ଉତ୍ତର ଜିମ୍ବାୱେର ମୋଶୋନାଲେଣ୍ଡ ପଶ୍ଚିମ ପ୍ରଦେଶର 'କରିବା ଗ୍ରାମୀଣ' ଜିଲାର ୭ ବର୍ଷୀୟ ବାଳକ ଟିନୋଟେଡା ପୁଡୁଙ୍କ କାହାଣୀ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ସେ ୫ ଦିନ ସିଂହ ଅଭୟାରଣ୍ୟ ମଧ୍ୟରେ ଭୟଙ୍କର ବନ୍ୟଜନ୍ତୁଙ୍କ ସହ ବିତାଇ ଜୀବିତ ଉଦ୍ଧାର ହୋଇଛନ୍ତି। ଏହାକୁ ସମସ୍ତେ ଚମତ୍କାର କହୁଛନ୍ତି। ଗତ ମାସ ୩୦ ତାରିଖରେ ଗ୍ରାମୀୟ ନ୍ୟାମିନ୍ୟାମି ସମୁଦାୟର ପୁଡୁ ରାସ୍ତା ଭୁଲି ନିଜ ଘରଠାରୁ ୨୩ କି.ମି. ଦୂର ସିଂହ ସଂରକ୍ଷଣ ପାଇଁ ପ୍ରସିଦ୍ଧ ମାତୁସାଡୋନା ଜାତୀୟ ପାର୍କକୁ ଚାଲିଯାଇଥିଲେ। ଏହାପରେ ପରିବାର ଲୋକେ ଏବଂ ଗ୍ରାମବାସୀ ପୁଡୁଙ୍କୁ ଖୋଜିବାକୁ ବହୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ତେବେ ନିଖୋଜ ହେବାର ୫ ଦିନ ପରେ ଶନିବାର ମାତୁସାଡୋନା ଜାତୀୟ ପାର୍କର ରେଞ୍ଜରମାନେ ପୁଡୁଙ୍କୁ ଜୀବିତ ଉଦ୍ଧାର କରିଥିଲେ। ଉଦ୍ଧାର ହେବା ପରେ ପୁଡୁ କହିଛନ୍ତି, ତାଙ୍କ ଘର ମରୁଡ଼ି ପ୍ରଭାବିତ ଅଞ୍ଚଳରେ ହୋଇଥିବାରୁ ମାଟି ଖୋଳି ପାଣି କିପରି ପିଆଯାଏ, ଏହା ସେ ଜାଣିଥିଲେ। ଏପରିକି ଏଥିପାଇଁ କେଉଁ ଭୂମି ଉପଯୁକ୍ତ ତାହା ମଧ୍ୟ ତାଙ୍କୁ ଶିକ୍ଷା ଦିଆଯାଇଥିବା ପୁଡୁ





କହିଛନ୍ତି। ସେ ଜଙ୍ଗଲ ମଧ୍ୟରେ ବାଡ଼ି ସାହାଯ୍ୟରେ ମାଟି ଖୋଳି ବାହାରୁଥିବା ପାଣିକୁ ପିଇ ବଞ୍ଚି ରହୁଥିଲେ। ପୁଡୁ ଆହୁରି କହିଛନ୍ତି, ସେ ଜଙ୍ଗଲ ମଧ୍ୟରେ ବିଭିନ୍ନ ଫଳ ଖାଉଥିଲେ। ସେହିପରି ସେ ଉଚ୍ଚ ପଥର ମଧ୍ୟରେ ଲୁଚି କରି ଶୋଉଥିଲେ, ଯାହାଫଳରେ ସିଂହ ଏବଂ ଅନ୍ୟାନ୍ୟ ହିଂସ୍ର ବନ୍ୟଜନ୍ତୁମାନେ ତାଙ୍କ ନିକଟକୁ ପହଞ୍ଚି ପାରିବେ ନାହିଁ। ଏହିପରି ଭାବେ ସେ ବନ୍ୟଜନ୍ତୁଙ୍କଠାରୁ ନିଜକୁ ରକ୍ଷା କରି ଜଙ୍ଗଲ ମଧ୍ୟରେ ତିଷ୍ଠି ପାରିଥିଲେ ବୋଲି ପୁଡୁ କହିଛନ୍ତି। ଜିମ୍ବାୱେର ସାଂସଦ ମୁତ୍ସା ମୁରୋମ୍ବେଡ଼ଜୀ ରବିବାର ପୁଡୁଙ୍କ କାହାଣୀକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି, ☞ପୃଷ୍ଠା-୪




## ସଂକ୍ଷେପରେ

### ଥରେମାତ୍ର ପଛରେ ଯିବା ଯୁବତୀଙ୍କୁ ପିଛା କରିବା ନୁହେଁ: ହାଇକୋର୍ଟ

ମୁମ୍ବାଇ,୫।୧

ଜଣେ ଯୁବତୀଙ୍କ ପଛରେ ଥରେମାତ୍ର ଯିବା ଅର୍ଥ ତାଙ୍କୁ ପିଛା କରିବା ନୁହେଁ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି। ପିଛା କରିବା ପାଇଁ କ୍ରମାଗତ ଆଚରଣ ଆବଶ୍ୟକ। ଅନ୍ୟପକ୍ଷରେ ଯୌନ ଉତ୍ପୀଡ଼ନ ମାମଲାରେ ମୁଖ୍ୟ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହୋଇଥିବାବେଳେ ହାଇକୋର୍ଟ ଏହାକୁ କାଏମ ରଖିଛନ୍ତି। ୨୦୨୦ରେ ଜଣେ ୧୯ ବର୍ଷୀୟ ଜଣେ ନାବାଳିକାଙ୍କୁ ଫଲୋ କରିବା ସହ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ତେବେ ନାବାଳିକାଙ୍କ ପଛରେ ଥରେମାତ୍ର ଯିବା ଆଇପିସିର ଦଫା ୩୫୪(ଡି) ଅନୁଯାୟୀ ତାଙ୍କୁ ପିଛା କରିବା ନୁହେଁ ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି।

### ପ୍ରିୟଙ୍କା ଗାନ୍ଧୀଙ୍କ ଉପରେ ଭାଜପା ନେତାଙ୍କ ବିବାଦୀୟ ମନ୍ତବ୍ୟ



ରମେଶ ବିଧୁରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ନୂଆଦିଲ୍ଲୀ,୫।୧(ପି.ଟି.)

ବରିଷ୍ଠ ଭାଜପା ନେତା ତଥା କାଲକାଜିରୁ ଦଳୀୟ ପ୍ରାର୍ଥୀ ହୋଇଥିବା ରମେଶ ବିଧୁରୀ ଏକ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚିତ ହୋଇଛନ୍ତି। ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜୟୀ ହେଲେ ବିଧୁରୀ କାଲକାଜିର ରାସ୍ତାଗୁଡ଼ିକୁ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଗାଲ ଭଳି ଚିକ୍କଣ କରିବେ ବୋଲି କହିଥିଲେ। ଏହା ଉପରେ ବିଧୁରୀ କୌଣସି ପ୍ରତିକ୍ରିୟା ରଖି ନ ଥିବାବେଳେ କଂଗ୍ରେସ କଡ଼ା ସମାଲୋଚନା କରିଛି। ବିଧୁରୀଙ୍କ ମନ୍ତବ୍ୟର ତଥାକଥିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କାଲକାଜିର କଂଗ୍ରେସ ପ୍ରାର୍ଥୀ ତଥା ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଏହି ଘଟଣାରେ ବିଧୁରୀଙ୍କୁ ନିନ୍ଦା କରିଛନ୍ତି।

### ଘନ କୁହୁଡ଼ି: ଦିଲ୍ଲୀରେ ବିମାନ, ଟ୍ରେନ୍ ସେବା ପ୍ରଭାବିତ

ନୂଆଦିଲ୍ଲୀ, ୫।୧

ଦିଲ୍ଲୀକୁ ରବିବାର ଘନ କୁହୁଡ଼ି ବଳୟ ଘେରି ରହିଥିଲା। ଏହାର ପ୍ରଭାବରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ୧୮ଟି ବିମାନ ଉଡ଼ାଣକୁ ରଦ୍ଦ କରାଯାଇଛି। ସେହିପରି ବିଳମ୍ବରେ ୨୫୦ରୁ ଅଧିକ ବିମାନ ଉଡ଼ାଣ ଭରିଛି। ଅନ୍ୟପକ୍ଷରେ ଘନ କୁହୁଡ଼ି ଦିଲ୍ଲୀର ଟ୍ରେନ୍ ସେବାକୁ ମଧ୍ୟ ବାଧାପ୍ରାପ୍ତ କରିଛି। ଦିଲ୍ଲୀରୁ ୬୦ରୁ ଅଧିକ ଟ୍ରେନ୍ ବିଳମ୍ବରେ ଛାଡ଼ିଛି। ସେପଟେ ପୂରା ଉତ୍ତର ଭାରତକୁ ଶୀତ ଲହରି ଗ୍ରାସ କରିଛି। କଶ୍ମୀର ଉପତ୍ୟକାର କୋକରନଗ ସହରରେ ରାତି ତାପମାତ୍ରା ଦ୍ରୁତ ଗତିରେ ହ୍ରାସ ପାଇ ମାଇନସ ୮.୧ ଡିଗ୍ରୀ ସେଲସିୟସରେ ପହଞ୍ଚିଛି।

# ଅଟକିଯାଇଛି ଜୀବନ, ମୁକ୍ତକର

## ଏବେ ବି ହମାସ୍ କବଳରେ ଲିରି ଅଲ୍‌ବାଗଙ୍କ ସମେତ ୧୦୦ ପଣବନ୍ଦୀ



**ମୋତେ ମାତ୍ର ୧୯ ବର୍ଷ। ମୋ ଆଗରେ ସାରା ଜୀବନ ପଡ଼ିଛି। କିନ୍ତୁ ୪୫୦ ଦିନ ଧରି ପଣବନ୍ଦୀ ହୋଇ ମୋ ଜୀବନ ଅଟକିଯାଇଛି। ସରକାର ମୋତେ ଓ ଅନ୍ୟ ପଣବନ୍ଦୀମାନଙ୍କୁ ଭୁଲିଯାଇଛନ୍ତି। ଆତଙ୍କବାଦୀଙ୍କ କବଳରୁ ମୁକ୍ତକରି ଆମ ଜୀବନ ରକ୍ଷା କରନ୍ତୁ। ଇସ୍ରାଏଲ୍‌ର ବେଞ୍ଜାମିନ୍ ନେତାନ୍ୟାହୁ ସରକାରଙ୍କୁ ସାଢ଼େ ୩ ମିନିଟ୍‌ର ଭିଡିଓରେ ଏଭଳି କୋହଭରା କଣ୍ଠରେ ନିବେଦନ କରିଛନ୍ତି ଗାଜାର ସଶସ୍ତ୍ର ଶାସକ ହମାସ୍ ଦ୍ୱାରା ପଣବନ୍ଦୀ ହୋଇ ରହିଥିବା ଲିରି ଅଲ୍‌ବାଗ।**

ଜେରୁଜେଲମ୍/ଗାଜା ସିଟି,୫।୧

୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍‌ର ଦକ୍ଷିଣ ଭାଗରେ ଅତର୍କିତ ଆକ୍ରମଣ କରିଥିଲେ। ସେମାନଙ୍କ ରକେଟ ମାଡ଼ରେ ଇସ୍ରାଏଲ୍ ସମେତ ବିଭିନ୍ନ ଦେଶର ପ୍ରାୟ ୧,୨୦୦ ଜଣ ନିହତ ହୋଇଥିଲେ। ହମାସ୍ ସେତେବେଳେ ୨୫୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ଅପହରଣ କରି ଗାଜାକୁ ନେଇଯାଇଥିଲା। ପର୍ଯ୍ୟାୟକ୍ରମେ ଅନେକଙ୍କୁ ମୁକ୍ତ କରିଥିବାବେଳେ ଇତିମଧ୍ୟରେ ୩୪ ଜଣଙ୍କୁ ହତ୍ୟା କରିଥିବା ଇସ୍ରାଏଲୀ ସେନା ସ୍ପଷ୍ଟ କରିଛି। ଆଉ ପ୍ରାୟ ୧୦୦ ଜଣ ପଣବନ୍ଦୀ ଏବେ ମଧ୍ୟ ହମାସ୍ କବ୍‌ଜାରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଲିରି ଅଲ୍‌ବାଗ ଅନ୍ୟତମ। ହମାସ୍‌ର ଇସ୍ରାଏଲ୍ ଆକ୍ରମଣ ଦିନ ଲିରିଙ୍କୁ ମାତ୍ର ୧୮ ବର୍ଷ ହେଉଥିଲା। ସେତେବେଳେ ସେ ଗାଜା ସୀମାନ୍ତ ନହାଲଲ ଓଜ୍ ସେନା ଘାଟିରେ ଜଣେ ସର୍ଭିଲାନ୍ସ ସୈନ୍ୟ ଭାବେ ନିୟୋଜିତ ଥିଲେ। ଲିରିଙ୍କ ସହ ଅନ୍ୟ ୬ ସର୍ଭିଲାନ୍ସ ସୈନ୍ୟଙ୍କୁ ହମାସ୍ ଅପହରଣ କରିବାବେଳେ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଏହାକୁ ପ୍ରତିରୋଧ କରିଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଜଣେ ପଣବନ୍ଦୀ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଏବେ ଲିରି ଓ ଅନ୍ୟ ୪ ଜଣ କରିନା ଆରିଏଭ୍, ଆଗମ୍ ବର୍ଗର, ନାମ ଲେଭି ଓ ଡାନିଏଲା ଗିଲ୍‌ବୋଆ ଗାଜାରେ ରହିଥିବା 'ଟାଇମ୍ସ ଅଫ୍ ଇସ୍ରାଏଲ୍' ସୂତ୍ରରୁ ପ୍ରକାଶ। ଦକ୍ଷିଣ ଇସ୍ରାଏଲ୍‌ରେ ଏହି ଆକ୍ରମଣ ପରଠୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିର୍ଦ୍ଦେଶକ୍ରମେ ଆଇଡିଏଫ୍ ପକ୍ଷରୁ ଗାଜାରେ ଚାଲିଥିବା ସ୍ଥଳଭାଗ ଆକ୍ରମଣ ଏବଂ ଏୟାରଷ୍ଟ୍ରାଇକ୍‌ରେ ଅଦ୍ୟାବଧି ୪୫,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହେଲେଣି। ଏହାବାଦ୍ ୧୦୬,୦୦୦ରୁ ଅଧିକ ଆହତ ହୋଇଛନ୍ତି। ଇସ୍ରାଏଲୀ ସୈନ୍ୟ ଗାଜାରୁ ସମ୍ପୂର୍ଣ୍ଣ ଓହରିବା ସହ ଯୁଦ୍ଧ ବନ୍ଦ କଲେ ପଣବନ୍ଦୀଙ୍କୁ ମୁକ୍ତ କରିବ ବୋଲି ହମାସ୍ ସର୍ତ୍ତ ବାଢ଼ିଛି। ସେହିପରି ପଣବନ୍ଦୀମାନଙ୍କୁ ସୁରକ୍ଷିତ ଭାବେ ଆତଙ୍କବାଦୀଙ୍କ କବଳରୁ ମୁକ୍ତକରି ସ୍ୱଦେଶକୁ ଫେରାଇ ଆଣିବା ପାଇଁ ଇସ୍ରାଏଲୀଙ୍କ ପକ୍ଷରୁ ନେତାନ୍ୟାହୁଙ୍କ ଉପରେ ଚାପ ମଧ୍ୟ ବଢ଼ିବାରେ ଲାଗିଛି। ଏଭଳି ସମୟରେ ଶନିବାର ହମାସ୍ ଜାରି କରିଛି ଲିରିଙ୍କ ଭିଡିଓ। ଉକ୍ତ ଭିଡିଓରେ ଲିରି ହେବ୍ରୟୁ ଭାଷାରେ ତାଙ୍କ ମୁକ୍ତି ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଉକ୍ତ ଭିଡିଓକୁ ଦେଖିବା ପରେ ତାଙ୍କ ପରିବାର ପକ୍ଷରୁ ଏକ ବିବୃତିରେ କୁହାଯାଇଛି, ଝିଅ ଜୀବିତ ଥିବା ଜାଣି ଆଶ୍ୱସ୍ତ। କିନ୍ତୁ ଲିରିଙ୍କୁ ଦେଖି ଆମେ ଦୁଃଖରେ ଭାଙ୍ଗିପଡ଼ିଛୁ। ଆମେ ଯେଉଁ ଦୃଢ଼ମନା ଲିରିଙ୍କୁ ଜାଣିଛୁ, ଭିଡିଓ ଦେଖିବା ପରେ ଲାଗୁଛି ସେ ଆମ ଝିଅ ନୁହନ୍ତି। ତାଙ୍କ ଅବସ୍ଥା ଖରାପ ରହିଛି। ମାନସିକ ସ୍ଥିତି ବି ଭଲ ନାହିଁ ବୋଲି ତାଙ୍କ ମା' ଶିରା ଅଲ୍‌ବାଗ କହିଛନ୍ତି। ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ତାଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରନ୍ତୁ। ନେତାନ୍ୟାହୁଙ୍କ ନିଜ ଝିଅପୁଅ ପଣବନ୍ଦୀ ଥିଲେ ସେ ଯେପରି ତତ୍ପରତା ସହ କାର୍ଯ୍ୟାନୁଷ୍ଠାନ ନିଅନ୍ତେ, ସେମିତି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ପରିବାର ଲୋକେ ଅନୁରୋଧ କରିଛନ୍ତି। ଏହାର ଉତ୍ତରରେ ନେତାନ୍ୟାହୁ କହିଛନ୍ତି, ପଣବନ୍ଦୀଙ୍କୁ ଘରକୁ ଫେରାଇ ଆଣିବା ଲାଗି ସରକାର ଅକ୍ଳାନ୍ତ ଉଦ୍ୟମ ଚଳାଇଛନ୍ତି। ପଣବନ୍ଦୀଙ୍କୁ କ୍ଷତି ପହଞ୍ଚାଇଲେ ଭୟଙ୍କର ପରିଣାମ ଭୋଗିବ ବୋଲି ହମାସ୍‌କୁ ନେତାନ୍ୟାହୁ ଚେତାବନୀ ଦେଇଛନ୍ତି। ହମାସ୍ କବ୍‌ଜାରେ ଥିବା ପଣବନ୍ଦୀମାନଙ୍କ ଫଟୋ ଓ ଭିଡିଓଗୁଡ଼ିକୁ ସେମାନଙ୍କ ପରିବାରର ବିନା ଅନୁମତିରେ ଇସ୍ରାଏଲୀ ଗଣମାଧ୍ୟମ ଜାରି କରୁନାହିଁ। ଅଲ୍‌ବାଗ ପରିବାର ପ୍ରଥମେ ଲିରିଙ୍କ ଭିଡିଓ ଜାରି କରିବାକୁ ମନା କରିଦେଇଥିଲା, କିନ୍ତୁ ପରେ ପୁନର୍ବିଚାର କରି ହଁ କରିଥିଲା।

### 'ପଣବନ୍ଦୀ ପରିବାରର ମୁହଁ ବନ୍ଦ କରୁଛନ୍ତି ସରକାର'

ହମାସ୍ ଆତଙ୍କବାଦୀମାନେ ପ୍ରାୟ ୧୦୦ ଜଣଙ୍କୁ ପଣବନ୍ଦୀ କରି ରଖିଛନ୍ତି। ପଣବନ୍ଦୀଙ୍କ ମଧ୍ୟରେ ଥିବା ମଟନ୍ ଜଙ୍ଗାଉକେରଙ୍କ ମା' ଏଇନାଭ୍ ଜଙ୍ଗାଉକେର ଅନ୍ୟ ସମସ୍ତ ଅପହୃତଙ୍କୁ ମୁକ୍ତ କରିବା ପାଇଁ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ଏଇନାଭ୍ ନିକଟରେ ଇସ୍ରାଏଲୀ ପାର୍ଲାମେଣ୍ଟ ନେସେଟ୍‌କୁ ପ୍ରବେଶ ଉଦ୍ୟମ କରୁଥିବାବେଳେ ତାଙ୍କୁ ସେଠାକୁ ଯିବାକୁ ଦିଆଯାଇ ନାହିଁ। ଏନେଇ ଏଇନାଭ୍ କହିଛନ୍ତି, ନେତାନ୍ୟାହୁ ସରକାର ପଣବନ୍ଦୀ ପରିବାରର ମୁହଁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷେ ଏଇନାଭ୍ ନିୟମର ବାରମ୍ବାର ଉଲ୍ଲଂଘନ କରୁଥିବାରୁ ତାଙ୍କୁ ବାରଣ କରାଯାଇଥିବା ପାର୍ଲାମେଣ୍ଟର ଜଣେ ମୁଖପାତ୍ର ପ୍ରକାଶ କରିଛନ୍ତି।




ଏଇନାଭ୍ ଜଙ୍ଗାଉକେର

### ଇସ୍ରାଏଲ୍ ଆକ୍ରମଣରେ ଆଉ ୯୭ ନିହତ

ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ବିଧ୍ୱସ୍ତ ଗାଜା ସିଟିର ଧ୍ୱଂସାବଶେଷ ଉପରେ ରବିବାର ଛିଡ଼ା ହୋଇଛନ୍ତି ପାଲେଷ୍ଟିନୀୟ ଝିଅ। ଆଇଡିଏଫ୍ ପକ୍ଷରୁ ଗାଜାର ବିଭିନ୍ନ ଅଞ୍ଚଳରେ ଚାଲିଥିବା ପୃଥକ୍ ଆକ୍ରମଣରେ ୩ ଦିନ ଭିତରେ ମୋଟ ୯୭ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ଅନ୍ୟପକ୍ଷେ ଇସ୍ରାଏଲ୍ ଅନେକ ହମାସ୍ ଆତଙ୍କବାଦୀଙ୍କୁ ନିପାତ କରିଥିବା ସୂଚନା ଦେଇଛି।

### ଜର୍ଜ ସୋରୋସ୍‌ଙ୍କୁ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କଲେ ବାଇଡେନ୍



ୱାଶିଂଟନ,୫।୧

ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍ ଶନିବାର ବିବାଦୀୟ ପରୋପକାରୀ ଜର୍ଜ ସୋରୋସ୍‌ଙ୍କ ସମେତ ୧୯ ଜଣଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନରେ ସମ୍ମାନିତ କରିଛନ୍ତି। ପୁରସ୍କୃତ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପରରାଷ୍ଟ୍ର ସଚିବ ହିଲାରୀ କ୍ଲିଣ୍ଟନ, ଫୁଟ୍‌ବଲ ସୁପରଷ୍ଟାର ଲିଓନେଲ ମେସି, ଅଭିନେତା ଡେଞ୍ଜେଲ୍ ୱାଶିଂଟନ ପ୍ରମୁଖ। ଆମେରିକା ତଥା ବିଶ୍ୱକୁ ସେମାନଙ୍କ ଅବଦାନ ନିମନ୍ତେ ପ୍ରେସିଡେନ୍ସିଆଲ୍ ମେଡାଲ ଅଫ୍ ଫ୍ରିଡମ୍‌ରେ ସମ୍ମାନିତ କରାଯାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ତେବେ କାର୍ଯ୍ୟସୂଚୀ ବିବାଦକୁ ନେଇ ଆର୍ଜେଣ୍ଟିନା ଫୁଟ୍‌ବଲ ଷ୍ଟାର ମେସି ରାଷ୍ଟ୍ରପତି ବାଇଡେନ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରିବା ନିମନ୍ତେ ହ୍ୱାଇଟ୍ ହାଉସ୍‌ରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇପାରି ନ ଥିଲେ। ବିବାଦୀୟ ବିଲିୟନେୟାର ସୋରୋସ୍‌ଙ୍କୁ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିବା ପାଇଁ ବାଇଡେନ୍‌ଙ୍କ ନିଷ୍ପତ୍ତିକୁ ଟେସ୍‌ଲା ସିଇଓ ଏଲନ୍ ମସ୍କ ଖୋଲାଖୋଲି ସମାଲୋଚନା କରିଛନ୍ତି। ସୋରୋସ୍‌ଙ୍କୁ ପ୍ରେସିଡେନ୍ସିଆଲ ମେଡାଲ ଅଫ୍ ଫ୍ରିଡମ୍ ଦିଆଯିବା ବିଡମ୍ବନା ବୋଲି ମସ୍କ ଏକ୍ସ'ରେ ଲେଖିଛନ୍ତି।



ନୂଆଦିଲ୍ଲୀରେ ବର୍ଷିୟାନ୍ ଭାଜପା ନେତା ମୁରଲୀ ମନୋହର ଜୋଷୀଙ୍କୁ ରବିବାର ୯୧ତମ ଜନ୍ମଦିନ ଶୁଭେଚ୍ଛା ଜଣାଉଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

### ନଦୀକୁ ଖସିଲା ଟ୍ରକ୍, ୪ ମୃତ

ଶ୍ରୀନଗର, ୫।୧

ଜମ୍ମୁ-କଶ୍ମୀରର କିସ୍ତୱାଡ଼ ଜିଲା ପଦ୍ଦାର ଅଞ୍ଚଳରେ ରବିବାର ଏକ ସଡ଼କ ଦୁର୍ଘଟଣା ଘଟି ୪ ଜଣଙ୍କର ମୃତ୍ୟୁ ଘଟିଛି। ଏକ ପିକ୍-ଅପ୍ ଟ୍ରକ୍ ପାହାଡ଼ିଆ ରାସ୍ତାରେ ଯାଉଥିବାବେଳେ ନିୟନ୍ତ୍ରଣ ହରାଇ ବୁଦ୍ଧ ନୁଲ୍ଲା ନଦୀରେ ଖସି ପଡ଼ିଯାଇଥିବା ପୋଲିସ କହିଛି। ଟ୍ରକ୍ ମଧ୍ୟରେ ଡ୍ରାଇଭରଙ୍କୁ ମିଶାଇ ୬ ଜଣ ବ୍ୟକ୍ତି ଥିବାବେଳେ ଏବେ ମଧ୍ୟ ୨ ଜଣ ନିଖୋଜ ରହିଛନ୍ତି। ଘଟଣାସ୍ଥଳରେ ଉଦ୍ଧାରକାର୍ଯ୍ୟ ଜାରି ରହିଥିବା ନେଇ ସ୍ଥାନୀୟ ଏମ୍‌ପି ଏବଂ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ସୂଚନା ଦେଇଛନ୍ତି।

### କୃଷ୍ଣସାର ମୃଗକୁ ମାରିଲା କଲରାପତରିଆ



ଗାନ୍ଧୀନଗର,୫।୧

ଗୁଜରାଟର ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ଥିବା ଜଙ୍ଗଲ ସଫାରିରେ ଏକ କଲରାପତରିଆ ବାଘ ପ୍ରବେଶ କରି ଗୋଟିଏ କୃଷ୍ଣସାର ମୃଗକୁ ମାରିବା ପରେ ଭୟରେ ଆଉ ୭ଟି ମୃଗଙ୍କ ମୃତ୍ୟୁ ଘଟିଛି। ଜାନୁଆରୀ ୧ ତାରିଖ ଭୋର ସମୟରେ ଏହି ଘଟଣା ଘଟିଥିବାବେଳେ ସ୍ଥାନୀୟ ବନବିଭାଗ ଏହାର ତଦନ୍ତ ଚଳାଇଛି। ବନ ଅଧିକାରୀଙ୍କ କହିବା ଅନୁଯାୟୀ, କଲରାପତରିଆଟି କୌଣସି ପ୍ରକାରେ ବାଡ଼ ଅତିକ୍ରମ କରି କେଭାଡିଆ ଫରେଷ୍ଟ ଡିଭିଜନ୍ ଅନ୍ତର୍ଗତ ପାର୍କରେ ପଶିଥିଲା। ଷ୍ଟାଚ୍ୟୁ ଅଫ୍ ୟୁନିଟିକୁ ଘେରିରହିଥିବା

#### ଭୟରେ ଆଉ ୭ ମୃଗ ମୃତ

ଶୁଲପନେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟ କଲରାପତରିଆ ପାଇଁ ବେଶ୍ ଜଣାଶୁଣା। ପାର୍କ ଭିତରେ କଲରାପତରିଆ ଆକ୍ରମଣ କରି ଗୋଟିଏ କୃଷ୍ଣସାର ମୃଗକୁ ମାରିଥିବା ବେଳେ ଅବଶିଷ୍ଟ ୭ ମୃଗ ଦୁଃଖ ତଥା ଭୟଭୀତ ହୋଇ ପ୍ରାଣ ହରାଇଥିବା ବିଶ୍ୱାସ କରାଯାଉଛି। ୮ଟି ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ସମାଧି ଦିଆଯାଇଛି। ସଫାରି ପାର୍କରେ କଲରାପତରିଆ ପଶିବା ପ୍ରଥମ ଘଟଣା ବୋଲି ଉପ ବନ ସଂରକ୍ଷକ (ଡିସିଏଫ୍) ଅଗ୍ନିଶ୍ୱର ବ୍ୟାସ କହିଛନ୍ତି।

## ଏବେ କୁଆଡ଼େ ଯିବି ନାହିଁ: ନୀତୀଶ

ଗାନ୍ଧୀନଗର,୫।୧



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାଇଁ ଇଣ୍ଡିଆ ବ୍ଲକ୍‌ର ଦ୍ୱାର ଖୋଲା ରହିଛି ବୋଲି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସୁପ୍ରିମୋ ଲାଲୁପ୍ରସାଦ ଯାଦବ କିଛିଦିନ ପୂର୍ବରୁ କହିଥିଲେ। ଏହାକୁ ନେଇ କଳ୍ପନା ଜଳ୍ପନା ଲାଗିରହିଥିବାବେଳେ ନୀତୀଶ ରବିବାର ଲାଲୁଙ୍କ ମନ୍ତବ୍ୟର ଜବାବ ଦେଇଛନ୍ତି। ସେ ଏବେ ଏନ୍‌ଡିଏରେ ରହିବେ। ଭୁଲ୍‌ରେ ସେ ଦୁଇଥର ଏଣେତେଣେ ଚାଲିଯାଇଥିଲେ। ଆଉ କୁଆଡ଼େ ଯିବେ ନାହିଁ ବୋଲି ଜେଡିୟୁ ମୁଖ୍ୟ ସ୍ପଷ୍ଟ କରିଦେଇଛନ୍ତି। ନୀତୀଶଙ୍କ ପାଇଁ ଆମ ଦ୍ୱାର ଖୋଲା ଅଛି, ସେ ମଧ୍ୟ ନିଜ ଦଳର ଦ୍ୱାର ଖୋଲା ରଖିବା ଉଚିତ ବୋଲି ଲାଲୁ ମନ୍ତବ୍ୟ ଦେଇଥିବାବେଳେ, ସେ କ'ଣ କହିଯାଉଛନ୍ତି ବୋଲି ସେତେବେଳେ ନୀତୀଶ କହିଥିଲେ।

## ଦିଲ୍ଲୀ ମେଟ୍ରୋ ୪ର୍ଥ ପର୍ଯ୍ୟାୟ ଉଦ୍‌ଘାଟନ କଲେ ମୋଦି

ନୂଆଦିଲ୍ଲୀ,୫।୧(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦିଲ୍ଲୀ ମେଟ୍ରୋ ଚତୁର୍ଥ ପର୍ଯ୍ୟାୟର ପ୍ରଥମ ଭାଗକୁ ଉଦ୍‌ଘାଟନ କରିବା ପରେ ମେଟ୍ରୋ ଟ୍ରେନ୍‌ରେ ଯାତ୍ରା କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦିଲ୍ଲୀ ମେଟ୍ରୋ ଚତୁର୍ଥ ପର୍ଯ୍ୟାୟର ପ୍ରଥମ ଭାଗ ଜନକପୁରୀ ୱେଷ୍ଟ-କ୍ରିଷ୍ଣା ପାର୍କ ଏକ୍ସଟେନ୍‌ଶନ ସେକ୍ସନକୁ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ରିଥାଲା-ନରେଲା-କୁଣ୍ଡଲି କରିଡରର ଶିଳାନ୍ୟାସ କରାଯାଇଛି। କ୍ରିଷ୍ଣା ପାର୍କ ଏକ୍ସଟେନ୍‌ଶନ ଷ୍ଟେଶନ ଯୋଡ଼ିହେବା ପରେ ଦିଲ୍ଲୀ ମେଟ୍ରୋ ନେଟ୍‌ୱର୍କ ଏବେ ୨୮୯ ଷ୍ଟେଶନ ସହ ୩୯୪.୪୪୮ କିଲୋମିଟରକୁ ବୃଦ୍ଧି ପାଇଛି। ୨୦୨୬ରେ ଏହି ଏକ୍ସଟେନ୍‌ଶନକୁ ଆର୍‌କେ ଆଶ୍ରମ ମାର୍ଗ ପର୍ଯ୍ୟନ୍ତ ବଢ଼ାଇଦିଆଯିବ। ପ୍ରଧାନମନ୍ତ୍ରୀ ଦିଲ୍ଲୀ ମେଟ୍ରୋର ୨୬.୫ କିଲୋମିଟର ରାଥାଲା-କୁଣ୍ଡଲି କରିଡରର ଶିଳାନ୍ୟାସ କରିଛନ୍ତି, ଯେଉଁଥିରେ ୨୧ଟି ଷ୍ଟେଶନ ରହିବ। ରୋହିଣୀ, ବାୱାନା ଏବଂ କୁଣ୍ଡଲି ଅଞ୍ଚଳରେ ରହୁଥିବା ଲୋକେ ଏଥିରୁ ଉପକୃତ ହେବେ। ଏହା ଦିଲ୍ଲୀ, ହରିୟାଣା ଏବଂ ଉତ୍ତରପ୍ରଦେଶ ମଧ୍ୟରେ ଯୋଗାଯୋଗ ବୃଦ୍ଧି କରିବ।

ପ୍ରଧାନମନ୍ତ୍ରୀ ସାହିବାବାଦ ଏବଂ ନ୍ୟୁ ଅଶୋକ ନଗର ମଧ୍ୟରେ ନମୋ ଭାରତ ଆର୍‌ଆର୍‌ଟିଏସ୍ କରିଡରର ୧୩ କିଲୋମିଟର ଦିଲ୍ଲୀ ସେକ୍ସନକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ଫଳରେ ନମୋ ଭାରତର କରିଡର ୫୫ କିଲୋମିଟର ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଛି, ଯେଉଁଥିରେ ୧୧ଟି ଷ୍ଟେଶନ ରହିଛି। ଅବଶିଷ୍ଟ ଭାଗ ଜୁନ୍‌ରେ ସମ୍ପୂର୍ଣ୍ଣ ହେବ ବୋଲି କୁହାଯାଇଛି। ଉଦ୍‌ଘାଟନ ସହ ପ୍ରଧାନମନ୍ତ୍ରୀ ୟୁପିଆଇ ଜରିଆରେ କ୍ୟୁଆର୍ ଟିକେଟ୍ ବୁକ୍ କରି ସାହିବାବାଦରୁ ନ୍ୟୁ ଅଶୋକ ନଗର ଯାତ୍ରା କରିଥିଲେ। ଏହିଅବସରରେ ସେ ଟ୍ରେନ୍‌ରେ ସ୍କୁଲ୍ ପିଲାମାନଙ୍କ ସହ କଥା ହୋଇଥିଲେ।

### 'ସ୍କାଏ ଫୋର୍ସ'ରେ ବାୟୁସେନା ଅଧିକାରୀଙ୍କ ଭୂମିକାରେ ଅକ୍ଷୟ

#### ଟ୍ରେଲର ଆଉଟ୍

ମୁମ୍ବାଇ




ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଖୁବ୍‌ଶୀଘ୍ର ୨୦୨୫ରେ ତାଙ୍କ ପ୍ରଥମ ଚଳଚ୍ଚିତ୍ର ସହ ପରଦାକୁ ଆସୁଛନ୍ତି। ଆସନ୍ତା ଜାନୁୟାରୀ ୨୪ରେ ଅକ୍ଷୟଙ୍କର ଆକ୍ସନ୍-ପ୍ୟାକ୍ ଫିଲ୍ମ 'ସ୍କାଏ ଫୋର୍ସ' ରିଲିଜ୍ ହେବାକୁ ଯାଉଛି। ରବିବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହାର ଟ୍ରେଲରକୁ ଜାରି କରାଯାଇଛି। ଏହି ଟ୍ରେଲରରେ ଅକ୍ଷୟଙ୍କ ସହ ଅଭିନେତା ବୀର ପହାଡ଼ିଆଙ୍କୁ ଦମ୍‌ଦାର ଭୂମିକାରେ ଦେଖିବାକୁ ମିଳିଛି।

'ସ୍କାଏ ଫୋର୍ସ'ରେ ଉଭୟ ଅକ୍ଷୟ ଏବଂ ବୀରଙ୍କୁ ଭାରତୀୟ ବାୟୁସେନା ଅଧିକାରୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମର ଟ୍ରେଲରରେ ଅକ୍ଷୟଙ୍କର ଜବରଦସ୍ତ ଆକ୍ସନ ଦୃଶ୍ୟ ରହିଛି। ସେହିପରି ବୀର ମଧ୍ୟ ଖୁବ୍ ଏୟାର ଷ୍ଟଣ୍ଟ କରୁଛନ୍ତି। ଭାରତ ଓ ପାକିସ୍ତାନ ଯୁଦ୍ଧରୁ ଏହି ଟ୍ରେଲର ଆରମ୍ଭ ହୋଇଛି। ପରେ ଅକ୍ଷୟ ଏହି ଯୁଦ୍ଧରେ ହଜିଯାଇଥିବା ତାଙ୍କ ସାଥୀ ବାୟୁସେନା ଅଧିକାରୀଙ୍କୁ ଖୋଜିବା ପାଇଁ ଏକ ମିଶନ ଆରମ୍ଭ କରିଛନ୍ତି, ଯାହାକୁ ନେଇ ଫିଲ୍ମର ପୂରା କାହାଣୀ ଗତି କରୁଛି। 'ସ୍କାଏ ଫୋର୍ସ' ଫିଲ୍ମର ଟ୍ରେଲରରେ ଅଭିନେତ୍ରୀ ସାରା ଅଲି ଖାନ୍ ଏବଂ ନିମ୍ରତ କୌରଙ୍କ ଝଲକକୁ ମଧ୍ୟ ଦେଖିବାକୁ ମିଳିଛି।

# ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ମିଳିଲା ୫ ହଜାର ଟଙ୍କା

ଭୁବନେଶ୍ୱର,୫।୧ (ସୁଚିସ୍ମିତା ସାହୁ)




ଜନଜାତି ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି 'ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା'। ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡିଆରେ ଆଦିବାସୀ ମେଳାର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ନବମ ଓ ଏକାଦଶ ଶ୍ରେଣୀର ଜନଜାତି ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୫ହଜାର ଟଙ୍କା ଲେଖାଏ ମିଳିବ। ଏହାକୁ ଏକକାଳୀନ ପ୍ରଦାନ କରାଯିବ। ଏଥିପାଇଁ ମୋଟ ୧୫୬ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କୁ ଏବାବଦ ଚେକ୍ ପ୍ରଦାନ କରିଥିଲେ ମୁଖ୍ୟମନ୍ତ୍ରୀ। ପ୍ରଥମ ଦିନରେ ୧.୬ ଲକ୍ଷ ଛାତ୍ରୀଛାତ୍ର ଏହି ପ୍ରୋତ୍ସାହନ ରାଶି ପାଇଛନ୍ତି। ସମୁଦାୟ ୨ଲକ୍ଷରୁ ଅଧିକ ଜନଜାତି ଛାତ୍ରୀଛାତ୍ର ଏଥିରେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭଗବାନ ବିର୍ସା ମୁଣ୍ଡା ଓ ଶହୀଦ ମଧୋ ସିଂଙ୍କ ସଂଗ୍ରାମ ତଥା ସଂଘର୍ଷ ସମ୍ପର୍କରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ, ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ। ଶହୀଦ ମାଧୋ ସିଂ ବରଗଡ ଜିଲା ଘେଁସ ଅଞ୍ଚଳର ଜନଜାତି ବର୍ଗର ଜମିଦାର ଥିଲେ। ସେ ବୀର ସୁରେନ୍ଦ୍ର ସାଏଙ୍କ ଘନିଷ୍ଠ ସହଯୋଗୀ ଥିଲେ। ବ୍ରିଟିଶ ସରକାରଙ୍କ ଅତ୍ୟାଚାରକୁ ବିରୋଧ କରି ସେ ବିଦ୍ରୋହ ଘୋଷଣା କରିଥିଲେ। ୧୮୫୭ ମସିହାରେ ସେ ସମ୍ବଲପୁର ନିକଟ ସଙ୍ଗଡା ଘାଟିରେ ବହୁ ବ୍ରିଟିଶ ସୈନ୍ୟଙ୍କୁ ହତ୍ୟା କରିଥିଲେ। ମାଧୋ ସିଂ ବ୍ରିଟିଶ କ୍ୟାପ୍‌ଟେନ ସେକ୍ସପିଅର ଓ କ୍ୟାପ୍‌ଟେନ ଉଡ୍‌ବିଜଙ୍କୁ ମଧ୍ୟ ହତ୍ୟା କରିଥିଲେ। ତେବେ ବହୁଦିନ ଯୁଦ୍ଧ କରିବା ପରେ ସେ ଶେଷରେ ବ୍ରିଟିଶ ସୈନ୍ୟଙ୍କ ହାତରେ ଧରାପଡିଥିଲେ। ୧୮୫୮ ଡିସେମ୍ବର ୩୧ରେ ତାଙ୍କୁ ଫାଶୀ ଦିଆଯାଇଥିଲା। ଏହା ପରେ ମଧ୍ୟ ତାଙ୍କର ୪ ପୁଅ ହଟେ ସିଂ, କୁଞ୍ଜଲ ସିଂ, ବୈରୀ ସିଂ ଓ ଐରୀ ସିଂ ଇଂରେଜଙ୍କ ସହ ସଂଗ୍ରାମ କରି ଶହୀଦ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଓଡିଶାକୁ ଧନ୍ୟ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂଙ୍କ ଅଣନାତି ଲୋକେଶ୍ୱର ସିଂ ବରିହାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ନିର୍ଦ୍ଦେଶକ ପୋମା ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

- କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଏସ୍‌ପି
- ଆଣ୍ଟି ଡ୍ରୋନ୍ ସିଷ୍ଟମ ଲଗାଇବା ପାଇଁ ଦାବି

ପୁରୀ,୫।୧ (ଅଜିତ୍ କୁମାର ମହାନ୍ତି)



କିଛିଦିନର ବ୍ୟବଧାନ ପରେ ପୁଣି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିଛି, ଯାହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପ୍ରତି ବିପଦ ଥିବା ଗୋଇନ୍ଦା ବିଭାଗ ସୂତ୍ରରୁ ଖବର ମିଳିଥିବାବେଳେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏପରିକି ଶ୍ରୀମନ୍ଦିର ଅଞ୍ଚଳକୁ ନୋ ଫ୍ଲାଇଙ୍ଗ୍ ଜୋନ୍ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ହେଲେ ଏତେ କଟକଣା ମଧ୍ୟରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିଥିବା ନେଇ ବାରମ୍ବାର ନଜରକୁ ଆସୁଛି। ଏନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ରବିବାର ଭୋର ସମୟରେ ଶ୍ରୀମନ୍ଦିର ଏବଂ ଏହାର ଆଖପାଖ ସ୍ଥାନରେ ଡ୍ରୋନ୍ ଉଡ଼ିଥିବା ଦେଖିବାକୁ ମିଳିଛି। ପ୍ରାୟ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ଶ୍ରୀମନ୍ଦିର ନୀଳଚକ୍ର ଉପର ସହ ଶ୍ରୀମନ୍ଦିର ଚାରିପଟେ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଛି। କିଏ ଏବଂ କାହିଁକି ଡ୍ରୋନ୍ ଉଡ଼ାଇଲା ସେ ନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ।

ଏକ ଡ୍ରୋନ୍ ବେଳାଭୂମି ପଟୁ ଦୋଳମଣ୍ଡପ ଦେଇ ଶ୍ରୀମନ୍ଦିର ନିକଟକୁ ଆସିଥିଲା। ସିଂହଦ୍ୱାର ଗୁମୁଟ ଦେଇ ପାଖାପାଖି ୩୦ ମିନିଟ୍ ଧରି ଶ୍ରୀମନ୍ଦିର ଦଧିନଉତି, ନୀଳଚକ୍ର ଓ ମନ୍ଦିର ଚାରିପଟେ ଡ୍ରୋନ୍ ଉଡ଼ିଥିଲା। ପରେ ମେଘନାଦ ପାଚେରି କଡ଼ଦେଇ ଶ୍ରୀମନ୍ଦିର ଚାରିପାଖ ବୁଲି ଶେଷରେ ଉତ୍ତର ଦ୍ୱାର ଗୁମୁଟ ଦେଇ ଶ୍ରୀଦାଣ୍ଡ ଆଡ଼କୁ ଚାଲି ଯାଇଥିଲା। ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚଳରେ କେମିତି ଜଣେ ଡ୍ରୋନ୍ ଉଡ଼ାଇଲା ତାକୁ ନେଇ ପ୍ରଶ୍ନ ଉଠିଛି। ନୋ ଫ୍ଲାଇଙ୍ଗ୍ ଜୋନ୍‌ରେ କିଏ ଓ କାହିଁକି ଡ୍ରୋନ୍ ଉଡ଼ାଇଲା ତାହା ଅସ୍ପଷ୍ଟ ରହିଛି। ଏପରିକି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ପ୍ରଥମ ଘଟଣା ନୁହେଁ। ଏହାପୂର୍ବରୁ ମଧ୍ୟ ଅନେକ ଥର ଶ୍ରୀମନ୍ଦିରର ନୋ ଫ୍ଲାଇଙ୍ଗ ଜୋନ୍ ଉପରେ ଡ୍ରୋନ୍ ଉଡ଼ିଥିବା ଦେଖିବାକୁ ମିଳିଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାରମ୍ବାର ଏପରି ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଆଣ୍ଟି ଡ୍ରୋନ୍ ସିଷ୍ଟମ ଲଗାଇବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

ଏନେଇ ଶ୍ରୀମନ୍ଦିର ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ଶ୍ରୀମନ୍ଦିର ପ୍ରତି ବାହ୍ୟଶତ୍ରୁ ଆକ୍ରମଣ ନେଇ ପୂର୍ବରୁ ଗୋଇନ୍ଦା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାକୁ ଗୁରୁତ୍ୱର ସହକାରେ ନେଇ ଯେଉଁଭଳି ଭାବେ ସୁରକ୍ଷା ଯୋଗାଇଦେବା କଥା ସେପରି ଦିଆଯାଉ ନାହିଁ। ବେଆଇନ ଭାବେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଉପରେ ଏସ୍‌ପିଙ୍କୁ ଭଏସ୍ ଅଫ କମନ୍ ମ୍ୟାନ୍‌ର ଆବାହକ ହେକ୍ଟର ମିଶ୍ର ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇଥିବା ବ୍ୟକ୍ତିବିଶେଷଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଏସ୍‌ପି ବିନୀତ୍ ଅଗ୍ରୱାଲ ସୂଚନା ଦେଇଛନ୍ତି, ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ନେଇ ନଜରକୁ ଆସିଛି। ଏପରି ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ପକ୍ଷରୁ ମଲ୍‌ଟି ଟିମ୍ ଗଠନ କରାଯାଇ ଯାଞ୍ଚ କରାଯାଉଛି। ଗୋଟିଏ ସ୍ୱତନ୍ତ୍ର ଟିମ୍ ସିସିଟିଭି ଯାଞ୍ଚ କରୁଥିବା ବେଳେ ଆଉ ଗୋଟିଏ ଟିମ୍ ପୁରୀର ସମସ୍ତ ହୋଟେଲରେ ଯାଞ୍ଚ କରାଯାଉଛି। ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଖୁବ୍‌ଶୀଘ୍ର ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପୋଲିସର ପ୍ରାଥମିକତା ରହିଛି। ବ୍ୟକ୍ତିମାନେ ଚିହ୍ନଟ ହେବା ପରେ ସମସ୍ତ ସୂଚନା ପ୍ରଦାନ କରାଯିବ।

# 'ଜଳବାୟୁ ସହନୀୟ କୃଷି ପ୍ରଣାଳୀ ଏକ ବୈଶ୍ୱିକ ଆହ୍ୱାନ'

ଭୁବନେଶ୍ୱର,୫।୧
(ଅନୁରାଧା ମହାରଣା)

**କୃଷି ଓଡ଼ିଶା-୨୦୨୫ ଉଦ୍‌ଯାପିତ**

ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ଚାଲିଥିବା ତିନିଦିନିଆ 'କୃଷି ଓଡ଼ିଶା' ରବିବାର ଶେଷ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, କୃଷି ଓଡ଼ିଶା-୨୦୨୫' ଓଡ଼ିଶାରେ କୃଷିକୁ ଅଧିକ ଋଦ୍ଧିମନ୍ତ କରିବ। ସଶକ୍ତ, ସହନଶୀଳ ଓ ଦୀର୍ଘସ୍ଥାୟୀ କୃଷି ପ୍ରଣାଳୀର ପ୍ରୋତ୍ସାହନ ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ, ଜଳବାୟୁ ସହନୀୟ କୃଷି ପ୍ରଣାଳୀ ସମ୍ପ୍ରତି ଏକ ବୈଶ୍ୱିକ ଆହ୍ୱାନ। ଚିରନ୍ତନ ଖାଦ୍ୟ ପ୍ରଣାଳୀ ପାଇଁ ଆମର ପ୍ରୟାସ ନିଶ୍ଚିତରୂପେ ଆଗାମୀ ଦିନରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ ବୋଲି ସେ କହିଥିଲେ। ଏହି ଅବସରରେ କୃଷିଜାତ ଉତ୍ପାଦକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଉଦ୍ୟାନ କୃଷି ବିଭାଗ ସହ ୧୧ଟି ସଂସ୍ଥା ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। କେନ୍ଦୁଝରର ସଫଳ ଚାଷୀ ସୁଦର୍ଶନ ମହାନ୍ତି ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ସଫଳ ଚାଷୀ, ବକ୍ତୃତା, ଗଳ୍ପପଠନ, କବିତା ଆବୃତ୍ତି, କୁଇଜ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ଶ୍ରେଷ୍ଠ ଷ୍ଟଲ୍ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ଷ୍ଟଲ ବର୍ଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ପୁରସ୍କୃତ ହୋଇଥିଲା। ପ୍ରାଣୀ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତିନିଦିନିଆ ସମାବେଶରେ କୃଷକ, କୃଷି ବିଶେଷଜ୍ଞ, ବୈଜ୍ଞାନିକ, ବୁଦ୍ଧିଜୀବୀ, ଉଦ୍ୟୋଗୀ, କୃଷି ଉତ୍ପାଦକ ସଂଘର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷଜ୍ଞମାନେ ଉପସ୍ଥିତ ରହି ବିଭିନ୍ନ ପର୍ଯ୍ୟାୟଭିତ୍ତିକ ଆଲୋଚନାରେ କୃଷକମାନଙ୍କୁ ଉନ୍ନତ କୃଷି ପ୍ରଣାଳୀ, ବିପଣନ, ବୈଷୟିକ ଉପଯୋଗିତା ଆଦି ଉପରେ ପରାମର୍ଶ ଦେଇଥିଲେ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ସତୀ ଶିଳାର ପାଠୋଦ୍ଧାର

ଭୁବନେଶ୍ୱର,୫।୧ (ବନ୍ଦନା ସେଠୀ)


ସତୀ ଶିଳା

ବଲାଙ୍ଗୀର ଜିଲା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଅବହେଳିତ ସତୀ ଶିଳାର ପାଠୋଦ୍ଧାର ହୋଇଛି। ଏହି ସତୀ ଶିଳାରେ ଅଭିଲେଖ ରହିଥିବାବେଳେ ଏହାର ଉପର ଭାଗରେ ନାରୀ-ପୁରୁଷ ଯୁଗଳ ମୂର୍ତ୍ତି ସହ ସେବିକା ଲିଙ୍ଗ ପୂଜା କରୁଥିବା ଖୋଦିତ ହୋଇଛି। ତା'ଉପରେ ସୂର୍ଯ୍ୟ, ଚନ୍ଦ୍ର ସହ ଅଭୟମୁଦ୍ରା ଜଡ଼ିତ ଦୁଇ ହସ୍ତ ଚିହ୍ନ ରହିଛି। ଦୀର୍ଘବର୍ଷ ଧରି ଇତିହାସ ବିଭାଗ ସାମ୍ନାରେ ପଡି ରହିଥିବା ଏହି ସତୀଶିଳାକୁ ଖରିଆର କଲେଜର ଇତିହାସ ଅଧ୍ୟାପକ ରାଜ କୁମାର ରତେ ଚିହ୍ନଟ କରିଥିଲେ। ପରେ ସେ ଯୁବ ଲିପିତତ୍ତ୍ୱବିତ୍ ବିଷ୍ଣୁ ମୋହନ ଅଧିକାରୀଙ୍କୁ ଏହି ସଂକ୍ରାନ୍ତରେ ଅବଗତ କରାଇଥିଲେ। ରାଜ କୁମାର ନିଜ ପିଏଚ୍‌ଡି ଗବେଷଣାବେଳେ ୨୦୨୧ ଡିସେମ୍ବରରେ ଏହି ସତୀଶିଳା ବିଷୟରେ ଜାଣିବାକୁ ପାଇଥିଲେ। ସହକର୍ମୀ ଡ. ଶୁଭ୍ରାଂଶିଷ ବାରିକ ଓ ଚିତ୍ତରଞ୍ଜନ ଜେନା ଏବଂ ଡ. ରୂପଧର ଗମାଙ୍ଗଙ୍କ ସହ ସେ ତତ୍‌କାଳୀନ କୁଳପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୁଳପତିଙ୍କ ସହଯୋଗରେ ଏହି ସତୀଶିଳାକୁ ଉଦ୍ଧାର କରି ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗକୁ ସ୍ଥାନାନ୍ତରିତ କରାଯାଇଛି। ୨୦୨୪ ନଭେମ୍ବର ୨୪ରେ ଏହାର ପାଠ ଉଦ୍ଧାର କାର୍ଯ୍ୟକ୍ରମ ହୋଇଥିବା ରତେ ସୂଚନା ଦେଇଛନ୍ତି। ସେହିପରି ବିଷ୍ଣୁ ମୋହନ କହିଛନ୍ତି, ଏହା ରଣକ୍ଷେତ୍ରରେ ବୀରଗତି ପ୍ରାପ୍ତ ହୋଇଥିବା ଯୋଦ୍ଧାଙ୍କ ପତ୍ନୀଙ୍କ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିଲା। ଏହା ନାଗରୀ ଲିପିରେ ଲେଖା ଯାଇଥିବାବେଳେ ସଂସ୍କୃତ ଭାଷାରେ ଉତ୍କୀର୍ଣ୍ଣ ହୋଇଛି। ଅଭିଲେଖଟି ୪ ଧାଡ଼ି ବିଶିଷ୍ଟ ହୋଇଥିବାବେଳେ ଈଶ୍ୱରଙ୍କ ଶରଣାଗତ ହୋଇଥିବା ସତୀଙ୍କ ବିଷୟରେ ଉଲ୍ଲେଖ ଥିବା ଜଣାପଡ଼ିଛି।

# ଜଗତ୍‌ସିଂହପୁରରେ ପୁଣି ଚାଷୀ ମୃତ୍ୟୁ

ନାଉଗାଁ,୫।୧ (ସୁଧା ବେହୁରା)


ଧର୍ମାନନ୍ଦ ନାୟକ

ଲଘୁଚାପଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ ଧୈର୍ଯ୍ୟହରା ହୋଇଯାଇଛନ୍ତି। ଏହାପରେ ରାଜ୍ୟରେ ଚାଷୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିବାବେଳେ ଜଗତ୍‌ସିଂହପୁର ଜିଲାରେ ଗତ ଏକ ସପ୍ତାହ ମଧ୍ୟରେ ୨ ଜଣ ଚାଷୀଙ୍କ ମୃତ୍ୟୁ ଘଟିଲାଣି। ଡିସେମ୍ବର ୩୦ରେ ଧାନ ଫସଲଜନିତ କ୍ଷତି ସହି ନ ପାରି ବାଲିକୁଦା ବ୍ଲକ ତଣ୍ଡିକୁଳ ପଞ୍ଚାୟତ ଅନ୍ତର୍ଗତ ସାରଣୀ ଗ୍ରାମର କୃତ୍ତିବାସ ସ୍ୱାଇଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିବାବେଳେ ରବିବାର ନାଉଗାଁ ବ୍ଲକ ରୋହିଆ ପଞ୍ଚାୟତ ଅନ୍ତର୍ଗତ ଅରଖକୁଦ ଗ୍ରାମର ଧର୍ମାନନ୍ଦ ନାୟକ (୬୦)ଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବା ନେଇ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ କହିଛନ୍ତି। ପଡ଼ୋଶୀଙ୍କ ସୂଚନା ମୁତାବକ, ରବିବାର ସକାଳେ ଧର୍ମାନନ୍ଦ ଜମିକୁ ଧାନ କାଟିବାକୁ ଯାଇଥିଲେ। ଜମିରେ ପାଣି ଥିବାରୁ ଧାନକେଣ୍ଡା ସବୁ ପାଣିରେ ପଡି ଗଜା ହୋଇଯାଇଥିଲା। ଏହା ଦେଖି ସେ ସେଠାରେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ନିକଟରେ ଚାଷଜମିରେ କାର୍ଯ୍ୟ କରୁଥିବା ଲୋକେ ତୁରନ୍ତ ତାଙ୍କୁ ଘରକୁ ନେବା ସହ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ମାତ୍ର ଆମ୍ବୁଲାନ୍ସ ଆସିବା ବେଳକୁ ତାଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ କହିଛନ୍ତି। ଧର୍ମାନନ୍ଦ ଗାଁ ସ୍ୱୟଂ ସହାୟିକା ଗୋଷ୍ଠୀରୁ ୧ ଲକ୍ଷ ଟଙ୍କା କରଜ କରି ନିଜ ୨ ଏକର ସମେତ କିଛି ଭାଗ ମିଶାଇ ମୋଟ୍ ୫ ଏକର ଜମିରେ ଚାଷ କରିଥିଲେ। ମାତ୍ର ଲଘୁଚାପଜନିତ ବର୍ଷାରେ ଧାନ କ୍ଷତିଗ୍ରସ୍ତ ହୋଇଥିବା ଦେଖି ସେ ଭାଙ୍ଗି ପଡ଼ିଥିଲେ। ଧାନ କରଜ କିପରି ଶୁଝିବେ ସେ ନେଇ ଧର୍ମାନନ୍ଦ ଚିନ୍ତିତ ଥିଲେ ବୋଲି ପଡ଼ୋଶୀ କହିଛନ୍ତି। ତାଙ୍କ ୨ ପୁଅ ବାହାରେ ରହୁଥିବାବେଳେ ଚାଷରୁ ଯାହା ରୋଜଗାର କରନ୍ତି, ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ। ଧର୍ମାନନ୍ଦଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ସମ୍ପୂର୍ଣ୍ଣ ଅସହାୟ ହୋଇଯାଇଛନ୍ତି। ଏନେଇ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଦାରିଙ୍ଗବାଡ଼ି ବୁଲିଲେ ଇଟାଲୀ ପର୍ଯ୍ୟଟକ



ଦାରିଙ୍ଗବାଡ଼ି,୫।୧ (ଅରୁଣ ସାହୁ)

କନ୍ଧମାଳ ଜିଲାକୁ ବିଦେଶୀ ପର୍ଯ୍ୟଟକମାନେ ବୁଲିବା ଆଗ୍ରହ ରଖୁଥିବା ବେଳେ ଦାରିଙ୍ଗବାଡ଼ି, ବାଲିଗୁଡ଼ା, ତୁମୁଡ଼ିବନ୍ଧ, କୋଟଗଡ଼ ଆଦି ଅଞ୍ଚଳରେ ବୁଲି ଅନୁସୂଚିତ ଜନଜାତିଙ୍କ ସମ୍ପର୍କରେ ଅଧିକା ଜାଣିବା, ପାରମ୍ପରିକ ଖାଦ୍ୟ ସମେତ ସେମାନଙ୍କ ଚଳଣିକୁ ପସନ୍ଦ କରୁଥିବା ଜଣାପଡ଼ିଛି। ଦୀର୍ଘଦିନ ହେଲା ଆଉ ବିଦେଶୀ ପର୍ଯ୍ୟଟକ ବୁଲିବାକୁ ଆସୁ ନ ଥିବା ବେଳେ ଏବେ ଇଟାଲୀ ପର୍ଯ୍ୟଟକଙ୍କ ଅଞ୍ଚଳ ପ୍ରତି ଆଗ୍ରହ ଦେଖାଯାଇଛି। ପ୍ରକାଶ ଯେ, ୨ଜଣ ଇଟାଲୀ ପର୍ଯ୍ୟଟକ ଭାରତ ଭ୍ରମଣରେ ଆସି ପହଞ୍ଚିଛନ୍ତି। ସେମାନେ ହେଲେ କାଥେରୀନା ଏବଂ ଟୋନି ବୋଲି ପରିଚୟ ଦେଇଛନ୍ତି। ଅନୁସୂଚିତ ଜନଜାତିଙ୍କ ସଂସ୍କୃତି ଆଉ ତାଙ୍କ ଚାଲିଚଳଣିକୁ ପାଖରୁ ଦେଖିବାର ଆଗ୍ରହ ହିଁ ତାଙ୍କୁ କୁଆଡ଼େ ଦାରିଙ୍ଗବାଡ଼ିକୁ ଟାଣି ଆଣିଛି ବୋଲି କୁହନ୍ତି। ସେମାନେ ଜନଜାତି ସମ୍ପ୍ରଦାୟର ଲୋକ ବସବାସ କରୁଥିବା କିରିକୁଟି ପଞ୍ଚାୟତ ପାଟାଙ୍ଗି ଗ୍ରାମ ଓ ତା'ର ପଡ଼ୋଶୀ ମୁଣ୍ଡନାଜୁ ଗ୍ରାମରେ ସମୟ ବିତାଇବା ସହ ସଂସ୍କୃତି, ପରମ୍ପରାକୁ ଦେଖି ଖୁସି ହୋଇଛନ୍ତି। ଗାଁର ମହିଳାମାନଙ୍କ ବେଶଭୂଷା ଓ ତାଙ୍କ ମୁହଁରେ ପାରମ୍ପରିକ ଝୁଣ୍ଟିକଟା ପରମ୍ପରାକୁ ନିକଟରୁ ଦେଖିଥିଲେ। ଉଭୟ ବିଦେଶୀ ପର୍ଯ୍ୟଟକ ୫ଦିନିଆ ଓଡ଼ିଶା ଭ୍ରମଣରେ ଆସିଥିବା ବେଳେ ପୁରୀ, ଚିଲିକା ସମେତ ଦାରିଙ୍ଗବାଡ଼ି ଓ ରାୟଗଡ଼ା ଅଞ୍ଚଳ ବୁଲିଛନ୍ତି ବୋଲି କହିଛନ୍ତି।

# ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ୩୧ ତାରିଖ ଯାଏ ବୃଦ୍ଧି

ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)

ଚଳିତ ମାସ ୧୫ ସୁଦ୍ଧା ରାଶନକାର୍ଡରେ ଆଧାର ଭିତ୍ତିକ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ। ହେଲେ ରାଜ୍ୟ ସରକାର ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଇ-କେୱାଇସି ଅବଧିକୁ ବୃଦ୍ଧି କରିଦେଇଛନ୍ତି। ରାଜ୍ୟ ଭିତରେ ରାଶନକାର୍ଡ ହିତାଧିକାରୀ ଥିବା ବୃଦ୍ଧବୃଦ୍ଧା ଓ ଅସୁସ୍ଥ ଲୋକଙ୍କୁ ଭେଟି କେୱାଇସି ଯାଞ୍ଚ କରିବା ନିମନ୍ତେ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ବାହାରେ ରହୁଥିବା ଶ୍ରମିକ ଏବଂ ଅନ୍ୟମାନେ ଯିଏ ସବୁ ଇ-କେୱାଇସି କରିନାହାନ୍ତି ସେମାନଙ୍କ ପାଇଁ ସମୟ ଅବଧି ବୃଦ୍ଧି କରାଯାଇଥିବା ଜଣାପଡିଛି। ରାଜ୍ୟ ବାହାରେ ଥିବା ଶ୍ରମିକମାନେ ଯୋଗାଯୋଗ କଲେ ସେଠାକୁ ମଧ୍ୟ ସରକାରୀ କର୍ମଚାରୀଙ୍କୁ ପଠାଯିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିସାରିଛନ୍ତି।

ସୂଚନାଯୋଗ୍ୟ, ରାଶନକାର୍ଡ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ୮୫ ପ୍ରତିଶତ ଶେଷ ହୋଇସାରିଥିବା ବେଳେ ରାଜ୍ୟରେ ଆହୁରି ପ୍ରାୟ ୫୦ ଲକ୍ଷ ବ୍ୟକ୍ତିଙ୍କ ଇ-କେୱାଇସି ଯାଞ୍ଚ ଏପର୍ଯ୍ୟନ୍ତ ବାକି ରହିଛି। ଭୂତ ରାଶନକାର୍ଡଧାରୀଙ୍କୁ ଚିହ୍ନଟ କରିବା ଓ ଅଯୋଗ୍ୟଙ୍କୁ ବାଦ୍ ଦେବାକୁ ସରକାର ଏହି ପଦକ୍ଷେପ ନେଉଛନ୍ତି।

# ଅବିବାହିତ ଯୋଡ଼ିଙ୍କୁ ଓୟୋ ମନା

ନୂଆଦିଲ୍ଲୀ,୫।୧




ନୂଆବର୍ଷରେ ଭାରତର ଅନ୍ୟତମ ଅଗ୍ରଣୀ ହୋଟେଲ ବୁକିଂ ପ୍ଲାଟଫର୍ମ ଓୟୋ ନିଜ ନିୟମରେ ବଡ଼ ପରିବର୍ତ୍ତନ କରିଛି। ନୂଆ ନିୟମ ଅନୁଯାୟୀ ଓୟୋରେ ଅବିବାହିତ ଯୋଡ଼ିମାନେ ରୁମ୍ ବୁକିଂ କରିପାରିବେ ନାହିଁ। ଉତ୍ତରପ୍ରଦେଶର ମିରଟ ସହରରୁ ଏହି ନିୟମକୁ କାର୍ଯ୍ୟକାରୀ କରାଯିବ। ନୂତନ ନିୟମ ଅନୁଯାୟୀ, ବିବାହିତ ଦମ୍ପତିମାନଙ୍କୁ ଓୟୋ ହୋଟେଲରେ ରୁମ୍ ବୁକିଂ କରିବା ପାଇଁ ନିଜ ନିଜର ବୈବାହିକ ସମ୍ପର୍କିତ ତଥ୍ୟ ଦେଖାଇବାକୁ ପଡ଼ିବ। ମିରଟ ସହରରେ ଓୟୋ ସହ ସଂଯୁକ୍ତ ହୋଟେଲଗୁଡ଼ିକ ତୁରନ୍ତ ଏହି ନିୟମକୁ ଲାଗୁ କରିବାକୁ ଓୟୋ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମିରଟରେ ଏହି ନିୟମ ଲାଗୁ ହେବା ପରେ ଏହାର କାର୍ଯ୍ୟକାରିତା ଏବଂ ଲୋକଙ୍କର ମତାମତକୁ ଭିତ୍ତି କରି ଅନ୍ୟ ସହରରେ ଥିବା ଓୟୋ ସହ ସଂଯୁକ୍ତ ହୋଟେଲଗୁଡ଼ିକରେ ମଧ୍ୟ ଏହି ନିୟମ ଲାଗୁ ହେବ। ଉତ୍ତର ଭାରତର ଓୟୋ ଆଞ୍ଚଳିକ ମୁଖ୍ୟ ପୱନ ଶର୍ମା କହିଛନ୍ତି, ଓୟୋରେ ରହଣି ନେଇ କମ୍ପାନୀ ପକ୍ଷରୁ ବିଭିନ୍ନ ସିଭିଲ ସୋସାଇଟି ଗ୍ରୁପ୍ ଏବଂ ସ୍ଥାନୀୟ ସଙ୍ଗଠନଗୁଡ଼ିକର ମତାମତ ନିଆଯାଇଥିଲା। ମତାମତରେ ଅଧିକାଂଶ ଲୋକ ମିରଟ ସମେତ ଦେଶର ଅଧିକାଂଶ ବଡ଼ ସହରରେ ଅବିବାହିତ ଯୋଡ଼ିଙ୍କୁ ହୋଟେଲରେ ରୁମ୍ ନ ଦେବା ପାଇଁ ଦାବି କରିଥିଲେ। ଯାହାଫଳରେ କମ୍ପାନୀ ନିଜ ଗାଇଡ୍‌ଲାଇନରେ ପରିବର୍ତ୍ତନ ଆଣିଥିବା ସେ କହିଛନ୍ତି। ପ୍ରକାଶ ଯେ, ଭାରତ ସମେତ ୩୦ରୁ ଅଧିକ ଦେଶରେ ଓୟୋ ପକ୍ଷରୁ ହୋଟେଲ ରହଣି ସେବା ଯୋଗାଇ ଦିଆଯାଇଥାଏ। ଏହାର ନେଟ୍‌ୱର୍କରେ ୧.୫୦ ଲକ୍ଷରୁ ଅଧିକ ହୋଟେଲ ରହିଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜ୍ଞାନ ଓ ବିଜ୍ଞାନ ସମ୍ବଳିତ ପଞ୍ଚଦିବସୀୟ ଗୀତା କଥା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତୀୟ ଆଦିବାସୀ ମହାସଭା ପକ୍ଷରୁ ନୀଳକଣ୍ଠ ନଗର ମୁଣ୍ଡା ସାହି ବସ୍ତିରେ ଆଦିବାସୀଙ୍କ ପାରମ୍ପରିକ ଉତ୍ସବ ପରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର, ସ୍ଥାନ: ସିଆର୍‌ପି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୱାଲ୍ଡ ଓଡ଼ିଶା ସୋସାଇଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ଅପରାହ୍ନ ୪ଟା।
- ଆଦିବାସୀ ମେଳା, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ପ୍ରଜ୍ଞାନ ମିଶନ ପକ୍ଷରୁ ଜ୍ଞାନ ଯଜ୍ଞ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।

## ଖୋର୍ଦ୍ଧା

- ଗିନି କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପରିଷଦ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବିଜେବି ହାଇସ୍କୁଲ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ଫ୍ରେଣ୍ଡ୍‌ସ ପାରାଡାଇସ ଆନୁକୂଲ୍ୟରେ ୨୬ତମ ଶ୍ରୀବତ୍ସ ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: କୁସୁମାଟି ଖେଳପଡ଼ିଆ, ଜଟଣୀ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ୱାକାଥନ୍,ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର,ସମୟ:ସକାଳ ୭ଟା ୩୦।
- ପ୍ରବାସୀ ଭାରତୀୟ ଦିବସ-୨୦୨୫,ସ୍ଥାନ:ଜିଲା ସ୍କୁଲ, ବାଲେଶ୍ୱର,ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ସଂଶୋଧନ ଭୋଟର ତାଲିକା ପ୍ରକାଶନ ନିମନ୍ତେ ବୈଠକ,ସ୍ଥାନ:ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା୩୦।
- ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ମଧୁପୁରା, ବେଲି, ସିଂଲା,ସମୟ:ପୂର୍ବାହ୍ନ ୧୧ଟା।
- ଜାମୁନିଆ ଆଞ୍ଚଳିକ ମହୋତ୍ସବ ଚତୁର୍ଥ ସନ୍ଧ୍ୟା,ସ୍ଥାନ:ଜାମୁନିଆ ଖେଳ ପଡ଼ିଆ, ରୂପ୍‌ସା,ସମୟ:ଅପରାହ୍ନ ୫ଟା।

## ଭଦ୍ରକ

- ଧାନ କ୍ରୟ କାର୍ଯ୍ୟକ୍ରମ, ସ୍ଥାନ: ତେନ୍ତୁଲିଡିହ, ଓରାସାହି ସମବାୟ ସମିତି, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଶିଷ୍ଟ ସାରସ୍ୱତ ସାଧକ ଜଗନ୍ନାଥ ପଡ଼ିଆରୀଙ୍କ ୧୧୮ତମ ଜୟନ୍ତୀ ପାଳନ ଓ ପ୍ରତିମୂର୍ତ୍ତି ସ୍ଥାପନ ଉତ୍ସବ, ସ୍ଥାନ: ଗୋଦାଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଦୋବଲ, ଦଳାଙ୍ଗ ସେବା ସମବାୟ ସମିତି, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ବିଷ୍ଣୁବିନ୍ଧା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ନିଶ୍ଚିନ୍ତପୁର, ମଙ୍ଗଳପୁର, ଗାନ୍ଧୀନଗର, ପାଳିଆବିନ୍ଧା ସମବାୟ ସମିତି, ଡିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ ଏବଂ ଅନୁଧ୍ୟାନ, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ : ସକାଳ ୯ ଟା।
- ସତ୍‌ସଙ୍ଗ କେନ୍ଦ୍ରରେ ଆଧାତ୍ମିକ ଆଲୋଚନା ଏବଂ ଭଜନ, ସ୍ଥାନ: ଜଳକଳଙ୍ଗ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରବାସୀ ଭାରତୀୟ ଦିବସ ପାଳନ, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବୈଶିଙ୍ଗା ମହୋତ୍ସବ ୫ମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଉପସ୍ଥାପନା ଖୋର୍ଦ୍ଧା ପାଇକ ଆଖଡ଼ା କଳାକାର ସଂଘ, ସ୍ଥାନ: ମହୁରୀ ଉଡ଼ା ପଡ଼ିଆ, ବୈଶିଙ୍ଗା, ସମୟ: ସନ୍ଧ୍ୟା ୬ ଟା।

## ବ୍ରହ୍ମପୁର

- ଢୋଲିଆ ମହାସଂଘର ବାର୍ଷିକୋତ୍ସବ,ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର,ସମୟ: ପୂର୍ବାହ୍ନ ୧୧ଟା।
- ଆଶିଷ ଅଂଶୁମାନ ସୌଖିନ କଳାକାର ସଂଘର ପ୍ରତିଷ୍ଠା ଦିବସ,
- ସ୍ଥାନ: ରାଜସ୍ୱ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଢେଙ୍କାନାଳ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ତୁମୁସିଙ୍ଗା, କାମାକ୍ଷାନଗର ବ୍ଲକ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବସଷ୍ଟାଣ୍ଡ ପରିସର ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା କୃଷି ମହୋତ୍ସବ ୨୦୨୪-୨୫, ସ୍ଥାନ: ବିଜୁ ମଇଦାନ,ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶୀତଳ ବିହାର ହାଉସିଂ ସୋସାଇଟିର ସପ୍ତମ ବାର୍ଷିକ ପ୍ରତିଷ୍ଠା ଦିବସ, ସ୍ଥାନ: ହାଉସିଂ ସୋସାଇଟି ପରିସର, ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା ୧୫।
- ପ୍ରଭାସ ଭାରତୀୟ ଦିବସ, ସ୍ଥାନ: ବିଜୁ ମଇଦାନ ,ଅନୁଗୋଳ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ପାରାଦୀପ ବିଜେଡି ପକ୍ଷରୁ ସମବେତ ଭୁବନେଶ୍ୱର ଚାଲ ଅଭିଯାନ, ସ୍ଥାନ: ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ, ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଚାଲିଥିବା ଶିଶୁ ସାଂସ୍କୃତିକ କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଗଣପତି ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କପ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଅଙ୍ଗୁଳାଇ ହାଇସ୍କୁଲ ଖେଳ ପଡିଆ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ବିପ୍ଳବୀ କବି ଆନନ୍ଦଚନ୍ଦ୍ର କ୍ରିକେଟ କପ ଟୁର୍ନାମେଣ୍ଟ, ସ୍ଥାନ- ଡାଳିକାଏନ୍ଦା, ସିକୋ, ରାଜକନିକା, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ଗ୍ରାଉଣ୍ଡ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବରୀ ତହସିଲ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଧର୍ମଶାଳା ମହୋତ୍ସବ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ସଡ଼କ ସୁରକ୍ଷା ଉପରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ପଦଯାତ୍ରା, ସ୍ଥାନ:ଦଶପଲ୍ଲା, ସମୟ: ପୂର୍ବାହ୍ନ ୧୦ଟା।
- ରଣପୁର ମହୋତ୍ସବ ଅର୍ଜୁନ ୨୦୨୫ର ୨ୟ ଉତ୍ସବ, ସ୍ଥାନ: ରଣପୁର ବାଘ ସାମନ୍ତ ପଡ଼ିଆ, ସମୟ:ଅପରାହ୍ନ ୩ଟା।

## ରାୟଗଡ଼ା

- ଦକ୍ଷତା ବିକାଶ କର୍ମଶାଳା, ସ୍ଥାନ: ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ଭର୍ଚୁଆଲ ମୋଡ଼ରେ ରାୟଗଡା ରେଳ ମଣ୍ଡଳର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ, ସ୍ଥାନ : ରେଲୱେ ଷ୍ଟାଡିୟମ,ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା ।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସଂଶୋଧିତ ଫଟୋ ଭୋଟର ତାଲିକା ପ୍ରକାଶ, ସ୍ଥାନ: ଅଶୋକ ମେହେଟା ସମ୍ମିଳନୀ କକ୍ଷ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ, ସ୍ଥାନ:ସରକାରୀ ଉଚ୍ଚ ବିଦ୍ୟାଳୟ,କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:ଜୟପୁର ଉପଜିଲାପାଳ କାର୍ଯ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ ଟା ୩୦ ମିନିଟ।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:ମହାଦେଇପୁଟ ପଞ୍ଚାୟତ, ମହାଦେଇପୁଟ, କୋରାପୁଟ ବ୍ଲକ୍, ସମୟ:ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଭୋଟର ତାଲିକା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ:ଜିଲାପାଳ କାର୍ଯ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସମ୍ବଲପୁର ଲୋକ ମହୋତ୍ସବ ଆଲୋଚନାଚକ୍ର ଉପସମିତି ପକ୍ଷରୁ ପଶ୍ଚିମ ଓଡ଼ିଶା- ଲୋକ ସାହିତ୍ୟର ବିଭବ ବିଷୟରେ ଆଲୋଚନା, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ଫଟୋ, ଚିତ୍ର ଓ ହସ୍ତକଳା ପ୍ରଦର୍ଶନୀ, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ ପରିସରସ୍ଥ ପ୍ରଦର୍ଶନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା ୪୫।
- ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ: ବିର୍ସା ମଇଦାନ, ସମୟ: ଅପରାହ୍ନ ୨ଟା।
- ଲତା ଘନଶ୍ୟାମ ମଣ୍ଡଳ ପକ୍ଷରୁ ଶ୍ରୀମଦ୍ ଭାଗବତ ପାଠ, ସ୍ଥାନ : ସାକ୍ଷୀ ଗୋପୀନାଥ ପଡା, ସମୟ : ୩ଟା ୩୦।
- ଦାନିପାଲି ଶ୍ରୀଲଡୁ ଗୋପାଳ ସେବା ସମିତି ପକ୍ଷରୁ ଶ୍ରୀମଦ୍ ଭାଗବତ କଥା ମହୋତ୍ସବରେ ବାମନ ଅବତାର ଓ ଶ୍ରୀକୃଷ୍ଣ ଜନ୍ମୋତ୍ସବ ବିଷୟରେ ପ୍ରବଚନ, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ଅପରାହ୍ନ ୫ଟା।
- ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଲୋକ ନୃତ୍ୟ ଆସର, ସ୍ଥାନ : ପିଏଚ୍‌ଡି ପଡିଆସ୍ଥିତ ଲୋକ ମହୋତ୍ସବ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା ୪୫।

## ବଲାଙ୍ଗୀର

- ଲୋଇସିଂହା ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ଜରୁରୀ ବୈଠକ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣ ଲୋକ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ରୟାଲ ପଡିଆ, ସମୟ: ସକାଳ ୯ଟା ୩୦।
- ତରଭା ବ୍ଲକ ବଘିଆ ଗ୍ରାମ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବଘିଆ ପଞ୍ଚାୟତ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ୪ର୍ଥ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ବରଘାଟ ଖେଳ ପଡିଆ, ବୀରମହାରାଜପୁର ବ୍ଲକ ସମୟ: ପୂର୍ବାହ୍ନ ୧୦ଟା।
- ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସଡକ ସୁରକ୍ଷା ମାସ ପାଳନ ଅବସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ସୋନପୁର ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ଟା ।
- ସୁବର୍ଣ୍ଣ ଲୋକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ସ୍ଥିତ ଫକୀର ପଟ୍ଟନାୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ୪: ୩ୟ ଧନୁଯାତ୍ରା ମହୋତ୍ସବର ପଞ୍ଚମ ସନ୍ଧ୍ୟା , ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜର୍ଜ ହାଇସ୍କୁଲ ମୀନାବଜାର ପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୩ଟା।
- ନାରାୟଣୀ ମନ୍ଦିର ପ୍ରତିଷ୍ଠା ତ୍ରିବାର୍ଷିକ ମହୋତ୍ସବରେ ପାରାୟଣ, ସ୍ଥାନ: ଅନ୍ଧାରୀପାଲି, ଅତାବିରା, ସମୟ: ଅପରାହ୍ନ ୪ଟା।

## ଝାରସୁଗୁଡ଼ା

- ରୁଦ୍ରାଭିଷେକ ପୂଜା, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ସକାଳ ୮ଟା।
- ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମୁଡୁକାତୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।

## ରାଉରକେଲା

- ଲୋକନାଟକ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା।
- ଟ୍ରାଫିକ୍ ସଚେତନତା ବୈଠକ, ସ୍ଥାନ: ଜଗଦା ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳ ସମ୍ମିଳନୀ କକ୍ଷ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ବିକାଶ ସମ୍ମିଳନୀ କକ୍ଷ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲାପାଳ ଓ ଏସ୍‌ପିଙ୍କ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଗ୍ରାମପଞ୍ଚାୟତ ଶ୍ରମିକ ସଂଘର ବୈଠକ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଶ୍ରୀମଦ ଭାଗବତ କଥା ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ,ସ୍ଥାନ-ନୂଆପଡା ସଦର ବ୍ଲକ ଡୁମେରପାଣି ଗାଁ,ସମୟ: ଅପରାହ୍ନ ୧ ଟା ।
- ଶ୍ରୀମଦ ଭାଗବତ କଥା ବିଷ୍ଣୁ ସହସ୍ର ନାମ ସହ ପୂର୍ଣ୍ଣାହୁତି, ସ୍ଥାନ:ନୂଆପଡା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ସକାଳ ୯ ଟା ।
- ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା,ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ସକାଳ ୯ ଟା ।
- ମା ସୁନାଦେଇ କପ କ୍ରିକେଟ ଟୁର୍ନାମେଣ୍ଟ କ୍ଲଷ୍ଟର ଫାଇନାଲ,ସ୍ଥାନ: ସହିଦ ଭଗତ ସିଂ ଖେଳ ପଡିଆ, ସୁନାବେଡା, ସମୟ: ସକାଳ ୯ ଟା ।
- ଜାତୀୟ ସଡକ ସୁରକ୍ଷା ମାସ ଅବସରରେ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା ତାଲିମ ଓ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ବିଜୁ ଏକ୍ସପ୍ରେସ ୱେ ଯୋଗେନପଦର ଛକ ସିନାପାଲି, ସମୟ: ସକାଳ ୯ ଟା ।
- ୩୩ତମ ସର୍ବ ଭାରତୀୟ ୱାଇଏମସି କପ କ୍ରକେଟ ଟୁର୍ନାମେଣ୍ଟ ଉଦଘାଟନ,ସ୍ଥାନ:ସ୍ଥାନୀୟ ମିନି ଷ୍ଟାଡିୟମ ନୂଆପଡା, ସମୟ: ସକାଳ ୯ ଟା ।

## ବୌଦ୍ଧ

- ଦ୍ୱିତୀୟ ମା' ମାହେଶ୍ୱରୀ ମହୋତ୍ସବର ପଞ୍ଚମ ଦିନ, ସ୍ଥାନ: ମସିଣାଗୋରା, କଣ୍ଟାମାଳ, ବୌଦ୍ଧ, ସମୟ : ସନ୍ଧ୍ୟା ୬ଟା ।
- ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନ ଉତ୍ସବ । ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ, ସମୟ : ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ ସକାଳୁ ଆଶା କରିଥିବା ଖବରଟି ପାଇ ମନ ଖୁସି ହୋଇଯିବ। ଯାତ୍ରା, ବାଣିଜ୍ୟ, ପରିବହନ ପ୍ରଭୃତି କ୍ଷେତ୍ରରେ ସୁଫଳ ପାଇବେ। ନିଜର ଲୋକଙ୍କ ଅପେକ୍ଷା ପର ଲୋକଙ୍କ ସାହାଯ୍ୟ, ସହଯୋଗ ବିଶେଷଭାବରେ କାମକୁ ଆସିବ। ଦ୍ୱାଦଶରେ ଚନ୍ଦ୍ର ଯୁକ୍ତ ରାହୁ ରୋଗ, ଋଣ ଏବଂ ଶତ୍ରୁତା ସମ୍ବନ୍ଧୀୟ ଚିନ୍ତାରେ ଉଦ୍‌ବିଗ୍ନ ରହିପାରନ୍ତି।

**ବୃଷ** ଶୁକ୍ର ପାପଗ୍ରହ ରାହୁଙ୍କ ନକ୍ଷତ୍ରରେ ରହିଥିବାରୁ ଭାଇ କିମ୍ବା ପଡୋଶୀଙ୍କ ସହ ସୁସମ୍ପର୍କ ରହି ନ ପାରେ। ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କାମରେ କିଛିନା କିଛି ସମସ୍ୟା ଲାଗି ରହିବ। ତଥାପି ଶିକ୍ଷା,ପରୀକ୍ଷା,ସନ୍ତାନ ହେତୁକ ପ୍ରଶଂସାରେ ମାନସିକ ପରିତୃପ୍ତି ଲାଭ କରିବେ। ସମ୍ପର୍କୀୟ ବନ୍ଧୁ , ସହକର୍ମୀ, ପଡୋଶୀଙ୍କ କଳହର ଆଶଙ୍କା ରହିଛି।

**ମିଥୁନ** ରାଶି ପ୍ରତି ବୁଧଙ୍କ ଦୃଷ୍ଟିରୁ ସୁସ୍ଥତା ଅନୁଭବ କରିବେ। କର୍ମ ପରିସର ବୃଦ୍ଧି ପାଇବା କାରଣରୁ ସାମାନ୍ୟତମ ଅବସର ମଧ୍ୟ ପାଇବେ ନାହିଁ। ଅବଶ୍ୟ ଦୂରଯାତ୍ରା, ବନ୍ଧୁ ମିଳନ, ଆନୁଷ୍ଠାନିକ କାମ, ନିର୍ମାଣ କାର୍ଯ୍ୟ ପ୍ରଭୃତିରେ ଅସୁବିଧା ହେବ ନାହିଁ। ପୂର୍ବରୁ ଲାଗିରହିଥିବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ଧନାଧିପ ଧନୁରେ ଥିବାରୁ ବ୍ୟାଙ୍କ, ସଞ୍ଚୟ ଜମା, କିମ୍ବା କରଜ ମାଧ୍ୟମରେ ଅର୍ଥ ପ୍ରାପ୍ତି କରାଇବେ। କର୍ମକ୍ଷେତ୍ରରେ ନିକଟସ୍ଥ ବ୍ୟକ୍ତିଙ୍କୁ ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। ପ୍ରଶାସନିକ କ୍ଷେତ୍ରରେ ବିତର୍କର ଆଶଙ୍କା ରହିଛି। ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଆଦେଶ ପ୍ରାପ୍ତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ।

**ସିଂହ** ରାଶ୍ୟାଧିପ ରବି ଶୁକ୍ରଙ୍କ ନକ୍ଷତ୍ରରେ ରହିଥିବାରୁ ବିଳାସବ୍ୟସନ ସମ୍ପର୍କିତ ଉପକରଣ କ୍ରୟ କରାଇ ପାରନ୍ତି। କର୍ମକ୍ଷେତ୍ରରେ ମନ ଅନୁଯାୟୀ କାମ ହାସଲ ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ଆଜି ଯାହାକୁ ଯାହା କହିବେ ସେମାନେ ଅସ୍ୱୀକାର କରିବେ ନାହିଁ। ଯେଉଁ ଆଶଙ୍କାରେ ମନ ବିଚଳିତ ହୋଇ ରହିଛି ତାହା ଦୂରୀଭୂତ ହୋଇଯିବ।

**କନ୍ୟା** ବୁଧ ପ୍ରଭାବରେ ବୌଦ୍ଧିକ ଅଭିବୃଦ୍ଧି, ବନ୍ଧୁମିଳନ, ସାମାଜିକ ସମ୍ମାନ ପାଇପାରିବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ପ୍ରଶାସନ, ରାଜନୀତି, ଦୂର ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ମିଳିବ। ତଥାପି ଦିନଟିରେ ବିବାଦୀୟ କ୍ଷେତ୍ର ନିକଟରୁ ଦୂରେଇ ରହିବା ଭଲ ହେବ।

**ତୁଳା** ଶୁକ୍ର କୋଣ ଭାବସ୍ଥ ଯୋଗୁ କାର୍ଯ୍ୟସିଦ୍ଧି, ସମସ୍ୟା ସମାଧାନ ଏବଂ ଆନୁଷ୍ଠାନିକ ସମ୍ମାନ ପାଇପାରନ୍ତି। ବନ୍ଧୁଙ୍କର ଦୀର୍ଘ ନୀରବତା ମନରେ ଗଭୀର ଦୁଃଖ ଉଦ୍ରେକ କରିବ। ପ୍ରତ୍ୟେକ କ୍ଷେତ୍ରରେ ଟେନ୍ସନ ଲାଗି ରହିବା କାରଣରୁ ମନ ଭଲ ରହିବ ନ ପାରେ। ରାଜନୀତି, ସଭାସମିତିରେ ନିର୍ଣ୍ଣୟାତ୍ମକ ନିଷ୍ପତ୍ତି ନେଇ ପ୍ରଶଂସିତ ହେବେ।

**ବିଛା** ନୀଚସ୍ଥ ମଙ୍ଗଳଙ୍କ ଯୋଗୁ ପୂର୍ବଶତ୍ରୁତାକୁ ନେଇ କଳହ ଘଟିପାରେ। ଅପ୍ରାପ୍ୟ ଜିନିଷ ପ୍ରତି ଆଶା ବଳାଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବାହ୍ୟ ଲୋକଙ୍କ ସ୍ନେହ,ଶ୍ରଦ୍ଧା ଯେଉଁ ପରିମାଣରେ ବଢି ଚାଲିବ, ସେହି ଅନୁପାତରେ ନିଜ ଲୋକମାନଙ୍କ ନିକଟରେ ସେତିକି ରହିବ ନାହିଁ। କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ଧନୁ** କର୍ମାଧିପ ରାଶିରେ ଥିବାରୁ ବନ୍ଧୁଙ୍କ ମାଧ୍ୟମରେ ଉଚ୍ଚସମ୍ମାନ ଲାଭ କରିବେ। ପରିବାର ସଦସ୍ୟଙ୍କ ଆବେଗକୁ ନ ବୁଝିବା କାରଣରୁ ସେମାନଙ୍କ ନିକଟରୁ ଦୂରେଇ ଯାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ବିଶେଷ କୁପ୍ରଭାବର ଆଶଙ୍କା ନାହିଁ। ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟକୁ ଜାହିର କରିପାରିବେ।

**ମକର** ଗୁରୁଙ୍କ ଶୁଭ ଦୃଷ୍ଟି ପ୍ରଭାବରେ ସ୍ୱାସ୍ଥ୍ୟୋନ୍ନତି, ଆର୍ଥିକ ପ୍ରଗତି ସହ ସମ୍ପର୍କର ବନ୍ଧନ ନିବିଡ ହେବ। କର୍ମକ୍ଷେତ୍ରରେ ବାଧବାଧକତାରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। ଏକ ଭିନ୍ନ ପରିବେଶରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମାନ୍ୟ ବାଧାପ୍ରାପ୍ତ ହୋଇପାରେ।

**କୁମ୍ଭ** ସ୍ୱଗୃହୀ ଶନି ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ଦୂରେଇ ଯିବାରୁ ମାନସିକ ଅସ୍ଥିରତା ଦୂର ହୋଇଯିବ। ପ୍ରତ୍ୟେକ କାମରେ ବିଶୃଙ୍ଖଳା ଲାଗି ରହୁଥିବା ହେତୁ ନିଜ ଲୋକଙ୍କୁ ଦାୟୀ କରିପାରନ୍ତି। କୌଣସି ମୂଲ୍ୟବାନ୍ ଜିନିଷ କ୍ରୟ କରିବା ସକାଶେ ମନ ବଳାଇବାର ସୂଚନା ରହିଛି। କଚେରି ମାମଲା, ଜମିଜମା କିମ୍ବା ଗୃହସୀମା ବିବାଦ ଅମୀମାଂସିତ ରହିବ।

**ମୀନ** ରାଶିସ୍ଥ ରାହୁ ଯୁକ୍ତ ଚନ୍ଦ୍ର ପ୍ରଭାବରେ ଜଟିଳ ପରିସ୍ଥିତିରେ ସାମ୍ୟତା ଆଣିବାରେ ସମର୍ଥ ହେବେ। ତଥାପି ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ସମସ୍ୟା ସୃଷ୍ଟିର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଗୃହ କିମ୍ବା ରାସ୍ତାଘାଟ ତଥା ଅନ୍ୟାନ୍ୟ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଆର୍ଥିକ ସ୍ଥିତି ପ୍ରାୟତଃ ପୂର୍ବଭଳି ରହିବା ହେତୁ ସାମୟିକ ଖୁସି ଅନୁଭବ କରିପାରନ୍ତି।

ଆଜି ଜାନୁଆରୀ ୬ ତାରିଖ, ଦଶମ ଶିଖ୍‌ଗୁରୁ ଗୋବିନ୍ଦ ସିଂହଙ୍କ ଜୟନ୍ତୀ, ପୌଷ ଶୁକ୍ଳ ସପ୍ତମୀ ସୋମବାର, ରାଶି ନକ୍ଷତ୍ର- ଉତ୍ତରଭାଦ୍ରବ / ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୬।୨୬ ମଧ୍ୟେ, ଘ.୦୭।୪୮ ଗତେ, ଘ.୦୯।୨୦ ଗତେ, ଘ.୧୧।୩୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୪୮ ଗତେ, ଘ.୦୯।୦୯ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ...

ପାଇଁ ନୂଆ ଫିଲ୍ଡ ଚ୍ୟାନେଲ ନିର୍ମାଣ ସହିତ ପୁରୁଣା ଚ୍ୟାନେଲଗୁଡ଼ିକୁ କଂକ୍ରିଟ୍ ଚ୍ୟାନେଲରେ ପରିଣତ କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ୮୦ ହଜାର ହେକ୍ଟର ଜଳସେଚିତ ଅଞ୍ଚଳରେ ୨୪୦୦ କିଲୋମିଟର ନୂତନ କଂକ୍ରିଟ୍ କେନାଲ ନିର୍ମାଣ ହେବ। ଏହାସହ ୬୨ ହଜାର ହେକ୍ଟର ଜଳସେଚିତ ଅଞ୍ଚଳରେ ୧୮୬୦ କିଲୋମିଟର ଅତି ପୁରୁଣା ଓ ଜରାଜୀର୍ଣ୍ଣ କ୍ଷେତ୍ରନାଳୀକୁ କଂକ୍ରିଟ ନାଳୀରେ ପୁନଃନିର୍ମାଣ କରାଯିବ। ଜଳର ସୁବ୍ୟବହାର, ଜଳ ବଣ୍ଟନରେ ସମତା ଏବଂ ଚାଷୀର ଜମିକୁ ପର୍ଯ୍ୟାପ୍ତ ଜଳସେଚନର ବ୍ୟବସ୍ଥା ସୁନିଶ୍ଚିତ କରିବା ଆମ ପ୍ରାଥମିକତା। ଏ ଦିଗରେ ପାଣି ପଞ୍ଚାୟତର ବଡ଼ ଭୂମିକା ରହିଛି। ରାଜ୍ୟରେ ବର୍ତ୍ତମାନ ୩୯ ହଜାରରୁ ଅଧିକ ପାଣିପଞ୍ଚାୟତ ଜଳ ପରିଚାଳନା ନେତୃତ୍ୱ ନେଉଛନ୍ତି। ଏହାଦ୍ୱାରା ଜଳ ପରିଚାଳନାରେ ସମସ୍ତଙ୍କ ସହଭାଗିତା ରହିପାରୁଛି ଓ ଜଳର ଅପଚୟ ମଧ୍ୟ ରୋକାଯାଇ ପାରୁଛି। ରାଜ୍ୟରେ ଜଳ ସମ୍ପଦର ବିକାଶ ପାଇଁ ଚଳିତ ବର୍ଷର ବଜେଟରେ ୧୩,୨୨୩ କୋଟିରୁ ଅଧିକ ଟଙ୍କା ପ୍ରାବଧାନ କରାଯାଇଛି। ଚଳିତ ବଜେଟରେ ନୟାଗଡ଼ ଜିଲାରେ ବୃଓଙ୍ଗ ଜଳସେଚନ ପ୍ରକଳ୍ପ, ଗଞ୍ଜାମ ଜିଲାର ପିପଲପଙ୍କ ପ୍ରକଳ୍ପ, ବଲାଙ୍ଗୀର ଜିଲାର ଉପର ଲାନ୍ଥ ଜଳସେଚନ ପ୍ରକଳ୍ପ, ଅନୁଗୋଳ ଜିଲାର ସମାକୋଇ ବ୍ୟାରେଜ ପ୍ରକଳ୍ପ, ବରଗଡ଼ ଜିଲାରେ ୩ଟି ଓ ନୂଆପଡା ଜିଲାର ୭ଟି ଉଠାଜଳସେଚନ ପ୍ରକଳ୍ପ, କଳାହାଣ୍ଡି ଜିଲାରେ ୩ଟି ଓ ନୂଆପଡ଼ା ଜିଲାରେ ୨ଟି ଏମ୍‌ଆଇପି, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଓ ନୂଆପଡ଼ା ଜିଲାରେ ୩୫୯ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ଏବଂ ୧୧,୮୮୬ ଗଭୀର ନଳକୂପ ପ୍ରକଳ୍ପ ଆରମ୍ଭ କରିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ବିଭାଗୀୟ ମନ୍ତ୍ରୀ ବ୍ୟକ୍ତିଗତ ଭାବେ ଏହିସବୁ ପ୍ରକଳ୍ପକୁ ସମୀକ୍ଷା କରୁଛନ୍ତି ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ଜଳ ପରିଚାଳନା କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର ପାଇଁ ଭାଜପା ସରକାର ପଦକ୍ଷେପ ନେଇଛନ୍ତି। ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର କରି ମାଟିର ଆର୍ଦ୍ରତା ନିରୂପଣ ପ୍ରଣାଳୀ ବିକଶିତ କରାଯିବ। ଏଥିଲାଗି ଆଇସିଏଆର ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଅନୁବନ୍ଧିତ ହୋଇଛି। ପାଣି ପଞ୍ଚାୟତଗୁଡ଼ିକର ଦକ୍ଷତା ବିକାଶ ପାଇଁ ଜାଭିଅର ୟୁନିଭରସିଟି ସହିତ ମଧ୍ୟ ଯୋଗାଯୋଗ ହୋଇଛି। କୃଷକମାନେ ହେଉଛନ୍ତି ରାଜ୍ୟ ବିକାଶର ମୂଳ ସୂତ୍ରଧର। ରାଜ୍ୟରେ କୃଷିର ବିକାଶ ପାଇଁ ଚଳିତ ବର୍ଷ କୃଷି ବଜେଟରେ ୩୩,୯୧୯ କୋଟି ଟଙ୍କା ପ୍ରାବଧାନ କରାଯାଇଛି। ଏହି ଅବସରରେ ନିଜର ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଓଡ଼ିଶା ସରକାର ଚାଷୀମାନଙ୍କ ସହ ଅଛନ୍ତି ଏବଂ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରୁଛନ୍ତି। ଚାଷୀମାନଙ୍କ ଉତ୍ପାଦନ ପାଇଁ ମାର୍କେଟ ଲିଙ୍କେଜ ଦେବା ସକାଶେ ବ୍ୟବସ୍ଥା ମଧ୍ୟ କରାଯାଉଛି। ସମସ୍ତେ ପାଣିର ଉଚିତ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

### ପୋଲିସ ଗୁଳିରେ ...

ନାରାୟଣପୁର ମଧ୍ୟରେ ଥିବା ଆବୁଝମାଡ଼ ଜଙ୍ଗଲରେ ମାଓବାଦୀ ଉପସ୍ଥିତି ଥିବା ବିଶେଷ ସୂତ୍ରରୁ ଖବର ପାଇ ବିଜାପୁର ଜିଲା ପୋଲିସ ଓ ଡିଆର୍‌ଜି ଯବାନମାନେ ଉକ୍ତ ଜଙ୍ଗଲରେ କୋମ୍ବିଂ ଆରମ୍ଭ କରିଥିଲେ। ପୋଲିସ ଆସୁଥିବା ଖବର ପାଇ ମାଓବାଦୀ-ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଦୀର୍ଘ ସମୟ ଧରି ଗୁଳି ଚାଳନା ହେବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଗୁଳି ଚାଳନାରେ ଜଣେ ଡିଆର୍‌ଜି ଯବାନ ଶହୀଦ ହୋଇଥିବା ବେଳେ ସର୍ଚ୍ଚ ସମୟରେ ୪ ମାଓବାଦୀଙ୍କ ମୃତଦେହ ସହ ଏକେ ୪୭, ଏସ୍‌ଏଲଆର୍ ସହ ଅନ୍ୟ କେତେକ ନୂତନ ଧରଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

### ଜଙ୍ଗଲରେ ସିଂହ ...

ଯାହା ଭାଇରାଲ ହେବାରେ ଲାଗିଛି। ମୁସା ଏକ୍ସ'ରେ ପୁତୁଙ୍କ ଏକ ଫଟୋ ପୋଷ୍ଟ କରି ଲେଖିଛନ୍ତି, ଏହା ନିଶ୍ଚିତ ଭାବେ ଏକ ଚମତ୍କାର ଘଟଣା। ଉତ୍ତର ଜିମ୍ବାୱେର 'କରିବା ଗ୍ରାମୀଣ' ହେଉଛି ଏପରି ଏକ ଅଞ୍ଚଳ ଯେଉଁଠାରେ ଗୋଟିଏ ଭୁଲ୍ ମୋଡ଼ ମଣିଷକୁ ବିପଜ୍ଜନକ ମାତୁସାଦୋନା ସିଂହ ଅଭୟାରଣ୍ୟକୁ ନେଇପାରେ। ପୁତୁ ସହ ମଧ୍ୟ ଠିକ୍ ଏପରି ହୋଇଥିଲା ଏବଂ ସେ ରାସ୍ତା ଭୁଲି ମାତୁସାଦୋନା ଜାତୀୟ ପାର୍କକୁ ଚାଲିଯାଇଥିଲେ। ଘଟଣାକୁ ନେଇ ଜିମ୍ବାୱେ 'ପାର୍କ୍ସ ଆଣ୍ଡ ୱାଇଲ୍ଡଲାଇଫ୍ ମ୍ୟାନେଜମେଣ୍ଟ ଅଥରିଟି' କହିଛନ୍ତି, ପୁତୁ ପାର୍କ ମଧ୍ୟରେ ପ୍ରବେଶ କରିବା ପରେ ପ୍ରାୟ ୫୦ କି.ମି. ଚାଲି ଚାଲି ଅଭୟାରଣ୍ୟର ଅପହଞ୍ଚ ଅଞ୍ଚଳରେ ପହଞ୍ଚି ଯାଇଥିଲେ। ଏହି ସମୟରେ ବର୍ଷା ମଧ୍ୟ ହୋଇଥିଲା, ଫଳରେ ପୁତୁଙ୍କର ପାଦ ଚିହ୍ନ ଲିଭିଯାଇଥିଲା। ତେଣୁ ତାଙ୍କୁ ଖୋଜିବା ବନ ଅଧିକାରୀମାନଙ୍କ ପାଇଁ କାଠିକର ପାଠ ହୋଇପଡ଼ିଥିଲା। ପୁତୁଙ୍କୁ ଉଦ୍ଧାର କରାଯିବା ପରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି। ଡାକ୍ତର ପୁତୁଙ୍କ ମାନସିକ ସ୍ଥିତିକୁ ମଧ୍ୟ ପରୀକ୍ଷା କରୁଛନ୍ତି। ତେବେ ପୁତୁଙ୍କ ସାହସିକତାକୁ ବିଶ୍ୱବ୍ୟାପୀ ପ୍ରଶଂସାର ସୁଅ ଛୁଟିଛି।

### ଟ୍ରକ୍ ମଡ଼ାଇ ୨ ଭାଜପା ...

ରାମନାରାୟଣ ଓ ସୁରେଶ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ଭିମ୍‌ସାର ଓ ପରେ ବୁର୍ଲାସ୍ଥିତ ଏକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରାଯାଇ ଆଇସିୟୁରେ ଚିକିତ୍ସା କରାଯାଉଛି।

ମୃତ ଦେବେନ୍ଦ୍ରଙ୍କ ଭାଇ ଜୟନ୍ତ କୁମାର ନାୟକଙ୍କ ଏତଲାକ୍ରମେ ରବିବାର ବୁର୍ଲା ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହାଇୱା ଟ୍ରକ୍‌କୁ ଜବତ କରିବା ସହ ଏହାର ଚାଳକ ପ୍ରଶାନ୍ତ ଜନାମଣି(୩୦)ଙ୍କୁ ଅଟକ ରଖିଛି। ପ୍ରଶାନ୍ତ ଭାଜପା ନେତାମାନଙ୍କ କାର୍‌କୁ ହାଇୱାରେ କାହିଁକି ବାରମ୍ବାର ଧକ୍କା ଦେଇଥିଲେ। ଦୁର୍ଘଟଣା ଘଟାଇବା ପଛର ପ୍ରକୃତ କାରଣ କ'ଣ ସେନେଇ ତାଙ୍କୁ ପଚାରଉଚରା କରାଯାଉଥିବା ବୁର୍ଲା ଏସ୍‌ଡିପିଓ ଅମିତ ମହାନ୍ତି ସୂଚନା ଦେଇଛନ୍ତି। ଇତିମଧ୍ୟରେ ୨ ଭାଜପା ନେତାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ମୃତଦେହ ଗାଁରେ ପହଞ୍ଚିବା ମାତ୍ରେ ଟିପିଲିମା ଓ ଚାରପାଲି ଛକରେ ଶତାଧିକ ମହିଳା ଓ ପୁରୁଷ ରାସ୍ତା ଉପରେ ଛିଡ଼ାହୋଇ ଉଭୟଙ୍କ ଶେଷଦର୍ଶନ କରିଛନ୍ତି। ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦୁଇ ଦିବଙ୍ଗତ ନେତାଙ୍କୁ ଅନେକ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଆହତଙ୍କ ପରିବାର ଲୋକଙ୍କ ଅଭିଯୋଗ ହେଲା ଜାତୀୟ ରାଜପଥରେ ସେମାନେ ଆସୁଥିବାବେଳେ ଏକ ହାଇୱା ସେମାନଙ୍କୁ ପିଛା କରିଥିଲା। ଓଭରବ୍ରିଜରେ ହାଇୱା ହଠାତ୍ ତାଙ୍କ କାରକୁ ଧକ୍କା ଦେଇଥିଲା। ସେମାନେ କିଛି ବୁଝିବା ପୂର୍ବରୁ ହାଇୱା ଟ୍ରକ୍ ପୁଣି ତାଙ୍କ କାର୍‌କୁ ଧକ୍କା ଦେଇଥିଲା। ବାରମ୍ବାର ଧକ୍କା ଦେଇ ପିଛା କରୁଥିବା ଦେଖି କାର୍ ଚାଳକ ପ୍ରାଣ ବିକଳରେ ଦ୍ରୁତତଗତିରେ ପଳାଇବାକୁ ଉଦ୍ୟମ କରିଥିଲେ। ପରେ ସେ ନିଜ କାର୍‌କୁ ଆ.କଟାପାଲି ଗ୍ରାମ ମଧ୍ୟକୁ ନେଇଯାଇଥିଲେ। ଏହି ସମୟରେ ହାଇୱା ପୁନର୍ବାର ସେହି କାର୍‌ର ପଛପଟକୁ ଧକ୍କା ଦେଇ ଗ୍ରାମ ମଧ୍ୟରେ ପ୍ରାୟ ୨୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। କାର୍ ଏକ ବୁଦା ନିକଟରେ ଓଲଟି ପଡ଼ିଥିଲା। ବିଳମ୍ବିତ ରାତିରେ କାର ଓ ହାଇୱା ଧକ୍କା ଯୋଗୁ ସୃଷ୍ଟି ହୋଇଥିବା ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘରୁ ପଦାକୁ ବାହାରିଆସି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବୁର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାପୂର୍ବରୁ କରଡୋଲା ସରପଞ୍ଚଙ୍କ ଉପରେ ୨ ଥର ଆକ୍ରମଣ ହୋଇଥିଲା ବୋଲି କୁହାଯାଉଛି।

#### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘଟଣା ସମ୍ପର୍କରେ ଖବର ପାଇବା ପରେ ଡାକ୍ତରଖାନାକୁ ଯାଇ ଆହତ ଭାଜପା କର୍ମୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଥିସହ ସେ ଭିମ୍‌ସାରରେ ଉଭୟ ମୃତକଙ୍କ ପରିବାରବର୍ଗଙ୍କୁ ସାକ୍ଷାତ୍ କରି ସମବେଦନା ଜଣାଇଛନ୍ତି। ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ ପ୍ରମୁଖଙ୍କ ସହିତ ବହୁ ବରିଷ୍ଠ ଭାଜପା ନେତା ମୃତ ଭାଜପା କର୍ମୀମାନଙ୍କ ଘରକୁ ଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

# ଜାରି ରହିବ ପରିବେଶ ସୁରକ୍ଷା ଅଭିଯାନ

## ଘରଚଟିଆ ସଂରକ୍ଷଣରେ ସାମିଲ ହେଲା 'ଧରିତ୍ରୀ'




ଧରିତ୍ରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ବନ୍ଥପଲ୍ଲୀ ସରପଞ୍ଚ କାମିନୀ ନାୟକଙ୍କୁ ଫଳକ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ବାମରୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର ଓ ଗଞ୍ଜାମ ଜିଲା ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ୍।

**ବ୍ରହ୍ମପୁର,୫ା୧ (ଅଶୋକ କୁମାର ସାହୁ)**


ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ବନ୍ଥପଲ୍ଲୀ ପଞ୍ଚାୟତ ବନ୍ଥପଲ୍ଲୀ ଗ୍ରାମରେ ଜାତୀୟ ପକ୍ଷୀ ଦିବସ ଅବସରରେ ଘରଚଟିଆ ସଂରକ୍ଷଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। 'ଧରିତ୍ରୀ' ସୌଜନ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ମୁଖ୍ୟ ଅତିଥି, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସମ୍ମାନିତ ଅତିଥି, ଜଙ୍ଗଲ ଲୋର ଫାଉଣ୍ଡେଶନ, ପୁରୀର ବନ୍ୟପ୍ରାଣୀ ବିଶେଷଜ୍ଞ ଆକାଶ ରଞ୍ଜନ ରଥ ମୁଖ୍ୟବକ୍ତା, ସରପଞ୍ଚ କାମିନୀ ନାୟକ ଏବଂ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ମୁଖ୍ୟ ଅତିଥି କହିଥିଲେ ଯେ, ପରିବେଶ ସୁରକ୍ଷାରେ ସମସ୍ତଙ୍କ ଭୂମିକା ରହିଛି। ମଣିଷ ଓ ଜୀବଜନ୍ତୁଙ୍କୁ ତୁଳନା କରି ହାତୀର ଉଦାହରଣ ଦେଇ ସେ କହିଲେ ଯେ, ହାତୀ ସବୁବେଳେ ଗଛର ଉପର ଡାଳଗୁଡ଼ିକ ଖାଇଥାଏ। ଉପର ଡାଳଗୁଡିକ ଭାଙ୍ଗିବା ଦ୍ୱାରା ତଳେ ଥିବା ଛୋଟ ଛୋଟ ତୃଣଗୁଡିକ ବଢ଼ିବାର ସୁଯୋଗ ପାଏ। ହାତୀର ଏହା ଏକ ଉପକାର କିମ୍ବା ପ୍ରକୃତିର ଖେଳ। ଏହାକୁ ଠାକୁରଙ୍କ ଲୀଳା କୁହାଯିବ। ଆମେ ନିଜକୁ ବଡ ବୋଲି ଭାବୁଛେ, କିନ୍ତୁ ଠାକୁରଙ୍କ ପାଇଁ ଆମେ ଜନ୍ଦାଟିଏ। ସମସ୍ତେ ଠାକୁରଙ୍କ ପାଇଁ ଯାହା, ମଣିଷ ବି ସେୟା। ତେଣୁ ଘରଚଟିଆ ଯାହା, ଆମେ ବି ସେୟା। ଆମେ ପରିବେଶର କ୍ଷତି କରୁଛେ, କିନ୍ତୁ ପ୍ରତ୍ୟେକ ଜୀବଜନ୍ତୁ ପରିବେଶର ସୁରକ୍ଷାରେ ଲାଗିଛନ୍ତି। ତେଣୁ ଜୀବଜନ୍ତୁଙ୍କଠାରୁ ଆମେ ବହୁ ଗୁଣରେ ଛୋଟ ବୋଲି ବିବେଚନା କରିବାକୁ ହେବ। ପରିବେଶ ସୁରକ୍ଷା ପାଇଁ ଆମେ ସଦା ଜାଗ୍ରତ ରହିବା ଓ ଅନ୍ୟମାନଙ୍କୁ ଜାଗ୍ରତ କରିବା ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ତଥା ଧରିତ୍ରୀ ମୁଖ୍ୟ କାର୍ଯ୍ୟନିର୍ବାହୀ କହିଥିଲେ ଯେ, ଆଞ୍ଚଳିକ ବିକାଶ ପରିଷଦ ସହିତ ଧରିତ୍ରୀର ଦୀର୍ଘଦିନର ସମ୍ପର୍କ ରହିଆସିଛି। ଆଞ୍ଚଳିକ ପରିଷଦର ପରିବେଶ ଓ ଜୀବଜନ୍ତୁ ସୁରକ୍ଷା ଦିଗରେ ଯେଉଁ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛି ତା' ସହିତ ଛାତ୍ରୀଛାତ୍ର, ମହିଳା ଓ ଯୁବପିଢ଼ି ଯୋଡ଼ି ହେବା ସୌଭାଗ୍ୟର କଥା। ପରିବେଶ ସୁରକ୍ଷା ପାଇଁ ଧରିତ୍ରୀ ଦୀର୍ଘଦିନରୁ କାମ କରି ଆସିଛି। ତୃଣମୂଳସ୍ତରରେ ପରିବେଶ ପାଇଁ ଯେଉଁମାନେ କାମ କରୁଛନ୍ତି, ସେମାନଙ୍କୁ ଗୁରୁତ୍ୱ ଦେଇ ଆସୁଛି। ପରିବେଶ ସୁରକ୍ଷାରେ ଗଛଠାରୁ ଆରମ୍ଭ କରି ଜୀବଜନ୍ତୁ ଓ ପକ୍ଷୀ ସମସ୍ତଙ୍କ ଭୂମିକା ରହିଛି। ଘରଚଟିଆ ଭଳି ଏକ ଛୋଟିଆ ପକ୍ଷୀର ସୁରକ୍ଷା ପାଇଁ ଆଞ୍ଚଳିକ ବିକାଶ ପରିଷଦ ଯେଉଁ ଉଦ୍ୟମ ଜାରି ରଖିଛି, ତାହା ସଫଳ ହୋଇଛି। ଏହା ଗୋଟିଏ ଗାଁରେ ସୀମିତ ହୋଇ ରହିନାହିଁ। ଛୋଟପିଲା ଓ ଯୁବପିଢ଼ିଙ୍କ ଏ କ୍ଷେତ୍ରରେ ଆଗ୍ରହ ରହିଛି। ପରିଷଦର ଏଭଳି କାର୍ଯ୍ୟକ୍ରମ ଜାରି ରଖୁ। ଧରିତ୍ରୀ ସବୁବେଳେ ତୃଣମୂଳସ୍ତରର ପରିବେଶ ସୁରକ୍ଷା କରୁଥିବା ସଂସ୍ଥା ସହିତ ରହି ଆସିଛି ବୋଲି କହିଥିଲେ। ମୁଖ୍ୟବକ୍ତା ରଥ କହିଥିଲେ ଯେ, ପରିବେଶ ସୁରକ୍ଷା ପ୍ରତି ଗଞ୍ଜାମର ଆଗ୍ରହ ରହିଛି। ଗଞ୍ଜାମରେ ଜୈବ ବିବିଧତାର ସମସ୍ତ ସୁବିଧା ରହିଛି, କିନ୍ତୁ ଏହାର ସୁରକ୍ଷା ଜରୁରୀ। ପକ୍ଷୀମାନଙ୍କ ଉଦାହରଣ ଦେଇ ସେ କହିଲେ ଯେ, ଭାରତରେ ୧୨୫୬ ପ୍ରଜାତିର ଚଢ଼େଇ ଅଛନ୍ତି। ସେଥିମଧ୍ୟରୁ ଓଡିଶାରେ ୫୩୯ ପ୍ରଜାତିର ଅଛନ୍ତି। ଓଡ଼ିଶାକୁ ୨୩୬ ପ୍ରଜାତିର ଚଢ଼େଇ ବାହାର ଦେଶରୁ ଆସୁଛନ୍ତି। ବିଭିନ୍ନ ଜୀବଜନ୍ତୁ ଭିନ୍ନ ଭିନ୍ନ ପରିବେଶରେ ରୁହନ୍ତି। ବର୍ତ୍ତମାନ ସେମାନଙ୍କ ସ୍ଥିତିକୁ ଦେଖିଲେ ପରିବେଶ କିଭଳି ଅବକ୍ଷୟ ହୋଇଚାଲିଛି ତାହା ଜାଣିହେବ। ମଣିଷ ଏଥିପାଇଁ ଦାୟୀ। ପରିବେଶ ଅସୁରକ୍ଷିତ ରହିଲେ ସବୁ କିଛି ବିଗିଡ଼ିଯିବ ବୋଲି ସେ କହିଥିଲେ। ପରିଷଦର ସଭାପତି ସାଗର କୁମାର ପାତ୍ର କହିଥିଲେ ଯେ, ଖଟିରୁ ଆରମ୍ଭ ହୋଇଥିଲା ଘରଚଟିଆ ସଂରକ୍ଷଣ ଅଭିଯାନ। ଏହି ଚଢ଼େଇ ଆଉ ଦେଖିବାକୁ ମିଳୁ ନ ଥିବାରୁ ଏହା ଉପରେ ସମସ୍ତେ ବସି ଚିନ୍ତା କରିଥିଲୁ। ଘରଚଟିଆ ସୁରକ୍ଷା ଅଭିଯାନ ଆରମ୍ଭ କଲୁ। ଏବେ ବହୁତ ଗାଁରେ ଘରଚଟିଆ ସଂରକ୍ଷଣ ପାଇଁ କାଠ ବସା ଲାଗିଛି। ଘରଚଟିଆ ସଂରକ୍ଷଣ କାର୍ଯ୍ୟକ୍ରମରେ 'ଧରିତ୍ରୀ' ସାମିଲ ହୋଇଥିବାରୁ ଏହା ଆମ ପାଇଁ ଗୌରବ। ଆଗାମୀ ଦିନରେ ଧରିତ୍ରୀ ସମର୍ଥନରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଥିଲେ। ଶେଷରେ ପରିବେଶ ପାଇଁ କାମ କରୁଥିବା ଦୁର୍ଗାମାଧବ ପାଣିଗ୍ରାହୀ, ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା, ସାପଧରାଳି ଗଣପତି ସାହୁ, ବି.ଅରବିନ୍ଦ ଦେଶୀବେହେରା, ବନମାଳୀ ପ୍ରଧାନ, ରବୀନ୍ଦ୍ର ସାହାଣୀ, ବୀରେନ୍ଦ୍ର ଗଉଡ ପ୍ରମୁଖ ପରିବେଶବିତଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଶୀତଲ କୁମାର ସାହୁ, ବିଉଟି ନାଏକ, ଗୁଡ୍‌ଲି ଭୂୟାଁ, ଜ୍ୟୋତି ପ୍ରଧାନ, ଆଦିତ୍ୟ ବିଷୋୟୀ, ଆରିୟନ ଗୌଡ, ଶୁଭସ୍ମିତା ସାହାଣୀ, ଆଷିସ କୁମାର ଭୂୟାଁ, ଖୁସି ପ୍ରଧାନ, ସ୍ମୃତି ସଂଘମିତ୍ରା ଜେନା, ଚନ୍ଦ୍ରମା ଗୌଡ ପ୍ରମୁଖଙ୍କୁ ସମ୍ମାନିତ ଅତିଥି ପୁରସ୍କୃତ କରିଥିଲେ। ଗଞ୍ଜାମ ଜିଲା ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଞ୍ଚଳିକ ବିକାଶ ପରିଷଦର ସମ୍ପାଦକ ବିଜେନ୍ଦ୍ର ମାଝି ଧନ୍ୟବାଦ ଦେଇଥିଲେ। ପରେ ଅତିଥିମାନେ ଲାଞ୍ଜିଆ ଗ୍ରାମକୁ ଯାଇ ଘରଚଟିଆ ପାଇଁ ଲାଗିଥିବା ବସା ପରିଦର୍ଶନ କରିଥିଲେ।

# ଓଡ଼ିଶା ଚାଷୀଙ୍କ ଧାନ କିଣୁଛି ଆନ୍ଧ୍ର



ଟ୍ରାକ୍ଟରରେ ଆନ୍ଧ୍ରକୁ ଧାନ ଯାଉଛି।


Dusmant Nayak | XXS595 | COMMON-SORTEX-MTU 1061 | 125 | 50
Page 1 of 2

ଓଡିଶା ଚାଷୀଙ୍କୁ ଆନ୍ଧ୍ରରୁ ମିଳିଥିବା ଟୋକନ।

**ପାରଳାଖେମୁଣ୍ଡି,୫ା୧ (ଗିରିଧାରୀ ପରିଛା)**

## ■ ନାକା ପଏଣ୍ଟରେ ଯାଞ୍ଚ ନିର୍ଦ୍ଦେଶ ପାଣିରେ ଗାର ■ ଗଜପତିରେ ୭ରୁ ଧାନ ସଂଗ୍ରହ, ଚାଷୀଙ୍କ ଭରସା ନାହିଁ

ଓଡ଼ିଶା ସରକାର ବାହାର ରାଜ୍ୟକୁ ଧାନ ଚାଲାଣ ଓ ଅସାଧୁ ବ୍ୟବସାୟ ରୋକିବା ପାଇଁ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଇ ନାକା ପଏଣ୍ଟରେ କଡାକଡି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଗଜପତି ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏଠାରୁ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଧାନ କିଣି ନେଉଛି। ଏପରିକି, ଓଡିଶା ଚାଷୀଙ୍କ ନାଁରେ ଆନ୍ଧ୍ରରେ ଟୋକନ ପ୍ରସ୍ତୁତ ହୋଇ ଆସୁଛି। ଏହି ଟୋକନ ଦେଇ ଆନ୍ଧ୍ର ଧାନ କିଣୁଛି। ଓଡିଶା ଚାଷୀଙ୍କ ନାଁରେ ଥିବା ଟୋକନ, ଧାନ ଓଜନ ରସିଦ୍‌ରୁ ଏହାର ପ୍ରମାଣ ମିଳିଛି।

ଆନ୍ଧ୍ର ବ୍ୟବସାୟୀମାନେ ଗଜପତି ଜିଲାର ଗୋଷାଣି ଏବଂ କାଶୀନଗର ବ୍ଲକରୁ ଧାନ ଚାଲାଣ କରୁଛନ୍ତି। ପ୍ରତିଦିନ ୩୦ରୁ ୪୦ ଟ୍ରାକ୍ଟର ଧାନ କୁଇଣ୍ଟାଲ ପିଛା ୧୫ ଶହରୁ ୧୭ ଶହ ଟଙ୍କାରେ ବିନା ପ୍ରତିବନ୍ଧକରେ କିଣି ନେଉଛନ୍ତି। ଆନ୍ଧ୍ର ବ୍ୟବସାୟୀ ଧାନର ଗୁଣବତ୍ତା ନ ଦେଖି ନେଇ ଯାଉଥିବାରୁ ଲାଭକ୍ଷତିକୁ ଚିନ୍ତା ନ କରି ବିକିଦେଉଛୁ ବୋଲି କେତେଜଣ ଭାଗଚାଷୀ କହିଛନ୍ତି। ଅନ୍ୟପକ୍ଷରେ ଆଉ କେତେଜଣ ଚାଷୀ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଉପରେ ଭରସା କରିପାରୁ ନ ଥିବା କହିଛନ୍ତି। କାରଣ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମେ ଡିସେମ୍ବର ୩୦ରେ ଧାନ ସଂଗ୍ରହ କରାଯିବ ବୋଲି କୁହାଯାଇଥିଲା। ପରେ ଏହାକୁ ଜାନୁଆରୀ ୭ ତାରିଖକୁ ଘୁଞ୍ଚାଯାଇଛି। ସେ ସମୟରେ ମଧ୍ୟ ପ୍ରଶାସନ ଧାନ ନେବ କି ନାହିଁ ତାହାର କିଛି ଗ୍ୟାରେଣ୍ଟି ନାହିଁ ବୋଲି କହିଛନ୍ତି। ଗୋଟିଏ ପଟେ ଅଦିନିଆ ବର୍ଷାରେ ଧାନ ନଷ୍ଟ ହୋଇଥିବା ବେଳେ ଅନ୍ୟପଟେ ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। ଗଜପତିରେ ବହୁତ ତେଲୁଗୁ ସମ୍ପ୍ରଦାୟର ଚାଷୀ ଅଛନ୍ତି। ଆଗକୁ ସେମାନଙ୍କ ମୁଖ୍ୟ ପର୍ବ ପୋଙ୍ଗଲ ରହିଥିବାରୁ ଟଙ୍କାର ବହୁତ ଆବଶ୍ୟକତା ରହିଛି। ତେଣୁ ଚାଷୀ ନିରୁପାୟ ହୋଇ ଆନ୍ଧ୍ର ବ୍ୟବସାୟୀଙ୍କୁ ଶାଗ ମାଛ ଦରରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ବୋଲି ଚାଷୀ ନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ବାବୁଲା ପାତ୍ର, ଲକ୍ଷ୍ମୀ ନାରାୟଣ ପ୍ରମୁଖ କହିଛନ୍ତି।

ତେବେ ଏ ନେଇ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଜିଲାର ୭ଟି ବ୍ଲକ ମଧ୍ୟରୁ ୪ଟି ଯଥା ଗୁମ୍ମା, ଗୋଷାଣି, କାଶୀନଗର ଓ ରାୟଗଡ ବ୍ଲକରେ ମୋଟ ୪୫ଟି ମଣ୍ଡି ଖୋଲାଯିବ। ମୋଟ ୫,୮୫,୦୦୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଚଳିତବର୍ଷ ଓଡିଶାରେ ଧାନର କୁଇଣ୍ଟାଲ ପିଛା ଦର ଆନ୍ଧ୍ରଠାରୁ ଅଧିକା ରହିଥିବା ବେଳେ ଚାଷୀ କମ୍ ଦରରେ ବିକିବା ଦୁର୍ଭାଗ୍ୟଜନକ। ଚାଷୀ ତାର ଇଚ୍ଛାରେ ଯାହାକୁ ଧାନ ବିକ୍ରି କରିପାରିବ। ଜିଲା ପ୍ରଶାସନ ଏହାକୁ ରୋକିପାରିବ ନାହିଁ। ସେ ଆହୁରି କହିଛନ୍ତି ଯେ, ଯେଉଁ ଚାଷୀମାନଙ୍କ ପାଖରେ ଟାର୍ଗେଟଠାରୁ ଅଧିକା ଧାନ ରହିଛି, ସେମାନେ କମ୍ ଦାମରେ ଆନ୍ଧ୍ରକୁ ବିକ୍ରି କରୁଥିବେ। ଯୋଗାଣ ଅଧିକାରୀଙ୍କ ଏଭଳି ମନ୍ତବ୍ୟରୁ ଜିଲାରେ ଚୋରା ବ୍ୟବସାୟୀଙ୍କୁ ଅଙ୍କୁଶ ଲଗାଇବା ପରିବର୍ତ୍ତେ ପ୍ରଶ୍ରୟ ଦେଲାଭଳି ମନେ ହେଉଛି।



ସଂସାରରେ କର୍ମର ଗତି ବଡ ଗହନ। ଶ୍ରୀରାମ ଯେତେବେଳେ ବାଳିକୁ ହତ୍ୟାକଲେ ଏବଂ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ତାଙ୍କ ଜାତିକୁ ମୁକ୍ତ କରିବା ଲାଗି ମାମୁ କଂସକୁ ବଧ କଲେ- କିଏ କହିବ- ସେମାନଙ୍କର ଏଇ କର୍ମ ପାପ ନା ପୁଣ୍ୟ ? କିନ୍ତୁ ତେବେ ବି, ଆମେ ଅନୁଭବ କରୁ ଯେ, ଭାଗବତ ଭାବରେ ଉଦ୍‌ବୁଦ୍ଧ ହୋଇ ସେମାନେ ଏ କାର୍ଯ୍ୟ କରିଥିଲେ। -ଶ୍ରୀଅରବିନ୍ଦ

# କେବଳ ପୁରୁଷ ନୁହେଁ

ଗୋଟେ ଧାରଣା ରହିଆସିଛି ଯେ, ପୁରୁଷମାନେ ଆକ୍ରମଣକାରୀ ଓ କଠୋର ହୋଇଥିବା ବେଳେ ମହିଳାମାନେ ସର୍ବଦା ପୀଡ଼ିତା। ଯେତେବେଳେ କୌଣସି ମହିଳାଙ୍କୁ ନେଇ ଘରୋଇ ହିଂସା ଦେଖାଦେଇଥାଏ ସେତେବେଳେ କନ୍ୟା ପକ୍ଷ ବରପକ୍ଷ ଉପରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥାଆନ୍ତି। ଭାରତରେ ଯେହେତୁ ଯୌତୁକ ଆଇନ ୧୯୬୧ ମହିଳାଙ୍କ ସୁରକ୍ଷା ପାଇଁ ବ୍ୟାପକ ଭାବେ ବ୍ୟବହାର ହୋଇଥାଏ, ସେହେତୁ ପୀଡ଼ିତାମାନେ ଏହି ଆଧାରରେ ପୁରୁଷଙ୍କ ପରିବାରକୁ ଅନେକ ସମୟରେ ହଇରାଣ ହରକତରେ ପକାଇଥାଆନ୍ତି। ଅତୀତରେ ଏମିତି ବହୁ ଘଟଣା ଦେଖାଦେଇଛି ଯେଉଁଥିରେ ମହିଳାଙ୍କ ଦୋଷ ଥିଲେ ମଧ୍ୟ ନିର୍ଦ୍ଦୋଷ ସ୍ୱାମୀ, ତାଙ୍କ ମାତାପିତା କିମ୍ବା ସମ୍ପର୍କୀୟମାନେ ସହଜରେ ଜେଲ ଯାଇଥାଆନ୍ତି। ଏଭଳି ସ୍ଥଳେ ମହିଳା କମିଶନ ମଧ୍ୟ ନାରୀଙ୍କୁ ସୁରକ୍ଷା ଦେବା ନାମରେ ଅନେକ ପଦକ୍ଷେପ ନେଇଥାଆନ୍ତି। ଫଳରେ ନିରପରାଧ ପୁରୁଷମାନେ ଅନେକାଂଶରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥାଆନ୍ତି। ଗତ ମାସ ୯ ତାରିଖରେ ବେଙ୍ଗାଲୁରୁରେ ସ୍ତ୍ରୀ ଓ ଶ୍ୱଶୁର ଘରର ଲୋକଙ୍କ ନିର୍ଯାତନା ସହି ନ ପାରି ୩୪ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା କରିବା ଘଟଣା ଦେଶର ବିବେକକୁ ଦୋହଲାଇ ଦେଇଛି। ଜଣଙ୍କୁ କେତେ ମାତ୍ରାରେ ବାଧିଲେ ସେ ଆତ୍ମହତ୍ୟା କରିବାକୁ ବାଧ ହୋଇଥାଆନ୍ତି ସୁଭାଷ ସୁଇସାଇଡ୍ ନୋଟରେ ଦର୍ଶାଇଥିବା ବିଷୟ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ତାହା ସାର୍ବଜନୀନ ହୋଇଛି। କେବଳ ସୁଭାଷ ନୁହନ୍ତି, ମାସକ ମଧ୍ୟରେ ଗୁଜରାଟର ବୋଟାଡର ସୁରେଶ ସଥାଦିୟାଙ୍କ ଡିସେମ୍ବର ୩୦ ଓ ଡିସେମ୍ବର ୩୧ରେ ଦିଲ୍ଲୀର ଉଡ୍‌ବକ୍ସ କାଫେର ସହପ୍ରତିଷ୍ଠାତା ପୁନିତ ଖୁରାନାଙ୍କ ଆତ୍ମହତ୍ୟା ପୁରୁଷ ନିର୍ଯାତନାର ସମାନ କାହାଣୀ ବଖାଣିଛି।

ସୁଭାଷଙ୍କ ବିଷୟରେ ଗତମାସ ଯେତେବେଳେ ଖବର ପ୍ରସାରଣ ହୋଇଥିଲା ସେତେବେଳେ ତାଙ୍କ ଆତ୍ମହତ୍ୟା ସମଗ୍ର ଦେଶରେ ଏକ ଆବେଗିକ ସ୍ରୋତ ବୁହାଇ ଦେଇଥିଲା। ଚାରିଆଡ଼େ ଆଲୋଚନା ହେଲା ସୁଭାଷଙ୍କ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକଙ୍କୁ ଉପଯୁକ୍ତ ଶାସ୍ତି ମିଳିବା ଦରକାର। ଅନୁରୂପ ଭାବେ ସୁରେଶ ଓ ପୁନିତଙ୍କ କଥାରେ ମଧ୍ୟ ସମାନ ପ୍ରକାରର ସମ୍ବେଦନଶୀଳତା ପ୍ରକାଶ ପାଉଛି। ସୁଭାଷଙ୍କ ଭଳି ସଫ୍ଟୱେର ଇଞ୍ଜିନିୟର ହୁଅନ୍ତୁ ବା କାଫେର ମାଲିକ ପୁନିତଙ୍କ ପାଖରେ ଅର୍ଥ ଥିଲେ ମଧ୍ୟ ସେମାନେ ଘରୋଇ ହିଂସାର ଶିକାର ହୋଇଛନ୍ତି। ସୁଭାଷ ତାଙ୍କ ଆତ୍ମହତ୍ୟା ନୋଟ୍‌ରେ ନ୍ୟାୟପାଳିକା ଉପରେ ବିଶ୍ୱାସ ହରାଇଥିବା ଦର୍ଶାଇଥିଲେ। କୁହାଯାଇପାରେ ଯେ ସୁଭାଷ, ସୁରେଶ କିମ୍ବା ପୁନିତଙ୍କ ବାସ୍ତବ କାହାଣୀ କ'ଣ ଓ କେଉଁମାନେ ପ୍ରକୃତରେ ଦୋଷୀ ସେହି ବିଷୟରେ ଆମେ ଏଠି ବସି ମନ୍ତବ୍ୟ ଦେବା ଠିକ୍ ନୁହେଁ। ହେଲେ ଏହା ଦେଖାଯାଇ ଆସିଛି ଯେ ଅନେକ ଶହ ବର୍ଷ ଧରି ମହିଳାମାନେ ପୁରୁଷଙ୍କ ଦ୍ୱାରା ନିର୍ଯାତିତ ହୋଇ ଆସିଛନ୍ତି। ପୁରୁଷଙ୍କ ସହ ସମକକ୍ଷ କରିବା ଲାଗି ସାମାଜିକ ବ୍ୟବସ୍ଥା ହେଉ ବା ନ୍ୟାୟପାଳିକା ନାରୀମାନଙ୍କ ପ୍ରତି ସକାରାତ୍ମକ ପକ୍ଷପାତ କରିବା ସାଧାରଣରେ ଦେଖାଯାଇଥାଏ। କିନ୍ତୁ ସେହି ସମାନ ନିଃଶ୍ୱାସରେ କୁହାଯିବା ଦରକାର ଯେ ସୁଭାଷଙ୍କ ଭଳି ପୁରୁଷମାନେ ଯଦି ସ୍ତ୍ରୀ କିମ୍ବା ତାଙ୍କ ପରିବାର ଦ୍ୱାରା ଯୌତୁକ ନିର୍ଯାତନା ଆଇନ ଆଳରେ ମାନସିକ ସନ୍ତାପରେ ଦୀର୍ଘଦିନ ସନ୍ତୁଳି ହେଉଥିବେ, ସେମାନଙ୍କ ବିଷୟରେ ଆଇନ ବ୍ୟବସ୍ଥା ସଜାଗ ରହିବା ଦରକାର। ଏଭଳି ସ୍ଥଳେ ନିର୍ଯାତିତ ପୁରୁଷମାନଙ୍କୁ ପ୍ରଥମେ ମନସ୍ତାତ୍ତ୍ୱିକ ସମର୍ଥନ ଦିଆଯାଇ ସେମାନଙ୍କୁ ମାନସିକ ସ୍ତରରେ ସୁସ୍ଥ ରଖାଯିବା ଆବଶ୍ୟକ। ପୁରୁଷଙ୍କ ବିରୋଧରେ ହେଉଥିବା ମିଥ୍ୟା ମାମଲାଗୁଡ଼ିକୁ ଠିକ୍ ଭାବେ ତର୍ଜମା କରାଯିବାର ସମୟ ଆସିଲାଣି। ଗୋଟେ ବ୍ୟବସ୍ଥା ଏଭଳି ବିକଶିତ ହେବା ଦରକାର ଯେଉଁଥିରେ, ସିଏ ମହିଳା ହୁଅନ୍ତୁ ବା ପୁରୁଷ କେହି ଅନୁଭବ କରିବା ଉଚିତ ନୁହେଁ ଯେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ସ୍ୱରକୁ ଚପାଇ ଦିଆଯାଉଛି। ଏ ଦିଗରେ ସଂସ୍କାର ନିତାନ୍ତ ଜରୁରୀ। ତାହା ହେଲେ ଜଣେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବା ପୂର୍ବରୁ ବହୁତ ଦିଗକୁ ଭାବିବେ। ନ୍ୟାୟ ସର୍ବଦା ସ୍ୱଚ୍ଛ, ପକ୍ଷପାତିତାବିହୀନ ଓ ଶୀଘ୍ର ମିଳିପାରିଲେ ଅଘଟଣକୁ ରୋକିବା ଅନେକାଂଶରେ ସମ୍ଭବ ହୋଇପାରନ୍ତା।

> ପୁରୁଷଙ୍କ ବିରୋଧରେ ହେଉଥିବା ମିଥ୍ୟା ମାମଲାଗୁଡ଼ିକୁ ଠିକ୍ ଭାବେ ତର୍ଜମା କରାଯିବାର ସମୟ ଆସିଲାଣି। ଗୋଟେ ବ୍ୟବସ୍ଥା ଏଭଳି ବିକଶିତ ହେବା ଦରକାର ଯେଉଁଥିରେ, ସିଏ ମହିଳା ହୁଅନ୍ତୁ ବା ପୁରୁଷ କେହି ଅନୁଭବ କରିବା ଉଚିତ ନୁହେଁ ଯେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ସ୍ୱରକୁ ଚପାଇ ଦିଆଯାଉଛି। ଏ ଦିଗରେ ସଂସ୍କାର ନିତାନ୍ତ ଜରୁରୀ। ତାହା ହେଲେ ଜଣେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବା ପୂର୍ବରୁ ବହୁତ ଦିଗକୁ ଭାବିବେ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | | 2 | | |
| 8 | | | 2 | 5 | | | | |
| | | | | 7 | | 4 | | |
| 5 | 4 | | | | | | | |
| | | | | | 9 | | 3 | 2 |
| | | 2 | 5 | | | | | |
| | 9 | | | | | | 8 | 1 |
| | 3 | | | 9 | | | | 6 |
| | | 5 | 1 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 6 | 1 | 9 | 5 | 2 | 7 | 3 |
| 1 | 7 | 5 | 2 | 8 | 3 | 4 | 6 | 9 |
| 2 | 3 | 9 | 6 | 7 | 4 | 5 | 1 | 8 |
| 9 | 8 | 7 | 4 | 3 | 2 | 6 | 5 | 1 |
| 5 | 6 | 4 | 8 | 1 | 9 | 7 | 3 | 2 |
| 3 | 1 | 2 | 5 | 6 | 7 | 9 | 8 | 4 |
| 4 | 2 | 8 | 3 | 5 | 6 | 1 | 9 | 7 |
| 6 | 9 | 3 | 7 | 2 | 1 | 8 | 4 | 5 |
| 7 | 5 | 1 | 9 | 4 | 8 | 3 | 2 | 6 |

ଗତକାଲିର ଉତ୍ତର



ନଟବର ଖୁଣ୍ଟିଆ

# କୃଷକ ରେଜିଷ୍ଟ୍ରି: ବିତର୍କ ହେଉ

ଡିସେମ୍ବର ୨୮ ତାରିଖ ୨୦୨୪ରେ ଓଡ଼ିଶାର ପ୍ରମୁଖ ଖବରକାଗଜମାନଙ୍କରେ ବିଜ୍ଞାପନ ପ୍ରକାଶ ପାଇଛି ଯେ ଜାନୁଆରୀ ୧ତାରିଖରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କୃଷକ ରେଜିଷ୍ଟ୍ରି କାର୍ଯ୍ୟ ଆରମ୍ଭ ହେବ। ସେଥିପାଇଁ ପଞ୍ଚାୟତସ୍ତରୀୟ କ୍ୟାମ୍ପକୁ କୃଷକମାନେ ଆଧାର କାର୍ଡ, ଭୂଲେଖ ପଟ୍ଟା, ଆଧାର ସଂଯୁକ୍ତ ମୋବାଇଲ, ଭୂଲେଖରେ ଥିବା ମୃତ ଜମିଧାରୀଙ୍କ ମୃତ୍ୟୁ ପ୍ରମାଣପତ୍ର ଓ ଉତ୍ତରାଧିକାରୀ ପ୍ରମାଣପତ୍ର ଧରି ଆସିବେ, ରେକର୍ଡ ସଂଶୋଧନ ପରେ କୃଷକ ପୋର୍ଟାଲରେ କୃଷକର ନାମ ପଞ୍ଜୀକୃତ ହେବ। ଏହି ଅଳ୍ପଦିନ ପୂର୍ବରୁ ଖବର ପ୍ରକାଶ ପାଇଥିଲା ରାଜ୍ୟ ସରକାର କୃଷକ ଗଣନା କରି କୃଷକ ଚିହ୍ନଟ କରିବେ, ଯାହାଫଳରେ ସରକାର କୃଷକମାନଙ୍କୁ ଦେଉଥିବା ବିଭିନ୍ନ ସାହାଯ୍ୟ ସୁଯୋଗ ପ୍ରକୃତ କୃଷକମାନେ ପାଇବେ, ସାହାଯ୍ୟ ବାଟମାରଣା ହେବ ନାହିଁ। ଅଣ କୃଷକମାନେ ପାଇବେ ନାହିଁ। ଏଇଠି ପ୍ରଶ୍ନ ଉଠୁଛି କୃଷକ କହିଲେ କିଏ ? କ'ଣ ଯାହା ନାମରେ ଜମି ଅଛି, ସେ କ'ଣ କେବଳ କୃଷକ ? ସେ ଯଦି ଚାଷ ନିଜେ ନ କରି ଅନ୍ୟ ବ୍ୟବସାୟ ଅବା ବୃତ୍ତି କରି ରୋଜଗାର କରୁଥିବ ଏଣେ ନିଜ ଜମିକୁ ଭାଗ ଦେଇଥିବ ତାହା ହେଲେ ବି ସେ କୃଷକ ହୋଇ ସମସ୍ତ ସାହାଯ୍ୟ ପାଇବ ଆଉ ପ୍ରକୃତରେ ଯେଉଁ ଲୋକ ଭାଗଚାଷ କରୁଛି ସେ କୃଷକ ପଦବାଚ୍ୟ ହେବ ନାହିଁ ନା କୋଣସି ସାହାଯ୍ୟ ପାଇବ ନାହିଁ?

ସରକାରଙ୍କ ବିଜ୍ଞାପନରୁ ଏହା ସ୍ପଷ୍ଟ ଯେ କେବଳ ଯାହା ନାମରେ ଜମି ଅଛି ସେ କୃଷକ ରୂପେ ନାମ ରେଜିଷ୍ଟ୍ରି କରିପାରିବ ଭାଗଚାଷୀଙ୍କ କଥା କିଛି ଉଲ୍ଲେଖ ନାହିଁ। ପ୍ରକୃତ କ୍ଷେତ୍ରରେ ଯଦି ଦେଖାଯାଏ ଅନେକ ଜମିଥିବା ଲୋକେ ବିଭିନ୍ନ ବୃତ୍ତିରେ ନିଯୁକ୍ତି ହୋଇଛନ୍ତି ଅବା ବାଣିଜ୍ୟ ବ୍ୟବସାୟ କରି ଅଧିକ ଆୟ କରୁଥିବାରୁ ଚାଷ ନିଜେ ନ କରି ଅନ୍ୟକୁ ମୌଖିକ ଭାବରେ ଭାଗ ଦେଇଛନ୍ତି। ଆମ ରାଜ୍ୟର ଭୂସଂସ୍କାର ଆଇନ ଅନୁସାରେ ଜମି କେବଳ ସୈନ୍ୟବାହିନୀରେ କାମ କରୁଥିବା ଲୋକ, ଅକର୍ମଣ୍ୟ ବୃଦ୍ଧାବୃଦ୍ଧା, ମଠ, ଠାକୁରବାଡି ଆଦି ଟ୍ରଷ୍ଟ ଆଇନ ଅନୁଯାୟୀ ଜମି ଭାଗରେ ଦେଇପାରିବେ। ଅନ୍ୟମାନେ ଜମି ଭାଗ ଦେଇପାରିବେ ନାହିଁ କି ନେଇ ପାରିବେ ନାହିଁ। କିନ୍ତୁ ମୌଖିକ ଭାବେ ଏବେ ଅନ୍ୟୁନ ୪୦ ଭାଗ ଜମି ଭାଗରେ ଚାଷ ହେଉଛି। ଭାଗଚାଷୀ ନାମରେ କୌଣସି ଜମି ରେକର୍ଡ ନ ଥିବାରୁ ସେ ଋଣ ପାଇ ପାରୁନାହିଁ, ଫସଲବୀମା କରିପାରୁ ନାହିଁ, ବନ୍ୟା, ବାତ୍ୟା, ବର୍ଷା ଆଦି ପ୍ରାକୃତିକ ବିପର୍ଯ୍ୟୟରେ ଫସଲ ନଷ୍ଟ ହେଲେ ସରକାରୀ ସାହାଯ୍ୟ ପାଉନାହିଁ, ମଣ୍ଡିରେ ଫସଲ ବିକ୍ରି କରିବାକୁ ଟୋକନ ପାଉନି। ଏହି ସମସ୍ୟା ବର୍ଷ ବର୍ଷ ଧରି ଆଲୋଚନା ହେଉଛି। ବିଜେଡି ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ବି ଭାଗଚାଷୀ ଆଇନ ଆଣିଲେ ନାହିଁ।

ଏବେ ରାଜ୍ୟରେ ଗତ ଛ'ମାସ ତଳେ ଶାସନ ଭାର ନେଇଥିବା ଭାଜପା ସରକାର ଦେଇଥିବା କୃଷକ ରେଜିଷ୍ଟ୍ରି ବିଜ୍ଞାପନରୁ ସ୍ପଷ୍ଟ ଯେ ଯେଉଁମାନଙ୍କ ନାମରେ ଜମି ଅଛି ଯଦି ସେ ଚାଷ ନିଜେ ନ କରି ଭାଗ ଦେଉଛି ସେ କୃଷକ ଭାବେ ଗଣା ହେବ ଅଥଚ ଭାଗଚାଷୀ କୃଷକ ଭାବେ ଗଣା ହେବନାହିଁ। ଯେଉଁମାନେ ଭାଗଚାଷ କରୁଛନ୍ତି ମୁଖ୍ୟତଃ ସେମାନେ ଭୂମିହୀନ ଗରିବ ଲୋକ। ସେମାନଙ୍କ ଘରୁ କେହି ସରକାରୀ କିମ୍ବା ବେସରକାରୀ ଚାକିରି କରି ନ ଥାନ୍ତି। ଅଧିକାଂଶ କ୍ଷେତ୍ରରେ ସେମାନଙ୍କର ମହିଳାମାନେ ବି କ୍ଷେତରେ କାମ କରନ୍ତି। ସେମାନେ ରୋଜଗାରର ଅନ୍ୟ ପନ୍ଥା ନ ପାଇ ଭାଗଚାଷ କରନ୍ତି। ସେମାନଙ୍କ ନାମରେ ଜମି ପଟ୍ଟା ନ ଥିବାରୁ ଏବଂ ଭାଗଚାଷ ଅଧିକାର ପତ୍ର ନ ଥିବାରୁ ବ୍ୟାଙ୍କ ଋଣ ପାଇପାରନ୍ତି ନାହିଁ। ଆଜିକାଲି ଉତ୍ପାଦନ ବୃଦ୍ଧି କରିବାକୁ ହେଲେ ଆଧୁନିକ ପ୍ରଣାଳୀରେ ଚାଷ କରିବାକୁ ହେବ। ସେଥିପାଇଁ ଅଧିକ ପୁଞ୍ଜି ଆବଶ୍ୟକ। ଗରିବ ଭାଗଚାଷୀ ପାଖରେ ପୁଞ୍ଜି ନ ଥିବାରୁ ଏବଂ ବ୍ୟାଙ୍କ ଋଣ ଦେଉ ନ ଥିବାରୁ ବାଧ୍ୟ ହୋଇ ଗାଁ ମହାଜନ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ମାଇକ୍ରୋ ଫାଇନାନ୍ସ, ସାର ବ୍ୟବସାୟୀ, କୃଷିଜାତ ଦ୍ରବ୍ୟ କାରବାର କରୁଥିବା ବ୍ୟବସାୟୀଙ୍କଠାରୁ ବହୁତ ଅଧିକ ସୁଧରେ ଋଣ ଆଣନ୍ତି। ଯାହା ଉତ୍ପାଦନ ହୁଏ ସେଥିରୁ ଜମିମାଲିକକୁ ଭାଗ ଦେବା ପରେ ଯାହା ରହେ ଲାଭ ମିଳେ ନାମକୁମାତ୍ର। ତେଣୁ ସେ ଆବଶ୍ୟକ ପୁଞ୍ଜି ନିବେଶ ନ କରି କମ୍ ନିବେଶ କରେ, ଯାହାଫଳରେ ଉତ୍ପାଦନ କମ୍ ହୁଏ। ଏହା ରାଜ୍ୟର କ୍ଷତି। ମୋଟ ଚାଷୀମାନଙ୍କ ମଧ୍ୟରୁ ପ୍ରାୟ ୪୦ ଭାଗ ଚାଷୀ ସେମାନଙ୍କର ଚାଷରୁ ଆୟ ନାମକୁ ମାତ୍ର ହୋଇଥିବାରୁ ଓଡ଼ିଶାରେ ଗୋଟିଏ ଚାଷୀ ପରିବାରର ହାରାହାରି ମାସିକ ଆୟ ମାତ୍ର ୫,୧୧୨ ଟଙ୍କା। ଏହା ଝାଡ଼ଖଣ୍ଡ ପରେ ଦେଶରେ ସର୍ବନିମ୍ନ।



ଉପରୋକ୍ତ ପରିପ୍ରେକ୍ଷୀରେ ଭାଗଚାଷକୁ ଆଇନ ସମ୍ମତ କରିବା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ନିତି ଆୟୋଗର ଡ. ତାଜମୁଲ ହକଙ୍କ ଅଧ୍ୟକ୍ଷତାରେ ଏକ ଆଦର୍ଶ ଭାଗଚାଷ ଆଇନ ପ୍ରସ୍ତୁତ କରିବାକୁ କମିଟି ଗଠନ ହୋଇଥିଲା। ହକ୍ କମିଟି ତାଙ୍କ ରିପୋର୍ଟ ୨୦୧୬ ମାର୍ଚ୍ଚରେ ଉପସ୍ଥାପନ କରିଥିଲେ। ଡ.ହକ ଏକ ମଡେଲ ଲ୍ୟାଣ୍ଡ ଲିଜିଂ ଆକ୍ଟ ପ୍ରସ୍ତୁତ କରିଥିଲେ। ସେହି ମଡେଲ ଆକ୍ଟକୁ ଧରି ସେ ଓଡ଼ିଶା ଆସି ରାଜ୍ୟ ସରକାର , ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅର୍ଥନୀତିଜ୍ଞ, ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ, କୃଷି ବିଶେଷଜ୍ଞଙ୍କ ସହ ଆଲୋଚନା କରିଥିଲେ। ଯାଣ୍ଡେସା ନାମକ ଭୂମି ସମ୍ବନ୍ଧୀୟ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଆନୁକୂଲ୍ୟରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଡ. ହକ ଯୋଗଦେଇ ନମୁନା ଭାଗ ଚାଷ ଆଇନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ସ୍ତମ୍ଭକାର ସେହି ଆଲୋଚନାରେ ଯୋଗ ଦେଇ ନମୁନା ଆଇନରେ କେତେକ ସଂଶୋଧନ ପ୍ରସ୍ତାବ ଦେଇଥିଲା। ମୋର ଏକ ପ୍ରସ୍ତାବ ଥିଲା ଭାଗଚାଷୀ ଜମି ମାଲିକକୁ ଉତ୍ପାଦ ଆକାରରେ ନ ଦେଇ ଟଙ୍କା ଆକାରରେ ଦେବ। ମନେପଡୁଛି ୨୦୧୬ରେ ତତ୍‌କାଳୀନ ରାଜସ୍ୱ ମନ୍ତ୍ରୀ ଘୋଷଣା କରିଥିଲେ ଯେ ଭାଗଚାଷ ଆଇନ ବିଧାନସଭାରେ ଉପସ୍ଥାପନ ହେବ। କିନ୍ତୁ ତାହା ହେଲା ନାହିଁ। ଲୋକେ କହିଲେ ଯେହେତୁ ଅମଲାମାନେ ମୁଖ୍ୟତଃ ଜମି ମାଲିକ, ସେମାନେ ଚାଷ ନ କରି ମୌଖିକ ଭାବରେ ଭାଗ ଦେଉଛନ୍ତି, ସେମାନେ ଭୟ କରୁଛନ୍ତି ଲିଖିତ ଭାବରେ ଭାଗ ଦେଲେ କେତେବେଳେ କାଳେ ଜମିର ମାଲିକାନା ଭାଗଚାଷୀକୁ ଚାଲିଯିବ। କିନ୍ତୁ ନମୁନା ଆଇନରେ ସ୍ପଷ୍ଟ ଉଲ୍ଲେଖ ଥିଲା କୌଣସିମତେ ଜମିର ମାଲିକାନା ଭାଗଚାଷୀ ହାତକୁ ଦିଆଯିବ ନାହିଁ। ଏ ସମ୍ବନ୍ଧୀୟ ବିବାଦ ସିଭିଲ କୋର୍ଟକୁ ନ ଯାଇ ଲ୍ୟାଣ୍ଡ ଟ୍ରିବ୍ୟୁନାଲ ମାଧ୍ୟମରେ ସମାଧାନ ହେବ। କିନ୍ତୁ ବୋଧହୁଏ ବରିଷ୍ଠ ଅମଲାଙ୍କ ପରୋକ୍ଷ ଚାପରେ ଭାଗଚାଷ ବିଲ୍ ବିଧାନସଭାରେ ଉପସ୍ଥାପନ ହୋଇ ପାରିଲା ନାହିଁ।

ଭାଗଚାଷୀମାନେ ଆଶା କରୁଥିଲେ ନୂତନ ଭାଜପା ସରକାର ଭାଗଚାଷ ଆଇନ ଆଣିବେ। ଭାଗଚାଷୀଙ୍କ ଭାଗ୍ୟ ଖୋଲିବ। ଭାଗଚାଷୀମାନେ ନାମକୁମାତ୍ର ସୁଧରେ ଚାଷ ପାଇଁ ଋଣ ଆଣିପାରିବେ, ଫସଲ ବୀମା କରିପାରିବେ, ମଣ୍ଡିରେ ଏମ୍‌ଏସ୍‌ପିରେ ଫସଲ ବିକ୍ରିପାରିବେ, ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପଦରେ ଫସଲ କ୍ଷତି ହେଲେ ସରକାରୀ ସାହାଯ୍ୟ ପାଇପାରିବେ। ଭାଗଚାଷୀ ସଶକ୍ତ ହେଲେ ଉତ୍ପାଦନ ବୃଦ୍ଧି ପାଇବ। କୃଷି ଉତ୍ପାଦନ ବୃଦ୍ଧି ପାଇ ଅର୍ଥନୀତି ସମୃଦ୍ଧ ହେବ, ରାଜ୍ୟ ଅନେକ କୃଷିଜାତ ଦ୍ରବ୍ୟରେ ଆତ୍ମନିର୍ଭର ହୋଇପାରିବ। ଚାଷୀ ପରିବାରଙ୍କ ମାସିକ ହାରାହାରି ଆୟ ବୃଦ୍ଧି ପାଇବ। କିନ୍ତୁ ରାଜ୍ୟ ସରକାରଙ୍କ କୃଷକ ରେଜିଷ୍ଟ୍ରି ବିଜ୍ଞାପନକୁ ଦେଖିଲେ ନିରାଶ ହେବାକୁ ପଡେ। ଭାଗଚାଷୀ ଆଇନ ନ ଆଣିବା କେବଳ ଭୂମିହୀନ ଭାଗଚାଷୀଙ୍କ ପ୍ରତି ଅନ୍ୟାୟ ନୁହେଁ ସାରା ରାଜ୍ୟର କୃଷି ବିକାଶ ପ୍ରତି ଅବହେଳା। ସରକାର କୃଷକ ଚିହ୍ନଟ ପ୍ରକ୍ରିୟାରେ ଭାଗଚାଷୀଙ୍କ କଥା ଉଲ୍ଲେଖ ନ କରି ଭାଗଚାଷ ଆଇନ ବିଷୟରେ କିଛି ନ କହିବା ଉପରେ ରାଜ୍ୟରେ ବିତର୍କ ହେଉ।

**ସୂର୍ଯ୍ୟନଗର, ଭୁବନେଶ୍ୱର**
**ମୋ: ୯୯୩୭୯୫୧୨୬୨**



ଇପ୍ସିତା ମହାନ୍ତି

# ଡିଜିଟାଲ ଯୁଗରେ ଭାରତୀୟ ସଂସ୍କୃତି

ସାମାଜିକ ଗଣମାଧ୍ୟମ ସୂଚନା ପ୍ରସାରଣକୁ ସହଜ କରିଦେଇଛି ସତ, କିନ୍ତୁ ଏହା ଭୁଲ୍ ତଥ୍ୟକୁ ଅଧିକ ମାତ୍ରାରେ ବିସ୍ତାର କରୁଛି। ଭାରତୀୟ ସଂସ୍କୃତିର ସଂରକ୍ଷଣ ତଥା ସୁରକ୍ଷା ପାଇଁ ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚରେ ଠିକ୍ ତଥା ନିର୍ଭରଯୋଗ୍ୟ ସୂଚନା ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭୁଲ୍ ତଥ୍ୟ ବିସ୍ତାରର ପରିଣାମ, ଭାରତର ସାଂସ୍କୃତିକ ମହତ୍ତ୍ୱ ଏବଂ ମିଥ୍ୟା ଖବରର ପ୍ରସାରଣକୁ ବୁଝିବା ପାଇଁ ତଥ୍ୟ ଯାଞ୍ଚର ଆବଶ୍ୟକତା ରହିଛି। ସାମାଜିକ ଗଣମାଧ୍ୟମ ବୈଶ୍ୱିକ ସଂଯୋଗ ସହିତ ବିବିଧ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟର ସମ୍ପର୍କକୁ ସକ୍ଷମ କରି ସମାଜକୁ ମହତ୍ତ୍ୱପୂର୍ଣ୍ଣ ରୂପରେ ପ୍ରଭାବିତ କରୁଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟର ଅଖଣ୍ଡତା ରକ୍ଷା ତଥା ସଂରକ୍ଷଣ ପାଇଁ ମିଥ୍ୟା ସୂଚନା ଓ ଭୁଲ୍ ବୁଝାମଣାକୁ ରୋକିବା ପାଇଁ ତଥ୍ୟ ଅନୁସନ୍ଧାନ ଅନିବାର୍ଯ୍ୟ।

ଡିଜିଟାଲ ଯୁଗରେ ତଥ୍ୟଗୁଡ଼ିକର ଅନୁସନ୍ଧାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ମିଥ୍ୟା ଏବଂ ବିଭ୍ରାନ୍ତିକର ସୂଚନା ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚରେ କ୍ଷିପ୍ର ଗତିରେ ବ୍ୟାପିଚାଲେ। ଏହା ବିଶେଷତଃ ଭାରତୀୟ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟ ପାଇଁ ଏକ ଚିନ୍ତାଜନକ ବିଷୟ। କାରଣ ଅନ୍‌ଲାଇନରେ ଅନେକ ଭୁଲ୍ ତଥା ମିଥ୍ୟା ତଥ୍ୟ ମହଜୁଦ ଅଛି। ସତ୍ୟ ଅନୁସନ୍ଧାନ ସୂଚନାର ସଠିକତା ଏବଂ ସତ୍ୟତାକୁ ସୁନିଶ୍ଚିତ କରିଥାଏ। ବ୍ୟକ୍ତିବିଶେଷଙ୍କୁ ତଥ୍ୟ ଆଧାରିତ ନିଷ୍ପତ୍ତି ଏବଂ ବିଚାର କରିବାକୁ ଅନୁମତି ଦେଇଥାଏ। ଏହା ଭାରତୀୟ ସଂସ୍କୃତିର ଅଖଣ୍ଡତା ବଜାୟ ରଖିବାରେ ସାହାଯ୍ୟ କରେ। ମିଥ୍ୟା କାହାଣୀକୁ ଚିରସ୍ଥାୟୀ ହେବାରୁ ରୋକିଥାଏ। ସାମାଜିକ ଗଣମାଧ୍ୟମର ଦ୍ରୁତ ବିକାଶ ଭାରତୀୟ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟ ସମ୍ବନ୍ଧୀୟ ତଥ୍ୟର ଉପଲବ୍ଧତାକୁ ବୃଦ୍ଧି କରିଛି। ଏହା ତଥ୍ୟ ଅନୁସନ୍ଧାନର ଜରୁରୀ ଆବଶ୍ୟକତାକୁ ମଧ୍ୟ ପ୍ରେରିତ କରୁଛି। ତଥ୍ୟ ଅନୁସନ୍ଧାନ କାଳ୍ପନିକରୁ ସତ୍ୟକୁ ପୃଥକ୍ କରିବାରେ ସାହାଯ୍ୟ କରେ। ଜନସାଧାରଣଙ୍କ ନିକଟରେ ଠିକ୍ ତଥା ନିର୍ଭରଯୋଗ୍ୟ ଜ୍ଞାନ ପହଞ୍ଚାଇବା ସୁନିଶ୍ଚିତ କରିବା ସହିତ ଭବିଷ୍ୟତ ପିଢ଼ି ପାଇଁ ଆମ ସାଂସ୍କୃତିକ ଐତିହ୍ୟର ଅଖଣ୍ଡତା ରକ୍ଷା କରେ।

ସାମାଜିକ ଗଣମାଧ୍ୟମରେ ମିଥ୍ୟା ଏବଂ ତ୍ରୁଟିପୂର୍ଣ୍ଣ ସାଂସ୍କୃତିକ ଉପସ୍ଥାପନା ଏକ ବଡ଼ ସମସ୍ୟା। ଯାହା ରୂଢ଼ିବାଦିତା ଏବଂ ଧାରାଗୁଡ଼ିକର ବିକୃତିକୁ ବଜାୟ ରଖେ। ଏହାର ବିଭିନ୍ନ ମଞ୍ଚର ଅଭିଗମ୍ୟତା ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟର ଭୁଲ୍ ଉପସ୍ଥାପନା ପାଇଁ ଅନୁମତି ଦେଇଥାଏ। ଯାହା ଭୁଲ୍ ବୁଝାମଣାକୁ ସ୍ୱାଗତ କରେ। ଏସବୁ ଭୁଲ୍ ତଥ୍ୟ ଭାରତୀୟ ସଂସ୍କୃତି ବିଷୟରେ ରୂଢ଼ିବାଦୀ କ୍ଷତିକାରକ ଭାବନା ଏବଂ ଅଜ୍ଞତାକୁ ଚିରସ୍ଥାୟୀ କରିଥାଏ। ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ନିଜ ଉପଭୋକ୍ତାଙ୍କୁ ଭୁଲ ବାଟକୁ ଟାଣିନିଏ। ତ୍ରୁଟିପୂର୍ଣ୍ଣ ଏବଂ କ୍ଷତିକାରକ ତଥ୍ୟ ବିକୃତ ମାନସିକତାକୁ ଜନ୍ମ ଦିଏ। ଯାହା ସମାଜ ପ୍ରତି ବିପଜ୍ଜନକ। ଉପଭୋକ୍ତା ସତ୍ୟଠାରୁ ବହୁ ଦୂରରେ ରହିଯାଏ। ତେଣୁ ଠିକ୍ ଉପସ୍ଥାପନା ସୁନିଶ୍ଚିତ ପାଇଁ ତଥ୍ୟ ଅନୁସନ୍ଧାନ ବା ଯାଞ୍ଚ ଅପରିହାର୍ଯ୍ୟ।



ସାମାଜିକ ଗଣମାଧ୍ୟମରେ ଭାରତୀୟ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟ ବିଷୟରେ ଠିକ୍ ଏବଂ ନିର୍ଭରଯୋଗ୍ୟ ସୂଚନା ପାଇଁ ସତ୍ୟତା ଯାଞ୍ଚ ଗୁରୁତ୍ୱପୂର୍ଣ୍ଣ। ଏହି ମଞ୍ଚଗୁଡିକରେ ଭୁଲ୍ ତଥ୍ୟ ଉପସ୍ଥାପନ ଭାରତର ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ସହିତ ବିଶ୍ୱସନୀୟତାକୁ ମଧ୍ୟ କ୍ଷୁଣ୍ଣ କରୁଛି। ସୂଚନା ବା ତଥ୍ୟର ସତ୍ୟତା ଯାଞ୍ଚ ନକାରାତ୍ମକ ପରିଣାମକୁ ପ୍ରତିହତ କରିବାରେ ସାହାଯ୍ୟ କରେ ଏବଂ ଭାରତୀୟ ସଂସ୍କୃତିର ସମୃଦ୍ଧ ପୃଷ୍ଠଭୂମିକୁ ସୁରକ୍ଷା ଦିଏ। ସତ୍ୟ ଅନୁସନ୍ଧାନର ଅଭାବ ରୂଢ଼ିବାଦ ଏବଂ କୁସଂସ୍କାରକୁ ଦୃଢ଼ କରେ। କିଛି ସମ୍ପ୍ରଦାୟକୁ ମାର୍ଜିତ ମଧ୍ୟ କରେ। ସେମାନଙ୍କ ପରିଚୟକୁ ଅତି ସରଳୀକୃତ ବ୍ୟଙ୍ଗଚିତ୍ରରେ ସୀମିତ ରଖେ। ରୂଢ଼ିବାଦକୁ ସମାପ୍ତ କରିବା ସହିତ ବିଭିନ୍ନ ସଂସ୍କୃତିର ଠିକ୍ ଚିତ୍ରଣର ପ୍ରୋତ୍ସାହିତ ପାଇଁ ତଥ୍ୟ ଅନୁସନ୍ଧାନ ଅପରିହାର୍ଯ୍ୟ। ସାମାଜିକ ଗଣମାଧ୍ୟମର ମଞ୍ଚରେ ଭୁଲ୍ ତଥ୍ୟ ଭାରତୀୟ ଐତିହ୍ୟକୁ ବିକୃତ କରିଥାଏ। ରୂଢ଼ିବାଦିତା ଏବଂ ତ୍ରୁଟିପୂର୍ଣ୍ଣ ଧାରଣାକୁ ଚିରସ୍ଥାୟୀ କରେ। ସତ୍ୟତା ଯାଞ୍ଚ ଏବଂ ତଥ୍ୟ ଅନୁସନ୍ଧାନ ତନ୍ତ୍ରର ଅଭାବ ଭାରତୀୟ ସଂସ୍କୃତିର ସଂରକ୍ଷଣ ତଥା ପ୍ରଚାର ପ୍ରସାର ଦିଗରେ ବିପଦ ସୃଷ୍ଟି କରେ।

ଭାରତୀୟ ସଂସ୍କୃତିର ବିଶାଳତା ଏବଂ ତାହାର ପରିଦୃଶ୍ୟର ଜଟିଳତା ହେତୁ ସାମାଜିକ ଗଣମାଧ୍ୟମ ମଞ୍ଚରେ ଏହା ବହୁ ସମସ୍ୟାର ସମ୍ମୁଖୀନ ହେଉଛି। ତ୍ରୁଟିପୂର୍ଣ୍ଣ ସାଂସ୍କୃତିକ ବ୍ୟାଖ୍ୟାନ ଏବଂ ଭୁଲ୍ ଉପସ୍ଥାପନାକୁ ଏଡାଇବା ପାଇଁ ବିଭିନ୍ନ ପରମ୍ପରା, ରୀତିନୀତି ଏବଂ ପ୍ରଚଳିତ ପ୍ରଥାକୁ ବୁଝିବା ଜରୁରୀ। ସାମାଜିକ ଗଣମାଧ୍ୟମରେ ଛଦ୍ମ ନାମଧାରୀ ଏବଂ ଅଜ୍ଞ ବ୍ୟକ୍ତି ବିଷୟବସ୍ତୁ ବାଣ୍ଟିବା କାରଣରୁ ଭୁଲ୍ ତଥ୍ୟ ଦ୍ରୁତଗତିରେ ବିସ୍ତାରିତ ହେବା ସହ ଏହି ଆହ୍ୱାନକୁ ଜଟିଳତର କରୁଛି। ଭାରତୀୟ ସଂସ୍କୃତି ଜାତି, ଧର୍ମ, ଭାଷା ଏବଂ ପରମ୍ପରାର ଏକ ଉଲ୍ଲେଖନୀୟ ମିଶ୍ରଣ। ପରିଣାମ ସ୍ୱରୂପ ରୀତିନୀତି, ଆସ୍ଥା ଓ ବିଶ୍ୱାସର ଏକ ସମୃଦ୍ଧ ଶୃଙ୍ଖଳ ସୃଷ୍ଟି ହୋଇଥାଏ। ଏଥିରେ ବିଭିନ୍ନ କଳାତ୍ମକ ଅଭିବ୍ୟକ୍ତି, ଦଶହରା, ଦୀପାବଳି, ହୋଲି ଏବଂ ନବରାତ୍ର ଭଳି ପର୍ବ ସହିତ ବିଭିନ୍ନ ବ୍ୟଞ୍ଜନ, ପୋଷାକ ଶୈଳୀ ଏବଂ ସ୍ଥାପତ୍ୟ କଳାର ଚମତ୍କାରିତା ଜଡ଼ିତ। ଯାହା ଭାରତୀୟ ସଂସ୍କୃତିର ବହୁରୂପ, ତାହାର ଜଟିଳତା ଏବଂ ସୌନ୍ଦର୍ଯ୍ୟକୁ ପ୍ରଦର୍ଶିତ କରିଥାଏ।

ଅଧିକାଂଶ ବିଶ୍ୱସନୀୟ ଉତ୍ସଗୁଡ଼ିକର ଅଭାବ ରହିଛି। ନିର୍ଭରଯୋଗ୍ୟ ଉତ୍ସ ସହିତ ବିଶେଷଜ୍ଞତା ତଥା ପାରଦର୍ଶିତା ଅଭାବରୁ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଭାରତୀୟ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟ ସମ୍ବନ୍ଧୀୟ ତଥ୍ୟର ଅନୁସନ୍ଧାନ ଅତି ଗୁରୁତ୍ୱପୂର୍ଣ୍ଣ। ଭୁଲ୍ ତଥ୍ୟ ଏବଂ ବିକୃତ ବୁଝାମଣାକୁ ରୋକିବା ପାଇଁ ପ୍ରଥମେ ସାଂସ୍କୃତିକ ବିଷୟବସ୍ତୁ ମଧ୍ୟରେ ରହିଥିବା ବିଭ୍ରାନ୍ତିକର ତଥା ଦୋଷତ୍ରୁଟିକୁ ଚିହ୍ନଟ କରିବା ଆବଶ୍ୟକ। ସାମାଜିକ ଗଣମାଧ୍ୟମର ମଞ୍ଚରେ ଅନେକ ଆତ୍ମଘୋଷିତ ବିଶେଷଜ୍ଞ ଉପସ୍ଥିତ। କେତେକ ବାହାଦୁରି ନେବା ପାଇଁ ଯେକୌଣସି ସୂଚନାକୁ ତତ୍କ୍ଷଣାତ ନିଜ ସଂଯୋଗରେ ରହିଥିବା ବ୍ୟକ୍ତିବିଶେଷ ତଥା ଗ୍ରୁପରେ ତାହାକୁ ପ୍ରେରଣ କରିଦିଅନ୍ତି। ଏମାନଙ୍କ ପାଇଁ ବିଷୟଟି ଜଟିଳତର ହୋଇଯାଏ। ହିଂସା, ଦ୍ୱେଷ ନିର୍ଭରଯୋଗ୍ୟ ଉତ୍ସରୁ ସୂଚନା ଯାଞ୍ଚ କରି ଉପଭୋକ୍ତାମାନେ ଭାରତୀୟ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟ ବିଷୟରେ ଠିକ୍‌ଜ୍ଞାନ ଆହରଣ ସହିତ ଏହାର ସଂରକ୍ଷଣ କରିପାରିବେ। ଏଥିପାଇଁ ପ୍ରୋତ୍ସାହିତ ମଧ୍ୟ କରିପାରିବେ।

**ବୈପାରୀଗୁଡ଼ା,କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ସହରର ଡମ୍ପୟାର୍ଡ କଥା ଶୁଣିଲେ ଲୋକେ ନାକ ଟେକନ୍ତି। ସେହି ପୂତିଗନ୍ଧମୟ ସ୍ଥାନ ବାଟ ଦେଇ ଯିବାକୁ ଘୃଣା କରନ୍ତି। କିନ୍ତୁ ମାଙ୍ଗାଲୋର ବାସିନ୍ଦା ଜିଥ୍ ମିଲାନ ରୋକେ ଡମ୍ପୟାର୍ଡକୁ ସବୁଜ ଜଙ୍ଗଲ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଡମ୍ପୟାର୍ଡରେ କେବଳ ବିଭିନ୍ନ କିସମର ଫଳଗଛ ଲଗାଇଛନ୍ତି, ଯାହାଫଳରେ ସେଥିରୁ କିଛି ଉତ୍ପାଦନ ହୋଇପାରୁଛି। ଜିଥ୍‌ଙ୍କ ବୟସ ୪୮। ସେ ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ଯେଉଁଠି ରହୁଥିଲେ ସେଠାରେ ଗଛର ଅଭାବ ଥିଲା। ଏଣୁ ସେ ପ୍ରଥମେ ଆଖପାଖ ଅଞ୍ଚଳରେ ଗଛ ଲଗାଇବା ଆରମ୍ଭ କରିଥିଲେ। ପରେ ଚାକିରି ଛାଡ଼ି ସେ ମାଙ୍ଗାଲୋର ଗ୍ରୀନ୍ ବ୍ରିଗେଡ୍ ପ୍ରୋଜେକ୍ଟ ମାଧ୍ୟମରେ ଗଛ ଲଗାଇ ଏବେ ଟେକ୍‌ମ୍ୟାନ୍‌ରୁ ଜଣେ ପରିବେଶବିତ୍ ହୋଇଗଲେଣି। ଜିଥ୍ ୮ ବର୍ଷ ହେଲା ଡମ୍ପୟାର୍ଡ ତଥା ଅନ୍ୟ ଅବ୍ୟବହୃତ ଜମିରେ ଗଛ ଲଗାଉଛନ୍ତି। ସେ ପ୍ରତିବର୍ଷ ମାଙ୍ଗାଲୋରରେ ୧୨,୦୦୦ ଅଧିକ ଗଛ ଲଗାଉଛନ୍ତି। ୪୨ ଏକର ବିଶିଷ୍ଟ ଏକ ଡମ୍ପୟାର୍ଡରେ ଗଛ ଲଗାଇବା ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ମଧ୍ୟରୁ ଅନ୍ୟତମ। ଏହା ବ୍ୟତୀତ ସେ ସ୍କୁଲ ଓ କଲେଜରେ ମଧ୍ୟ ଗଛ ଲଗାଉଛନ୍ତି। ଏହାଦ୍ୱାରା ତାଙ୍କ ପ୍ରୋଜେକ୍ଟରେ ଏବେ ଅନେକ ହଜାର ଛାତ୍ରୀଛାତ୍ର ସାମିଲ ହୋଇ ବୃକ୍ଷରୋପଣ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୬ ଜାନୁଆରୀ ୧୯୭୬

- ସରକାରଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କ୍ଷେତ୍ରରେ ସନ୍ଦେହ ଉପୁଜିବା ଅଭିଯୋଗରେ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ୩୨ ଜଣ ଗେଜେଟେଡ ଅଫିସରଙ୍କୁ ବାଧ୍ୟତାମୂଳକ ଅବସର ଦେବା ନିମନ୍ତେ ସୁପାରିଶ କରିଛନ୍ତି।
- କଂଗ୍ରେସ ସଦସ୍ୟ ବଳିରାମ ଭଗତ ଲୋକସଭାର ବାଚସ୍ପତି ରୂପେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ।

## ଚିରନ୍ତନୀ

ଶୋକେ ଓଦା ନୀଳ ଭୁରୁ
ବହେ କି ପରାସ ଗୁରୁ
ନୀରବ ଧିଆନେ ଅବା
ନାହିଁ କହେ କଥା
ମୋ ବିରହେ ଲୁଚାଇଛି ବ୍ୟଥା !
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଛାତ୍ରସଂସଦ ନିର୍ବାଚନ ଶୃଙ୍ଖଳିତ ହେବା ଦରକାର

ମହାଶୟ,

ଦଳୀୟ ସ୍ୱାର୍ଥସାଧନ ଲାଗି ରାଜନୈତିକ ଦଳମାନେ ଛାତ୍ରଙ୍କୁ ଅସ୍ତ୍ରରୂପେ ବ୍ୟବହାର କରିବା ଦୁର୍ଭାଗ୍ୟଜନକ । ଛାତ୍ରମାନେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହିବା ବିଧେୟ। ଏକ ଅବାଧ ଶୃଙ୍ଖଳିତ ଛାତ୍ର ସଂସଦ ନିର୍ବାଚନ ସମ୍ପୂର୍ଣ୍ଣ ନିର୍ଭରକରେ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଉପରେ। ଛାତ୍ରୀଛାତ୍ର ରାଜନୀତି ସହ ଜଡ଼ିତ ହେବା ଉଚିତ କି ନୁହେଁ ତାହାକୁ ନେଇ ମତ ଭିନ୍ନ। କିନ୍ତୁ ରାଜନୀତି ସହ ଅଧ୍ୟୟନରେ ମନୋନିବେଶ ନିତାନ୍ତ ଜରୁରୀ। ଏଥିପାଇଁ ନିର୍ବାଚନ ପ୍ରଚାର ସମୟରେ ଶିକ୍ଷାର ମାନ ଯେପରି ହ୍ରାସ ନ ପାଏ ସେଥିପ୍ରତି ଦୃଷ୍ଟି ଦିଆଯିବା ଜରୁରୀ। ଛାତ୍ରସମାଜ ଦେଶର ଭବିଷ୍ୟ ନାଗରିକ ଏବଂ ନେତା । ସେମାନଙ୍କ ଉଚ୍ଚ ବିଚାରବନ୍ତ ଚିନ୍ତାଧାରା ଏବଂ ପ୍ରଗତିଶୀଳ ମନୋଭାବ ଦେଶକୁ ପ୍ରଗତିପଥରେ ଯେପରି ଆଗେଇ ନେଇପାରିବ ସେଥିପାଇଁ ଧ୍ୟାନ ଦେବାକୁ ହେବ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିପୁଳ ପରିମାଣର ମହୁଲି ମଦ ଜବତ

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ହାରାପଶି ଗ୍ରାମରେ ବେଆଇନ ଭାବେ ଚାଲିଥିବା ୨ଟି ଦେଶୀ ମହୁଲି ମଦ ଭାଟିରେ ରବିବାର ତୁରୁମୁଙ୍ଗା ପୋଲିସ ଚଢ଼ାଉ କରିଛି। ପୋଲିସ ୮ ଶହ କିଗ୍ରା ପୋଚକୁ ନଷ୍ଟ କରିବା ସହ ୪୦ ଲିଟର ମହୁଲି ମଦ ଜବତ କରିଥିବା ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ପୋଲିସକୁ ଦେଖି ବେଆଇନ ମଦ ବ୍ୟବସାୟୀ ଫେରାର ହୋଇଥିଲେ। ଏକ ବୋଲେରୋ ଭିତରେ ଗଚ୍ଛିତ ମହୁଲି ମଦ ଜବତ କରିବା ସହ ବୋଲେରୋକୁ କ୍ରେନ୍ ସହାୟତାରେ ଥାନାକୁ ଆଣାଯାଇଛି।

## ଘରୋଇ କଳହରୁ ଯୁବକଙ୍କ ଆତ୍ମହତ୍ୟା

ପାଟଣା,୫।୧(ବୀରକିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କଇଣ୍ଡା ଗ୍ରାମରେ ଘରୋଇ କଳିକୁ ନେଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ରଘୁନାଥ ବେହେରା। ଘର ପଛପାର୍ଶ୍ୱରେ ଥିବା ଏକ ଆମ୍ବ ଗଛରେ ବେକ୍‌ରେ ପ୍ଲାଷ୍ଟିକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସ୍ତ୍ରୀଙ୍କ ସହ ପାରିବାରିକ କଳହରୁ ରଘୁନାଥ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତ ଜାଣିବାକୁ ପାଇଛି। ତୁରୁମୁଙ୍ଗା ଥାନା ଏସ୍‌ଆଇ ରସାନନ୍ଦ ନାୟକ ମୃତଦେହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ. ୨/୨୫) ରୁଜୁ ହୋଇଛି।

## ଆୟକର ସଚେତନତା ଶିବିର ଅନୁଷ୍ଠିତ

କେନ୍ଦୁଝର,୫।୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ରୋଟାରୀ କ୍ଲବ୍‌ଠାରେ ମୁଖ୍ୟ ଆୟକର ଆୟୁକ୍ତ ସମ୍ବଲପୁର ଡ. ସରିତା ମିଶ୍ର ଓ ଯୁଗ୍ମ ଆୟକର ଆୟୁକ୍ତ ରାଉରକେଲା ରେଞ୍ଜ, ରାଉରକେଲା ବିମଳ ଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶରେ ଆୟକର ସମ୍ବନ୍ଧୀୟ ଏକ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେନ୍ଦୁଝର ଆୟକର ଅଧିକାରୀ ସ୍ୱରଣେନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଆୟକର ଅଧିନିୟମ ୧୯୬୧ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷକରି ସରକାରୀ ତଥା ବେସରକାରୀ ବେତନଭୋଗୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ନିୟମଗୁଡ଼ିକୁ ଆୟକର ଅଧିକାରୀ ମିଶ୍ର ସରଳ ଭାବରେ ବୁଝାଇଥିଲେ। ବିଗତ ଦିନରେ ହୋଇଥିବା ବେନିୟମ ଆୟକର ଛାଡ଼ ତଥା ଆୟକର ଫାଙ୍କିବା ପାଇଁ ବିଭିନ୍ନ ଆୟକର ଦାତାଙ୍କ ଦ୍ୱାରା ଆପଣା ଯାଉଥିବା ନିୟମ ବହିର୍ଭୁତ କାର୍ଯ୍ୟ ସମ୍ବନ୍ଧରେ ଆୟକର ଅଧିକାରୀ ମିଶ୍ର ଆଲୋକପାତ କରିଥିଲେ। ଏହା ବ୍ୟତିତ ଆୟକର ଫାଙ୍କୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଆୟକର ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ ସଚେତନ କରିଥିଲେ।

କେନ୍ଦୁଝର

# ରାଜପଥରେ ଦୁର୍ଘଟଣା ବଢ଼ାଉଛି ବେଆଇନ ପାର୍କିଂ

## ପ୍ରତିବାଦ କଲେ ମିଳୁଛି ମାଡ଼

କେନ୍ଦୁଝର,୫।୧(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ୨୦ ଅନ୍ତର୍ଗତ ହୁଣ୍ଡୁଳାରେ ବେଆଇନ ଭାରୀଯାନ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ବଢୁଛି। କେତେକ ଟ୍ରାନ୍ସପୋର୍ଟର ଓ ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ମନମୁଖୀ କାମ ପାଇଁ ଏଭଳି ସମସ୍ୟା ଦେଖାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏପରିକି ଗତ କିଛି ଦିନ ହେଲା ଦୁର୍ଘଟଣା ସଂଖ୍ୟା ବଢ଼ିଥିଲେ ହେଁ ପୋଲିସ ଓ ପରିବହନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ କୁହୁଳୁଛି। ଜନସାଧାରଣ ବିରୋଧ କଲେ ଆକ୍ରମଣର ଶିକାର ହେବାକୁ ପଡୁଛି।

ପ୍ରକାଶ ଯେ, ରାଜ୍ୟରେ ଟ୍ରାଫିକ୍ ନିରାକରଣ ସପ୍ତାହ ଜାରି ରହିଛି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କରାଯାଉଛି। ମାତ୍ର ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ଦେଖାଦେଉଥିବା ଟ୍ରାଫିକ ସମସ୍ୟା ପ୍ରତି ପ୍ରଶାସନ ନଜର ଦେଉନାହିଁ। ଶନିବାର ଏ ନେଇ ପ୍ରତିବାଦ କରିବାରୁ ସ୍ଥାନୀୟ ହୁଣ୍ଡୁଳା ଗ୍ରାମର ଭୀଷ୍ମ ମହାନ୍ତଙ୍କୁ ଆକ୍ରମଣ କରାଯାଇଛି। ସେ ଆହତ ହୋଇଥିବା ବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଥାନାରେ ଅଭିଯୋଗ ପରେ ପୋଲିସ ଆହତଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ରାସ୍ତାରେ ଏଭଳି ବେଆଇନ ପାର୍କିଂ ଯୋଗୁ ସପ୍ତାହ ପୂର୍ବେ ବିଳମ୍ବିତ ରାତିରେ ପେଟ୍ରୋଲ ପମ୍ପ ସମ୍ମୁଖରେ ଛିଡ଼ା ହୋଇଥିବା ଏକ ଆଇରନ ବୋଝେଇ ଟ୍ରକ୍‌କୁ ପଛ ପଟୁ ଏକ ଟ୍ରକ ଧକ୍କା ଦେବାରୁ ଗାଡି ଚାଳକ ଗୁରୁତର ହୋଇଥିଲେ। ଉକ୍ତ ସ୍ଥାନରେ ଗାଡ଼ି ଚାଲାଣ ପାଇଁ ନିୟମିତ ଭାବେ ଭାରୀଯାନ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛି। ଏଥିସହ ହୁଣ୍ଡୁଳାରେ ବହୁ ସଂଖ୍ୟାରେ କଞ୍ଜୁମର ଡିଜେଲ ଏବଂ ପେଟ୍ରୋଲ ପମ୍ପ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଅନୁମତି ଦେଉଥିବାରୁ ରାଜପଥ ଉପରେ ବହୁ ସଂଖ୍ୟାରେ ଟ୍ରକ୍ ଜାତୀୟ ରାଜପଥ ଉପରେ ପାର୍କିଂ କରୁଛନ୍ତି। ସର୍ଭିସ ରୋଡ୍ ଠିକ ଭାବେ ନିର୍ମାଣ ନ ହୋଇ ଏନ୍‌ଏଚ୍‌ଏଆଇ ପେଟ୍ରୋଲ ଏବଂ କଞ୍ଜୁମର ଡିଜେଲ ପମ୍ପକୁ ଅନୁମତି ପ୍ରଦାନ କରୁଛି। ଫଳରେ ଜାତୀୟ ରାଜପଥ ଖରାପ ହେବା ସହ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ ପାର୍ଶ୍ୱରେ ବଡ଼ ଖାଲ ସୃଷ୍ଟି ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛଇ। ଧୂଳି ଉଡି ବାୟୁ ପ୍ରଦୂଷଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଖବରଦାତାଙ୍କ ସାମାଜିକ ସୁରକ୍ଷା ନେଇ ଏନ୍‌ଏଚ୍‌ଆରସିଙ୍କ ନୋଟିସ୍

କେନ୍ଦୁଝର,୫।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଖବରଦାତାଙ୍କ କଲ୍ୟାଣ, ସାମାଜିକ ସୁରକ୍ଷା ଦେବା ନେଇ ପଦକ୍ଷେପ ନେବାକୁ ଜାତୀୟ ମାନବାଧିକାର କମିଶନ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଆଦେଶ କରିଛନ୍ତି। ବରିଷ୍ଠ ଆଇନଜୀବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଦାବିରେ ଏନ୍‌ଏଚ୍‌ଆରସି ଏଭଳି ଆଦେଶ କରିଛନ୍ତି। ଖବରଦାତାଙ୍କ କଲ୍ୟାଣ ପାଇଁ ଥିବା ଜଷ୍ଟିସ ମଝିଥିଆଙ୍କ ରିପୋର୍ଟକୁ ଆଧାର କରି ମାନବାଧିକାର କର୍ମୀ ତ୍ରିପାଠୀ ମାନବାଧିକାର କମିଶନଙ୍କ ନିକଟରେ ଦାବି କରିଥିଲେ। ଭାରତରେ ଖବରଦାତାଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ରେକୋମେଣ୍ଡସନ କରିଥିବା ଆର୍ଥିକ ସୁବିଧା କାର୍ଯ୍ୟକାରୀ କରାଯାଉ ନ ଥିବାରୁ ସେମାନଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହୋଇଛି। ଖବରଦାତାଙ୍କ ସମସ୍ୟା ଏବଂ ସେମାନଙ୍କ କଲ୍ୟାଣ ପାଇଁ ପୂର୍ବରୁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବିଷୟରେ କମିଶନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହାକୁ କାର୍ଯ୍ୟକାରୀ କରି ସୁବ୍ୟବସ୍ଥା କରିବାକୁ ଦାବି କରିବା ସହ ଖବରଦାତା ଓ ଖବରକାଗଜ କର୍ମଚାରୀଙ୍କ ପାଇଁ ଉପରୋକ୍ତ ବିଷୟରେ ଏକ ସବିଶେଷ ରିପୋର୍ଟ ପ୍ରସ୍ତୁତ କରିବା, ମାନବାଧିକାର ବିଷୟକୁ ନେଇ ଏକ ଗାଇଡ୍ ଓ ନୀତି ପ୍ରସ୍ତୁତ କରି ଖବରଦାତାଙ୍କ ଅଧିକାରର ସୁରକ୍ଷା ନେଇ ପଦକ୍ଷେପ ନେବାକୁ ଆଦେଶ କରିବାକୁ ନିବେଦନ କରିଥିଲେ। ଏ ନେଇ କେନ୍ଦ୍ର ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ତଥା ସମସ୍ତ ରାଜ୍ୟର ମୁଖ୍ୟ ସଚିବଙ୍କଠାରୁ ସବିଶେଷ ରିପୋର୍ଟ ମାଗିବାକୁ ଆଦେଶ କରିବାକୁ ନିବେଦନ କରିଥିଲେ।

## ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା



କଳାକାରମାନେ ବିଭିନ୍ନ ବେଶରେ ସଡ଼କ ସୁରକ୍ଷା ସଚେତନତା କରୁଛନ୍ତି।

ଚମ୍ପୁଆ,୫।୧(ମହେଶ୍ୱର ଦାସ)
କେନ୍ଦୁଝର ଜିଲା ସଡ଼କ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ପରୀପ୍ରେକ୍ଷୀରେ ଶନିବାର ଚମ୍ପୁଆ ବସ୍‌ଷ୍ଟାଣ୍ଡ ନିକଟରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା କରାଯାଇଛି। ଏଆର୍‌ଟିଓ ବଡ଼ବିଲ ଅଧିକାରୀ ଦୁର୍ଗାପ୍ରଶାଦ ରାଓଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏମ୍‌ଭିଆଇ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ କଳାକାରଙ୍କ ଦ୍ୱାରା ସଡ଼କ ସୁରକ୍ଷା ନେଇ ସଚେତନାତ୍ମକ ମୂଳକ ପଥପ୍ରାନ୍ତ ନାଟକ କରିବେଷଣ କରାଯାଇଥିଲା। ବିଶେଷ ଭାବରେ ବିନା ହେଲମେଟରେ ଯାତ୍ରା କରିବା, ମଦ ପିଇ ଗାଡ଼ି ଚାଳନା କରିବା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର କରିବା, ଦ୍ରୁତ ଗତିରେ ଗାଡି ଚାଳନା କରିବା, ଧାର୍ଯ୍ୟ ଓଜନଠାରୁ ଅଧିକ ମାଲ ପରିବହନ କରିବା ଆଦି ଦୁର୍ଘଟଣା ଘଟିବାର ପ୍ରମୁଖ କାରଣ ବୋଲି ନାଟକ ମାଧ୍ୟରେ ଦର୍ଶାଯାଇଥିଲା। ଜନସାଧାରଣଙ୍କୁ ସରକାରୀ ଆଇନ ଓ ଫାଇନ ବ୍ୟବସ୍ଥା ଏବଂ ଉପରୋକ୍ତ ବିଷୟ ପ୍ରତି ଧ୍ୟାନ ଦେବା ପାଇଁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଚମ୍ପୁଆ ଘରୋଇ ମାଲିସ ସଂଘ ଏଶ୍‌ରାର ଅଲି, ସୁପର ଭାଇଜର ବିଶ୍ୱମ୍ଭର ସାହୁ ସମେତ ଟିଆଇ ଜିତେନ୍ଦ୍ର ବେହେରା, ଶ୍ରୀନିବାସ ନାଏକ, ରାଜେଶ ନାଏକ, ଲକ୍ଷ୍ମୀକାନ୍ତ ସାହୁ, ବିଜୟ ଭୂଷଣ ପଣ୍ଡା ସମେତ ଜନସାଧାରଣ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାଟଣା,୫।୧(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ ମହାନ୍ତଙ୍କୁ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ସନାତନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଇଂ. ବିଦ୍ୟାଧର ଦାଶ, ମୁଖ୍ୟ ବକ୍ତାଭାବେ ସାମାଜିକ କର୍ମୀ ଅଜୟ ଦାଶ, ସମ୍ମାନୀତ ଅତିଥିଭାବେ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାତ, ଶିକ୍ଷାବିତ ଭରତ ଚନ୍ଦ୍ର ସାହୁ, ଏବିଓ ବିଜୟ ଓଝା, ସିଆରସିସି ଜ୍ୟୋର୍ତିମୟ ତ୍ରିପାଠୀ ଯୋଗଦେଇଥିଲେ। ଶିକ୍ଷକ ନେତା କମଳାକାନ୍ତ ପତି ଓ ପାର୍ଥ ସାରଥୀ ବେଜ ସଂଯୋଜନା କରିଥିଲେ।

## ରାଉରକେଲା ଇରଫାନ ୧୧ ବିଜୟୀ



ଅତିଥିଙ୍କ ଗହଣରେ ଟ୍ରଫି ସହ ବିଜେତା ଦଳ।

କେନ୍ଦୁଝର,୫।୧(ଦୀପକ ମିଶ୍ର): କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ହାଣ୍ଡିଭଙ୍ଗା ପଞ୍ଚାୟତ କାଠବାଉଁଶୁଳି ଗ୍ରାମର ନେତାଜୀ ବିକାଶ କମିଟି ଆନୁକୂଲ୍ୟରେ ୨୪ତମ ଜାତୀୟସ୍ତରୀୟ କ୍ରିକେଟ୍ ପ୍ରିମିୟମ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୬ ଦଳ ନେଇ ଲିଗ୍ ଚାଲିଥିବା ବେଳେ ଫାଇନାଲ ମ୍ୟାଚ୍ ରାଉରକେଲା ଇରଫାନ ୧୧ ଏବଂ ଅସୁରିଆ ଏକ୍ସ ଆଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅସୁରିଆକୁ ହରାଇ ରାଉରକେଲା ବିଜୟୀ ହୋଇଥିଲା। ଅସୁରିଆ ଏକ୍ସଆଇ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୪୩ ରନ ସଂଗ୍ରହ କରିଥିଲା। ରାଉରକେଲା ଇରଫାନ ୧୧ ବିଜୟ ଲକ୍ଷ୍ୟ ପିଛା କରି ୧୪ ଓଭରରେ ୧୪୪ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ, ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ ଯୋଗଦେଇ ବିଜୟୀ ଟିମ୍‌କୁ ୧ ଲକ୍ଷ ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଟିମ୍‌କୁ ୭୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ମହମ୍ମଦ ଆକମୋଲକୁ ଟ୍ରଫି ପ୍ରଦାନ କରାଯାଇଥିଲା। ନେତାଜୀ ବିକାଶ କମିଟିର ସଭାପତି ଜଗନ୍ନାଥ ମୋଦି, ଉପ ସଭାପତି କୃଷ୍ଣଚନ୍ଦ୍ର ସର୍ଦାର, ସମ୍ପାଦକ ମନୋଜ ମହାନ୍ତ, ସହସମ୍ପାଦକ ପ୍ରଶନ୍ନ ସର୍ଦାର ପ୍ରମୁଖ ସହଯୋଗ କରିଥିଲେ।




# ଖୋଲିଲା ମଣ୍ଡି, ସଂଗ୍ରହ ହେଲାନି ଧାନ

■୫୦ ପ୍ରତିଶତ ଚାଷୀଙ୍କୁ ମିଳିନି ଟୋକନ

■ସମିତି ସହ ଟ୍ୟାଗ୍ ହୋଇନି ରାଇସ୍ ମିଲ୍

ତିହିଡ଼ି,୫।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ୯ଟି ସମବାୟ ସମିତିରେ ରବିବାର ଧାନ ମଣ୍ଡି ଖୋଲିଛି। ହେଲେ କୌଣସି ସମିତି ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବାକୁ ସକ୍ଷମ ହୋଇନାହିଁ। ଶନିବାର ରାତି ସୁଦ୍ଧା ବିଭିନ୍ନ ସମିତିରେ ପଞ୍ଜୀକରଣ କରିଥିବା ଚାଷୀମାନଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଟୋକନ ମିଳିପାରି ନାହିଁ। ଅପରପକ୍ଷେ ସମିତିଗୁଡ଼ିକୁ ରାଇସ ମିଲ୍ ସହ ମଧ୍ୟ ଟ୍ୟାଗ୍ କରାଯାଇ ନାହିଁ। ଫଳରେ କେଉଁ ସମିତି କେଉଁ ମିଲ୍‌କୁ ଧାନ ଦେବ, ତାହା ସ୍ଥିରୀକୃତ ହୋଇ ନ ଥିବାରୁ ଧାନ ଦେବାକୁ ଚାଷୀଙ୍କୁ ଅଖାବସ୍ତା ମଧ୍ୟ ମିଳିପାରି ନାହିଁ। ଏସବୁ ସମସ୍ୟା ଭିତରେ କେବଳ ନାମକୁ ମାତ୍ର ମଣ୍ଡି ଖୋଲିଥିବା ବେଳେ ଧାନ ସଂଗ୍ରହରେ ବିଳମ୍ବ ଘଟିବାର ସମ୍ଭାବନା ରହିଛି।

ଗତ ମାସ ୨୭ ତାରିଖରେ ମଣ୍ଡି ଖୋଲିବାକୁ ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇ ଚଳିତ ମାସ ୫ ତାରିଖକୁ ଧାର୍ଯ୍ୟ ହୋଇଥିଲା। ପ୍ରତିକୂଳ ପାଗ ଯୋଗୁ ଘୁଞ୍ଚାଇ ଦିଆଯାଇଥିବା କୁହାଯାଇଥିଲେ ମଧ୍ୟ ପ୍ରକୃତପକ୍ଷେ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ଏପ୍ରକାର ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଥିଲା। ତେବେ ଧାନ ସଂଗ୍ରହ ପାଇଁ ୯ଦିନ ବୃଦ୍ଧି ପାଇଥିଲେ ବି ଏହା ଭିତରେ ଚାଷୀଙ୍କ ପାଖରେ ଟୋକନ ମେସେଜ ନ ପହଞ୍ଚିବା ଓ ରାଇସ ମିଲ୍ ସହ ସମିତିକୁ ଟ୍ୟାଗ୍ କରା ନ ଯିବା ପରିତାପର ବିଷୟ ହୋଇଛି। ଏପରି ସ୍ଥଳେ କେଉଁ ଚାଷୀ କେଉଁ ତାରିଖରେ ସମିତିକୁ ଧାନ ଦେବେ ସେନେଇ ଚାଷୀମାନେ ଅନ୍ଧାରରେ ଅଛନ୍ତି। ଏହାକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ଭାଟପଡ଼ା, ଆରସା, ବାମନବିନ୍ଧା, ଚାରିତରଫ, ବାରସର, ଶ୍ୟାମସୁନ୍ଦରପୁର, ଅଣ୍ଡରାଇ, ଅମୃତପୁର ଓ ଜାମଯୋଡ଼ି ସମିତିରେ ମଣ୍ଡି ଖୋଲିଛି। ଭାଟପଡ଼ା ସମିତିରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ଜ୍ୟୋତିର୍ମୟ କର, ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ, ସମିତି ସଭାପତି ବିଜୟ ମହାପାତ୍ର, ସମ୍ପାଦକ କୃପାସିନ୍ଧୁ ଦାସ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଆରସା ସମିତିରେ ସଭାପତି ସତ୍ୟବ୍ରତ ନାୟକ, ସମ୍ପାଦକ ମଧୁସୂଦନ ବେହେରା, ପରଚେଜିଂ ଅଫିସର ଅଜୟ ନାୟକ, ଚାରିତରଫ ସମିତିରେ ସଭାପତି ସାମାରାଣୀ ବାରିକ, ସମ୍ପାଦକ ମନୋରଞ୍ଜନ ବଳ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ତିହିଡ଼ି ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ, ବାମନବିନ୍ଧା ସମିତିରେ ସଭାପତି ରାଜେନ୍ଦ୍ର ଦାସ, ସମ୍ପାଦକ ପ୍ରଭାତ ବେହେରା, ଏମ୍‌ଆଇ ପ୍ରୀତିଶ ସାମଲ, ସିଇଓ ଅଭିଳାଷ ରଣା ପ୍ରମୁଖ ଉପସ୍ଥିତ ଥିଲେ। ବାରସର ସମିତିରେ ସଭାପତି ମାନସ ରଞ୍ଜନ ନାୟକ, ସମ୍ପାଦିକା ସତ୍ୟଭାମା ବିଶ୍ୱାଳ, ବ୍ୟାଙ୍କ ଶାଖା ପରିଚାଳକ ପୁହାଣ, ଶ୍ୟାମସୁନ୍ଦରପୁରରେ ସଭାପତି ଭୀମସେନ ପ୍ରଧାନ, ସମ୍ପାଦକ କାଳନ୍ଦୀ ଦାସ ଓ ଅଣ୍ଡରାଇ ସମିତିରେ ସମ୍ପାଦକ ବିଶ୍ୱନାଥ ଖୁଣ୍ଟିଆ, ସଭାପତି ରତିକାନ୍ତ ମଳିକ ପ୍ରମୁଖ ମଣ୍ଡି ଉଦ୍‌ଘାଟନ ବେଳେ ଉପସ୍ଥିତ ରହିଥିଲେ। ଏସବୁ ସମିତିରେ ଚାଷୀ କମିଟି ଓ ଧାନ ସଂଗ୍ରହ କମିଟି ସଦସ୍ୟମାନଙ୍କ ସହ ଚାଷୀମାନେ ଉପସ୍ଥିତ ଥିଲେ।



ବାରସର ସମିତିରେ ମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ସମିତି ସଭାପତି, ସମ୍ପାଦିକା ଓ ଅନ୍ୟମାନେ।

# ମଣ୍ଡିରେ ଧାନକିଣା ଆରମ୍ଭ



ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସୁତାର ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ଚାନ୍ଦବାଲି,୫।୧(କିଶାନ ପାତ୍ର)

ଚାନ୍ଦବାଲି ବ୍ଲକରେ ରବିବାର ଧାନ ମଣ୍ଡି ଖୋଲିଛି। ମୋଟ ୨୪ ସୋସାଇଟି ଓ ୨ ସ୍ୱୟଂସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଅନୁମତି ପାଇଛି। ରବିବାର ପ୍ରାୟ ୧୫ ସୋସାଇଟି ଧାନକଣ୍ଟା ପୂଜା କରିବା ସହ ଧାନ କିଣିବା ଆରମ୍ଭ କରିଛି। ଚାନ୍ଦବାଲି ଆର୍‌ଏମ୍‌ସି ଗୋଦାମ ପରିସରରେ ଚାନ୍ଦବାଲି ସେବା ସମବାୟ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସୁତାର ଶୁଭାରମ୍ଭ କରିଥିଲେ। ଏଥିରେ ଅଧ୍ୟକ୍ଷ ଶାଲିନୀ ସେଠୀ, ବିଡିଓ ଅଜିତ କୁମାର ମହାନ୍ତି, ତହସିଲଦାର ଭବତୋଷ ମଲ୍ଲିକ, ସିଇଓ ସତ୍ୟପ୍ରକାଶ ତ୍ରିପାଠୀ, ଆର୍‌ଏମ୍‌ସି ସେକ୍ରେଟାରୀ ନିରଞ୍ଜନ ମାଝୀ, ଅତିରିକ୍ତ ତହସିଲଦାର ଠାକୁର ଦାସ ନାୟକ, ଏସ୍‌ଆରସିଏସ୍ ଆଲୋକ ବଲ୍ଲଭ ସାହାଣୀ, ବ୍ଲକ ଉପାଧ୍ୟକ୍ଷ ସରୋଜ ବଳ, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ତଥା ଜିଲା କମିଟି ସଦସ୍ୟ ଉପେନ୍ଦ୍ର କୁମାର ନାୟକ, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ଭାଜପା ଜିଲା ଉପସଭାପତି କମଳାକାନ୍ତ ସୁତାର, ସମିତି ସଭାପତି ମନୋରଞ୍ଜନ ସାହୁ, ସମ୍ପାଦକ ଅଜୟ କୁମାର ପଲାଇ, ପିଡି ତୃପ୍ତିରେଖା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଲିଗାଁ ସମିତିରେ ତହସିଲଦାର ଓ ଅତିରିକ୍ତ ତହସିଲଦାର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଧାନକିଣାର ଶୁଭାରମ୍ଭ କରିଥିଲେ। ସମିତି ସଭାପତି ବୃନ୍ଦାବନ ମହାଲିକ, ସମ୍ପାଦକ ବିଦ୍ୟାଧର ସାହୁ, ଚାଷୀ କମିଟିର ଶାନ୍ତ ମହାଲିକ, ଲଳାଟେନ୍ଦୁ ରାୟ, ଅମୂଲ୍ୟ ଦାସ, ସୁଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭାଟପଡ଼ା ସମିତି ପରିସରରେ ସଭାପତି ମାନସ ବେହେରା ଓ ସମ୍ପାଦକ ଗଙ୍ଗାଧର ନାୟକଙ୍କ ଉପସ୍ଥିତିରେ ଧାନ କଣ୍ଟା ପୂଜା ସହ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇଛି।

## ମଣ୍ଡି ଶୁଭାରମ୍ଭ, ଚାଷୀ ଉତ୍ସାହିତ

ଧୁସୁରୀ, ୫।୧ (ଦୀପ୍ତି ରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ରବିବାର ଧାନ ମଣ୍ଡି ଶୁଭାରମ୍ଭ କରାଯାଇଛି। ମଣ୍ଡି ଖୋଲିବାରୁ ସମିତି ଅଧୀନରେ ଥିବା ଚାଷୀମାନେ ଉତ୍ସାହିତ ହେବା ସହ ଖୁସିବ୍ୟକ୍ତ କରିଛନ୍ତି। ସୋମବାରଠାରୁ ଧାନ କ୍ରୟ କରାଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସମିତି ସମ୍ପାଦକ ଦେବବ୍ରତ ରାୟ, ସଭାପତି ନରେଶ କୁମାର ସେଠୀ, ଉପସଭାପତି ଜ୍ୟୋତିର୍ମୟୀ ସାହୁ, ଗ୍ରାମ କୃଷି କର୍ମୀ ନୀହାର ରଞ୍ଜନ ସାହୁ, ସଭ୍ୟ କହ୍ନେଇ ଚରଣ ବିଳାସ, ରମାକାନ୍ତ ନାୟକ, ଚନ୍ଦ୍ରକାନ୍ତ ନାୟକ, ବ୍ରଜସୁନ୍ଦର ବେହୁରିଆ, ସରୋଜ ବିଶ୍ୱାଳ, ସଭ୍ୟା ସବିତା ଖଣ୍ଡୁଆ, ରଙ୍ଗଲତା ମହାଲିକ, ପ୍ରଶାନ୍ତ ପଣ୍ଡା, ସମିତିର ପୂର୍ବତନ ସଭାପତି ଶରତ ଚନ୍ଦ୍ର ବେହୁରିଆ, ସଦାନନ୍ଦ ମଲ୍ଲିକ, ସାମାଜିକ କର୍ମୀ ଦୀପକ ରଞ୍ଜନ ବିଶ୍ୱାଳ, ସନ୍ଦିପ କୁମାର ନାୟକ, ସୁବ୍ରତ ବିଳାସ, ରାଜ କିଶୋର ବାରିକ, ଗଣେଶ ପଣ୍ଡା, ଦୁଷ୍ମନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଧାନ ମଣ୍ଡି ଉଦ୍‌ଘାଟିତ

ଧାମନଗର,୫।୧(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଢ଼ିଆ)

ଭଦ୍ରକ ଜିଲା ଧାମନଗର ବ୍ଲକର ଗୁଡ଼ାଖଣ୍ଡି ସେବା ସମବାୟ ସମିତିରେ ରବିବାର ଜିଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ଅନ୍ୟତମ ଅତିଥି ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାୟ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦଣ୍ଡ, ଜିଲା ଖାଦ୍ୟ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ତହସିଲଦାର ଦୀପକ କୁମାର ଦାସ, ବିଡିଓ ବନ ବିହାରୀ ଦିଷା ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ୧୦୫ ପ୍ରାଥମିକ କୃଷି ସେବା ସମବାୟ ସମିତି ଓ ୪୮ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଚାଷୀଙ୍କଠାରୁ ଧାନ କିଣାଯିବ। ପ୍ରତ୍ୟେକ ମଣ୍ଡିରେ ଜଣେ ଲେଖାଏଁ ନୋଡାଲ ଅଧିକାରୀଙ୍କ ସହ ସୁପରଭାଇଜର ନିଯୁକ୍ତ କରାଯାଇଛି। ପ୍ରତ୍ୟେକ ମଣ୍ଡିରେ କ୍ଲିନିଂ ଆନାଲାଇଜର ମେସିନର ବ୍ୟବସ୍ଥା କରାଯାଇଛି। ମିଲରମାନଙ୍କ ସହ ଆଲୋଚନା କରାଯାଇ ଚାଷୀଙ୍କଠାରୁ କିପରି ସୁରୁଖୁରୁରେ ଧାନ କ୍ରୟ କରାଯିବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ଦୁଇଟି ଧାନ ମଣ୍ଡି ପାଇଁ କ୍ଲିନିଂ ଆନାଲାଇଜର ଅଧିକାରୀ ରହିବେ। ଧାନ ବିକ୍ରି ପାଇଁ ଆସୁଥିବା ଚାଷୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିଲାଗି ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ମଡେଲ ସମିତି କରାଯାଇଛି। ଚଳିତବର୍ଷ ଅଧିକାଂଶ ଜମିରେ ଏଫ୍‌କ୍ୟୁ ମାନର ଧାନ ହୋଇଛି ବୋଲି ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ରିପୋର୍ଟରେ ଦର୍ଶାଇଥିବା ଅତିଥିମାନେ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ୟାନରରେ ଜିଲାସ୍ତରୀୟ ବଦଳରେ ଜିଲାସ୍ତରୀୟ ଲେଖାଥିବା ନେଇ ଓଡ଼ିଆ ଭାଷା ପ୍ରତି ଅସମ୍ମାନ ବୋଲି ଉପସ୍ଥିତ ଚାଷୀ ଓ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଥିଲା। ସେହିପରି ସଭାରେ ବହୁ ଚେୟାର ଫାଙ୍କା ପଡ଼ିଥିବା ନେଇ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲା ମୁଖ୍ୟ କୃଷିଅଧିକାରୀ ଶଶିଭୂଷଣ ମହାପାତ୍ର, ଭାଜପା ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ, ସରପଞ୍ଚ କସ୍ତୁରୀ ବିଶ୍ୱାଳ, ସମିତିଉଭ୍ୟ ଜ୍ଞାନେନ୍ଦ୍ର ମହାକୁଡ଼, ସମିତି ସଭାନେତ୍ରୀ ଭାରତୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମିଶନ ଶକ୍ତିର ଡିପିସି ଅଭିଜ ନାରାୟଣ, ବିଜୟାକର ଦାସ ପ୍ରମୁଖ ମଣ୍ଡିଉଦ୍‌ଘାଟନରେ ସହଯୋଗ କରିଥିଲେ।



ମଣ୍ଡି ଉଦ୍‌ଘାଟନ ଅବସରରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାୟ ଓ ଅନ୍ୟମାନେ।

## ଏଡ଼ତାଳ ସମିତିରେ ଖୋଲିଲା ମଣ୍ଡି

ଭଦ୍ରକ,୫।୧(ସନାତନ ରାଉତ)

ବାସୁଦେବପୁର ବ୍ଲକର ଏଡ଼ତାଳ ସେବା ସମବାୟ ସମିତିରେ ରବିବାର ଧାନମଣ୍ଡି ଖୋଲିଛି। ବିଧାୟକ ଅଶୋକ କୁମାର ଦାସ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ବିଡିଓ ସଞ୍ଜୀବ କୁମାର ସାହୁ, ଏସ୍‌ଆଇ ମଧୁସ୍ମିତା ସେନାପତି, ଏସ୍‌ଆର୍ ବାବାଜୀ ଚରଣ ମଲ୍ଲିକ, ବ୍ଲକ କୃଷି ଅଧିକାରୀ ନିହାରିକା ଦଳେଇ, ମଣ୍ଡି ନୋଡାଲ ଅଫିସର ଦେବୀ ଅସୀମା ବିଶ୍ୱାଳ, ସରପଞ୍ଚଙ୍କ ପ୍ରତିନିଧି ଅମରେନ୍ଦ୍ର ପଲେଇ, ସମିତିସଭ୍ୟଙ୍କ ପ୍ରତିନିଧି ଉମେଶ କୁମାର ପଲେଇ, ପଦ୍ମପୁର ସମିତି ସମ୍ପାଦକ ଅନିରୁଦ୍ଧ ନାୟକ, ବିଦେଇପୁର ସମିତି ସମ୍ପାଦକ ରତିକାନ୍ତ ରାଉତ, ମାଟିପଲା ସମ୍ପାଦକ ଧର୍ମନାରାୟଣ ଜେନା, ମା' କାଳୀ ସମିତି ସମ୍ପାଦକ ତନ୍ମୟ କୁମାର ମଲ୍ଲିକ, ଗୁଟୋ ସମ୍ପାଦକ ପ୍ରକାଶ ଜେନା, ଏଡ଼ତାଳ ସମିତି ସଭାପତି ଭରତ ନାୟକ, ସମ୍ପାଦକ ସୌମ୍ୟସ୍ମିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀମାନେ କିପରି ସୁବିଧାରେ ମଣ୍ଡିରେ ଧାନ ବିକ୍ରୟ କରିପାରିବେ, ସେ ଦିଗରେ ସହଯୋଗ କରିବା ପାଇଁ ବିଧାୟକ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମିତିରେ ୭୨୦ଜଣ ଚାଷୀ ଧାନ ବିକ୍ରି ପାଇଁ ଅନ୍‌ଲାଇନରେ ପଞ୍ଜୀକରଣ କରିଥିବା ଜଣାଯାଇଛି।

## ‘ଶିକ୍ଷା ବ୍ୟକ୍ତିତ୍ୱ ଗଠନରେ ସହାୟକ ହୋଇଥାଏ’

ଭଦ୍ରକ,୫।୧(ରବିନାରାୟଣ ଖିଲାର)

ଶିକ୍ଷା ମଣିଷର ସର୍ବାଙ୍ଗୀନ ଉନ୍ନତି ସହ ବ୍ୟକ୍ତିତ୍ୱ ଗଠନରେ ସହାୟକ ହୋଇଥାଏ। ଏହାଦ୍ୱାରା ଶିଶୁଟିଏ ଭବିଷ୍ୟତରେ ସଫଳ ନାଗରିକ ହେବା ସହ ବ୍ୟକ୍ତିତ୍ୱରେ ମାନବିକ ମୂଲ୍ୟବୋଧ ଗଢ଼ି ଉଠିଥାଏ ବୋଲି ଭଦ୍ରକ ସାଂସ୍କୃତିକ ମହୋତ୍ସବର ୨ୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୁପ ଅଭିଷେକ ବେହେରା ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗୟାଧର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମିଟିର ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ମଞ୍ଚ ଆମନ୍ତ୍ରଣ, ଉପଦେଷ୍ଟା ଜାନକୀ ପାଢ଼ୀ ସ୍ୱାଗତ ଭାଷଣ, ଉପସଭାପତି ମନୋରମା ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଞ୍ଜନା ମିଶ୍ର ଓ ଶଶିକଳା ମିଶ୍ର ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇଥିଲେ। ବେଦପାଠ କରିଥିଲେ ଅନିଶା ଚକ୍ରବର୍ତ୍ତୀ। କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ଉପଦେଷ୍ଟା ସୁରଞ୍ଜନ ସାହୁ, ଜଗବନ୍ଧୁ ବେହେରା, ଅତିଶ ଦାସ, ଜୟ ଜଗନ୍ନାଥ ମଲ୍ଲିକ, ପ୍ରଭାତ ଦାସ, ମଦନ ପଣ୍ଡିତ, କମଳ ଲୋଚନ ପଣ୍ଡା ଶୁଭଦୀପ ମଲ୍ଲିକ, ସୀତାକାନ୍ତ ପାଢ଼ୀ, ସାତାକାନ୍ତ ପାଢ଼ୀ, ଆବାହକ ଅବିନାଶ ପଣ୍ଡା, ଅଜୟ ପଣ୍ଡା, ରାମନାରାୟଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ ସମ୍ପାଦକ ପ୍ରଭାତ ଜେନା ଧନ୍ୟବାଦ ଦେଇଥିଲେ। ଶେଷରେ ଦର୍ଶନ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଭଦ୍ରକ ସାଂସ୍କୃତିକ ମହୋତ୍ସବର ୨ୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

## ବିଜ୍ଞାନ ମେଳାରେ ୪୫ ପ୍ରକଳ୍ପ ପ୍ରଦର୍ଶିତ

ଭଣ୍ଡାରିପୋଖରୀ,୫।୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରଣଜିତ ପଞ୍ଚାୟତ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିର୍ମଳ କୁମାର ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ବିଜ୍ଞାନ ମେଳାକୁ ଅଧ୍ୟାପକ ଅନାଦି ଚରଣ ସାହୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସଭାପତି ଫକୀର ଚରଣ ଧଳ, ବ୍ଲକ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା ଓ ଏବିଇଓ ଉମେଶ ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ୪୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ବିଜ୍ଞାନ ଶିକ୍ଷକ ଖଗେଶ୍ୱର ମହାପାତ୍ର ଓ ପ୍ରଧାନ ଶିକ୍ଷକ ତଥା ବ୍ଲକ ବିଜ୍ଞାନ ସଂଯୋଜକ ରବୀନ୍ଦ୍ର ମହାରଣା ବିଚାରକ ଭାବେ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। 'କ' ବିଭାଗରେ ୨ୟ ଶ୍ରେଣୀ ଛାତ୍ର ଦେବାଶିଷ ରାଉତ, 'ଖ' ବିଭାଗରେ ଛାତ୍ର ଦେବବ୍ରିଶ୍ୱର ସ୍ୱାଇଁ, 'ଗ' ବିଭାଗରେ ଛାତ୍ର ଓମ୍‌ପ୍ରକାଶ ବେହେରା ଓ ଶୁଭଙ୍କର ମଲ୍ଲିକ ପ୍ରଥମ ହୋଇଛନ୍ତି। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଇଓ ଅଧିର ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଦ୍ୟୁମ୍ନ କୁଣ୍ଡୁଙ୍କ ଅତିଥି ପରିଚୟ, ସନ୍ତୋଷ ଗୁରୁଙ୍କ ସ୍ୱାଗତ ଭାଷଣ ଓ ଜ୍ୟୋତିରାଣୀ ଗୁରୁଙ୍କ ଧନ୍ୟବାଦ ଦେଇଥିଲେ। ସବିତା ମହାପାତ୍ର, ସସ୍ମିତା ମହାନ୍ତି, ସୌମିତ୍ରୀ ପାତ୍ର, ଭୁବିରାଣୀ ଜେନା, ଜ୍ୟୋତିର୍ମୟୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

# ଶିଶୁ ଆଶ୍ରମ ପରିଦର୍ଶନ କଲେ ଜିଲାପାଳ



ଯୋଗୀ ଋଷି ଲକ୍ଷ୍ମଣ ଦାସ ଶିଶୁ ଆଶ୍ରମ ଅନ୍ତେବାସୀଙ୍କ ସହ ଜିଲାପାଳ ଦିଲୀପ ରାଉତରାୟ।

ତିହିଡ଼ି,୫।୧(ସଞ୍ଜିତ ବଳ)

ଭଦ୍ରକ ଜିଲାପାଳ ଦିଲୀପ ରାଉତରାୟ ରବିବାର ତିହିଡ଼ି ବ୍ଲକ ଦୋଳସାହିସ୍ଥିତ ଯୋଗୀ ଋଷି ଲକ୍ଷ୍ମଣ ଦାସ ଶିଶୁ ଆଶ୍ରମ ପରିଦର୍ଶନ କରିଛନ୍ତି। ଜିଲାପାଳ ଆଶ୍ରମର ଅନ୍ତେବାସୀଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ପିଲାମାନଙ୍କୁ ଖାତା, ପେନ୍‌ସିଲ, କଲମ, ରବର, ଚକୋଲେଟ ଇତ୍ୟାଦି ବଣ୍ଟନ କରିଥିଲେ। ଜିଲାପାଳ ପିଲାମାନଙ୍କ ସହ ଆଶ୍ରମ ବୁଲି ଦେଖିବା ସହ ଆଶ୍ରମର ପରିବେଶ ଦେଖି ଖୁସିବ୍ୟକ୍ତ କରିଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆଶ୍ରମ ପରିଚାଳନା କମିଟିର ସମ୍ପାଦକ ଲୋକନାଥ ପତି ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ‘ସଫଳତା ପାଇଁ ଲକ୍ଷ୍ୟଧାର୍ଯ୍ୟ ସହ ଏକାଗ୍ରତା ଜରୁରୀ’

ବାସୁଦେବପୁର,୫।୧ (ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ଚାନ୍ଦିମାଳ ପିଏମ୍‌ଶ୍ରୀ ଜବାହର ନବୋଦୟ ସ୍କୁଲର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ତଥା ଏହି ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଦିଲୀପ କୁମାର ରାଉତରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ଲକ୍ଷ୍ୟ ଧାର୍ଯ୍ୟ କରି ଏକାଗ୍ରତାର ସହ ଶିକ୍ଷା ଅଧ୍ୟୟନ କଲେ ଜୀବନରେ ସଫଳ ହୋଇପାରିବେ ବୋଲି ଜିଲାପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଛାତ୍ରଛାତ୍ରୀ ଭଲ ମଣିଷ ହୋଇପାରିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତ ରଖି ଶିକ୍ଷା ଓ ଶୃଙ୍ଖଳାକୁ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଳାସିନୀ ଖିଲାର, ଭଦ୍ରକ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମାବତୀ ଦ୍ୱିବେଦୀ, ଧାମରା ଓଡିଶି ଆଦାନୀ ସ୍କୁଲ ଅଧ୍ୟକ୍ଷା କ୍ରୀଷ୍ଟପ୍ରିୟା ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଚାନ୍ଦିମାଳ ପିଏମ୍‌ଶ୍ରୀ ଜବାହର ନବୋଦୟ ସ୍କୁଲର ଅଧ୍ୟକ୍ଷ ଡ. ବିଶ୍ୱନାଥ ଖିଲାର ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଡ. କଳ୍ପନା ଦାସ ଓ ସୌରଭ ବାନାର୍ଜୀ ମଞ୍ଚ ପରିଚାଳନାରେ ସହାୟତା କରିଥିବା ବେଳେ ଶିକ୍ଷାନୁଷ୍ଠାନର ଉପ ଅଧ୍ୟକ୍ଷ ନୃସିଂହ ଚରଣ ଚକ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଆ ସଂସ୍କୃତି ପରମ୍ପରା ତଥା ଭାଷାଭିତ୍ତିକ, ସାମାଜିକ, ଐତିହାସିକ, ଗାଣିତିକ ଓ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ସ୍କୁଲ ବାର୍ଷିକୋତ୍ସବରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅତିଥି।

## କବୟିତ୍ରୀଙ୍କଠାରୁ ସୁନାଚେନ୍ ଛିନ୍ତାଇ

ଭଦ୍ରକ, ୫।୧(ରବିନାରାୟଣ ଖିଲାର)– ଭଦ୍ରକର ରାହାଞ୍ଜ ନିକଟରେ ରବିବାର ସକାଳେ କବୟିତ୍ରୀ ସଂଯୁକ୍ତା ବଳ ନାୟକଙ୍କଠାରୁ ସୁନାଚେନ୍ ଛିନ୍ତାଇ ହୋଇଛି। ଏନେଇ ଅଭିଯୋଗ ପରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ସନ୍ଧ୍ୟାରେ ତଦନ୍ତ କରିଥିଲେ ହେଁ ଲୁଟେରାଙ୍କୁ ଠାବ କରିପାରି ନାହିଁ। ସୂଚନା ଅନୁଯାୟୀ, କବୟିତ୍ରୀ ତଥା ଭୂମିକନ୍ୟା ମହିଳା ସଙ୍ଗଠନର ସଭାନେତ୍ରୀ ସଂଯୁକ୍ତା ଓ କଣ୍ଠଶିଳ୍ପୀ ଶଶିକଳା ମିଶ୍ର ସ୍କୁଟିରେ ଭଦ୍ରକ ଉତ୍ତର ରାଣୀତାଲଠାରେ ଆୟୋଜିତ ସାହିତ୍ୟ ସଂସ୍କୃତି ପରିଷଦର କବିତା ପାଠ ଓ ବାର୍ଷିକୋତ୍ସବକୁ ଯାଉଥିଲେ। ରାହାଞ୍ଜ ନିକଟରେ ହଠାତ୍ ଦୁଇଯୁବକ ନମ୍ବରବିହୀନ ବାଇକ୍‌ରେ ଆସି ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ସଂଯୁକ୍ତା ପିନ୍ଧିଥିବା ସୁନାଚେନ୍ ଝାମ୍ପି ନେଇଥିଲେ। ଭୟରେ ସେମାନେ ତଳେ ପଡ଼ି ଯାଇଥିଲେ।

# ଗାଡ଼ି ଗଡ଼ିବା ମାତ୍ରେ ରାସ୍ତା ଭାଙ୍ଗୁଛି

ଭଣ୍ଡାରିପୋଖରୀ,୫।୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର କୁସୁମା-ସାରୋ ଭାୟା ଅଞ୍ଜିରା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ନିର୍ମାଣ ଚାଲିଛି। ମାତ୍ର ୧ ମାସ ପୂର୍ବେ କଂକ୍ରିଟ କରାଯାଇଥିବା ରାସ୍ତାର ବିଭିନ୍ନ ଅଂଶରେ ଗାଡ଼ି ଚାଲିବା ମାତ୍ରେ ଭାଙ୍ଗି ଯାଉଛି। ରବିବାର ଏହି ନବନିର୍ମିତ ରାସ୍ତାର ସାରୋ ଗ୍ରାମର ବାଇଆ ଦାସଙ୍କ ଘର ସମ୍ମୁଖ ରାସ୍ତାରେ ଧାନ ବୋଝେଇ ଟ୍ରାକ୍ଟର ଗଡ଼ିବା ମାତ୍ରେ ରାସ୍ତାର ବହୁ ଅଂଶ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଇଛି। ଏହା ଦେଖି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ସଦରମହକୁମାରୁ ସଂକ୍ଷିପ୍ତ ରାସ୍ତାରେ ଯାତାୟାତ ସୁବିଧା ଯୋଗାଇ ଦେବା ପାଇଁ ୨୦୨୩ ନଭେମ୍ବରରୁ ଏହି ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ରାସ୍ତାର ଦୁଇ ତୃତୀୟାଂଶ ନିର୍ମାଣ ସରିଛି। ହେଲେ ରାସ୍ତା ନିର୍ମାଣ ହେଉଛି, ତାହା ସହ ଭାଙ୍ଗି ଭାଙ୍ଗି ଯାଉଛି। ଗ୍ରାମବାସୀ ଏଥିପାଇଁ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟକୁ ଦାୟୀ କରିଛନ୍ତି। ବିଭାଗ ପକ୍ଷରୁ ଯେଭଳି ତଦାରଖ କରାଯିବା କଥା ତାହା ହେଉ ନ ଥିବାରୁ ଠିକାଦାର ମନଇଚ୍ଛା ଭାବେ ନିମ୍ନମାନର କାର୍ଯ୍ୟ କରି ବିଲ୍ ଉଠାଇ ନେବାକୁ ମସୁଧା କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ରାସ୍ତା ସମ୍ପର୍କରେ ଅନୁଧ୍ୟାନ କରାଯାଇ ଉପଯୁକ୍ତ ଭାବେ ରାସ୍ତା ନିର୍ମାଣ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।



ସାରୋ ଗ୍ରାମ ରାସ୍ତା।

**ନିମ୍ନମାନର କାର୍ଯ୍ୟ ଅଭିଯୋଗ**

## କେନାଲରୁ ଚାଷୀଙ୍କ ମୃତଦେହ ଜବତ

**ଖଇରା,(ଉତ୍କଳବନ୍ଧୁ ପଣ୍ଡା):** ଗତ ୩ ତାରିଖରୁ ନିଖୋଜ ଥିବା ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଡଗରପଡ଼ା ଗ୍ରାମର ଚାଷୀ ନିଶାକର ରାଉତ(୬୫)ଙ୍କ ମୃତଦେହ ରାଣିଗଡ଼ିଆ ଗ୍ରାମ ନିକଟସ୍ଥ ଆମ୍ବହତା କେନାଲରୁ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ନିଖୋଜଥିବା ନେଇ ପରିବାର ଲୋକେ ରବିବାର ସକାଳେ ଥାନାରେ ଅଭିଯୋଗ କରିବାର କିଛି ଘଣ୍ଟାପରେ ମୃତଦେ ଚିହ୍ନଟ କରାଯାଇଥିଲା। ତେବେ ଚାଷ ନଷ୍ଟ ଯୋଗୁ ଋଣ ଶୁଝି ନ ପାରି ସେ ଆତ୍ମହତ୍ୟା କରିଥିବା ନେଇ ଡଗରପଡ଼ା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



**ବାଲେଶ୍ୱର**

## ଧର୍ମାନ୍ତରୀକରଣ ନେଇ ଉତ୍ତେଜନା

ସୋର,୫।୧(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସିଙ୍ଗାଖୁଣ୍ଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଧର୍ମାନ୍ତରୀକରଣ ଚାଲୁଥିଲା ବେଳେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରସ୍ଥିତି ନିୟନ୍ତ୍ରଣ କରିଥିଲା। ସୂଚନା ଅନୁଯାୟୀ, ସିଂଲା ଥାନା ଅଧୀନ ବେଢ଼ାଣ ଗ୍ରାମର ଜଣେ ବ୍ୟକ୍ତି ସିଙ୍ଗାଖୁଣ୍ଟା ଗ୍ରାମରେ ପହଞ୍ଚି ଧର୍ମ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଉ ଥିଲେ। ସ୍ଥାନୀୟ ଲୋକେ ଜାଣିପାରି ପୋଲିସକୁ ଜଣାଇଥିଲେ। ଏ ସଂକ୍ରାନ୍ତରେ ପୋଲିସ ୨ଟି ମାମଲା(ନଂ.୮/୨୫ ଓ ୯/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ସରିଲା ଚନ୍ଦ୍ରଭାଗୋତ୍ସବ

## ମଞ୍ଚସ୍ଥ ହେଲା ନାଟକ 'ରେବତୀ'

ବାଲେଶ୍ୱର,୫।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ ପରିସରରେ ୩୫ତମ ଚନ୍ଦ୍ରଭାଗୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଆଇନଜୀବୀ ପର୍ଶୁରାମ ପ୍ରଧାନ ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବାଶିଷ ପାତ୍ର ଯୋଗଦେଇ ଚନ୍ଦ୍ରଭାଗାର ଏହି ଉତ୍ସବ ସାହିତ୍ୟ ସଂସ୍କୃତିକୁ ଉଦ୍‌ଜୀବିତ କରିଛି। ସ୍ମୃତି କେବେ ଚୋରି ହୁଏନି ବୋଲି ବକ୍ତବ୍ୟରେ କହିଥିଲେ।



ରେବତୀ ନାଟକର ଏକ ଦୃଶ୍ୟ।

ସମ୍ମାନିତ ଅତିଥି ଇଂ. ଶତ୍ରୁଘ୍ନ ମଲ୍ଲିକ, ଆଇନଜୀବୀ ଅଶୋକ ନନ୍ଦଦୁଲାଲ ଘଡ଼ାଇ, ସାମାଜିକ କର୍ମୀ ସେନାପତି ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ନାଟ୍ୟକାର ଆଶିଷ ଚକ୍ରବର୍ତ୍ତୀ ମଞ୍ଚ ଆହ୍ୱାନ କରିଥିଲେ। ଚନ୍ଦ୍ରଭାଗାର ପ୍ରତିଷ୍ଠାତା କବି ଶ୍ରୀଦେବ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଇଂ. ଘଡ଼େଇ ସୁମଧୁର ବଂଶୀବାଦନ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ଅଧ୍ୟାପକ ଡ. ଶଶୀକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ଦେବାଶିଷ ପାତ୍ରଙ୍କ ରୂପାନ୍ତରିତ ବିଜୟ ମହାକୁଡ଼ଙ୍କ ନିର୍ଦ୍ଦେଶିତ ନାଟକ 'ରେବତୀ' ମଞ୍ଚସ୍ଥ କରାଯାଇଥିଲା। ଚନ୍ଦ୍ରଭାଗାର ମିଡିଆ ସଂଯୋଜିକା ଜ୍ୟୋତିର୍ମୟୀ ଶତପଥୀ, ଅଗଣୀ ଜେନା, ରମେଶ ବେହେରା, ସନ୍ତୋଷ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟାସଦସ୍ୟ ଉତ୍ସବ ପରିଚାଳନା କରିଥିଲେ।

## ୮ରୁ ପ୍ରବାସୀ ଭାରତୀୟ ଦିବସ-୨୦୨୫

ବାଲେଶ୍ୱର,୫।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆସନ୍ତା ଜାନୁଆରୀ ୮ରୁ ୧୦ତାରିଖ ୩ ଦିନ ବ୍ୟାପୀ ବିଶ୍ୱବିଦ୍ୟାଳୟରେ ୧୮ ତମ 'ପ୍ରବାସୀ ଭାରତୀୟ ଦିବସ-୨୦୨୫' ପାଳିତ ହେବ। ଉଚ୍ଚଶିକ୍ଷା ବିଭାଗର ସାମ୍ପ୍ରତିକ ନିର୍ଦ୍ଦେଶନାମାକୁ ଦୃଷ୍ଟିରେ ରଖି ଓଡ଼ିଶା ଓ ଭାରତ ସରକାରଙ୍କ ସହଯୋଗ ଏବଂ ଜନ ଭାଗିଦାରୀ ଢଙ୍ଗରେ ମାରାଥନ୍, ୱାକାଥନ୍ ଏବଂ ସାଇକ୍ଲୋଥନ୍ ସହିତ ପ୍ରବନ୍ଧ, ବିତର୍କ ଏବଂ କୁଇଜ୍ ପ୍ରତିଯୋଗିତାମାନ ଆୟୋଜିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସଚେତନତା ସୃଷ୍ଟି କରିବା ଏବଂ ଭାରତୀୟ ପ୍ରବାସୀଙ୍କ ଅବଦାନକୁ ଆଲୋକିତ କରିବା, ସମ୍ମାନ ଦେବା ଓ ସଂଗଠିତ କରିବା ପାଇଁ ଏକତ୍ରିତ ହେବାର ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଭାରତର ବିକାଶରେ ବିଦେଶୀ ଭାରତୀୟ ସମ୍ପ୍ରଦାୟର ସାମଗ୍ରିକ ଅବଦାନକୁ ସମ୍ମାନ ଜଣାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥାଏ। ୧୮ତମ ପ୍ରବାସୀ ଭାରତୀୟ ଦିବସ-୨୦୨୫ର ବିଷୟବସ୍ତୁ ହେଉଛି 'ଏକ ବିକଶିତ ଭାରତକୁ ପ୍ରବାସୀଙ୍କ ଅବଦାନ'। ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ଭାବେ ଅରୁଣ କୁମାର ନାୟକ ଦାୟିତ୍ୱ ନିର୍ବାହ କରିବେ। ଡ. ଦୀପଙ୍କର ଜେନା, ଡ. ବିଶ୍ୱଜିତ ପରିଡ଼ା, ଅଭୟ କୁମାର ନାୟକ, ଚିନ୍ମୟ କୁମାର ଦାସ, ଡ. ଜୟକୃଷ୍ଣ ଦାସ, ଉଜ୍ଜ୍ୱଳ ଦାସ, ଭବାନୀ ଶଙ୍କର ଜେନା ପ୍ରମୁଖଙ୍କୁ ସଞ୍ଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି।

## କବିତା ପାଠୋତ୍ସବ

ଖଇରା,୫।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲାର ଅନ୍ୟତମ ଖ୍ୟାତିସମ୍ପର୍ଣ୍ଣ ଖଇରା କଲେଜ ପରିସରରେ ନବବର୍ଷକୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ଏଥିରେ ପୌରୋହିତ୍ୟ କରିବା ଅବସରରେ ବିଶ୍ୱରୁ ହିଂସା, ଦ୍ୱେଷ, ପରଶ୍ରିକାତରତା ଦୂର କରିବା ତଥା ଭାଇଚାରା ପ୍ରତିଷ୍ଠା କରିବା ଏହି କବିତା ଆସରର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ନାକ୍ ସଂଯୋଜକ ବନମାଳୀ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରଥମେ ବରିଷ୍ଠ ଅଧ୍ୟାପକ ଶଶିକାନ୍ତ ପଣ୍ଡା ଓ ପରେ ଅଧ୍ୟାପକ ଯୁଗଳ କିଶୋର ଗାହାଣ, ଡ. ଲକ୍ଷ୍ମୀଧର ନାୟକ,ଡ. ଗୋପବନ୍ଧୁ ମହାପାତ୍ର,ଡ.ଉଦୟ ରଞ୍ଜନ ଦାସ, ଡ.ସୁଜିତ ଛାଟିଆ, ଅକ୍ଷାଂଶୁ ଦଳେଇ, ସୁଶାନ୍ତ କୁମାର ବିଶ୍ୱାଳ ଓ ତାପସ କୁମାର ଦାଶ କବିତା ମାଧ୍ୟମରେ ନିଜର ଭାବନାକୁ ପରିପ୍ରକାଶ କରିଥିଲେ। ଅଧ୍ୟାପକଙ୍କ ସହ ତାଳ ଦେଇ ଛାତ୍ରୀଛାତ୍ରମାନେ ମଧ୍ୟ କବିତା ମାଧ୍ୟମରେ ସୃଷ୍ଟି ସଜାଡିବାର ବାର୍ତ୍ତା ଦେଇଥିଲେ। ଅଧ୍ୟକ୍ଷ ନିଜ କବିତା 'ଶୃଙ୍ଖଳା' ପାଠ ମାଧ୍ୟମରେ ଦିବ୍ୟସଂହତିର ମନ୍ତ୍ରକୁ ଆପଣେଇବାକୁ ଆହ୍ୱାନ ଦେଇଛନ୍ତି। ଅଧ୍ୟାପିକା ଦେବବ୍ରତୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି।

## 'ମହାବିଦ୍ୟାଳୟ ଭିତ୍ତିଭୂମିର ସାମଗ୍ରିକ ବିକାଶ ହେଉ'



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

### ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ

ବାଲେଶ୍ୱର,୫।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସଂସଦ ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ନୀଳମଣି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବସନ୍ତ କୁମାର ଭୋଇ, ମୁଖ୍ୟ ବକ୍ତା ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଯୋଗଦେଇ ମହାବିଦ୍ୟାଳୟ ଭିତ୍ତିଭୂମିର ସାମଗ୍ରିକ ବିକାଶ ଦିଗରେ ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ଅଧିକାରୀ ସରୋଜ କୁମାର ପାଣି, ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ମହାବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ମଧୁସୂଦନ ପଣ୍ଡା ମଞ୍ଚାସୀନ ହୋଇ ପୁରାତନ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନ ବିକାଶର ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ଛାତ୍ର ସଂସଦ କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା, ଉପଦେଷ୍ଟା ପର୍ଶୁରାମ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ଦିଲ୍ଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉପଦେଷ୍ଟା ଅନନ୍ତ କୁମାର ସାହୁ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଗଣେଶ କୁମାର ପାଢ଼ୀ, ମାନସ ବେହେରା, ଦେବେନ୍ଦ୍ର ଆଚାର୍ଯ୍ୟ, ସାଗର ସାହୁ, କାହ୍ନୁଚରଣ ସ୍ୱାଇଁ, ଲମ୍ବୋଧର ଜେନା, ଯଜ୍ଞେଶ୍ୱର ଗିରି, ନରେନ୍ଦ୍ର ମହାପାତ୍ର, ପୂଜାରାଣୀ ଗାଁଣ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


## ସମସ୍ୟା ଭୋଗୁଛନ୍ତି ପଥଚାରୀ, ପର୍ଯ୍ୟଟକ

### ନାହିଁ ଯାତ୍ରୀ ବିଶ୍ରାମାଗାର

ନୀଳଗିରି, ୫।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ଼ଠାରେ ମୁଣ୍ଡ ଗୁଞ୍ଜିବାକୁ ନାହିଁ ଯାତ୍ରୀ ବିଶ୍ରାମାଗାର। ଫଳରେ ପଥଚାରୀ ଓ ପର୍ଯ୍ୟଟକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବା ସହ ବିଭିନ୍ନ ସମୟରେ ଖରା ଓ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ କିଏ ଗଛମୂଳେ ତ କିଏ ନିକଟସ୍ଥ ଦୋକାନ ସମ୍ମୁଖରେ ରହି ବସ୍‌କୁ ଅପେକ୍ଷା କରୁଛନ୍ତି।

ଏଠାରେ ରହିଛି ଉତ୍ତର ଓଡ଼ିଶାର ପ୍ରମୁଖ ଅଧିଷ୍ଠାତ୍ରୀ ଦେବୀ ମା' ଭୂଧାରଚଣ୍ଡୀଙ୍କ ମନ୍ଦିର। ପ୍ରତିଦିନ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତ ଓ ପର୍ଯ୍ୟଟକଙ୍କ ସୁଅ ଛୁଟିବା ସହ ସଜନାଗଡ଼ ଯାତ୍ରୀ ବିଶ୍ରାମାଗାର ଉପରେ କିଛି ଭକ୍ତ ଓ ପର୍ଯ୍ୟଟକ ନିର୍ଭର କରିଥାନ୍ତି। ସଜନାଗଡ଼ ବସ୍‌ଷ୍ଟାଣ୍ଡ ଦେଇଯାଇଥିବା ୧୯ ନମ୍ବର ରାଜ୍ୟ ରାଜପଥରେ ବାଲେଶ୍ୱର, କଟକ, ଭୁବନେଶ୍ୱର, ମୟୂରଭଞ୍ଜ ସମେତ ବିଭିନ୍ନ ସ୍ଥାନକୁ ଏହି ବସ୍‌ଷ୍ଟାଣ୍ଡରୁ ୮ଟି ପଞ୍ଚାୟତର ଲୋକେ ବସ୍‌ରେ ଯାତାୟାତ କରିଥାନ୍ତି। ପ୍ରଶାସନ ତରଫରୁ ସଜନାଗଡ଼ ବିଶ୍ରାମାଗାର ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ



ଭାଙ୍ଗି ଯାଇଥିବା ଯାତ୍ରୀ ବିଶ୍ରାମାଗାର।

ଦେଖାଦେଇଛି। ଏହି ରାଜ୍ୟ ରାଜପଥ ଦେଇ ଦୈନିକ ବ୍ଲକ ଓ ଜିଲା ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ପଥଚାରୀ ଓ ପର୍ଯ୍ୟଟକଙ୍କ ସମସ୍ୟା ପ୍ରତି କାହାରି ନଜର ପଡୁନି। ତେବେ ଆଗାମୀ ଦିନରେ ପଥଚାରୀ ଓ ପର୍ଯ୍ୟଟକଙ୍କ କୌଣସି ଅଘଟଣ ଘଟିବା ପୂର୍ବରୁ ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଦେଢ଼ବର୍ଷ ପୂର୍ବେ ରାଜ୍ୟ ରାଜପଥ ସମ୍ପ୍ରସାରଣ ପାଇଁ ସଜନାଗଡ଼ ବଜାରରୁ ଜବରଦଖଲ ଉଚ୍ଛେଦ ସହ ଜରାଜୀର୍ଣ୍ଣ ଅବସ୍ଥାରେ ଯାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ବିଶ୍ରାମାଗାରକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା।

**ମୟୂରଭଞ୍ଜ**

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ମୋରଡ଼ା,୫।୧(ସ୍ୱାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ପଞ୍ଚାୟତର ନୂଆସାହି ଗ୍ରାମର ଜଣଙ୍କ ଗୁହାଳରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ବିଜୟ ସିଂ। ବିଜୟ ଶନିବାର ରାତିରେ ଖାଇପିଇ ନିଜ ଘରେ ଶୋଇଥିଲେ। ରବିବାର ସକାଳେ ଉକ୍ତ ଗ୍ରାମର ମକୁରୁ ମହାନ୍ତଙ୍କ ଗୋରୁ ଗୁହାଳରେ ବିଜୟଙ୍କ ମୃତଦେହ ଝୁଲୁଥିବା ମକୁରୁଙ୍କ ପରିବାର ଲୋକେ ଦେଖିଥିଲେ। ଏ ନେଇ ବିଜୟଙ୍କ ଘର ଲୋକ ପୋଲିସକୁ ଖବର ଦେଇଥିଲେ। ବଡ଼ଜାମବଣି ଥାନା ଅଧିକାରୀ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି ।

## ୩୯୫ ଲିଟର ମଦ ଜବତ, ୨ ଗିରଫ

ରାଇରଙ୍ଗପୁର,୫।୧(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଘାଗରଡ଼ିପା, ଭୀମଖନ୍ଦା ଓ ଛତ୍ରମଣ୍ଡଳ ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇଛି। ଟିମ୍ ଚଢ଼ାଉରେ ୩୯୫ ଲିଟର ଦେଶୀ ରନ୍ଧା ମଦ ଓ ୬୪୦୦ ଲିଟର ମହୁଲ ପୋଚ ଜବତ କରିଥିଲା। ବେଆଇନ ବଦ କାରବାର ଅଭିଯୋଗରେ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଘାଗରଡ଼ିପା ଗ୍ରାମର ସୁନ୍ଦର ମାଝୀ ଓ ଛତ୍ରମଣ୍ଡଳ ଗ୍ରାମର ଠାକୁରା ମାହାଲିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜବତ ଦେଶୀ ରନ୍ଧା ମଦ, ମହୁଲ ପୋଚର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଅବକାରୀ ପୋଲିସ ପକ୍ଷରୁ ପୃଥକ ୪ ଗୋଟି ମାମଲା (ନଂ. ୧୫୫, ୧୫୬, ୧୫୭, ୧୫୮/୨୦୨୫ ) ରୁଜୁ କରାଯାଇଛି। ଟିମ୍‌ରେ ରାଇରଙ୍ଗପୁର ଉପଖଣ୍ଡ ଅବକାରୀ ରେଞ୍ଜ ପକ୍ଷରୁ ରାଇରଙ୍ଗପୁର ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତୀର୍କୀ ଓ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଚଢ଼ାଉରେ ସାମିଲ ଥିଲେ।

## ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷୟକ୍ଷତି ସହାୟତାର ମାଧ୍ୟମ 'ଅନୁକମ୍ପା'

ବାରିପଦା,୫।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବର୍ଷତମାମ ହାତୀଙ୍କ ଉପଦ୍ରବ ଲାଗି ରହିଛି। ଧାନ ପାଚିଲା ସମୟରେ ପଲ ପଲ ହୋଇ ହାତୀ ବିଚରଣ କରୁଥିବାରୁ ଚାଷୀ, ଅଞ୍ଚଳବାସୀ ଆତଙ୍କିତ ହୋଇଥାଆନ୍ତି। ଅନେକ ସମୟରେ ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷତିର ଭରଣା ଦାବିକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାଏ। ବନ ବିଭାଗ ପକ୍ଷରୁ ଜାରି ହୋଇଥିବା 'ଅନୁକମ୍ପା' ଆପ୍ ଜରିଆରେ ସରଳ ପ୍ରକ୍ରିୟାରେ ସରକାରୀ ସହାୟତା ମିଳୁଛି। ଆପ୍ ଜରିଆରେ ସବିଶେଷ ତଥ୍ୟ ପ୍ରଦାନ ପରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ଯାଉଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବିଭାଗ ପକ୍ଷରୁ ଜାରି ଆପ୍ ମାଧ୍ୟମରେ ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ନିଜ ସ୍ମାର୍ଟ ଫୋନରୁ କ୍ଷତିପୂରଣ ପାଇଁ ଆବେଦନ କରିପାରିବେ। ନଚେତ ଜନସେବା କେନ୍ଦ୍ରକୁ ଯାଇ ୱେବ୍ ପୋର୍ଟାଲରେ ନିଜର ଆବେଦନ କରିପାରିବେ। ଆବେଦନ ପଞ୍ଜିକୃତ ହେଲେ ମୋବାଇଲ ନମ୍ବରକୁ ଏକ ଅନନ୍ୟ ପଞ୍ଜୀକରଣ ସଂଖ୍ୟା ମେସେଜ ଦ୍ୱାରା ଆସିବ। ପଞ୍ଜୀକରଣ ସଂଖ୍ୟା ଦ୍ୱାରା ଆବେଦକ ନିଜର ଆବେଦନର ସ୍ଥିତି ଜାଣି ପାରିବେ। ଆବେଦନ ବନ ବିଭାଗ ଦ୍ୱାରା ଯାଞ୍ଚ ପରେ କ୍ଷତିପୂରଣ ରାଶି କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଖାତାରେ ଜମା ହେବ। କ୍ଷତିଗ୍ରସ୍ତ ନିଜର ପରିଚୟ ପତ୍ର, ବ୍ୟାଙ୍କ ଖାତା ଓ ଫସଲ କ୍ଷତି କ୍ଷେତ୍ରରେ ଚାଷଜମି ପଟ୍ଟା ଇତ୍ୟାଦି ଆବଶ୍ୟକ ରହିଛି। ବନ୍ୟପ୍ରାଣୀଙ୍କ ଦ୍ୱାରା ଧାନ ଓ ଅନ୍ୟ ଶସ୍ୟ କ୍ଷତି ହୋଇଥିଲେ ଏକର ପିଛା ୨୦ ହଜାର ଏବଂ ଅର୍ଥକାରୀ ଫସଲ କ୍ଷତି ହେଲେ ଏକର ପିଛା ୨୫ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ବନ୍ୟପ୍ରାଣୀଙ୍କ ଦ୍ୱାରା ଗୃହପାଳିତଙ୍କ ମୃତ୍ୟୁ ହେଲେ ମେଣ୍ଢା ପ୍ରତି ଦେଢ଼ ହଜାର, ଛେଳି ପ୍ରତି ୪ ହଜାର, ବାଛୁରୀ ପ୍ରତି ୫ ହଜାର, ଗାଈ ଓ ମଇଁଷି ପାଇଁ ୩୭ ହଜାର ୫ ଶହ ଓ ବଳଦ ପ୍ରତି ୩୨ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ବନ୍ୟପ୍ରାଣୀଙ୍କ ଦ୍ୱାରା ଘରର ଆଂଶିକ କ୍ଷତି ହେଲେ ୧୦ ହଜାର, ସମ୍ପୂର୍ଣ୍ଣ କ୍ଷତି ୨୦ ହଜାର ଓ ବିଜୁ ପକ୍କା ଘର ଅଥବା ସେହି ମୂଲ୍ୟର ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ସାମାନ୍ୟ ଆଘାତ ହୋଇ ଏକ ସପ୍ତାହରୁ କମ ସମୟ ଡାକ୍ତରଖାନାରେ ଭର୍ତ୍ତି ହେଲେ ୫ ହଜାର ତଥା ସରକାରୀ ଡାକ୍ତରଖାନାରେ ମାଗଣା ଚିକିତ୍ସା, ଏକ ସପ୍ତାହରୁ ଅଧିକ ସମୟ ରହିଲେ ୧୦ହଜାର ଟଙ୍କା ସହ ମାଗଣା ଚିକିତ୍ସାର ସୁବିଧା ରଖାଯାଇଛି। ଗୁରୁତର ହୋଇ ୬୦ ପ୍ରତିଶତରୁ କମ କିମ୍ବା ଅଧିକ ଭିନ୍ନକ୍ଷମ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ଏବଂ ମୃତ୍ୟୁ ଜନିତ ରାଶି ୬ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ହିଂସା ମନଭାବ ରଖି ବନ୍ୟପ୍ରାଣୀଙ୍କୁ କ୍ଷତି ପହଞ୍ଚାଇଲେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଦ୍ୱାରା ଦଣ୍ଡିତ ହେବେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆଗାମୀ ଦିନରେ ନିଶୁଳ୍କ ଆବେଦନର ବ୍ୟବସ୍ଥା କରାଯାଉଛି ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବାରିପଦା ବନଖଣ୍ଡ ଅଧୀନ ସଂରକ୍ଷିତ ଓ ଗ୍ରାମ୍ୟ ଜଙ୍ଗଲରେ ହାତୀ ଆତଙ୍କ ଜାରି ରହିଛି। ସପ୍ତାହକ ମଧ୍ୟରେ ୨ ଜଣ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି।

## ମୋରମ ଖାଲରେ ପଡ଼ି ହାତୀ ଶାବକ ଆହତ

କରଞ୍ଜିଆ, ୫।୧ (କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟଠାରୁ ୪ କି.ମି. ଦୂର ପକାମୁଣ୍ଡା ଗ୍ରାମର ଏକ ଜଙ୍ଗଲ ନିକଟ ମୋରମ ଖାଲରେ ପଡ଼ି ହାତୀ ଶାବକ ଆହତ ହୋଇଛି। ହାତୀ ଶାବକକୁ ଉଦ୍ଧାର କରିବା ପାଇଁ ବନ ବିଭାଗ ଶନିବାର ସକାଳୁ ଉଦ୍ୟମ କରି ରାତି ପ୍ରାୟ ୧୧ଟାରେ ସଫଳ ହୋଇଥିଲା। କରଞ୍ଜିଆ ନର୍ସରୀରେ ହାତୀଟିକୁ ରଖାଯାଇଛି। ଶାବକକୁ ସୁରକ୍ଷା ଲାଗି ମା' ହାତୀ ଜଗି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିଲା।

ଝାଡ଼ଖଣ୍ଡର ୨୬ ଟିକିଆ ବଣୁଆ ହାତୀ ଦଳର ୭ ହାତୀ ବିଚ୍ଛିନ୍ନ ହୋଇ କରଞ୍ଜିଆ ବନଖଣ୍ଡ ଅଞ୍ଚଳର ପକାମୁଣ୍ଡା ଜଙ୍ଗଲରେ ରହିଥିଲେ। ଖଣି ମାଫିଆମାନେ ଜଙ୍ଗଲରୁ ବେଆଇନ ଭାବେ ମୋରମ ଚୋରି କରିବା ଫଳରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା। ଦୁଇ ବର୍ଷୀୟା ହାତୀ ଶାବକଟି ଏହି ଖାଲରେ ପଡ଼ି



ଯାଇଥିଲା। ଶାବକକୁ ଉଦ୍ଧାର କରିବା ପାଇଁ ମା' ହାତୀ ଉଦ୍ୟମ କରିଥିଲା। ଭୋର ହୋଇଯିବାରୁ ପାଖ ଜଙ୍ଗଲରେ ରହି ଶାବକକୁ ଦୃଷ୍ଟିରେ ରଖିଥିଲା। ବନ ବିଭାଗ ପକ୍ଷରୁ ହାତୀ ଛୁଆକୁ ଉଦ୍ଧାର ପରେ ରବିବାର ଦୁଇ ଡାକ୍ତରୀ ଟିମ୍ ଆସି ଚିକିତ୍ସା କରିଛନ୍ତି। ପଡ଼ିଯିବା ଯୋଗୁ ହାତୀ ଶାବକର ମେରୁଦଣ୍ଡରେ ମାଡ଼ ହୋଇଥିବା ଡାକ୍ତର କହିଛନ୍ତି। ଚିକିତ୍ସା ଚାଲିଛି, ଶୀଘ୍ର ହାତୀ ଶାବକ ସୁସ୍ଥ ହୋଇଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଭୀମକୁଣ୍ଡରେ ପଡ଼ିଗଲେ ୨ ପର୍ଯ୍ୟଟକ

ଠାକୁରମୁଣ୍ଡା,୫।୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍‌ର ବୋଙ୍ଗିଠାରେ ଥିବା ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡରେ ରବିବାର ୨ ପର୍ଯ୍ୟଟକ ଗାଧୋଇବା ବେଳେ ପଡ଼ିଯାଇଥିଲେ। ପର୍ଯ୍ୟଟକ ଦ୍ୱୟ ହେଲେ ଭଦ୍ରକ ଜିଲା ବିବେକ ସେଠୀ ଓ ତାଙ୍କ ସାଙ୍ଗ ତନ୍ମୟ। ସ୍ଥାନୀୟ ପର୍ଯ୍ୟଟକଙ୍କ ସହଯୋଗରେ ଉଭୟଙ୍କୁ ଉଦ୍ଧାର କରାଯାଇଥିଲା। ପ୍ରକାଶ ଯେ, ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳରୁ ବଣ ଭୋଜି ପାଇଁ କେତେକ ଯୁବକ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଭୀମକୁଣ୍ଡର ବୈତରଣୀ ନଦୀରେ ଗାଧୋଇବା ପାଇଁ ସାନକୁଣ୍ଡକୁ ଯାଇଥିଲେ। ଏହି ସମୟରେ ଗ୍ରୁପର ବିବେକ ସେଠୀ ଭାସିଯାଉଥିବା ଦେଖି ସାଙ୍ଗ ତନ୍ମୟ ଉଦ୍ଧାର ପାଇଁ ଯାଇ ସେ ମଧ୍ୟ ପାଣି ସ୍ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକ ଓ କିଛି ପର୍ଯ୍ୟଟକଙ୍କ ସହଯୋଗରେ ଉଭୟଙ୍କୁ ଉଦ୍ଧାର କରାଯାଇଥିଲା। ଫଳରେ ୨ ଯୁବକ ବଡ଼ଧରଣର ବିପଦରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତନ୍ମୟଙ୍କୁ ଅଳ୍ପ ଆଘାତ ଲାଗିଥିଲା। ଉଭୟଙ୍କୁ ଉଦ୍ଧାର ପରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ନିଜ ଘରକୁ ଚାଲିଯାଇଥିଲେ। ସୂଚନା ଥାଉକି, ଦୁର୍ଘଟଣାକୁ ନଜର କରି ସାନକୁଣ୍ଡରେ ଏକ ଜାଲ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ଭୀମକୁଣ୍ଡରେ ସଚେତନତା ନିମନ୍ତେ ସତର୍କ ସୂଚନା ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।



## ଲୋକଙ୍କୁ ବାନ୍ଧି ରଖିଲା ପାରମ୍ପରିକ କଳାନୃତ୍ୟ

### ସରିଲା ଧୁମୁସା

ଉଦଳା,୫।୧(ସନ୍ତୋଷ କୁମାର ବାଛିନୀ)

ଶେଷ ହେଲା ଉଦଳା ମହୋତ୍ସବ ଧୁମୂସା-୨୦୨୪। ରବିବାର ଶେଷ ସନ୍ଧ୍ୟାରେ ପାରମ୍ପରିକ କଳାନୃତ୍ୟ ଅଧିକ ଋଦ୍ଧିମନ୍ତ କରିଥିଲା। ଶୀତୁଆ ସନ୍ଧ୍ୟାରେ ଲୋକଙ୍କୁ ଲୋକକଳା ବା କଳାନୃତ୍ୟ ବାନ୍ଧି ରଖିଥିଲା। ଲୋକେ ଏହାକୁ ଉପଭୋଗ କରିଥିବା ବେଳେ ବର୍ଷ ତମାମ ଧୁମୂସାର ଗୁଞ୍ଜରଣ ବର୍ଷ ସାରା ରହିବ ବୋଲି ଆଲୋଚନା ହୋଇଥିଲା। ଶେଷ ସନ୍ଧ୍ୟାରେ ଆୟୋଜିତ ମଞ୍ଚରେ ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସାଏ, ମୁଖ୍ୟ ବକ୍ତାଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ପ୍ରମିଳା ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ମହୋତ୍ସବ କମିଟିର ସଭାପତି ସୁଶାନ୍ତ ବାରିକପୁରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଅତିଥିମାନେ ମହାପ୍ରଭୁଙ୍କଠାରେ ପ୍ରଦୀପ ପ୍ରଜ୍ଜଳନ ଓ ମାଲ୍ୟାର୍ପଣ କରିବା ସହିତ ଧୁମୂସା ବେଲୁନ ଉଡାଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସିନେ ତାରକା ବବି ମିଶ୍ର, ହିରଣ୍ମୟୀ ଦାସଙ୍କ ଅଭିନୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ବେଶ ମନ୍ତ୍ରମୁଗ୍ଧ କରିଥିଲା। ଏହା ସହିତ ପୁରା ମହୋତ୍ସବରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସମୁଦାୟ ୭୭ ଗୋଟି ଷ୍ଟଲ୍ ଲାଗିଥିଲା। ଯେଉଁଥିରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଉତ୍ପାଦିତ ସାମଗ୍ରୀ ବିକ୍ରି କରିଥିଲେ। ଚଳିତ ଥର ସବୁଠାରୁ ଅଧିକ ଆକର୍ଷଣୀୟ ଥିଲା ମହୋତ୍ସବ ପ୍ୟାଣ୍ଡେଲରେ ଚିତ୍ରଣ ହୋଇଥିବା ଆଦିବାସୀ କଳା ସଂସ୍କୃତିର ବିଭିନ୍ନ ପରମ୍ପରା ଓ କଳାର ଚିତ୍ର। ଯାହାକି ଚିତ୍ରଶିଳ୍ପୀ ଜିତେନ୍ଦ୍ର ହେମ୍ବ୍ରମଙ୍କ ଟିମ୍ ଦ୍ୱାରା ରୂପରେଖ ଦିଆଯାଇଥିଲା। ଶେଷ ସନ୍ଧ୍ୟାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ଏସ୍‌ଡିପିଓ ଦୋଳଗୋବିନ୍ଦ ଭୋଇ, ୪ ଗୋଟି ବ୍ଲକ୍‌ର ବିଡ଼ିଓ, ତହସିଲଦାରଙ୍କ ସମେତ ଭଞ୍ଜ କଳାକାର ସଦସ୍ୟ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ପ୍ରଧାନ ଏବଂ ମହୋତ୍ସବ କମିଟିର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

**ଦରବୃଦ୍ଧି: ଆଜି ରାଜ୍ୟକୁ ଓହ୍ଲାଇବ ବିଜେଡି**

ଭୁବନେଶ୍ୱର, (ସୁନିତ୍ ମିଶ୍ର): ଦରବୃଦ୍ଧି ପ୍ରସଙ୍ଗ ନେଇ ବିଜେଡି ସୋମବାର ରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତ ହୋଇଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଲୋୟର ପିଏମ୍‌ଜି ଠାରେ ୨୫ରୁ ୩୦ ହଜାର ଲୋକଙ୍କୁ ଏକାଠି କରି ଦରବୃଦ୍ଧି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିବା ଲାଗି ବିରୋଧୀ ପ୍ରସ୍ତୁତ ହୋଇଛନ୍ତି। ଭାଜପା ସରକାର ବିରୋଧରେ ଏହା ଏକ ବଡ ଧରଣର ଆନ୍ଦୋଳନ ହେବାକୁ ଯାଉଛି ବୋଲି ବିଜେଡି ନେତା ସଞ୍ଜୟ ଦାସ ବର୍ମା କହିଛନ୍ତି

# ଭାଜପା ଦିଲ୍ଲୀରେ କ୍ଷମତାକୁ ଆସିଲେ ଜନକଲ୍ୟାଣ ଯୋଜନା ବନ୍ଦ ହେବନି: ମୋଦି

**ନୂଆଦିଲ୍ଲୀ,୫।୧(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦିଲ୍ଲୀରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ଅବସରରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏହି ସରକାର କେନ୍ଦ୍ର ସହ ଲଢ଼େଇ କରି ଗୋଟିଏ ଦଶନ୍ଧି ଅପଚୟ କରିଦେଇଛି। ଜାତୀୟ ରାଜଧାନୀକୁ ଭବିଷ୍ୟତର ଏକ ମହାନଗର ଭାବେ ପରିବର୍ତ୍ତନ କରାଇବା ପାଇଁ ଭାଜପାକୁ ସୁଯୋଗ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ଭାଜପା କ୍ଷମତାକୁ ଆସିଲେ ଗୋଟିଏ ହେଲେ ଜନକଲ୍ୟାଣକାରୀ ଯୋଜନା ବନ୍ଦ ହେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଯୋଜନା କାର୍ଯ୍ୟକାରିତାରେ ରହିଥିବା ଦୁର୍ନୀତିର ମୂଲ୍ୟାଙ୍କନ ଭାଜପା ସରକାର କରିବ ବୋଲି ସେ କହିଛନ୍ତି।



ରୋହିଣୀ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ରାଲିରେ ଉଦ୍‌ବୋଧନ ଦେଉଛନ୍ତି।

ରୋହିଣୀ ଅଞ୍ଚଳରେ ଏକ ରାଲିକୁ ସମ୍ବୋଧିତ କରି ମୋଦି ଆପ୍ ସରକାରକୁ ବିପର୍ଯ୍ୟୟ ବୋଲି କହିବା ସହ ଏହା ଦିଲ୍ଲୀକୁ କ୍ଷତିଗ୍ରସ୍ତ କରାଇଥିବା କହିଛନ୍ତି। ଭାଜପା ଏଥିରେ ପରିବର୍ତ୍ତନ ଆଣିବ। ଦିଲ୍ଲୀବାସୀ ଆପଦାକୁ ଆଉ ସହିବେ ନାହିଁ। ସେମାନେ ପରିବର୍ତ୍ତନ ଆଣିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କୋଭିଡ୍ ମହାମାରୀ ବେଳେ ଦିଲ୍ଲୀବାସୀ ଅକ୍ସିଜେନ୍ ଏବଂ ଔଷଧ ପାଇଁ ସଂଘର୍ଷ କରୁଥିବାବେଳେ ଆପଦା ଲୋକ (ଆପ୍ ନେତାମାନେ) 'ଶୀଶ ମହଲ' ନିର୍ମାଣ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଉଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଶୀଶ ମହଲ ନିର୍ମାଣରେ ବିପୁଳ ଅର୍ଥ ବ୍ୟୟ ହୋଇଛି। ଏହା ହେଉଛି ସେମାନଙ୍କ ଅସଲ ରୂପ। ଆପ୍ ନେତା ଜନସାଧାରଣଙ୍କୁ ଖାତିର କରିନାହାନ୍ତି ବୋଲି ମୋଦି କହିଛନ୍ତି। ଭାଜପା କ୍ଷମତାରେ ଆସିଲେ କଲ୍ୟାଣକାରୀ ଯୋଜନାଗୁଡ଼ିକ ବନ୍ଦ ହୋଇଯିବ ବୋଲି ଆପ୍ ନେତାମାନେ ମିଥ୍ୟା ପ୍ରଚାର ଚଳାଉଛନ୍ତି। ଗୋଟିଏ ବି ଯୋଜନା ବନ୍ଦ ହେବ ନାହିଁ ବୋଲି ଏହି ଅବସରରେ ମୋଦି ଦିଲ୍ଲୀବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ପ୍ରତିଶ୍ରୁତି ପାଳନ ହେଉନି, ୧୦ରେ ବିକ୍ଷୋଭ କରିବୁ:ସୁକାନ୍ତ

## ନୀଳଗିରିରେ ଲଘୁଖଣିଜ ଦ୍ରବ୍ୟ ଚୋରାଚାଲାଣକୁ ବିରୋଧ

**ନୀଳଗିରି,୫।୧(ପ୍ରଶାନ୍ତ ବିଶ୍ୱାଳ)**

ପ୍ରାକୃତିକ ସମ୍ପଦରେ ଭରପୂର ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ବିଭିନ୍ନ ଲଘୁଖଣିଜ ସମ୍ପଦ ଭରି ରହିଥିବା ବେଳେ ଦୈନନ୍ଦିନ ଲୁଚେଇଚୋରାଇ ପଥର, ମୋରମ, ଇଟା ପାଇଁ ମାଟି, ନଦୀବାଲି ଆଦି ଚୋରାଚାଲାଣ କରୁଛନ୍ତି ବୋଲି ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଅଭିଯୋଗ କରିଛନ୍ତି। ଶନିବାର ଅପରାହ୍ନରେ ନୀଳଗିରି ବିଜେଡି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ଏନେଇ ବର୍ତ୍ତମାନର ଭାଜପା ସରକାରଙ୍କ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି ଓ ପରୋକ୍ଷରେ ଚୋରାଚାଲାଣକାରୀଙ୍କୁ ସମର୍ଥନ କରୁଛନ୍ତି। ବଣପାହାଡ଼ ଘେରା ନୀଳଗିରି ଏବେ ପ୍ରଦୂଷିତ ହେଉଛି। ଏହାବାଦ୍ ସୋନନଦୀ ପଠାର ବିଭିନ୍ନ ସଇରାତରୁ ବାଲି, ମୋରମ ଓ ବାଘମରା ପଥର ଖାଦାନରେ ବ୍ଲାଷ୍ଟିଙ୍ଗ କରି ପଥରଚାଲାଣ କରାଯାଉଛି। ଏହାକୁ ରୋକିବା ପାଇଁ ସେ ନୀଳଗିରି ଉପଜିଲାପାଳଙ୍କୁ ଡିସେମ୍ବର ୯ ତାରିଖରେ ଲିଖିତ ଅଭିଯୋଗ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ନ ହେଲେ ୨୧ ଡିସେମ୍ବରରେ ଗଣବିକ୍ଷୋଭ କରାଯିବ ବୋଲି ଚେତାବନୀ ଦେଇଥିଲେ। ମାତ୍ର ପ୍ରଶାସନ ବିକ୍ଷୋଭ ସ୍ଥଗିତ ରଖିବାକୁ ଅନୁରୋଧ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ସ୍ଥଗିତ ରହିଥିଲା। ପ୍ରତିଶ୍ରୁତିର ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ରାଜ୍ୟ ସରକାର କିମ୍ବା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ତେଣୁ ବିଜେଡି ଏକ ସଚେତନ ବିରୋଧୀଦଳ ଭାବରେ ମା', ମାଟିର ସମ୍ମାନ ରକ୍ଷା ପାଇଁ ଚଳିତ ମାସ ୧୦ ତାରିଖରେ ନୀଳଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହିତ ଧାରଣା ଦେବ ବୋଲି ନାୟକ ଚେତାବନୀ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଓ ଅନ୍ୟମାନେ।

# କୃଷ୍ଣଚନ୍ଦ୍ର ସଭାପତି, ଘନଶ୍ୟାମ, ରାଜା ଉପ ସଭାପତି

## ଜେଏମ୍ଏମ୍‌ର ନୂତନ ଜିଲା କମିଟି ଗଠିତ

**ବାରିପଦା,୫।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ନୂତନ ମୟୂରଭଞ୍ଜ ଜିଲା କମିଟି ଘୋଷିତ ହୋଇଛି। ସ୍ଥାନୀୟ ରଘୁନାଥପୁରସ୍ଥିତ ମଣ୍ଡପରେ ରାଜ୍ୟ ସଭାନେତ୍ରୀ ଅଞ୍ଜନୀ ସୋରେନଙ୍କ ପୌରହିତ୍ୟରେ କର୍ମକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହୋଇ ନାମ ଘୋଷଣା କରାଯାଇଛି। ଜିଲା ସଭାପତି ଭାବେ କୃଷ୍ଣଚନ୍ଦ୍ର ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉପ ସଭାପତି ଭାବେ ଘନଶ୍ୟାମ ପିଙ୍ଗୁଆ ଓ ରାଜା ହେମ୍ବ୍ରମ, ସମ୍ପାଦକ ଭାବେ ଶୈଳେନ୍ଦ୍ର ହେମ୍ବ୍ରମ, ସହ ସମ୍ପାଦକଭାବେ ଅଜିତ୍ ସେଜପଡ଼ା ଓ ଚୈତନ୍ୟ ପ୍ରସାଦ ମାର୍ଣ୍ଡି, ସାଙ୍ଗଠନିକ ସମ୍ପାଦକଭାବେ ଭୁବନ ଟୁଡୁ, ପ୍ରବକ୍ତାଭାବେ ସନ୍ତୋଷ ମୁର୍ମୁ ଓ କୋଷାଧ୍ୟକ୍ଷ ଭାବେ ଶଙ୍ଖ ଚରଣ ମାଝୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ରାଜ୍ୟ ସଭାନେତ୍ରୀ ଅଞ୍ଜନୀ ନୂତନ ପଦାଧିକାରୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଆଗାମୀ ଦିନରେ ମୟୂରଭଞ୍ଜ ଜିଲାରେ ଜେଏମ୍ଏମ୍‌କୁ ତୃଣମୂଳସ୍ତରରେ ସଂଗଠିତ କରିବା ପାଇଁ ନିର୍ବାଚନମଣ୍ଡଳୀ, ନଗର, ପଞ୍ଚାୟତସ୍ତରରେ କମିଟି ଗଠିତ ହେବ ବୋଲି ଜିଲା ସଭାପତି ଦାସ କହିଛନ୍ତି।

## INVITATION FOR BIDS (IFB) NATIONAL COMPETITIVE BIDDING THROUGH E-PROCUREMENT

**IDENTIFICATION NO: RWS&S DIVN., PURI-24 OF 2024-25**
**Phone (06752) 251276, Fax-(06752) 251276**
**E-mail- eerwsspuri@gmail.com**

**No.O-1136:** The Superintending Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of Work: | Execution of electrical installation work for providing Power Supply to different RWSS Points for the purpose of supply of drinking water in Puri District. |
|---|---|---|
| 1. | No. of Works | 01 (One) |
| 2. | Estimated Cost: | Rs.8.65 Lakh (app.) |
| 3. | Time for Completion: | 02 (Two) Months |
| 4. | Cost of Bidding Document: | Rs.4000/- |
| 5. | Class of Contractors Eligible: | Holder of HT Licenses of ELBO |
| 6. | Availability of Bids on-line: | From 11.00 hour of 06.01.2025 to 17.00 hours of 17.01.2025 |
| 7. | Last date and time for seeking clarification: | 17.00 hours of 13.01.2025 |
| 8. | Date & Time of opening of Technical Bids: | On dt.18.01.2025 at 11.30 Hours in the Office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of Financial Bids: | Does not arise. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the website.

**Sd./- Superintending Engineer**
**RWS&S Division, Puri**

OIPR-25017/11/0013/2425

## DEPUTY DIRECTOR NANDANKANAN ZOOLOGICAL PARK

**P.O-BARANG, DIST-KHURDA, PIN-754005**
**PHONE-(M) 9437022023**
**Email: deputydirector.kanan@gmail.com**

NANDANKANAN
Web:www.nandankanan.org

**No.MM-395** **e-PROCUREMENT NOTICE**

**Bid Identification No.DD-NKN-_53_/PMU/NKZP-2024-25, Dt.31.12.2024**

| | | | |
|---|---|---|---|
| 1 | Name of the Work | : | Re-Tender for construction of Pathway, Footpath and Drainage at Nandankanan Zoological Park for the year 2024-2025 |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 3.01.2025 |
| 4 | Class of Contractor | : | 'A' and 'B' Class Contractor |
| 5 | Last date for receipt of bids in the portal | : | 13.01.2025 upto 12.00 P.M. |
| 6 | Date of Pre-Bid Meeting | : | 6.01.2025 at 11.00 A.M. |
| 7 | Date of Opening of Technical Bid (Cover-I) | : | 13.01.2025 at 3.00 P.M. |
| 8 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https//tenderodisha.gov.in.

**Sd./- Deputy Director**
**Nandankanan Zoological Park**

OIPR-08070/11/0034/2425

## ODISHA HYDRO POWER CORPORATION LTD.

**(A Gold Rated State PSU)**
**O/O Sr. GENERAL MANAGER, Rengali Hydro Electric Project, Rengali**
**P.O : RENGALI DAM SITE, DIST : ANGUL (ODISHA) INDIA, PIN : 759105**
**TEL : 06760-266031, Email : sgmel500@gmail.com**
No.OHPC : RHEP/TW/PUR-III-146/8950 /Date : 27.12.2024

**TENDER CALL NOTICE No. 39/2024-25**

**No.CAD-2027** : Sealed Tenders are invited in two part i.e (i) Techno Commercial bid & (ii) Price bid in separate sealed envelopes from the reputed manufacturers of Power Transformer for the work as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD (Refundable) | Period of availability of tender at OHPC website (Sale) | Last date & Time of receipt of Tender | Date & Time of opening of Techno Commercial bid |
|---|---|---|---|---|---|
| Supply, Installation, Testing & Commissioning of one no. 20 MVA, 220/33 KV Station Service Transformer for RHEP, Rengali | Rs. 11,800/- (Rs. 10,000/- + GST@18%) | Rs. 4,99,270.00 | From Dt. 08.01.2025 to Dt. 06.02.2025 (Up to 04:00 P.M.) | Up to 04:30 P.M. Dt. 06.02.2025 | At 05:00 P.M. Dt. 06.02.2025 |

For details of the tender documents, terms and conditions please visit our website www.ohpcltd.com.

OIPR-04022/11/0039/2425 **Sd./- Unit Head, RHEP, Rengali**

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR

**No.O-1139**

Letter No. 12/Date : 01.01.2025

2nd Corrigendum to Bid Identification No. Tender Online 07 JJPT of 2024-25 invited this office Letter No. 5621, Dtd. 04.12.2024. The Change as detailed below are hereby made in the above N.I.T

| Procurement Officer | Bid Identification No. | Availability of Tender on-line for bidding: From | | Availability of Tender on-line for bidding: To | | Last date & time of seeking tender clarification | | Date & Time of opening of Technical Bid | | Financial Bid |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| | | As earlier | Modified | As earlier | Modified | As earlier | Modified | As earlier | Modified | |
| Superintending Engineer, Rural Works Division, Jajpur | Tender online 07 JJPT of 2024-25 | 26.12.24 at 10.00 A.M. | 06.01.2025 at 10.00 A.M. | 06.01.2025 up to 5.00 P.M. | 16.01.2025 up to 5.00 P.M. | 4.01.2025 up to 1.00 P.M. | 15.01.2025 up to 2.00 P.M. | 07.01.2025 at 11.30 A.M. | 17.01.2025 at 11.30 A.M | To be intimated later |

**Sd./- Superintending Engineer**
**R.W. Division, Jajpur**

OIPR-25047/11/0019/2425

## idco | ODISHA NEW OPPORTUNITIES

idco Your power to grow ISO 9001 & 14001 Corporation

No.CAD-2056

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

**Tender Call Notice No.IDCO/H.O./P&C/ EST/E-3631/03/2011/ 36528, dated: 30.12.2024**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work:** Construction of Black Top Approach Road alongwith internal Roads and CD structure at Chhatabar Industrial Estate, Khurda, Odisha.
2. Estimated Cost: Rs.372.51 Lakh
3. Period of Completion: 06 (Six) Calendar Months
4. Other details :

| Procurement Officer | Bid ID/ Tender reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/ Tender reference No. P&C/ EST/E-38/ 2024-25 | 06.01.2025 at 17.00 Hrs. | 21.01.2025 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in** and **www.idco.in.**

**Sd./- Chief General Manager (P&C)**
**IDCO, Bhubaneswar**

OIPR-14003/11/0092/2425

## Directorate of Ports & Inland Water Transport

**Zone-A, Ground Floor, Fortune Tower,**
**Chandrasekharpur, Bhubaneswar-751023**
**Phone:0674-2300885, Email: portsniwt.od@nic.in**

**No.JJ-41**

**TENDER CALL NOTICE NO. DPIWT-10/2024-25**

01. The **Director, Ports and Inland Water Transport** on behalf of Governors of Odisha, invites **Sealed Quotation** from the **C.A.G. Panel Chartered Accountants** in **Double Cover System** for the work as detailed in the table below from eligible Firms/Individuals.

| Sl. No. | Name of Work | Name of the Concerned Office | Bid Security/ EMD (in Rs.) | Cost of Tender Paper (in Rs.) | Class of Firms/ Individuals | Period of Completion | |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | |
| 1. | Operational & Financial Audit of Dhamara Port Company Limited and Gopalpur Ports Limited | Directorate of Ports and Inland Water Transport, Zone-A, Ground Floor, Fortune Tower, Bhubaneswar | 50,000.00 | 1,000.00 | C.A.G. Panel Chartered Accountants | 2019-20 2020-21 2021-22 2022-23 2023-24 | Three Months from the date of signing of Agreement |

02. The tender document is available in the website of Government of Odisha: **https://odisha.gov.in/important-links/advertisement** or can be collected from the Directorate from **07.01.2025 to 22.01.2025 upto 03.00 P.M.** The Audit Firm who wish to participate shall deposit the document cost for an amount of **Rs.1,000/- (Rupees One Thousand) only in shape of Demand Draft** from any Scheduled/Nationalized Bank & **EMD for Rs.50,000/- (Rupees Fifty Thousand) only** in shape of Term Deposit from any Nationalised/Scheduled Bank/ National Savings Certificate (NSC) drawn in favour of Establishment Officer, Directorate of Ports and Inland Water Transport, Odisha, Bhubaneswar payable at Bhubaneswar.
03. The last date for receipt of RFP is **22.01.2025 upto 03.00 P.M.** and will be opened on the same day at **03.30 P.M.** in the office of the undersigned in the presence of participants or authorised representatives who wish to attend. The authority, in no way shall be responsible for any postal/ courier delay.
04. Any addendum/corrigendum made for this assignment will be hosted in the above website only.
05. The Authority reserves the right to cancel any or all bids without assigning any reason thereof.

OIPR-38035/11/0013/2425 **Sd./- Director, Ports & IWT, Odisha**

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 161 IND-II-PH-୮୧୩ ତା.03.01.2025

No. CAD-2065

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ନବଯୁଗ ଇଞ୍ଜିନିଅରିଂ କମ୍ପାନୀ ଲିମିଟେଡ, ଓଡ଼ିଶାର ପୁରୀ ଜିଲ୍ଲାର ଅସ୍ତରଙ୍ଗଠାରେ ଏକ ସର୍ବକାଳୀନ ମଲ୍ଟି ୟୁଜର ଗ୍ରୀନ୍ ଫିଲ୍ଡ ବନ୍ଦରର ବିକାଶ ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ "ସର୍ବସାଧାରଣ ଶୁଣାଣି" ତା.୦୬.୧୨.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଛୁରିଆନାଠାରେ ପୀର ଜାହାନିଆ ନିକଟରେ ସ୍ଥିତ ବେଳାଭୂମି ମହୋତ୍ସବ ପଡିଆଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା ।

ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା "The Times of India" ଏବଂ "ଧରିତ୍ରୀ" ରେ ତା.୩୧.୧୦.୨୦୨୪ ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା । କିନ୍ତୁ i) ଜାତୀୟ ନୌସେନା ଦିବସ ପାଳନ ଏବଂ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ପରିଦର୍ଶନ, ii) କୋଣାର୍କ ମହୋତ୍ସବର ଆୟୋଜନ, iii) ତା.୦୭.୧୨.୨୦୨୪ ଠାରୁ ୧୦.୧୨.୨୦୨୪ ଜାତୀୟ ରୋଡ ସାଇକ୍ଲିଙ୍ଗ ଚାମ୍ପିୟନଶିପ୍‌ର ଆୟୋଜନ କରାଯାଉଥିବାରୁ ତା.୦୬.୧୨.୨୦୨୪ ରିଖରେ ହେବାକୁ ଥିବା ଉକ୍ତ ଜନଶୁଣାଣିକୁ ସ୍ଥଗିତ କରାଯାଇଥିଲା । ଉକ୍ତ ସର୍ବସାଧାରଣ ଶୁଣାଣି ତା.୨୧.୦୧.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଛୁରିଆନାଠାରେ ପୀର ଜାହାନିଆ ନିକଟରେ ସ୍ଥିତ ବେଳାଭୂମି ମହୋତ୍ସବ ପଡିଆଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜିକୃତ ବା ଅଣପଞ୍ଜିକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୧.୦୧.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଛୁରିଆନାଠାରେ ପୀର ଜାହାନିଆ ନିକଟରେ ସ୍ଥିତ ବେଳାଭୂମି ମହୋତ୍ସବ ପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ପୁରୀ।**
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ପୁରୀ।**
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, **ପୁରୀ।**
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଭୁବନେଶ୍ୱର।**
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ https://ospcboard.odisha.gov.in ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରସ୍ଥିତ** ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OSPCB-PH-MISC-0020-2024/13/2024 OIPR-08012/11/0144/2425 **ସ୍ୱା./- ସଦସ୍ୟ ସଚିବ**

## SAMBALPUR MUNICIPAL CORPORATION

**Notice No. 59/SMC Date. 03.01.2025**

**TENDER CALL NOTICE**

**No.C-1397** : Commissioner, SMC, Sambalpur invites sealed tender from intending reputed and experienced manpower Service Provider Agencies to provide services of different categories of manpower for a period of one year.

The bid documents containing eligibility criteria, scope of work, terms and conditions of the tender can be downloaded from the website www.smcsambalpur.nic.in.

The last date and time for submission of tender document is 13.01.25 at 1.30 P.M. The authority shall not be held responsible for postal delay, if any, in case of non-receipt of the same in time. thereof.

Authority reserves the right to cancel any or all the Bids without assigning any reason thereof.

**Sd./- Municipal Commissioner**
**Sambalpur Municipal Corporation**

OIPR-13122/11/0059/2425

## Short Quotation Call Notice

**No.CAD-2054** : Sealed quotations are invited from the firms/agencies for tent and other allied works, providing Private Security Personnel, Printing works and Documentation works for the **State Level Pallishree Mela : 2025** at Deogarh to be organized **from 29th January to 2nd February 2025**.

The quotation papers along with specification and eligibility criteria of the works are available at ORMAS office, Zilla Parishad, Deogarh and the Deogarh Official Website **http//deogarh.odisha.gov.in till 10th (1.00P.M.). The quotations/tenders will be opened on 10th January 2025 at 4.00 P.M.**

The undersigned reserves the right to accept or reject any or all the quotation without assigning any reason thereof.

**Sd./- CDO-Cum-EO**
**Zilla Parishad, Deogarh**

OIPR-19267/11/0001/2425

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ବିଜ୍ଞପ୍ତି ନଂ. ୧୮ (ଗୁପ୍ତ ବିଭାଗ) ତା୪.୧.୨୦୨୫ରିଖ

**ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା, ୨୦୨୪**

No.N-163:- ଏତଦ୍ୱାରା ସମସ୍ତ ସ୍ୱୀକୃତି ପ୍ରାପ୍ତ Odia Medium ପ୍ରାଥମିକ/ ଉଚ୍ଚ ପ୍ରାଥମିକ/ ୟୁ.ଜି.ଏମ୍.ଇ./ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା **(PMST)**, ୨୦୨୪ ନିମନ୍ତେ ଦରଖାସ୍ତ **ତା07/01/2025ରିଖ ଠାରୁ ତା17/01/2025ରିଖ** (ଅନବରତ ବା 24× 7) ମଧ୍ୟରାତ୍ର ମଧ୍ୟରେ ONLINE ଜରିଆରେ ନିମ୍ନ ନିର୍ଦ୍ଦେଶକ୍ରମେ ଗ୍ରହଣ କରାଯିବ ।

୧. **ମେଧାବୃତ୍ତି ପରୀକ୍ଷାର ପ୍ରକାର ଓ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା :-**
Stage – I :– କେବଳ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ।
Stage – II :– କେବଳ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ।
୨. **କିପରି ଆବେଦନ କରିବେ :-** କେବଳ ONLINE ଜରିଆରେ ।
୩. **କେଉଁ ଅଧିକାରୀଙ୍କ ଜରିଆରେ ଆବେଦନ କରିପାରିବେ :-**
(କ) Block Education Officer କେବଳ Stage – I ପରୀକ୍ଷା ନିମନ୍ତେ (ସେମାନଙ୍କ ଅଧିନରେ ଥିବା ପ୍ରାଥମିକ/ ଉଚ୍ଚ ପ୍ରାଥମିକ/ ୟୁ.ଜି.ଏମ୍.ଇ. ସ୍କୁଲରେ ଥିବା ଛାତ୍ରଛାତ୍ରୀଙ୍କ ପାଇଁ)
(ଖ) Head of the Institution ଉଭୟ Stage – I ଏବଂ Stage – II ପରୀକ୍ଷା ନିମନ୍ତେ (ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମ୍ପୃକ୍ତ ସ୍କୁଲର ଛାତ୍ରଛାତ୍ରୀଙ୍କ ପାଇଁ)
୪. **On Line ଆବେଦନ ପାଇଁ Link :- "www.bseodisha.ac.in"** ଜରିଆରେ ଉପଲବ୍ଧ ହେବ ।
୫. ଆବେଦନ କରିବା ନିମନ୍ତେ ନିୟମାବଳୀ "www.bseodisha.ac.in" websiteରେ ଉପଲବ୍ଧ ହେଉଅଛି ।
୬. ମେଧାବୃତ୍ତି ପରୀକ୍ଷା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ କୌଣସି ପରୀକ୍ଷା ଫିସ୍ ଦାଖଲ କରିବାକୁ ପଡିବ ନାହିଁ ।
୭. ମେଧାବୃତ୍ତି ପରୀକ୍ଷାର ଧାର୍ଯ୍ୟ ତାରିଖ ପରବର୍ତ୍ତୀ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ ।

ସମ୍ପାଦକ

OIPR-27004/11/0058/2425

**See Career Appointment on every Wednesday & Saturday**


# ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ରାକେଟ ସକ୍ରିୟ

## ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍ଏସ୍ଇପିଡି ସଚିବ

ଯାଜପୁର,୫।୧(ହର୍ଷବର୍ଦ୍ଧନ ବେହେରା)

କଟକ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବାକୁ ଏକ ରାକେଟ କାମ କରୁଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବା ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଏସ୍ଏସ୍ଇପିଡି) ପକ୍ଷରୁ ଅତିରିକ୍ତ ସଚିବ ସୋନିଆ ବେହେରା ଉପରୋକ୍ତ ବିଷୟ ଉପରେ ଆବଶ୍ୟକ ତଦନ୍ତ କରି ୭ ଦିନ ମଧ୍ୟରେ ସମ୍ପୃକ୍ତ ବିଭାଗରେ ରିପୋର୍ଟ ଦାଖଲ କରିବା ପାଇଁ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ନକଲି ଆଦିବାସୀ ଓ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ହାସଲ କରି ସରକାରଙ୍କ ବିଭିନ୍ନ ସୁବିଧାସୁଯୋଗ ହାସଲ କରୁଥିବା ଅଭିଯୋଗ ହୋଇଆସୁଛି। ଯାଜପୁର ଜିଲାସ୍ତରରେ ଯଦି ଉଦାହରଣ ଭାବେ ନିଆଯାଏ, ତେବେ କୋରେଇ ବ୍ଲକ ଅଞ୍ଚଳରେ ସର୍ବାଧିକ ଜାଲ୍ ପ୍ରମାଣପତ୍ରଧାରୀ ରହିଥିବା ଅଭିଯୋଗ ହୋଇଆସୁଛି। କିନ୍ତୁ ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଯେତେ ଅଭିଯୋଗ ହେଉଥିଲେ ହେଁ ତଦନ୍ତକାରୀ ଅଧିକାରୀମାନେ ହିଁ ନକଲି ଶିକ୍ଷକଙ୍କ ସୁରକ୍ଷା କବଚ ସାଜିଥିବା ମତପ୍ରକାଶ ପାଉଛି।

ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ସଂରକ୍ଷଣ ପଦବୀ ହାତେଇ ନେଇ ୨ ସରକାରୀ କର୍ମଚାରୀ ଯାଜପୁର ଜିଲାର ବରୀ ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଚାକିରି କରୁଥିବା ଅଭିଯୋଗ ହୋଇଛି। ଏନେଇ ରାଜ୍ୟ ଭିନ୍ନକ୍ଷମ କମିଶନ ୫।୯।୨୦୨୪ରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ)ଙ୍କୁ ତଦନ୍ତ କରି ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗକାରୀ ତ୍ରିଲୋଚନ ପଲେଇ କହିଛନ୍ତି। ସେହିପରି ଯାଜପୁର ଜିଲାର ବିଭିନ୍ନ କୋଣଅନୁକୋଣରେ ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ହାସଲ କରି ଅନେକେ ଭତ୍ତା ନେଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏନେଇ ଅଭିଯୋଗ ହେବା ପରେ ପ୍ରାୟ ୮ ଜଣ ନକଲି ଭିନ୍ନକ୍ଷମଙ୍କ ଭତ୍ତାକୁ ଖାରଜ କରାଯାଇଛି। ତେବେ ଏଭଳି ଏକାଧିକ ନକଲି ଭିନ୍ନକ୍ଷମ ପ୍ରମାଣପତ୍ରଧାରୀ ସରକାରଙ୍କ ଭତ୍ତା ହଡ଼ପ କରୁଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଏବେ ଭିନ୍ନକ୍ଷମଙ୍କ ଭତ୍ତା ଟଙ୍କା ବୃଦ୍ଧି କରିଥିବାରୁ କଟକ ଏସ୍‌ସିବି ମେଡିକାଲ କଲେଜ ସମେତ ଅନ୍ୟାନ୍ୟ ଜିଲା ଡାକ୍ତରଖାନାଗୁଡ଼ିକରେ ଏହି ରାକେଟ ଅଧିକ ସକ୍ରିୟ ହୋଇଥିବା ସୂଚନା ମିଳିଛି। ଯାଜପୁର ଜିଲା ଭିନ୍ନକ୍ଷମ ମଙ୍ଗଳ କମିଟିର ସଦସ୍ୟ ମଣ୍ଟୁ ଦାସ କହିଛନ୍ତି, ଯେଉଁ ଭିନ୍ନକ୍ଷମମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ହାସଲ କରୁଛନ୍ତି ସେମାନଙ୍କ ପ୍ରମାଣପତ୍ରକୁ ନେଇ ଉପଯୁକ୍ତ ତଦନ୍ତ ହେବା କଥା।


Government of Odisha
Department of Social Security & Empowerment of Persons with Disabilities

NO. 10757 /SSEPD Dt. 31.12.2024
SSEPD-DA2-MISC-0013-2019

From
Smt. Sonia Behera, OAS(S)
Additional Secretary to Government

To
The Superintendent
SCB Medical College & Hospital
Cuttack

Sub: Issues of fake Disability Certificate.

Madam/ Sir,

In inviting reference to the subject cited above, I am directed to inform you that, as per a paper clipping published in one English daily newspaper Indian Express it seems that fake disability certificates as well as others alleging a racket comprising a doctor as dealing with assistant and a former administrative officer of the Hospital in doling out false disability Certificate.

Therefore, you are requested to enquire into the matter and action taken in this regard may be intimated to the undersigned within 7 days.

Yours faithfully
Additional Secretary to Government

Encl: Letter & Paper Clipping

Memo No 10760 / SSPD Dt 31.12.2024.
Copy Forward to Additional Secretary, O/O Chief Minister, Odisha for information and necessary action.

Additional Secretary to Government

RED BUILDING, LOKSEVA BHAWAN, BHUBANESWAR-751001

# ୫ ବର୍ଷ ତଳର ଚାପୁଡ଼ା ପାଇଁ ଟାର୍ଗେଟରେ ଥିଲେ ଆହତଙ୍କ ବାପା

## ଭଉଣୀ, ଭାଇଙ୍କୁ ଗୁଳିମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ବଇଣ୍ଡା, ୫।୧ (ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ଥାନା ବାମୁର ପଞ୍ଚାୟତର ଭାଙ୍ଗମୁଣ୍ଡା ଗ୍ରାମରେ ଗତ ୨ ତାରିଖ ରାତିରେ ଘରେ ଶୋଇଥିବାବେଳେ ଭଉଣୀ ଓ ଭାଇଙ୍କୁ ହୋଇଥିବା ଗୁଳିକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଭାଙ୍ଗମୁଣ୍ଡାର ପ୍ରଶାନ୍ତ ମିର୍ଦ୍ଧା(୩୫)ଙ୍କୁ କିଶୋରନଗର ପୋଲିସ ରବିବାର ଗିରଫ କରିଛି। ଗୁଳିକାଣ୍ଡରେ ଆହତ ଭଉଣୀ ଓ ଭାଇଙ୍କ ବାପା ପ୍ରଫୁଲ୍ଲ ମିର୍ଦ୍ଧା ଥିଲେ ପ୍ରଶାନ୍ତଙ୍କ ଟାର୍ଗେଟ୍। କାରଣ ପ୍ରଫୁଲ୍ଲ ୫ ବର୍ଷ ତଳେ ପ୍ରଶାନ୍ତଙ୍କୁ ଚାପୁଡ଼ା ମାରିଥିଲେ। ପ୍ରଶାନ୍ତ ଏହାର ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲେ। ଘଟଣାଦିନ ରାତିରେ ପ୍ରଫୁଲ୍ଲ ଘରେ ଖଟରେ ଶୋଇଥିବା ଭାବି ପ୍ରଶାନ୍ତ ଦେଶୀ ବନ୍ଧୁକରୁ ଗୁଳି ଫୁଟାଇଥିଲେ। ହେଲେ ପ୍ରଫୁଲ୍ଲଙ୍କ ସ୍ଥାନରେ ତାଙ୍କ ସାନ ଝିଅ ଯାଜ୍ଞସେନୀ ଏବଂ ପୁଅ ପ୍ରକାଶ ଶୋଇଥିବାରୁ ସେମାନେ ଆହତ ହୋଇଥିଲେ। ରବିବାର ଅନୁଗୋଳ ଏସ୍‌ପି ରାହୁଲ ଜୈନ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କଠାରୁ ୨ଟି ଦେଶୀ ବନ୍ଧୁକ ସହ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରଫୁଲ୍ଲ ମିର୍ଦ୍ଧା ଓ ପ୍ରଶାନ୍ତ ମିର୍ଦ୍ଧା ଉଭୟ ଶ୍ରମିକ ଭାବରେ କାମ କରନ୍ତି । ୫ ବର୍ଷ ତଳେ ପ୍ରଶାନ୍ତ ଓ ପ୍ରଫୁଲ୍ଲ ଗୋଟିଏ ସ୍ଥାନରେ କାମ କରୁଥିବା ବେଳେ ଗଣ୍ଡଗୋଳ ହୋଇଥିଲା। ପରେ ପ୍ରଶାନ୍ତ ମଦ୍ୟପାନ କରି ପ୍ରଫୁଲ୍ଲଙ୍କ ଘରକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିରେ ପ୍ରଫୁଲ୍ଲ ପ୍ରତିବାଦ କରିବା ସହ ପ୍ରଶାନ୍ତଙ୍କୁ ଏକ ଚାପୁଡ଼ା ମାରିଥିଲେ। ସେହିଦିନଠାରୁ ପ୍ରଫୁଲ୍ଲଙ୍କୁ ରାସ୍ତାରୁ ହଟାଇବା ପାଇଁ ପ୍ରଶାନ୍ତ ଯୋଜନା କରିଥିଲେ। ପରେ ପ୍ରଶାନ୍ତ କାମ କରିବା ପାଇଁ ଗୁଜରାଟ ପଳାଇ ଯାଇଥିଲେ। ଦଶହରା ସମୟରେ ଘରକୁ ଆସି ଆଉ ଯାଇ ନ ଥିଲେ। ତେଣୁ ସେହି ପୂର୍ବ ରାଗର ପ୍ରତିଶୋଧ ନେବାକୁ ଘରେ ରଖିଥିବା ଦେଶୀ ବନ୍ଧୁକରେ ପ୍ରଫୁଲ୍ଲଙ୍କୁ ହତ୍ୟା କରିବା ପାଇଁ ପ୍ରଶାନ୍ତ ଯୋଜନା ପ୍ରସ୍ତୁତ କରିଥିଲେ। ଗତ ଗୁରୁବାର ରାତିରେ ପ୍ରଫୁଲ୍ଲ ଘରେ ଶୋଇଥିବା ଭାବି ପ୍ରଶାନ୍ତ ନିଶାସକ୍ତ ହୋଇ ଦେଶୀ ବନ୍ଧୁକରେ ଗୋଟିଏ ଗୁଳି ପୂରାଇ ତାଙ୍କ ଘରକୁ ଆସିଥିଲେ। ଘର ଚାରିପଟେ ଦିଆଯାଇଥିବା ପାଲକୁ ଟେକି ଖଟ ଉପରକୁ ଗୁଳି ଚଳାଇଥିଲେ। ହେଲେ ସେହିଦିନ ପ୍ରଫୁଲ୍ଲ କାମ କରୁଥିବା ଇଟାଭାଟିରେ ଶୋଇପଡ଼ିଥିଲେ। ଖଟ ଉପରେ ଶୋଇଥିବା ତାଙ୍କ ଝିଅ ଯାଜ୍ଞସେନୀ (୧୫) ଓ ପୁଅ ପ୍ରକାଶ (୧୧)ଙ୍କ ଦେହରେ ଗୁଳି ବାଜିଥିଲା। ଗୁଳିଟି ପ୍ରଥମେ ଯାଜ୍ଞସେନୀଙ୍କ ଛାତିରେ ପଶି ଆରପଟେ ବାହାରି ପ୍ରକାଶଙ୍କ ହାତରେ ବାଜିଥିଲା। ଉଭୟଙ୍କ ଚିତ୍କାର ଶୁଣି ଘଟଣାସ୍ଥଳରୁ ପ୍ରଶାନ୍ତ ବନ୍ଧୁକ ଧରି ଫେରାର ହୋଇଯାଇଥିଲେ। ଏହି ଖବର ପ୍ରଚାର ହେବା ପରେ ପ୍ରଶାନ୍ତ ନିଜକୁ ବଞ୍ଚାଇବା ପାଇଁ ରେଢ଼ାଖୋଲ ନିକଟ ନାକଟିଦେଉଳ ଯାଇ ସମ୍ପର୍କୀୟଙ୍କ ଘରେ ରହିଥିଲେ। ପୋଲିସ ତାଙ୍କୁ ଖୋଜୁଥିବା ଜାଣିବାକୁ ପାଇ ପ୍ରଶାନ୍ତ ନିକଟସ୍ଥ ଜଙ୍ଗଲକୁ ପଳାଇଥିଲେ। କିଶୋରନଗର ଆଇଆଇସି ଓ ଜିଲା ସ୍ୱତନ୍ତ୍ର ଟିମ୍ ଉକ୍ତ ଜଙ୍ଗଲରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ବ୍ୟବହୃତ ଦେଶୀ ବନ୍ଧୁକକୁ ଜବତ କରିଛନ୍ତି। ଏ ନେଇ କିଶୋରନଗର ପୋଲିସ ନଂ ୦୬/୨୫ ରେ ମାମଲା ରୁଜୁ କରିଛି।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୫।୧(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ପୋଲିସ ନିକଟରେ ୩ ଜଣ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ ପୋଲିସ ଦ୍ୱାରା ମାଓବାଦୀ ମୁକ୍ତ ଅଭିଯାନ, ପୁନର୍ବାସ ନୀତି ଆଦି ଯୋଜନାରେ ପ୍ରଭାବିତ ହୋଇ ଏମାନେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମଡକମ ଜଗା, ମାଡବି ହିଡ୍‌ମା ଓ ଅବଲମ୍ ଓରଫ ସଲବମ ଦେବା। ଏହି ୩ ଜଣ ଜୋନାଗୁଡା, ଦୁଲେଡ୍ ମେଟାଗୁଡା ଆରପିସି ଜନତାନା ସରକାର ସଂଗଠନରେ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ମିଲିସିଆ ଭାବେ କାର୍ଯ୍ୟକରି ଆସୁଥିଲେ। ବର୍ତ୍ତମାନ ଛତିଶଗଡ଼ରେ ପୋଲିସଙ୍କ ସଂଖ୍ୟା ବୃଦ୍ଧି ପାଇବା, ସମସ୍ତ ଅଞ୍ଚଳରେ ପୋଲିସ ଛାଉଣି, କ୍ୟାମ୍ପ ପ୍ରତିଷ୍ଠା ଓ ଆକ୍ରମଣ ଯୋଗୁ ବହୁ ମାଓବାଦୀଙ୍କ ମୃତ୍ୟୁ ଘଟିଲାଣି।


ଆତ୍ମସମର୍ପଣ କରିଥିବା ୩ ମାଓବାଦୀ

# ଗୁଳିକରି ଦନ୍ତା ହାତୀକୁ ମାରିବା ଘଟଣାରେ ୪ ଗିରଫ


ଶିକାରୀଙ୍କ ସହ ଜବତ ବନ୍ଧୁକ ଓ ମାରଣାସ୍ତ୍ର।

ଅନୁଗୋଳ, ୫।୧(ମାନସ ବିଶ୍ୱାଳ)

## ୪ ଦେଶୀ ବନ୍ଧୁକ ଜବତ

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ପୋକୁଣ୍ଡା ଗ୍ରାମ ନିକଟରେ ଗତ ୨୯ ତାରିଖଧାନ ବିଲରୁ ଏକ ଦନ୍ତା ହାତୀର ମୃତଦେହ ଠାବ ହୋଇଥିଲା। ଦନ୍ତା ହାତୀଟିକୁ ଗୁଳିକରି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବାବେଳେ ବନ ବିଭାଗ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଜେଟିଏଫ୍ ସହାୟତାରେ ତଦନ୍ତକୁ ଆଗକୁ ବଢ଼ାଇ ଗୁଳିକୁ ଫରେନସିକ ଟେଷ୍ଟ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ଦନ୍ତା ହାତୀଟିକୁ ଗୁଳିକରି ମରାଯାଇଥିବା ଜଣାପଡ଼ିଥିଲା। ବନ ବିଭାଗ ତଦନ୍ତ ଆରମ୍ଭ କରି ଶିକାରୀମାନଙ୍କୁ ଖୋଜିବା ଆରମ୍ଭ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ପୋକୁଣ୍ଡା ଗ୍ରାମର ପ୍ରକାଶ ମୁଣ୍ଡା (୪୦), ପ୍ରଦୀପ ମୁଣ୍ଡା (୪୧), ନରୁ ପଧାନ (୪୧) ଓ ନରୋତ୍ତମ ପ୍ରଧାନ(୪୦)ଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୪ଟି ଦେଶୀ ବନ୍ଧୁକ, ୨୧ଟି ଦେଶୀ ଗୁଳି, ଧନୁତୀର, ବର୍ଚ୍ଛା, ଫାଶ, ଖଣ୍ଡା ଆଦି ମାରଣାସ୍ତ୍ର ଜବତ କରାଯାଇଛି ବୋଲି ଅତିରିକ୍ତ ବନ ସଂରକ୍ଷକ ମୁରଲୀ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି।

# ବଚସାରୁ ସାଙ୍ଗଙ୍କୁ ହତ୍ୟା

କୁନ୍ଦୁରା, ୫।୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ଏବଂ ବୈପାରୀଗୁଡ଼ା ସୀମାନ୍ତ ଗୁଣ୍ଡାଳ ବ୍ରିଜ ନିକଟରେ ବଚସାରୁ ଆକ୍ରମଣ କରିବା ଯୋଗୁ ଚେରେକା ପଞ୍ଚାୟତ ଅନ୍ତର୍ଗତ ଝଡ଼ିଗୁଡ଼ା ଗ୍ରାମର ମନୋହର ହରିଜନ(୪୦)ଙ୍କ ମୃତ୍ୟୁ ହୋଇଛି। ଅଭିଯୁକ୍ତ ହେଲେ କୁନ୍ଦୁରା ବ୍ଲକ୍ ଗାଡ଼ ଗୁଣ୍ଡାଳ ଗ୍ରାମର ପ୍ରହଲ୍ଲାଦ ହରିଜନ। ସେ ଫେରାର ହୋଇଯାଇଛନ୍ତି। ସୂଚନାଯୋଗ୍ୟ, କିଛି ବକେୟା ଟଙ୍କାକୁ ନେଇ ୨ ସାଙ୍ଗ ପ୍ରହଲ୍ଲାଦ ଓ ମନୋହରଙ୍କ ମଧ୍ୟରେ ବଚସା ହୋଇଥିଲା। ପ୍ରହଲ୍ଲାଦ ଏକ ଧାରୁଆ ଛୁରିରେ ମନୋହରଙ୍କ ପେଟକୁ ଆକ୍ରମଣ କରିଥିଲେ। ଏହାପରେ ମନୋହରଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜନଗହଳି ଥିବାରୁ ପ୍ରହଲ୍ଲାଦ ସେଠାରୁ ଫେରାର ହୋଇଥିବା କୁନ୍ଦୁରା ଥାନା ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ ସୂଚନା ଦେଇଛନ୍ତି। ଏ ନେଇ ପୋଲିସ ୨/୨୫ ନମ୍ବରରେ ଏକ ହତ୍ୟା ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ସହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା ଜାରି ରହିଥିବା ଥାନା ଅଧିକାରୀ କହିଛନ୍ତି।

# କଲରାପତରିଆ ବାଘଛାଲ ଜବତ, ୭ ଗିରଫ

ଦେବଗଡ଼,୫।୧
(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ଼ ଜିଲା ବାରକୋଟ ବନାଞ୍ଚଳ ଗୋଳାବନ୍ଧ ନିକଟ ରାଜସ୍ଥାନୀ ଢାବାରେ ବାଘ ଛାଲ ବିକ୍ରି ପାଇଁ ଲକ୍ଷାଧିକ ଟଙ୍କାର ଡିଲ୍ ଚାଲିଥିବା ବେଳେ ବନ ବିଭାଗ କର୍ମଚାରୀ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ଗୋଟିଏ କଲରାପତରିଆ ବାଘଛାଲ, ୨ଟି ବାଇକ୍ ଏବଂ ୫ଟି ମୋବାଇଲ ଫୋନ୍ ଜବତ ହୋଇଛି। ଗିରଫ ୭ଜଣଙ୍କ ମଧ୍ୟରେ ରାଜସ୍ଥାନ ଯୋଧପୁର ଜିଲାର ଅଶୋକ ବିଷ୍ଣୋଇ, ଅଜୟପାଲ ବିଷ୍ଣୋଇ, ଅନୁଗୋଳ ଜିଲା ପାଲଲହଡ଼ା ଥାନା ସାନବାଗଦର୍ହି ଗାଁର ବୀରବର ନାହାକ, ଦେବଗଡ଼ ଜିଲା ବାରକୋଟ ଥାନା ରଜାମୁଣ୍ଡା ଗାଁର ମାନସିଂ ବରି, ଝରବାହାଲ ଗାଁର ରମେଶ ଚନ୍ଦ୍ର ନାଏକ, ଗୁରୁସଙ୍ଗ ଗ୍ରାମର ରାଜେନ୍ଦ୍ର ରଣା, ଠିଆନାଳ ଗାଁର କର୍ମୁ ନାଏକ। ତେବେ କଲରାପତରିଆ ବାଘକୁ କେଉଁ ଜଙ୍ଗଲରେ ହତ୍ୟା କରାଯାଇଥିଲା ଏବଂ ଏହା ପଛରେ ଆଉ କେଉଁମାନେ ସାମିଲ ଅଛନ୍ତି, ସେ ନେଇ ବନ ବିଭାଗ ଅଧିକ ଖୋଳତାଡ ଜାରି ରଖିଛି। ବାଘ ଶିକାରୀ ଏବଂ ଛାଲ ବିକ୍ରି ଘଟଣାରେ ଆହୁରି ୧୦ଜଣରୁ ଅଧିକ ସାମିଲ ଥିବା ଅନୁମାନ କରାଯାଉଛି। ରାଜ୍ୟ ବାହାରକୁ ଏହି ର୍ୟାକେଟର ଚେର ଲମ୍ବିଥିବାବେଳେ ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତ ମଧ୍ୟ ଧରାପଡ଼ିବେ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି। ତଦନ୍ତ ଜାରି ରହିଥିବାରୁ ଅଧିକ ସୂଚନା ଦେବା ପାଇଁ ବନ ବିଭାଗ ମନା କରିଛି। ପ୍ରାୟ ୬ ମାସ ପୂର୍ବରୁ କଲରାପତରିଆ ବାଘକୁ ହତ୍ୟା କରି ଛାଲ ବିକ୍ରି ପାଇଁ ଉଦ୍ୟମ କରୁଥିବା ଜଣାପଡିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


ଝମକାଇ କରି ବିଜୁଳି ମାଇଲା
କଳା ମେଘ ଦୁଲୁକିଲା
ଗମ୍ଭୀରି ଘରରେ ବେଳକାଳ ଜାଣି
ବୋହୂ ମୁଣ୍ଡ ଥମକିଲା ।

ନୂଆ ନୂଆ ବାହାଘର, ନୂଆ ନୂଆ ଆକର୍ଷଣ। ସ୍ୱାମୀର ସ୍ନେହ ସାନ୍ନିଧ ପାଇବା ଲାଗି ନବବିବାହିତା ପତ୍ନୀ ଗୋପନ ଘରେ ସୁଯୋଗ ଅପେକ୍ଷାରେ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଟଙ୍କା ନ ଥାଇ ଟଭା,
ଟାଙ୍ଗର ମୁଣ୍ଡରେ ଗଭା।

ହାତରେ ଟଙ୍କା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ଟାଣପଣ ଦେଖେଇବା ଗ୍ରହଣୀୟ ହୋଇ ନ ଥାଏ। ସେହିପରି କେଶ ନ ଥିବା ମୁଣ୍ଡରେ ଗଭା ଫୁଲ ଖୋଷିବା ଶୋଭା ପାଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବ୍ୟବସାୟୀଙ୍କୁ ଅପହରଣ, ଆନ୍ଧ୍ରରୁ ଉଦ୍ଧାର

ବୈପାରୀଗୁଡ଼ା,୫।୧(କଳ୍ପତରୁ ମହାନ୍ତି)

ଜୟପୁରରୁ କୋରାପୁଟ ଜିଲା ନନ୍ଦପୁର ବ୍ଲକର ପାଡୁଆ ଗ୍ରାମକୁ କାର୍‌ରେ ଫେରୁଥିବା ଜଣେ ବ୍ୟବସାୟୀଙ୍କୁ କେତେଜଣ ଦୁର୍ବୃତ୍ତ ଅପହରଣ କରିଥିବା ବୈପାରୀଗୁଡ଼ା ଥାନାରେ ଅଭିଯୋଗ ହୋଇଥିବାବେଳେ ତାଙ୍କୁ ଆନ୍ଧ୍ରପ୍ରଦେଶରୁ ଉଦ୍ଧାର କରାଯାଇଛି।

ସୂଚନାଯୋଗ୍ୟ, ପାଡୁଆ ଅଞ୍ଚଳର ବ୍ୟବସାୟୀ କେ. ସତ୍ୟା ଶନିବାର ରାତିରେ ଜୟପୁରରୁ କାରବାର ଟଙ୍କା ଧରି ଏକାକୀ କାର୍ (ନଂ.ଓଡି-୦୮ଏଚ୍-୮୮୮୦)ରେ ଫେରୁଥିଲେ। ତାଙ୍କୁ ପିଛା କରି କେତେଜଣ ଦୁର୍ବୃତ୍ତ ଗୋଟିଏ କାର୍ ଓ ବାଇକ୍‌ରେ ଆସି ସେଠାରୁ ପ୍ରାୟ ୧୦ କି.ମି ଦୂର ବୈପାରୀଗୁଡା ଥାନା ଓ ଜୟପୁର ଥାନା ସୀମାନ୍ତବର୍ତ୍ତୀ ଅଞ୍ଚଳ କୋଟା ଛକରେ ଅପହରଣ କରିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ପିଛା କରୁଥିବା ସନ୍ଦେହ କରି ସତ୍ୟା ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଫୋନ୍ କରି କହିଥିଲେ। କିନ୍ତୁ ପରେ ବ୍ୟବସାୟୀଙ୍କ ଫୋନ୍ ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲା। ସତ୍ୟା ଆନ୍ଧ୍ରପ୍ରଦେଶର ଏକ ସ୍ଥାନରେ ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେଇ ଛାଡ଼ି ଚାଲିଯାଇଥିବା ପରିବାରକୁ ଜଣାଇଥିଲେ। ଆନ୍ଧ୍ରପ୍ରଦେଶକୁ ଯାଇ ସତ୍ୟାଙ୍କୁ ପରିବାର ଲୋକେ ଉଦ୍ଧାର କରି ଫେରିବା ପରେ ବୈପାରୀଗୁଡ଼ା ପୋଲିସ୍ ଓ ଜୟପୁର ସଦର ଥାନା ପୋଲିସ କୌଣସି ଅଜ୍ଞାତ ସ୍ଥାନରେ ତାଙ୍କୁ ରଖି ପଚରାଉଚରା କରୁଥିବା ସୂଚନା ରହିଛି। ଏ ନେଇ ୭/୨୫ନମ୍ବରରେ ମାମଲା ରୁଜୁ ହୋଇଛି।


ବ୍ୟବସାୟୀ କେ. ସତ୍ୟା।

# ରାତି ଅଧରେ ଘରେ ପଶି ମହିଳାଙ୍କୁ ଖଣ୍ଡାରେ ହାଣି ଲୁଟ୍

ଭୁବନେଶ୍ୱର,୫।୧ (ସୂର୍ଯ୍ୟକାନ୍ତ ବେହେରା)

ପ୍ରବାସୀ ଭାରତୀୟ ଦିବସ ପାଇଁ ଭୁବନେଶ୍ୱରରେ କଡା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଅପରାଧୀମାନେ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ବିଳମ୍ବିତ ରାତିରେ ଜଣେ ମହିଳାଙ୍କ ଘରେ ପଶି ଖଣ୍ଡାରେ ହାଣି ସୁନା ଚେନ ଓ ଟଙ୍କା ଲୁଟି ନେଇଛନ୍ତି। ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ଏଭଳି ଘଟଣା ଘଟିଥିବାବେଳେ ଆକ୍ରମଣରେ ରୀନା ମହାନ୍ତି ନାମ୍ନୀ ମହିଳା ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଦୁଇ ହାତ ଓ ଶରୀରରେ ଗଭୀର ଆଘାତ ଲାଗିଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି। ତେବେ ସୌଭାଗ୍ୟବଶତଃ ରୀନାଙ୍କ ୫ବର୍ଷର ଶିଶୁକନ୍ୟା ବର୍ତ୍ତି ଯାଇଛନ୍ତି। ଆକ୍ରମଣ ପଛର ପ୍ରକୃତ କାମ କାରଣ ଜଣାପଡି ନ ଥିଲେ ମଧ୍ୟ ଦୁର୍ବୃତ୍ତମାନେ ପୁଅକୁ ନ ପାଇବାରୁ ମା'ଙ୍କୁ ଆକ୍ରମଣ କରିଥିବା କୁହାଯାଉଛି। ଏନେଇ ଆହତ ରୀନାଙ୍କ ପୁଅ ରାହୁଲ ମହାନ୍ତିଙ୍କ ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନାନୁସାରେ, ରୀନାଙ୍କ ପୁଅ ରାହୁଲଙ୍କ ସହ ଉକ୍ତ ସାହିର କେତେଜଣ ଯୁବକଙ୍କର ପୂର୍ବରୁ ବିବାଦ ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ଶନିବାର ରାତି ପ୍ରାୟ ସାଢେ ଗୋଟାଏରେ ରୀନା ନିଜ ୫ ବର୍ଷର ଝିଅ ସହ ଘରେ ଥିବା ବେଳେ ୬ ଜଣ ଯୁବକ କବାଟ ବାଡେଇ ଡାକିଥିଲେ। ରୀନା କବାଟ ଖୋଲିବା ପରେ ସେମାନେ ତାଙ୍କ ପୁଅ ରାହୁଲଙ୍କୁ ଖୋଜିଥିଲେ। ହେଲେ ତାଙ୍କ ନ ପାଇବାରୁ ମା' ରୀନାଙ୍କୁ ଖଣ୍ଡାରେ ଅତି ଅମାନୁଷିକ ଭାବେ ଆକ୍ରମଣ କରିଥିଲେ। ଯେତେ କାକୁତି ମିନତି ହେଲେ ମଧ୍ୟ ଅଭିଯୁକ୍ତମାନେ ତାଙ୍କୁ ଛାଡ଼ି ନ ଥିଲେ। ବାରମ୍ବାର ଚୋଟ ପରେ ଚୋଟ ପକାଇବାରୁ ଘର ଚାରିଆଡେ ରକ୍ତର ଛିଟା ପଡିଥିଲା। ଏହାସହ ତାଙ୍କର ୫ ବର୍ଷ ଶିଶୁକନ୍ୟାକୁ ଠେଲି ଦେଇଥିଲେ। ଇତିମଧ୍ୟରେ ରୀନା ଅଚେତ ହୋଇଯିବାରୁ ଯୁବକମାନେ ମରିଯାଇଥିବା ଭାବି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଚେତା ଫେରିବା ପରେ ଚିତ୍କାର କରିବାରୁ ପଡୋଶୀମାନେ ତାଙ୍କ ପୁଅ ରାହୁଲଙ୍କୁ ଖବର ଦେଇଥିଲେ। ସେ ପହଞ୍ଚି ମା' ରୀନାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା।



## ଟାର୍ଗେଟରେ ଥିଲେ ପୁଅ, ବର୍ତ୍ତିଗଲେ ୫ବର୍ଷର ଶିଶୁକନ୍ୟା

# ରାଜେଶଙ୍କ ଘରୁ ମିଳିଲା ୭ କିଲୋ ବାରୁଦ

## ବଡ଼ବାଗ ବିସ୍ଫୋରଣରେ ୨ ମୃତ୍ୟୁ ମାମଲା

ଜଗତ୍‌ସିଂହପୁର, ୫।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁରସ୍ଥିତ ବଡ଼ବାଗ ଗାଁର ସୁଶୀଲ ଦାସଙ୍କ ଘରେ ଜାନୁଆରୀ ୩ ରାତିରେ ଭୟଙ୍କର ବିସ୍ଫୋରଣ ଯୋଗୁ ତାଙ୍କ ବଡ଼ ପୁଅ ରାଜେଶ ଓ ବୋହୂ ସୁଚିସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ମଝିଆ ପୁଅ ପରେଶ ଓ ବୋହୂ ଲକ୍ଷ୍ମୀପ୍ରିୟା ଗୁରୁତର ହୋଇଥିଲେ। ରବିବାର ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ସୁଶୀଲଙ୍କ ଘରେ ଅଚାନକ ରେଡ୍ କରିଥିଲେ। ଜଗତ୍‌ସିଂହପୁର ତହସିଲଦାର ତାରେଣୀ ରାୟଙ୍କ ଉପସ୍ଥିତିରେ ସୁଶୀଲଙ୍କ ନୂଆ ବିଲ୍ଡିଂ ଯାଞ୍ଚ କରାଯାଇଥିଲା। ଏହି ସମୟରେ ସନ୍ଦେହଜନକ ଭାବେ ପାଖାପାଖି ୬/୭ କିଲୋଗ୍ରାମ ବାରୁଦ ଜବତ ହୋଇଛି। କିଛି ପେଟି ଓ ଜରି ଅଖାରେ ଏହି ବାରୁଦ ସମେତ ବାଣ ପ୍ରସ୍ତୁତ ପାଇଁ ଆବଶ୍ୟକ କାଠି, କାଗଜ, ପଲିଥିନ ଓ କାଗଜ ନଳୀ ସେଠାରୁ ମିଳିଛି। ସାଇଣ୍ଟିଫିକ ଟିମ୍ ଓ ବମ୍ ସ୍କ୍ୱାଡ୍ ଏନେଇ ତଦନ୍ତ ଜାରି ରଖିଛନ୍ତି। ଚଢ଼ାଉ ବେଳେ ସମ୍ଭାବ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ଫୋର୍ସ ମୁତୟନ କରାଯାଇଥିଲା। ତେବେ ବିସ୍ଫୋରଣ ହୋଇଥିବା ବିଲ୍ଡିଂ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବାରୁ ସେଠାରୁ କିଛି ବିସ୍ଫୋରକ ମିଳିପାରିନାହିଁ। କଟକରେ ପରେଶ ଚିକିତ୍ସାଧୀନ ଥିବାରୁ ସେ ସୁସ୍ଥ ହୋଇ ଫେରିଲା ପରେ ତାଙ୍କୁ ପଚରାଉଚୁରା କରାଯିବ। କେବଳ ଏତିକି ନୁହେଁ ବାରୁଦ, ଅନ୍ୟ ସାମଗ୍ରୀ କେଉଁସବୁ ସ୍ଥାନରୁ, କାହାଠାରୁ ଏବଂ କେବେଠାରୁ ଆସୁଥିଲା ତା'ଉପରେ ତଦନ୍ତ କରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି।

ଆଇଆଇସି ଏକଥା ମଧ୍ୟ କହିଛନ୍ତି, ରାଜେଶ ବାଣ ବ୍ୟବସାୟ କରୁଥିବା ସ୍ଥାନୀୟ ସୂତ୍ରରୁ ସୂଚନା ମିଳିଛି। ଦୁର୍ଘଟଣା ସମୟରେ ବିଦ୍ୟୁତ୍ ନ ଥିବା ସନ୍ଦେହ କରାଯାଉଛି। ବିଦ୍ୟୁତ ନ ଥିବାରୁ କୌଣସି ମାଧ୍ୟମରେ ବାରୁଦରେ ନିଆଁ ଲାଗି ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି। ବିସ୍ଫୋରଣ ସମୟରେ ରାଜେଶ ଓ ତାଙ୍କ ସ୍ତ୍ରୀ ବିଲ୍ଡିଂର ଗୋଟେ ଘରେ ଥିବାବେଳେ ତାଙ୍କ ସାନ ଭାଇ ଓ ଭାଇବୋହୂ ବିଲ୍ଡିଂର ଅନ୍ୟ ପାର୍ଶ୍ୱ ଏକ ଘରେ ଶୋଇଥିଲେ। ତେବେ ବିସ୍ଫୋରଣର ମାତ୍ରା ଏତେ ତୀବ୍ର ଥିଲା ଯେ ରାଜେଶ ଓ ପରେଶଙ୍କ ପରିବାର ରହୁଥିବା ବିଲ୍ଡିଂର କାନ୍ଥ ସହ ଛାତ ଭୁଶୁଡି ପଡ଼ିଥିଲା। ପ୍ରଚଣ୍ଡ ଶବ୍ଦ ଯୋଗୁ ବଡ଼ବାଗ ଗାଁ ଲୋକେ ଭୟଭୀତ ହୋଇଯାଇଥିଲେ। ଜଗତ୍‌ସିଂହପୁର ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ ସୁଦ୍ଧା ବିସ୍ଫୋରଣର କାରଣକୁ ନେଇ ସ୍ପଷ୍ଟ ଚିତ୍ର ମିଳିପାରି ନ ଥିଲା। କେହି ବାଣ ବିସ୍ଫୋରଣ ତ ଆଉ କେହି ଗ୍ୟାସ ସିଲିଣ୍ଡର ଫାଟି ଏଭଳି ଅଭାବନୀୟ ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।



# ଅରୁଣସ୍ତମ୍ଭ ଚାରିପଟେ ୮ ଘୋଡ଼ା ଗତିଶୀଳ ମୁଦ୍ରାରେ ରହିଥିଲେ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

ଆମେ ଗତ ସଂଖ୍ୟାରେ ଆଲୋଚନା କରିଥିଲେ ରାଜ୍ୟ ପ୍ରଶାସନ କୋଣାର୍କଠାରେ ମନ୍ଦିର ନିର୍ମାଣ କାର୍ଯ୍ୟରେ ମଗ୍ନଥିବା ଶିଳ୍ପୀଙ୍କ ପ୍ରତି କେତେ ସତର୍କ ଥିଲେ। ଦୋଳ ଉତ୍ସବ ଯିବାର କିଛିଦିନ ପରେ ବିଶୁ ମହାରଣା ଅସୁସ୍ଥ ହୋଇ ପଡ଼ିଥିଲେ। ପୋଥି ଅନୁଯାୟୀ ତାଙ୍କ ଗାଁ ଥିଲା ନୂଆଗଡ଼। ସେତେବେଳେ ନୂଆଗଡ଼ ଭାବରେ ପରିଚିତ ଥିଲା ଏବର ନୟାଗଡ଼। କିନ୍ତୁ ବିଶୁ ମହାରଣାଙ୍କ ଘର ସେହି ନୂଆଗଡ଼ରେ ନ ଥିଲା। ବିଶ୍ରାମନେବା ପାଇଁ ତାଙ୍କୁ ଶଗଡ଼ରେ ପଠାଯାଇଥିଲା। ରାମ ପ୍ରଧାନେ ତାଙ୍କୁ ଘରେ ନେଇ ଛାଡ଼ିବାର ଦାୟିତ୍ୱରେ ଥିଲେ। ତାଙ୍କର ସମସ୍ତ ବାକିଆ ପାଉଣା ତାଙ୍କୁ ଗାଁକୁ ଯିବାବେଳେ ଦିଆଯାଇଥିଲା। ଶିଳ୍ପୀଙ୍କର ସମ୍ମାନ ସହ ଯତ୍ନନେବା ପଦକ୍ଷେପ ଥିଲା ଅନନ୍ୟ।

ପୋଥିରୁ ମିଳୁଛି ମନ୍ଦିର ନିର୍ମାଣବେଳେ କୋଣାର୍କରେ ପ୍ରସିଦ୍ଧ ମଠ ଥିଲା 'ନନ୍ଦିଆମଠ'। ମଠର ମହନ୍ତ ଥାନ୍ତି ତନ୍ତୁଦାସ ବାବାଜୀ। ବାବାଜୀ ମହାଶୟ ଶିଳ୍ପୀଙ୍କର ଭୋଜିଭାତ ହେଲେ ସାମର୍ଥ୍ୟ ଅନୁଯାୟୀ ନଡ଼ିଆଠାରୁ କଦଳୀପତ୍ର ପର୍ଯ୍ୟନ୍ତ ସାହାଯ୍ୟ କରୁଥିଲେ। ତାଙ୍କୁ ବି ସମୟ ସମୟରେ ରାଜ୍ୟ ପ୍ରଶାସନ ପକ୍ଷରୁ ସାହାଯ୍ୟ ଦିଆଯାଉଥିଲା। ଜଣେ ବାବାଜୀଙ୍କ କଥା ଆମେ ଜାଣୁଛେ। ଆଉ ସେ ଅନ୍ୟ ମଠର ବାବାଜୀ ସହଯୋଗର ହାତ ବଢ଼ାଇ ନ ଥିବେ, ତାହା ନୁହେଁ। ଆମେ ଏଥିରୁ ଜାଣୁଛେ ମନ୍ଦିର ନିର୍ମାଣ ପ୍ରତି ଗଡ଼ମାନଙ୍କର ଯେପରି ଅବଦାନ ଥିଲା, ମଠମାନଙ୍କର ମଧ୍ୟ ସେହିପରି ଅବଦାନ ଥିଲା।

ଏଣେ ମହାଶ୍ରମଙ୍କ ପରାମର୍ଶକ୍ରମେ କଳିଙ୍ଗ ସ୍ଥାପତ୍ୟ ଶୈଳୀର ହାତୀ ଏବଂ ଘୋଡ଼ା ମୂର୍ତ୍ତି ନିର୍ମାଣ କରିବାକୁ ସୂତ୍ରଧର ଦାୟିତ୍ୱ ଦେଲେ ପଥୁରିଆ ପରି ଅଙ୍ଗ ନାୟକ–ଗଙ୍ଗା ମହାପାତ୍ରଙ୍କୁ। ଦୁଇଟି ହାତୀ ନିର୍ମାଣ ଦୁଇଜଣଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। କଥା ଛିଡ଼ିଲା– ମୁଖଶାଳା ସାମ୍ନାରେ ଅରୁଣସ୍ତମ୍ଭ ବସିବ। ସେଠି ୫ହାତ ଗଭୀରର ଗାତ ଖୋଳାହେବ। ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ଅରୁଣସ୍ତମ୍ଭ ବସିବ। ୧୨ଜଣ ପଥୁରିଆ, ୭୮ଜଣ ପାଇକିଆଳ ଅରୁଣସ୍ତମ୍ଭକୁ ନିର୍ମାଣ ଖଳାରୁ ମୁଖଶାଳା ସାମ୍ନାକୁ ଆଣିଥିଲେ। ତା' ପରେ ଆସିଲା ଅରୁଣସ୍ତମ୍ଭର ପାଦପୀଠ ପଥର। ଏହାକୁ ପ୍ରସ୍ତୁତ କରିଥିଲେ ଶିଳ୍ପୀ ଗଦାଧର। ପାଦପୀଠ ପଥର ୬ଜଣ ପାଇକିଆଳ ସାଙ୍ଗକରି ଆଣିଥିଲେ। ଅରୁଣସ୍ତମ୍ଭ ପୋତାଯିବା ଗାତ ଦାଡ଼ରେ ଚାରୋଟି କାଠଖମ୍ବ ମାଟି ଖୋଳାଯାଇ ପୋତାହେଲା। ଚାରୋଟି କାଠଖମ୍ବ ମଝିରେ ୩ଟି ଲୋଖାଏ ଲୁହାକଳ ଖଞ୍ଜାହେଲା। କଥା ଏଇଠି ସରିନି। ଅରୁଣସ୍ତମ୍ଭ ବସିବା ପାଇଁ କେତେ ପ୍ରସ୍ତୁତି, ତାହା ଆମେ ଜାଣିବା। ସ୍ତମ୍ଭର ନିର୍ମାଣ କାର୍ଯ୍ୟ ଆଲୋଚନା କରିଥିଲେ। ବସିବା କୌଶଳ ବି ଜାଣିବା। ହଁ... ଅରୁଣସ୍ତମ୍ଭ ବସିଲା ତ! ଏତେ ଆଉ ବର୍ଣ୍ଣନା କ'ଣ ଦରକାର? ଏମିତି ଭାବନା କେତେଜଣଙ୍କର ଥାଇପାରେ! ମାତ୍ର ସେ ସମୟର ବସାଇବା କାଇଦା ଏବଂ ସାହସିକ ପଦକ୍ଷେପକୁ ଲକ୍ଷ୍ୟକରିବା କଥା। ପୂର୍ବରୁ ସ୍ତମ୍ଭ ଚାରିପଟେ ବସିଥିବା କାଠଖମ୍ବରେ ୬ଟି ବଡ଼ ବଡ଼ ଦଉଡ଼ି ବନ୍ଧାଗଲା ଗୋଟେ ପଟୁ ସ୍ତମ୍ଭକୁ ଉଠାଇବା ପାଇଁ। ଅନ୍ୟପଟେ ଉପରକୁ ଉଠାଇବା ପାଇଁ ଅର୍ଥାତ୍ ଠିଆକରିବା ପାଇଁ ଦୁଇଟି ହାତୀଙ୍କୁ ଲଗାଗଲା। ତିନୋଟି ଦଉଡ଼ି ସ୍ତମ୍ଭ ଶଗଡ଼ିରେ ବନ୍ଧାଗଲା। ତଥାପି ସ୍ତମ୍ଭ ଠିଆ କରାଇବାକୁ ୩ ଦିନ ଲାଗିଯାଇଥିଲା। ସ୍ତମ୍ଭ ଠିଆ ହୋଇଯିବା ପରେ ଚାରିପଟେ ୪ଜଣ ପଥୁରିଆ ପଥର ଖଞ୍ଜିଥିଲେ। ପଥର ଖଞ୍ଜିବା ପାଇଁ ଲାଗିଗଲା ୭ ଦିନ। ପାଦପୀଠରେ ୮ଟି ଘୋଡ଼ା ନିର୍ମାଣ ହୋଇ ଲାଗିବାକୁ ନିଷ୍ପତ୍ତି ହୋଇଥିଲା। ଖଞ୍ଜିବା ଦାୟିତ୍ୱ ନେଇଥିଲେ ନାରାୟଣ ମହାପାତ୍ର। ଘୋଡ଼ା ଖଞ୍ଜିବାରେ ନାରାୟଣଙ୍କ ମତ ଓ ସୂତ୍ରଧରଙ୍କ ମତରେ ସାମ୍ୟତା ରହିଲା ନାହିଁ। କଥା ଗଲା ଗଜପତିଙ୍କ ପାଖକୁ। ପାଇକ ହାତରେ ସୂତ୍ରଧର ବାର୍ତ୍ତା ପଠାଇଲେ ବିଡ଼ାନାସୀ ନଅରକୁ। ସେଠାରୁ ମହାଶ୍ରମଙ୍କ ଆଦେଶ ଆଣିଲା– 'ଘୋଡ଼ା ମଝିରେ ରହିବ ନାହିଁ। ଘୋଡ଼ା ମୂର୍ତ୍ତି ସବୁ ଗତିକଲା ପରି ରହିବେ'।

ଏଇ ମତ ହିଁ ଶିବେଇ ସାମନ୍ତରାୟ ଦେଇଥିଲେ। ନାରାୟଣ ମହାପାତ୍ରେ ଚାହୁଁଥିଲେ ଅରୁଣସ୍ତମ୍ଭର ପୀଠରେ ୪ ଓ ୩ ହୋଇ ଘୋଡ଼ାମୂର୍ତ୍ତି ରହିବେ । ଗୋଟିଏ ମଝିରେ ରହିବ। ମହାଶ୍ରମଙ୍କଠାରୁ ଆଦେଶ ଆସିବା ପରେ ପୂର୍ବ ନିଷ୍ପତ୍ତି ବିରୋଧରେ ଯାଇଥିବାରୁ ନାରାୟଣ ମହାପାତ୍ରଙ୍କୁ ୨ ପଣ କଉଡ଼ି ଜରିମାନା କଲେ ସୂତ୍ରଧର। ସେ ଜରିମାନା ଦେବା ପରେ କୋଷାଗାରକୁ ତାହା ଯାଇଥିଲା ଅର୍ଥାତ୍ ୧୬୦ଟି କଉଡ଼ି। ଆଇନ ଆଗରେ ସମସ୍ତେ ସମାନ।

ଅରୁଣସ୍ତମ୍ଭ ଉପରେ 'ଧ୍ୟାନମୂର୍ତ୍ତି ଅରୁଣ' ବସିବା ପାଇଁ ଠିକ୍ କରାଯାଇଥିଲା। ଧ୍ୟାନମୂର୍ତ୍ତି ନିର୍ମାଣ ଦାୟିତ୍ୱରେ ଥିଲେ ସାମନ୍ତ ଗଙ୍ଗା ମହାପାତ୍ର। ଏଥିପାଇଁ ତାଙ୍କୁ ଦିଆଯାଇଥିଲା ୨ ମାଢ଼ ସୁନା।

## ମହାଶ୍ରମ ମେହେନାରେ ବିଜେକରି ପଥରଖଳା ପରିଦର୍ଶନ କରିଥିଲେ

ଏହି ସମୟରେ ମହାଶ୍ରମଙ୍କ ଏକ ଆଦେଶ ଆସିଲା ଯେ, ମହାଶ୍ରମ କୋଣାର୍କକୁ ବିଜେ କରିବେ। ଅକ୍ଷୟତୃତୀୟା ଦିନ ତିନୋଟି ଶଗଡ଼ରେ ଆସବାବପତ୍ର ଓ ଗୋଟିଏ ଚିଟାଉ ଆସି ପହଞ୍ଚିଥିଲା। ଆସବାବପତ୍ର ମଧ୍ୟରେ ଥିଲା– ୧) ଖଞ୍ଜାହୋଇପାରୁଥିବା ପଲଙ୍କ, ୨) ବନ୍ଦ ଥିବା ୪ଟି କାଠବାକ୍ସ, ୩) ଗୋଟିଏ ବଡ଼ କାଠପେଡ଼ିରେ ବାସନକୁସନ।

ଗଜପତିଙ୍କୁ ପାଛୋଟି ଆଣିବାକୁ ଦୁଆର ଶିବିରରୁ ଶିଳ୍ପୀମାନେ ପ୍ରସ୍ତୁତ ହୋଇଯାଇଥିଲେ। କୋଣାର୍କରେ ପହଞ୍ଚିବା ପରେ ୧୨ଜଣ ପରିଚାରକଙ୍କୁ ନିଯୁକ୍ତ କରାଯାଇଥିଲା। ମହାଶ୍ରୀ ମେହେନାରେ ବିଜେକରି ପଥରଖଳା ଓ ମୁଖ୍ୟ ମନ୍ଦିରକୁ ପରିକ୍ରମା କରିବାକୁ ଯୋଜନା ହୋଇଥିଲା। ୧୪ଜଣ ଗୋପାଳ ଏଥିରେ ନିଯୁକ୍ତ ଥିଲେ। ମହାଶ୍ରମଙ୍କୁ ପ୍ରତ୍ୟେକ କାମ ବିଷୟରେ ବୁଝାଇବାକୁ ଶିବେଇ ସାମନ୍ତରାୟ, ନାରାୟଣ ମହାପାତ୍ର ଓ ବାସୁ ଓଝା ଉପସ୍ଥିତ ଥିଲେ। କାମ ଚାଲିଥିବା– ୧) ଦୁଆରବନ୍ଧର ସୂକ୍ଷ୍ମକାମ, ୨) ଗର୍ଭଗୃହର ଅନୁରଥ ନିର୍ମାଣ କାମ, ୩) ମୁଖଶାଳାର ଅନୁରଥରେ ନିର୍ମିତ ହେଉଥିବା ୩ଟି ବନ୍ଧମୂର୍ତ୍ତି, ୪) ସାମ୍ନାରେ ଖଞ୍ଜାହେବା ପାଇଁ ଘୋଡ଼ା ନିର୍ମାଣ, ୫) ନାଟମନ୍ଦିର ପୀଠ ଉପରେ ଚାଲିଥିବା ପଦ୍ମଖୋଦେଇକୁ ସେମାନେ ଟିକିନିଖି ଦେଖିଥିଲେ।



ଗଜପତି ବିଜେ କରୁଥିବା ମେହେନା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ନିଆଁହୁଳା ପ୍ରସ୍ତୁତି ବେଳେ ମହିଳା ଜଳିଗଲେ

## ହାତୀ ଘଉଡ଼ାଇବାକୁ ତିଆରି କରୁଥିଲେ

ପାଟଣା,୫।୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଗୁଲୁଦିପଶି ଗ୍ରାମ ଝାଡିପଡ଼ା ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ହାତୀ ଘଉଡ଼ାଇବା ପାଇଁ ନିଆଁହୁଳା ପ୍ରସ୍ତୁତ କରୁଥିବା ବେଳେ ନିଆଁ ଲାଗି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଗ୍ରାମର ସଙ୍ଘାଳି ବାରିକଙ୍କ ସ୍ତ୍ରୀ ଝୁଲି ବାରିକ(୩୬)।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଗୋଠଛଡ଼ା ଦନ୍ତା ଉକ୍ତ ସାହିର ଅର୍ଜୁନ ବାରିକଙ୍କ ବଗିଚାରେ ପଶି ପନିପରିବା ନଷ୍ଟ କରିଥିଲା। ଶନିବାର ବିଳମ୍ବିତ ରାତିରେ ଦନ୍ତା ପାଖ ଗାଁରେ ବୁଲୁଥିବାର ପ୍ରଚାର ହୋଇଥିଲା। ଏ ନେଇ ସଙ୍ଘାଳି, ଝୁଲି ଓ ଗାଁର ୩ରୁ ୪ଜଣ ସଙ୍ଘାଳିଙ୍କ ବଗିଚା ନିକଟରେ ଥିବା କଂକ୍ରିଟ ରୋଡ୍‌ରେ ନିଆଁ ଲଗାଇ ପୋଇଁ ହେବା ସହ ହାତୀ ଆସିଲେ ଘଉଡ଼ାଇବାକୁ ପ୍ରସ୍ତୁତ ହେଉଥିଲେ। ରାତି ୧୧ଟାରେ ବଗିଚାକୁ ହାତୀ ଆସିଲେ ତାକୁ ଘଡ଼ାଇବାକୁ ନିଆଁ ହୁଳାରେ ମୋବିଲ ଢାଳୁଥିବା ବେଳେ ନିଆଁ ହୁହୁ ହୋଇ ଜଳି ଝୁଲିଙ୍କ ପିନ୍ଧା ଲୁଗାରେ ଲାଗିଯାଇଥିଲା। ଉପସ୍ଥିତ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର କଟକ ସ୍ଥାନାନ୍ତର କରିଥିଲେ। ରାତି ୨ଟାରେ କନ୍ଦୋ ନିକଟରେ ଅବସ୍ଥା ଅଧିକ ଗୁରୁତର ହେବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନିରଞ୍ଜନ ସାହୁ କହିଛନ୍ତି, ତାଙ୍କ ଦେହର ଶହେ ପ୍ରତିଶତ ଜଳି ଯାଇଥିଲା। ଘଷିପୁରା ଥାନାରେ ଏକ ମାମଲା(ନଂ.୧/୨୫)ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଶିମିଳିପାଳରେ ୩୦୦ ଫୁଟ୍‌ର ଜଳପ୍ରପାତ

## ଲୋକଲୋଚନକୁ ଆଣିଲା ମୟୂରଭଞ୍ଜ ମିରର ଟିମ୍

ବାରିପଦା,୫।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଜାତୀୟ ଉଦ୍ୟାନ କାଳ କାଳ ଧରି ନିଜର ବିବିଧତା, ଜୀବଜଗତ ଓ ସବୁଜିମା ନିମନ୍ତେ ସମଗ୍ର ବିଶ୍ୱରେ ପରିଚିତ। ଏହାରି ଭିତରେ ଆଜି ମଧ୍ୟ ଅନେକ ତଥ୍ୟ, ସ୍ଥାନ,ଜଳପ୍ରପାତ ଓ ଉପତ୍ୟକା ସବୁ ଅନାଲୋଚିତ ହୋଇରହିଛି, ଯାହାର ସୁନ୍ଦରତା ଅପରିସୀମ। ଦୀର୍ଘ ୭ ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠା ବଳରେ ମୟୂରଭଞ୍ଜର ପର୍ଯ୍ୟଟନ ମାନଚିତ୍ରରେ ନୂଆ ନୂଆ ସ୍ଥାନ ଯୋଡୁଥିବା ମୟୂରଭଞ୍ଜ ମିରର ଟିମ୍ ପୁଣି ଏକ ୩୦୦ ଫୁଟ୍ ଉଚ୍ଚର ଅନାଲୋଚିତ ଜଳପ୍ରପାତକୁ ଲୋକଲୋଚନକୁ ଆଣିଛି। ଏହି ଜଳପ୍ରପାତଟିରେ ୧୬ଟି ସ୍ତର ରହିଥିବା ବେଳେ ଏହା ସବୁଜ ଗଛଲତାର ଆଢୁଆଳରେ ବହୁଥିବାରୁ ଆଜି ଯାଏ ଲୋକଲୋଚନକୁ ଆସିପାରି ନ ଥିଲା। ସାହାଡ଼ା ଝର ଜଳପ୍ରପାତ ନାମରେ ପରିଚିତ ଏହି ଜଳପ୍ରପାତଟି ଶିମିଳିପାଳର ଉତ୍ତର ପଶ୍ଚିମାଞ୍ଚଳ ବିଶୋଇ ଅଞ୍ଚଳରେ ରହିଥିବା ଟିମ୍‌ର ସଦସ୍ୟମାନେ ପ୍ରକାଶ କରିଛନ୍ତି। ଏହି ଜଳପ୍ରପାତ ସନ୍ଧାନରେ ମୟୂରଭଞ୍ଜ ମିରର ଟିମ୍‌ର କୁମାରେଶ ନାୟକ, ସ୍ୱରୂପ ସାମଲ, ଦିବ୍ୟଜ୍ୟୋତି ରଣା ଓ ପ୍ରଶାନ୍ତ ବେହେରା ପ୍ରମୁଖ ସାମିଲ ଥିଲେ।



ସାହାଡ଼ା ଝର ଜଳପ୍ରପାତ।


ପୌର ପରିଷଦ, ହିଞ୍ଜିଳିକାଟୁ
HINJILICUT MUNICIPAL COUNCIL
ହିଞ୍ଜିଳିକାଟୁ, ଜିଲ୍ଲା - ଗଞ୍ଜାମ, ପିନ୍ - ୭୬୧୧୦୨
ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି- ୧୪୪୨୦
At- Hinjilicut, Dist.- Ganjam, Pin- 761102
Contact: 06811-280025, Toll Free No.: 14420
Email: hinjilicutmunicipality@gmail.com, hinjilimunicipality@gmail.com
:Hinjilicut Municipality, : Hinjilicutmunicipality
Letter No.- 05/2025, Date- 01.01.2025

E-Procurement Notice
Bid Identification No.- HIN-MUN-03/2024-25

No.C-1396:- The Executive Officer, Hinjilicut Municipality on behalf of Governor of Odisha invites percentage bid in Single cover system from bidders of eligible Class registered with State Government and bidders with equivalent grade/class registered with Central Govt. / MES / Railways according to norm of e-procurement system in online mode for the work as per DTCN.

| | | |
|---|---|---|
| 1. | Total Number of Civil works | 04 Nos. |
| 2. | Estimated Cost for Civil works | Rs.3,00,000/- to 16,00,000/- |
| 3. | Period of Completion | As per DTCN. |
| 4. | Date & time of availability of Bid Documents in the portal | Dt.06.01.2025 of 11.00 A.M. to Dt.15.01.2025 of 5.00 P.M. for online bidding |
| 5. | Last Date of receipt of Bid through Online | Dt.15.01.2025 of upto 5.00 P.M. |
| 6. | Date of opening of Tender | Dt.16.01.2025 at 11.00 A.M. |

Further details can be seen from the procurement portal: https://tendersodisha.gov.in
Sd./- Executive Officer, Hinjilicut Municipality
OIPR-13105/11/0007/2425

OFFICE OF THE DEAN & PRINCIPAL, MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR - 760 004, GANJAM, ORISSA
No. 15284/MCB-2024/Welfare./Dated, Berhampur the 31st December, 2024

TENDER CALL NOTICE FOR JOURNALS

No.E-647 : Sealed tenders are invited from the Good Office Committee, MCA and FPBAI, Registered firms for "Subscription of journals" (Indian & Foreign) (Medical) for the financial year 2025 in two bid system (Technical & Financial) so as to reach the office of the undersigned within Twenty One days from the date of publication of the advertisement till 5 P.M. The detailed Tender paper, Terms & Conditions and list of Journals can be obtained from the office of the undersigned on any working day. The details are also available in the website mkcgmch.org.
The undersigned reserves the right to cancel of the tender in full or parts at any time without assigning any reason thereof.
Sd./- Dean & Principal, MKCG Medical College, Berhampur
OIPR-10013/11/0021/2425

OFFICE OF THE SUPERINTENDENT CHC,RAJSUNAKHALA, NAYAGARH
TENDER CALL NOTICE
Adv. No.01/2024-25 Date:03.01.2025
No.E-644:Sealed tenders are invited for engagement/ empanelment/ hiring of vehicle details as given below:

| Sl. No. | Name of Programme | Type of Vehicle | Supplied by |
|---|---|---|---|
| 01 | Mobile Health Team (RBSK) | Hiring of Vehicle (BOLERO/TUV/ SCORPIO/SUMO etc) | Registered Local Travel Agencies / Individuals |

The detail regarding application format, terms and conditions may be downloaded from District website i.e. www.nayagarh.nic.in. The tenders should reach the office of the undersigned by dt.24.01.2025 (till 05.00 PM) on working day within office hours through Courier, Speed Post or Registered Post only. The tenders will be opened at 12.00 P.M. on dt.27.01.2025. The undersigned reserves the right to reject any or all the tenders without assigning any reason thereof.
Sd./- SUPERINTENDENT CHC, RAJSUNAKHALA, NAYAGARH
OIPR-10239/11/0001/2425

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA
Phone No.0661-2664637, Fax No.0661-2664639
e-mail:dfo.rourkela@odisha.gov.in
No.05/ 1F Dated 02.01.2025

CORRIGENDUM

No.MM-397:In reference to the Notice No.710 of 2024-25 dt.24.12.2024 for Walk-in-Interview for engagement of Veterinary Officer & Live Stock Assistant at Mobile Veterinary Unit of Rourkela Forest Division scheduled to be held on 15.01.2025 is postponed to 21.01.2025 and time & venue remaining the same.
The provisionally selected candidates for interview will be intimated through return mail from the mail id dforourkela@yahoo.co.in by 18.01.2025.
Sd./- Divisional Forest Officer, Rourkela Forest Division
OIPR-08044/11/0018/2425

ଓଡ଼ିଶା ସରକାର, ମିଶନ ଶକ୍ତି ବିଭାଗ
GOVERNMENT OF ODISHA DEPARTMENT OF MISSION SHAKTI
Lokaseva Bhavan, Bhubaneswar-751001, Tel:0674-2974093
E-mail:missionshakti.od@gov.in, pmumissionshakti@gmail.com

SHORT TENDER CALL NOTICE
Department of Mission Shakti
NO.MS-OE-MISC-0034-2024 16/ MS Date:03.01.2025

No.g-147: Sealed tenders are invited from reputed Firms/ Agencies/Event Managers (with valid GSTN and PAN) having experience in organizing National/ State Level Tableau display for organizing Tableau display in the State Level Republic Day Parade to be held on 26th January, 2025 at Bhubaneswar. The tender document along with detailed terms and conditions of the tender is available in official website https://missionshakti.odisha.gov.in. Bidders can download the tender document directly from the official website. The last date of tender submission is Dt.10.01.2025 upto 04.00 P.M. Tenders received after the due date will be outrightly rejected. Alteration/modification, if any, will be notified on the official website https://missionshakti.odisha.gov.in. The authority reserves the right to reject any / all the tenders without assigning any reasons thereof.
Sd./- Director, Department of Mission Shakti
OIPR-48001/11/0002/2425

GOVERNMENT OF ODISHA
RURAL WATER SUPPLY & SANITATION ORGANISATION
OFFICE OF THE SUPERINTENDING ENGINEER, RWS&S DIVISION, ANGUL, AT : TALCHER
At - Baghuabole, P.O. - Hatatota, Talcher, Dist. - Angul, Pin - 759 100
(Ph. No./Fax - 06760-240762, E-mail : eerwssang@gmail.com)
National Competitive Bidding through e-procurement
Bid Identification No. 11/SE/RWSS/ANGUL/2024-25 Dt.30.12.2024

No.O-1098 : The Superintending Engineer, RWS&S Division, Angul, At : Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.
Nature of Work : PWS Scheme

| | | |
|---|---|---|
| 1 | No. of Tenders | 1 No. |
| 2 | Tender Paper Cost | Rs. 10,000.00 |
| 3 | Value of work | Rs. 732.35 Lakhs |
| 4 | Class of Contractor | "A" & "Spl" Class |
| 5 | Date & time of availability of bid document in portal | 06.01.2025 at 13.00 hours to 16.01.2025 upto 17.30 hours |
| 6 | Date & time of seeking tender clarification | 10.01.2025 upto 17.30 hours |
| 7 | Date & time of opening of tender & verification of original document | 17.01.2025 at 12.00 hours in the office of the Superintending Engineer, RWS&S Division, Angul, At : Talcher |
| 8 | Time of completion | 12 (Twelve) Calendar Months |
| 9 | The bidders have to participate in online bidding only. Further details can be seen from the website https://www.tendersodisha.gov.in | |
| 10 | Corrigendum if any shall be publish in the above website only | |

Sd./- Superintending Engineer, RWS&S Division, Angul at Talcher
OIPR-25195/11/0002/2425

Startup Odisha
Ref No. : SO/V/2024-25/411/4245 Date : 03.01.2025
TENDER FOR SELECTION OF AGENCY FOR HIRING OF VEHICLE IN STARTUP ODISHA, BHUBANESWAR FOR OFFICIAL USE

No.CAD-2066 : M/s. Startup Odisha, Bhubaneswar invites sealed in proposals on L1 method for the Selection of Agency for Hiring of Vehicle in Startup Odisha. The details of Terms of Reference (Tor) can be downloaded from the website of Startup Odisha, i.e. www.startupodisha.gov.in Interested agencies may submit their proposals in a sealed cover super-scribing as "Tender for Selection of Agency for Hiring of Vehicle in Startup Odisha (Startup Odisha)" and send it to the Chief Administrative Officer(Admin), Startup Odisha, 2nd Floor, O Hub Building, SEZ Area, Info city, Bhubaneswar - 751024, through Speed Post/Registered Post (Courier services only), which should reach on or before 14/01/2025 positively and the technical bids will be opened at 15/01/2025 at 11.30 A.M. Proposals received after the due date and time shall be rejected. The undersigned reserves the right to reject any or all the tender(s) without assigning any reason thereof. For any queries, you may reach out through email at startup.odisha@gov.in or telephone at 0674-2586176/2586177.
By order of Principal Secretary
Sd./- (Kamaljit Das) Chief Administrative Officer Startup Odisha
OIPR-43007/11/0012/2425

B.J.B. AUTONOMOUS COLLEGE
BHUBANESWAR - 751014
TENDER CALL NOTICE
No.04 Dt.02.01.2025

No.CAD-2061 : Sealed tenders are invited from registered firms/dealers/suppliers having valid GST registration, PAN and IT Clearance for supply of laboratory equipments for the College so as to reach the undersigned through registered/speed post only latest by 5.00 P.M. on or before 15.01.2025. The undersigned reserves the right to accept or reject any or all quotations without assigning any reason thereof. The details of terms and conditions and department wise list of equipments are available in the website of the College www.bjbcollege.in
OIPR-11011/11/0020/2425 Sd./- Principal

ODISHA POLICE STATE HEADQUARTERS, CUTTACK
Odisha Police
Office of the D.G. & I.G. of Police, Odisha, Cuttack
Tel.:0671-2304001, Website:www.odishapolice.gov.in, Email:aig-prov.odpol@gov.in

No.D-223:Online bids through e-Tender Portal https://tendersodisha.gov.in are invited from the eligible bidders for purchase of All Terrain Vehicle (ATV) for Air Port Security of Odisha Police during the current financial year 2024-25 as per the particulars mentioned below.

| Sl.No. | Name of Item | RFP No. & Date |
|---|---|---|
| 1 | All Terrain Vehicle (ATV) | 43-RFP-All Terrain Vehicle (ATV)- 2024-25 Dtd-03.01.2025 |

| Events | Date |
|---|---|
| RFP Issue Date | 03/01/2025 |
| Date & Time of Pre-Bid Meeting Queries to be submit on aig-prov.odpol@gov.in, 2 days prior to the pre-bid meeting as per the format prescribed in Annexure 5 | A pre-proposal meeting will be intimated through Mail (Online Link shall be shared based on the request receive from bidder on aig-prov.odpol@gov.in before 15.00 hours, 8.01.2025 Venue_O/o the Odisha Police Headquarter, Buxi Bazar, Cuttack |
| RFP Submission Due Date and Time | After Completion of pre-bid queries meeting |
| Date & Time of Opening of Technical Bids | 20/01/2025 |
| Date & Time of Opening of Financial Bids | 21/01/2025 |
| Tender Document Fee | Rs.590/- in favour of A.I.G. of Police (Prov.), Odisha, Cuttack payable at Cuttack (Demand Draft) |
| EMD (Earnest Money Deposit) | Rs.22,000/- in favour of A.I.G. of Police (Prov.), Odisha, Cuttack payable at Cuttack (Demand Draft) |

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in. The authority reserves the right to accept/reject any part thereof or all the bids without assigning any reason thereof.
Sd./- A.I.G. of Police (Provisioning) Odisha, Cuttack (Tender Calling Authority)
www.odishapolice.gov.in, Email:sphqrs.odpol@nic.in OIPR-12029/11/0051/2425 Buxi Bazar, Cuttack-753001, Tel/Fax No.0671-2304354

No.A-819
ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-03/2024-25
୧. କାର୍ଯ୍ୟର ନାମ: Renovation of Badanko Hatina D.C. and its link drain outfalling to river Kharasrota and Sahupada, Kundakhia, Kaladia DC and its link drain outfalling to river Brahmani (Doab-XIV).
୨. ଅଟକଳ ମୂଲ୍ୟ: ୭୧୫.୫୯ ଲକ୍ଷ
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୮ (ଅଠର) ମାସ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା୦୭.୦୧.୨୦୨୫ ରୁ ୧୧.୦୦ ଘଣ୍ଟାରୁ ତା୨୧.୦୧.୨୦୨୫ ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା୨୧।୦୧।୨୦୨୫ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା: ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା: ଗଣ୍ଡରପୁର, କଟକ–୭୫୩୦୦୩; ଇ–ମେଲ୍: sedrainagecirclectc@gmail.com
ଅଧିକ ବିବରଣୀ ପାଇଁ ଇ–ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ। ଆବଶ୍ୟକସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ ।
ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜଳନିକାସ ମଣ୍ଡଳ, କଟକ
OIPR-32174/11/0001/2425

Office of the Collector & District Magistrate, Khordha (Tourism Section)
No. 3/TDO, BBSR Dt. 03.01.2025

EXPRESSION OF INTEREST

No.R-06 : Expression of Interest is invited in sealed cover from reputed Event Management Agencies Firms etc. for making arrangement at Flag off Ceremony at Railway Station & provision of logistic arrangements like Mattress, other materials for the pilgrims etc. in designated Short stay venues in Bhubaneswar under the scheme "Baristha Nagarika Tirtha Yatra Yojana, 2024-25" launched by State Tourism Department in collaboration with IRCTC (A Govt. of India undertaking) in order to facilitate the tour from Railway Station, Bhubaneswar. The Agency shall make all requisite services & provide other materials (i.e. putting of Welcome gates, banners, attractive hoardings, tent house items, mattress & pillows, Light & Sound system arrangements, floral decorations, Supply of flower bouquets, tea & snacks etc.) for smooth conduct of programme.
Last date of submission of EOI is 10.01.2025 up to 1.00 P.M.
The terms of references may be collected from the Assistant Director Tourism, Tourism Division Office. Bhubaneswar or may be downloaded from our website www.khordha.nic.in
Sd./- Collector & District Magistrate, Khordha
OIPR-37001/11/0020/2425

OFFICE OF THE SUPERINTENDING ENGINEER RWS&S DIVISION, JAGATSINGHPUR
mail - rwssjspur@gmail.com
e-Procurement Notice
Bid Identification No. 28 of 2024-25

No.O-1069 : The Superintending Engineer, RWS&S Division, Jagatsinghpur on behalf of Governor of Odisha invites Percentage bids in Single Cover system in online mode for reputed Firms/ Electrical contractor's having valid HT Electrical License, GST Redg. No./PAN Card to execute electrical installation for H.T. work in different PWS Projects.

| | | |
|---|---|---|
| 1. | Name of work | External Electrical works |
| 2. | No. of work | 02 Nos |
| 3. | Estimated Cost | Rs. 5,41,879/- to Rs. 7,82,791/- |
| 4. | Cost of Tender paper | Rs. 4000/- |
| 5. | Class of contractor | HT License |
| 6. | Availability of Tender in website | 07.01.2025 to 15.01.2025 |
| 7. | Submission of Bid in online | 07.01.2025 to 15.01.2025 |
| 8. | Date of seeking clarification | 07.01.2025 to 13.01.2025 |
| 9. | Date of opening of bids | 16.01.2025 (11.00 A.M.) |
| 10. | Name and address of O.I.T | Superintending Engineer, RWS&S Division, Jagatsinghpur |
| 11. | All other details can be seen from the website | www.tendersorissa.gov.in |

12. Bid cost and Bid security should be submitted in online mode
13. Subsequent corrigendum/addendum if required shall only be appeared in above website.
Sd./- Executive Engineer RWS&S Din. Jagatsinghpur
OIPR-25024/11/0011/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:.......................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବୈଦ୍ୟୁତିକ ଯାନର ବ୍ୟବହାରକୁ ସରକାରଙ୍କ ଗୁରୁତ୍ୱ

- ଚାର୍ଜିଂ ଭିତ୍ତିଭୂମିର ବିକାଶ ପାଇଁ ୮୦%ର ସବ୍‌ସିଡି
- ପିଏମ୍ ଇ ଡ୍ରାଇଭ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ସହାୟତା

**ନୂଆଦିଲ୍ଲୀ,୫।୧**

ବର୍ତ୍ତମାନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ( ଇଲେକ୍ଟ୍ରିକ ଭେହିକିଲ ବା ଇଭି) ର ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। ଏପରିକି ଇଭି ଯାନ କ୍ରୟ କରୁଥିବା କ୍ରେତାଙ୍କୁ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଇଭି ଶିଳ୍ପର ବିକାଶ ଓ ଚାହିଦା ବୃଦ୍ଧି ପାଇଁ କେନ୍ଦ୍ର ସରକାର ଇଭି ଚାର୍ଜିଂ ଷ୍ଟେସନ ଭିତ୍ତିଭୂମିର ବିକାଶ ଓ ସର୍ବସାଧାରଣ ବ୍ୟବହାର



କେନ୍ଦ୍ର ସ୍ଥାପନ ପାଇଁ ପ୍ରାୟ ୮୦%ର ସହାୟତା ରାଶି ପ୍ରଧାନମନ୍ତ୍ରୀ ଇଲେକ୍ଟ୍ରିକ ଡ୍ରାଇଭ ରିଭ୍ୟୁଲେଶନ ଇନ୍ ଇନୋଭେଟିଭ ଭେହିକିଲ ଏନହାନ୍ସମେଣ୍ଟ (ପିଏମଇ ଡ୍ରାଇଭ) ସ୍କିମ୍ ଅଧୀନରେ ହିତାଧିକାରୀଙ୍କୁ ଯୋଗାଇ ଦେଉଛନ୍ତି। ସେହିଭଳି ସାରା ଦେଶରେ ଇଭି ଚାର୍ଜିଂ ଷ୍ଟେସନ ଭିତ୍ତିଭୂମିର ବିକାଶ ଓ ସର୍ବସାଧାରଣ ବ୍ୟବହାର କେନ୍ଦ୍ର ସ୍ଥାପନ ପାଇଁ ସରକାର ୨୦୦୦ କୋଟି ଟଙ୍କା ପିଏମ ଇଡ୍ରାଇଭ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଯୋଗାଇ ଦେଉଥିଲାବେଳେ ଇଭି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ସବୁ ସ୍ତର ଓ ବର୍ଗର ଲୋକଙ୍କୁ ଶିଳ୍ପ ପରିସର ମଧ୍ୟକୁ ଆଣିବା ପାଇଁ ଉଭୟ ଶିଳ୍ପସଂସ୍ଥା ଓ ସରକାର ପ୍ରୟାସ କରୁଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ସରକାର ୪୮,୪୦୦ ଇଭି ଫାଷ୍ଟ ଚାର୍ଜିଂ ଷ୍ଟେଶନ ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏପରିକି ଦୁଇ ଚକିଆ ଇଭି ଯାନ ପାଇଁ ୫୮୧ କୋଟି ଟଙ୍କାର ସହାୟତା ଦିଆଯାଇଥିଲାବେଳେ ଚାରି ଚକିଆ ଇଭି ଯାନ ପାଇଁ ମୋଟ ୨୨,୧୦୦ ଷ୍ଟେଶନ ସ୍ଥାପନ ପାଇଁ ୧୦୬୧କୋଟି ଆର୍ଥିକ ସହାୟତା ଦିଆଯାଇଛି।

## ସୋସିଆଲ ମିଡିଆରେ ୫୦୦୦ଟଙ୍କିଆ ନୋଟ୍ ଗୁଜବ


**ଭୁବନେଶ୍ୱର,୫।୧(ଅନୁରାଧା ମହାରଣା)**

ଦେଶରେ ବିମୁଦ୍ରୀକରଣ ପରେ ୧୦୦୦ ଟଙ୍କିଆ ନୋଟ୍ ନିଷେଧ କରାଯାଇ ୨୦୦୦ ଟଙ୍କିଆ ନୋଟ ଜାରି କରାଯାଇଥିଲା। ମାତ୍ର ଏହି ନୋଟ ମଧ୍ୟ କିଛି ସମୟ ମଧ୍ୟରେ ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ ଏକ ଖବର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଖୁବ ଶୀଘ୍ର ୫୦୦୦ ଟଙ୍କା ନୋଟ ଦେବାକୁ ଯାଉଛି। ଏହି ନୋଟ ସମ୍ବନ୍ଧୀୟ ସୂଚନା ସହିତ ଏହାର ଚିତ୍ର ମଧ୍ୟ ଭାଇରାଲ ହେଉଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ବାର୍ତ୍ତା ଉପରେ ପିଆଇବିର ଫ୍ୟାକ୍ଟ ଚେକ ୟୁନିଟ ପ୍ରତିକ୍ରିୟା ଦେଇଛି । ଏହି ପ୍ରତିକ୍ରିୟା ଅନୁସାରେ, ଆରବିଆଇ ବର୍ତ୍ତମାନ ଏପରି କୌଣସି ନୋଟ ଜାରି କରିବ ନାହିଁ। ଏହି ଖବର ସଂପୂର୍ଣ୍ଣ ଭୁଲ ଅଟେ।

# ଆଜି ଶୁଭାରମ୍ଭ ହେବ 'ପିଏଲଆଇ ସ୍କିମ ୧.୧'

**ଭୁବନେଶ୍ୱର,୫।୧(ଅନୁରାଧା ମହାରଣା)**

ଇସ୍ପାତ କ୍ଷେତ୍ର ପାଇଁ ସରକାର ସୋମବାର ଆଉ ଏକ ପର୍ଯ୍ୟାୟ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲଆଇ) ଯୋଜନା ଆରମ୍ଭ କରିବେ। ଇସ୍ପାତ ମନ୍ତ୍ରୀ ଏଚଡି କୁମାରସ୍ୱାମୀ ' ପିଏଲଆଇ ସ୍କିମ ୧.୧'ର ଶୁଭାରମ୍ଭ କରିବେ। ସ୍ୱତନ୍ତ୍ର ଇସ୍ପାତର ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଏବଂ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରି ଆମଦାନି ହ୍ରାସ କରିବା ପାଇଁ ସରକାର ପୂର୍ବରୁ ସ୍ୱତନ୍ତ୍ର ଇସ୍ପାତ ପାଇଁ ପିଏଲଆଇ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ୨୭,୧୦୬ କୋଟି ଟଙ୍କା ବିନିଯୋଗକୁ ଆକର୍ଷିତ କରିଛି, ଯାହା ୭୯ ଲକ୍ଷ ଟନ ସ୍ୱତନ୍ତ୍ର ଇସ୍ପାତ ଉତ୍ପାଦନ ସହିତ ୧୪,୭୬୦ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଯୋଜନା କରାଯାଇଛି। ଗତ ବର୍ଷ ନଭେମ୍ବର ପର୍ଯ୍ୟନ୍ତ କମ୍ପାନୀଗୁଡିକ ୧୮,୩୦୦ କୋଟି ଟଙ୍କା ବିନିଯୋଗ କରିଛନ୍ତି ଏବଂ ୮,୬୬୦ ରୁ ଅଧିକ ନିଯୁକ୍ତି ସୃଷ୍ଟି କରିଛନ୍ତି। ବିଭାଗ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ, ସରକାର ନିୟମିତ ଭାବେ ଅଂଶଗ୍ରହଣକାରୀ କମ୍ପାନୀମାନଙ୍କ ସହିତ ଯୋଗାଯୋଗ କରୁଛନ୍ତି ଏବଂ ମତାମତକୁ ଆଧାର କରି ଏହା ଅନୁଭବ କରାଯାଇଥିଲା ଯେ ଅଧିକ ଅଂଶଗ୍ରହଣକୁ ଆକର୍ଷିତ କରିବା ପାଇଁ ଏହି ଯୋଜନାକୁ ପୁନଃ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି।




# ପତଞ୍ଜଳିର ୩୦ତମ ପୂର୍ତ୍ତି ଉତ୍ସବ

**ନୂଆଦିଲ୍ଲୀ,୫।୧ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ପତଞ୍ଜଳି ସଂସ୍ଥାନର ୩୦ତମ ପୂର୍ତ୍ତି ଉତ୍ସବ ରବିବାର ହରିଦ୍ୱାରର ପତଞ୍ଜଳି ୱେଲ୍‌ନେସ୍‌ସ୍ଥିତ ଯୋଗ ଭବନ ଅଡିଟୋରିୟମଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ପତଞ୍ଜଳି ଯୋଗପୀଠର ପରମାଧ୍ୟକ୍ଷ ସ୍ୱାମୀ ବାବା ରାମଦେବ ଏବଂ ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ସମେତ ପତଞ୍ଜଳି ଯୋଗପୀଠର ୬୦୦୦ରୁ ଅଧିକ ପ୍ରଭାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ବାବା ରାମଦେବ କହିଥିଲେ, ଆମେ ଅନେକ ଘଟଣା ମଧ୍ୟରେ ଆଜି ୩୦ତମ ପୂର୍ତ୍ତି ଉତ୍ସବ ପାଳନ କରୁଛୁ। ଏପରିକି ଗତ ୩୦ ବର୍ଷର ସେବା, ସଂଘର୍ଷ ଏବଂ ସାଧନାକୁ ସେ ସୁନ୍ଦର ଭାବେ ସର୍ବସାଧାରଣରେ ଉପସ୍ଥାପନ କରିଥିଲେ। ଏପରିକି ପତଞ୍ଜଳି ଯୋଗପୀଠର ଭବିଷ୍ୟତ ଯୋଜନା ଉପରେ ମଧ୍ୟ ରାମଦେବ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ବିଶେଷକରି ଯୋଗପୀଠର




ଯୋଗକ୍ରାନ୍ତିର ଅଶେଷ ସଫଳତା ପରେ ରାମଦେବ ବର୍ତ୍ତମାନ ପାଞ୍ଚଟିବିପ୍ଳବ 'ଶିକ୍ଷା, ଚିକିତ୍ସା (ଔଷଧ), ଅର୍ଥନୈତିକ (ଆର୍ଥିକ), ଆଦର୍ଶ-ସାଂସ୍କୃତିକ ତଥା ନିଶା'ର ନିବାରଣ ପତଞ୍ଜଳିରୁ ଆରମ୍ଭ ହେବା ଆବଶ୍ୟକ ବୋଲି ସେ କହିଥିଲେ। ସେହିଭଳି ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଥିଲେ, ଗତ ୩୦ ବର୍ଷ ମଧ୍ୟରେ ଆମେ ଅନେକ ପ୍ରକାରର ପରିବର୍ତ୍ତନ ଆଣିପାରିଛୁ। ଆଗାମୀ ଦିନରେ ସ୍ୱାମୀଙ୍କର ସଂକଳ୍ପକୁ ଶତପ୍ରତିଶତ ପୂରଣ କରିବାକୁ ସବୁ ସ୍ତରରେ ପ୍ରୟାସ କରିବୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ରେନଲ୍ଟ ଇଣ୍ଡିଆର ସ୍ୱତନ୍ତ୍ର ୱାରେଣ୍ଟି

**ନୂଆଦିଲ୍ଲୀ,୫।୧**

ରେନଲ୍ଟ ଇଣ୍ଡିଆର ବହୁ ପ୍ରତୀକ୍ଷିତ ଅଫର ତଥା ଗ୍ରାହକ ସ୍ୱତନ୍ତ୍ର ୱାରେଣ୍ଟି ସୁବିଧାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଗ୍ରାହକଙ୍କୁ ୩ ବର୍ଷର ଏକ ସାଧାରଣ ମାନକ କିମ୍ବା ୧ଲକ୍ଷ କି.ମି.ର ୱାରେଣ୍ଟି ସୁବିଧା ଦିଆଯିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସୁବିଧା ୨୦୨୫ ଜାନୁୟାରୀ ୧ରୁ କାର୍ଯ୍ୟକାରୀ ହେଉଥିବାବେଳେ ସାମଗ୍ରୀ ସହିତ ଜଡ଼ିତ ସମସ୍ତ ଯାନ୍ତ୍ରିକ ତଥା ବୈଦ୍ୟୁତିକ ବିଫଳତା କିମ୍ବା ତ୍ରୁଟି, କାରିଗରି କିମ୍ବା ନିର୍ମାଣଜନିତ ତ୍ରୁଟି ତଥା ପ୍ରତ୍ୟେକ ରେନଲ୍ଟ ମାଲିକଙ୍କ ପାଇଁ ମାନସିକ ଶାନ୍ତିର ସୁନିଶ୍ଚିତତା ଇତ୍ୟାଦି ଦିଆଯାଉଛି। ସେହିଭଳି ପୁନର୍ବାର ଏହାର ପ୍ରଥମ ଗ୍ରାହକ ଆଭିମୁଖ୍ୟକୁ ସଶକ୍ତ କରିବାକୁ ଯାଇ ରେନଲ୍ଟ ବର୍ତ୍ତମାନ ୭ବର୍ଷ କିମ୍ବା ଅସୀମିତ କିଲୋମିଟର ବିସ୍ତାରିତ ସହିତ ଏହି ଉଦ୍ୟୋଗର ସର୍ବୋତ୍ତମ ପରିବ୍ୟାପ୍ତ ୱାରେଣ୍ଟି ପ୍ୟାକେଜ ସହିତ ସାଧାରଣ ମାନକ ୱାରେଣ୍ଟି ଅବଧି ମଧ୍ୟରେ ଯେ କୌଣସି ସମୟରେ କ୍ରୟର ଉପଲବ୍ଧ ରହିଛି। ଏହି ଉଭୟ ସାଧାରଣ ମାନକ ତଥା ପରିବ୍ୟାପ୍ତ ୱାରେଣ୍ଟି କାର୍ଯ୍ୟକ୍ରମ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ୨୪/୭ ରାସ୍ତା ପାର୍ଶ୍ୱର ସହାୟତା, ମାଲିକାନା ଅଭିଜ୍ଞତାକୁ ଆହୁରି ବର୍ଦ୍ଧିତ କରିବା ତଥା ଦୁର୍ଘଟଣା ଜନିତ କ୍ଷତିପୂରଣକୁ ଏଥିରେ ମିଶାଇବା ଇତ୍ୟାଦି ସାମିଲ ରହିଛି। ଏ ସମ୍ପର୍କରେ ରେନଲ୍ଟ ଇଣ୍ଡିଆର ଏମ୍‌ଡି ତଥା କଣ୍ଟ୍ରି ହେଡ ଭେଙ୍କଟରାମ ଏମ. କହିଛନ୍ତି, ଆମ ପାଖରେ ଅଭିନବୀକରଣ, ନିର୍ଭରଯୋଗ୍ୟ ସମାଧାନର ବଂଶାନୁକ୍ରମିକ ବିତରଣର ବ୍ୟାପକ ସୁବିଧା ରହିଛି, ଯାହାକି ଆମର ପ୍ରିୟ ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିପାରିଛି। ଏପରିକି ୨୦୨୫ରେ କ୍ରୟ କରିବାକୁ ଥିବା ସମସ୍ତ ଯାନ ଉପରେ ୩ବର୍ଷର ସାଧାରଣ ମାନକ ୱାରେଣ୍ଟି ଉପସ୍ଥାପନ ସହିତ ଆମର କାରଗୁଡ଼ିକର ଗୁଣବତ୍ତା ଏବଂ ମାଲିକାନା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଆମର ଉତ୍ସର୍ଗୀକୃତତା ଉପରେ ଆମେ ଆତ୍ମବିଶ୍ୱାସକୁ ସୁନିଶ୍ଚିତ କରିପାରିଛୁ। ଏଭଳି ଏକ ଉଲ୍ଲେଖନୀୟ କ୍ରୟ ପାଇଁ ଆମେ ମାନସିକ ଶାନ୍ତିର ଗୁରୁତ୍ୱପୂର୍ଣ୍ଣତାକୁ ବୁଝିପାରିଛୁ।


# Classified Everyday
0674-2580101, 9692975378


AUTOMOBILE

**SALE**

୪ ବର୍ଷର ପ୍ଲାଟିନା ବାଇକ୍ ସାକ୍ଷୀଗୋପାଳରେ ବିକ୍ରି ହେବ। 6371556500 / 7847059646. D-67686


REAL ESTATE

**SALE**

**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call-9437631769.** D-2373

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ - 7008052921. D-76228

**NH Side Commercial Plot for Sale at Pipili Bypass. Area: 20445 Sq.ft., Suitable for Godown, Restaurants, Hospital/Nursing Home etc. Contact: 9937446498.** D-75588

**Gharabari converted plots available near Hitech Square, Sundarpada, Bhubaneswar. For more details contact-9778832554, 9437226965.** D-2489

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-2490




Newly open Jyoti Spa Positively Health benefits (Expert Therapist). 8458067955 D-76184

Newly open Spa Health benefits relax refresh good therapist. 9040286886 D-76185

Newly open health benefits spa by experience lady therapist. 8117972440. D-76182

Newly open health benefits spa special offer @799, Bapujinagar, 8018429809. D-76183

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2491

**AFFIDAVIT**

By an affidavit No. 4720/ 16.12.2024, I, Bighneswar Behera, S/o Trilochan Behera, Vill.- Baghamara, P.O.- Jaida, P.S.- Kaptipada, Dist.- Mayurbhanj declare that my son's name is wrongly mentioned as Sonex Kumar Behera instead of Omm Prakash Behera in the Aadhaar Card No. xxxx xxxx 3205. Sonex Kumar Behera & Omm Prakash Behera is same person & shall be known as Omm Prakash Behera for all purposes. D-2492

**LOST**

Before Notary Public, Digapahandi affidavit No.- A/25, 04.01.2025, I, Sailedu Soudamini Dora (37), D/o S. Bipra Dora, Vill.- Patanda, P.O.- Kusapada, P.S.- Digapahandi, Ganjam say that my original ROR, Khata No.- 644/134 of Mouza under Digapahandi Tahasil is lost any where could not trace out till date, any body found may contact the above address. D-2493

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଖେଳ ଖବର

## ଗାଭାସ୍କରଙ୍କ ଅସନ୍ତୋଷ

**ସିଡ୍‌ନୀ, ୫।୧ (ପି.ଟି.):** ପାଞ୍ଚ ମ୍ୟାଚ ବିଶିଷ୍ଟ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ସମାପ୍ତ ହୋଇଛି। ପଡ଼ିଆରେ ଉପସ୍ଥିତ ଥିଲେ ମଧ୍ୟ ଟ୍ରଫି ପ୍ରଦାନ ଉତ୍ସବକୁ ଆମନ୍ତ୍ରଣ କରାଯାଇ ନ ଥିବାରୁ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ଅସନ୍ତୋଷ ପ୍ରକାଶ କରିଛନ୍ତି। ରବିବାର ଶେଷ ହୋଇଥିବା ଅନ୍ତିମ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ ୬ ଉଇକେଟରେ ଭାରତକୁ ପରାସ୍ତ କରିଛି। ଏଥିସହିତ ଦଳ ସିରିଜ ୩-୧ରେ ଜିତି ନେଇଛି। ଅଷ୍ଟ୍ରେଲିଆ ୧୦ ବର୍ଷ ପରେ ଟ୍ରଫି ଫେରିପାଇଛି। ଆଲାନ ବର୍ଡର ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଗାଭାସ୍କର କହିଛନ୍ତି, ବର୍ଡର-ଗାଭାସ୍କର ଟ୍ରଫି ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ନେଇ ଅନୁଷ୍ଠିତ ହୋଇଥାଏ। ସିରିଜ ଅଷ୍ଟ୍ରେଲିଆ ଜିତିଥିଲେ ମଧ୍ୟ ସେଥିରେ କିଛି ଫରକ ପଡୁନାହିଁ। ସେମାନେ ଭଲ ଖେଳିଥିଲେ, ତେଣୁ ସେମାନଙ୍କର ବିଜୟ ସ୍ୱାଭାବିକ। ମାତ୍ର ସେ ପଡ଼ିଆରେ ଉପସ୍ଥିତ ଥାଇ ମଧ୍ୟ ତାଙ୍କୁ ଟ୍ରଫି ପ୍ରଦାନ ପାଇଁ ଆମନ୍ତ୍ରଣ କରା ନ ଯିବା ଦୁଃଖର ବିଷୟ। ଯେହେତୁ ମୁଁ ଜଣେ ଭାରତୀୟ, ସେ ତାଙ୍କର ଜଣେ ଭଲ ବନ୍ଧୁ ଆଲାନ ବର୍ଡରଙ୍କ ସହିତ ଟ୍ରଫି ପ୍ରଦାନ କରିଥିଲେ ଖୁସି ଅନୁଭବ କରିଥାନ୍ତେ। ଭାରତୀୟ ଦଳ ଯଦି ଟ୍ରଫି ଜିତିଥାନ୍ତା ତେବେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିବା ଲାଗି କ'ଣ ତାଙ୍କୁ ଡକା ଯାଇଥାନ୍ତା କି ବୋଲି ଗାଭାସ୍କର ପ୍ରଶ୍ନ କରିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ୧୯୯୬-୧୯୯୭ରୁ ପରସ୍ପରକୁ ଭେଟି ଆସୁଛନ୍ତି। ଦୁଇ ଦଳ ମଧ୍ୟରେ ପ୍ରତିଯୋଗିତା କ୍ରମେ ତୀବ୍ର ହେବାରେ ଲାଗିଛି। ଗତ ସପ୍ତାହରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଦର୍ଶକଙ୍କ ଉପସ୍ଥାନ ୮୭ ବର୍ଷର ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛି।

# ଇଡ୍‌କୋ ଜିତିଲା ଇନୋଭାରେ କପ୍

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

ଇନୋଭାରେ କପ୍ କର୍ପୋରେଟ କ୍ରିକେଟ ଟୁର୍ନାମେଣ୍ଟରେ ଇଡ୍‌କୋ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଇଡ୍‌କୋ ୧୧ ରନରେ ଆୟୋଜକ ଇନୋଭାରେ ଦଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଇଡ୍‌କୋ ୨୦ ଓଭରରେ ୬ ଉଇକେଟ ହରାଇ ୧୪୫ ରନ କରିଥିଲା। ମାନସ ଦାସ ସର୍ବାଧିକ ୩୯ ଓ ସିଦ୍ଧାନ୍ତ ରାୟ ୩୨ ରନ କରିଥିଲେ। ବିପକ୍ଷ ଦଳର ହିମାଂଶୁ ପତି ୩ ଉଇକେଟ ନେଇଥିଲେ। ଜବାବରେ ଇନୋଭାରେ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୩୪ ରନ କରିବାକୁ ସକ୍ଷମ ହୋଇଥିଲା। ହିମାଂଶୁ ସର୍ବାଧିକ ୨୭ ଏବଂ ରାଜେଶ ପାଇକରାୟ ଓ ଅସ୍ମିତ ରାଉତ ୨୬ ରନ ଲେଖାଏ କରିଥିଲେ। ବିଜୟୀ ଦଳର ବିସ୍ମୟ ଦାସ ୩ଟି ଓ ସିଦ୍ଧାନ୍ତ ରାୟ ୨ ଉଇକେଟ ନେଇଥିଲେ। ସିଦ୍ଧାନ୍ତ ପ୍ଲେୟର ଅଫ୍ ଦି ମ୍ୟାଚ ଓ ସିରିଜ ଏବଂ ଇନୋଭାରେର ରାଜେଶ ପାଇକରାୟ ଶ୍ରେଷ୍ଠ ବ୍ୟାଟର ଓ ହିମାଂଶୁ ପତି ଶ୍ରେଷ୍ଠ ବୋଲର ବିବେଚିତ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ରଣଜୀ ଖେଳାଳି ରାକେଶ ମହାନ୍ତି, ସାମାଜିକକର୍ମୀ ଅକ୍ଷୟ ଜେନା ଓ ଇନୋଭାରେର ସହ ପ୍ରତିଷ୍ଠାତା ମୋହର ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଇଡ୍‌କୋ ଦଳ।

# ସ୍କୁଲ୍ସ ଓପନ ଚେସ୍: ଆୟୁଷ୍ମାନ ଚାମ୍ପିୟନ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ୮ମ ଆର.ଏନ. ଦାଶ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ପ୍ରତିଯୋଗିତା ଓଁ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ନାରାୟଣ ଇ-ଟେକ୍ନୋ ସ୍କୁଲର ଆୟୁଷ୍ମାନ ମହାନ୍ତି ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଅତୀଶ ନନ୍ଦ ଗୋସ୍ୱାମୀ, ପ୍ରାଂଶୁ ଦାଶ, ଅରିଶ ନନ୍ଦ ଗୋସ୍ୱାମୀ ଓ ସାଇ ରଞ୍ଜନ ମିଶ୍ର ପରବର୍ତ୍ତୀ ୪ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗର ୨ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆର.ଏନ. ଦାଶ ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ସୁବ୍ରତ ଦାଶ, ବୋହୂ ରତ୍ନା ଦାଶ, ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ ବେହୁରା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ପୁରସ୍କାର ସହ କୃତୀ ଖେଳାଳିମାନେ।

# ପଟିଆଗଡ଼ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ


**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

୭ମ ପଟିଆଗଡ଼ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ପଟିଆଗଡ଼ କ୍ରିକେଟ ପଡିଆରେ ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଏବଂ ଯୁବ ବିଜେଡି ନେତା ମନ୍ମଥ ରାଉତରାୟ, ପଟିଆ ଗ୍ରାମ ମଙ୍ଗଳ ସଭାପତି ଚିତ୍ତରଞ୍ଜନ ପାତ୍ର, ସୁବାସ ପାତ୍ର, ପୂର୍ବତନ କର୍ପୋରେଟର ସଞ୍ଜୟ କୁମାର ସେଠୀ, ଜୟନ୍ତୀ ଜେନା, ଉଦ୍ୟୋଗପତି ବିଜନ ବାରିକ, ସଞ୍ଜୟ ପ୍ରତାପ ସିଂ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ମ୍ୟାଚ ଦାରୁଠେଙ୍ଗ ବନାମ ରଘୁନାଥପୁର ମଧ୍ୟରେ ହୋଇଥିଲା। ୧୩୩ ରନ୍‌କୁ ପିଛା କରି ରଘୁନାଥପୁର ୧୦୦ ରନ୍‌ରେ ସୀମିତ ରହିଥିଲା। ବିଜୟୀ ଦଳର କହ୍ନେଇ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨ୟ ମ୍ୟାଚ ବରିମୁଣ୍ଡ ବନାମ ଗଣ୍ଡରପୁର ମଧ୍ୟରେ ହୋଇଥିଲା। ୧୩୭ ରନ୍ ବିଜୟ ଲକ୍ଷ୍ୟରେ ଗଣ୍ଡରପୁର ୧୦୭ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ବରିମୁଣ୍ଡ ଦଳର ସାକିଲ୍ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।


ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

# ସମୁଦ୍ର ତଳେ ଜୀବନର ରହସ୍ୟ ଖୋଜୁଛି ନାସା

‘‘ମହାସାଗର ତଳକୁ ଅଧ୍ୟୟନ କରିବା ପାଇଁ ‘ନାସା’ ମନୁଷ୍ୟ ନଥିବା ସ୍ୱୟଂଚାଳିତ ଡ୍ରୋନ କିମ୍ବା ଜଳଯାନ ରୋବୋଟ ପ୍ରେରଣ କରିବାକୁ ଯୋଜନା ରଖିଛି। ଏଭଳି ଯାନରେ କ୍ୟାମେରା ଓ ସେନ୍ସର୍ ସ୍ଥାନିତ ହେବ, ଯାହା ଜରିଆରେ ସାଗର ତଳର ଫଟୋ ସଂଗ୍ରହ ତଥା ମାପନ କରାଯାଇପାରିବ। ମାନବ ରହିତ ଏହି ଯାନକୁ ସମୁଦ୍ର ମଧ୍ୟକୁ ଖସାଇ ଏକ ଅନ୍ତରୀକ୍ଷ ଯାନର କୌଣସି ଗ୍ରହପୃଷ୍ଠକୁ ସ୍ପର୍ଶ ସଦୃଶ ସାଗର ତଳରେ ପିଟିକରି ଅବତରଣ କରାଯିବ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ୧୯୭୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଏକ ଗବେଷକ ଦଳ ପ୍ରଶାନ୍ତ ମହାସାଗର ତଳରେ ୮୦୦୦ ଫୁଟ ଗଭୀରତାକୁ ଏକ ଦୂର-ନିୟନ୍ତ୍ରିତ ଯାନ ପ୍ରେରଣ କରିଥିଲେ। ଏହା ସମୁଦ୍ର ତଳର ଜ୍ୱାଳାମୁଖୀଗୁଡ଼ିକର ଉତ୍ତପ୍ତ ଗହ୍ୱର ନିକଟରେ ପହଞ୍ଚି ଚତୁଃପାର୍ଶ୍ୱର ଫଟୋ ସଂଗ୍ରହ କରିଥିଲା।’’



ଆମ ପୃଥିବୀର ମାତ୍ର ଏକ-ଚତୁର୍ଥାଂଶ ସ୍ଥଳଭାଗ ଏବଂ ବାକି ତିନି-ଚତୁର୍ଥାଂଶ ଭାଗ ଜଳ, ଯାହା ସମୁଦ୍ର ମହାସମୁଦ୍ରରେ ପରିପୂର୍ଣ୍ଣ। ଏହି ବିଶାଳ ଜଳଭାଗର ମହାସାଗର ତଳ ବାସ୍ତବରେ ଅତ୍ୟନ୍ତ ବୈଚିତ୍ର୍ୟମୟ ଏବଂ ଅନେକ ଭୌଗୋଳିକ ତଥା ଜୈବ-ବିବିଧତାରେ ପରିପୂର୍ଣ୍ଣ। ଏହା ଅନେକ ଗଭୀର ଗଣ୍ଡ ଓ ଖାତ, ଆଗ୍ନେୟଗିରି, ଜ୍ୱାଳାମୁଖୀର ମୁହଁ ତଥା ପ୍ରବାଳପ୍ରାଚୀର ଆଦିରେ ଭରା। ସମୁଦ୍ର ତଳର ଏହି ଗଭୀର ଅଞ୍ଚଳରେ ସୂର୍ଯ୍ୟକିରଣ ଆଦୌ ପହଞ୍ଚି ପାରେ ନାହିଁ। ସୁତରାଂ ଏହା ଏକ ଅନ୍ଧକାରାଚ୍ଛନ୍ନ ଇଲାକା। ଏଠାକାର ତାପମାତ୍ରା ମଧ୍ୟ ଅତ୍ୟନ୍ତ କମ୍ ଓ ଶୂନ୍ୟ ଡିଗ୍ରୀ ସେଲସିୟସରୁ ବହୁତ ତଳେ। ଅତ୍ୟଧିକ ଗଭୀରତା ହେତୁ ଏଠାରେ ଜଳର ଚାପ ଏତେ ପ୍ରଚଣ୍ଡ ଯେ, ଏହି ଉଚ୍ଚ ଚାପରେ ଯେକୌଣସି ଜୀବ ଚାପିହୋଇ ସଙ୍ଗେ ସଙ୍ଗେ ମରିଯିବ।

ଆମ ପୃଥିବୀ ମହାସାଗରର ସବୁଠାରୁ ଗଭୀରତମ ସ୍ଥାନ ହେଉଛି ସୁଦୂର ପ୍ରଶାନ୍ତ ମହାସାଗରର ଫିଲିପାଇନ୍ସ ଦ୍ୱୀପପୁଞ୍ଜ ନିକଟସ୍ଥ ମେରିଆନା ଗଣ୍ଡ ବା ଟ୍ରେଞ୍ଚ, ଯାହାର ଗଭୀରତା ପ୍ରାୟ ୧୧ କି.ମି.। ଏହାର ଗଭୀରତା ସ୍ଥଳଭାଗର ସର୍ବୋଚ୍ଚ ସ୍ଥାନ ଏଭରେଷ୍ଟ ଶୃଙ୍ଗର ଉଚ୍ଚତାଠାରୁ ମଧ୍ୟ ଅଧିକ। ଏଠାରେ ସମୁଦ୍ର ଜଳର ଚାପ ହେଉଛି ଭୂପୃଷ୍ଠର ଚାପଠାରୁ ପ୍ରାୟ ୧୦୦ ଗୁଣ ବେଶି। ପ୍ରକୃତିର ଏଭଳି ଅଭାବନୀୟ ଅଞ୍ଚଳରେ ମଧ୍ୟ ଜୀବନ ସମ୍ଭବ ହୋଇଛି। ଏଭଳି ପ୍ରତିକୂଳ ବାତାବରଣ ମଧ୍ୟରେ ଏଠାରେ ଅନେକ ଜୀବ ପ୍ରଜାତି ଯଥା ଚିଙ୍ଗୁଡିଜାତୀୟ ଜୀବ ସ୍ରିମ୍ପ ଓ କ୍ରଷ୍ଟେସିଆନ, ତାରକାମାଛ, ସ୍କୁଇଡ ଆଦି ବହୁ ମାତ୍ରାରେ ବାସ କରିଥିବାର ଦେଖିବାକୁ ମିଳେ। ତେବେ ପ୍ରଶ୍ନ ହେଉଛି : ଏଭଳି ପ୍ରତିକୂଳ ବାତାବରଣ ମଧ୍ୟରେ ଜୀବନର ଅଭ୍ୟୁଦୟ ଓ ବିକାଶ ଘଟିଲା କିପରି? ଏଠାରେ ସୂର୍ଯ୍ୟାଲୋକର ଅନୁପସ୍ଥିତିରେ ଜୀବନ ବଞ୍ଚିବା ନିମନ୍ତେ ଶକ୍ତିର ଉତ୍ସ ସୃଷ୍ଟି ହେଲା କିପରି? ଆମ ସୌରମଣ୍ଡଳର ଅନ୍ୟ କୌଣସି ମହାକାଶୀୟ ପିଣ୍ଡରେ ଜଣାଥିବା ସମୁଦ୍ରର ଏଭଳି ପ୍ରତିକୂଳ ବାତାବରଣରେ ଜୀବନର ସମ୍ଭାବନା ଅଛି କି?

ଆମ ସୌରମଣ୍ଡଳର ସମୁଦ୍ର ଥିବା ଦୁଇଟି ଜଣାଶୁଣା ପିଣ୍ଡ ହେଉଛନ୍ତି ଶନି ଗ୍ରହର ଏକ ଚନ୍ଦ୍ର ‘ଏନସେଲଆଦସ’ ଏବଂ ବୃହସ୍ପତିର ‘ୟୁରୋପା’। ୟୁରୋପାର ଆକାର ଆମର ଚନ୍ଦ୍ରଠାରୁ ସାନ। ଏହାର ବ୍ୟାସ ପୃଥିବୀର ବ୍ୟାସର ମାତ୍ର ଏକଚତୁର୍ଥାଂଶ ହେଲେ ସୁଦ୍ଧା ଏହାର ବହଳ ବରଫ ଓ ପଥର ଆବରଣ ତଳେ ତରଳ ଜଳରାଶିର ଏକ ବିଶାଳ ସମୁଦ୍ର ବିଦ୍ୟମାନ ଥିବାର ଅନୁମାନ କରାଯାଏ, ଯେଉଁଠି ପୃଥିବୀଠାରୁ ଦୁଇ ଗୁଣରୁ ଅଧିକ ଜଳରାଶି ମହଜୁଦ ଥିବାର ଆକଳନ କରାଯାଉଛି। ଏହି ଚନ୍ଦ୍ରପୃଷ୍ଠର ବହଳ ବରଫ ଆବରଣ ଭେଦକରି ନିମ୍ନସ୍ଥ ସାଗର ତଳରେ ସୂର୍ଯ୍ୟକିରଣ ପ୍ରବେଶ କରିପାରେ ନାହିଁ। ଏହା ଏକ ଅତିଶୟ ଥଣ୍ଡା ଅଞ୍ଚଳ ଏବଂ ତାପମାତ୍ରା ୨୦୦ ଡିଗ୍ରୀ ସେଲସିୟସ ପାଖାପାଖି, ଯାହା ଶୂନ୍ୟ ଡିଗ୍ରୀରୁ ବହୁତ ତଳେ। ସୁତରାଂ ୟୁରୋପାର ଏଭଳି ଶୀତଳ ଓ ନିରନ୍ଧ୍ରତାର ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଯେ ଜୀବନ ବଞ୍ଚିପାରିବ ନାହିଁ, ତାହା ଧରିନେବା ଠିକ ହେବ ନାହିଁ। ଆମ ପୃଥିବୀର ସମୁଦ୍ରତଳ ସହିତ ସାମଞ୍ଜସ୍ୟ ଥିବା ୟୁରୋପାର ଏହି ସମୁଦ୍ରତଳରେ ଜୀବନର ବିକାଶର ସମ୍ଭାବନା ଉପରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ‘ନାସା’ ଏବେ ଗବେଷଣା କରୁଛି। ସେଥିପାଇଁ ୟୁରୋପାକୁ ଇତି ମଧ୍ୟରେ ଅନେକ ଅନୁସନ୍ଧାନକାରୀ ଉପଗ୍ରହ ଓ ଅଭିଯାନ ପ୍ରେରଣ କରାଯାଇଛି। ଆଉ ସେ ଦିଗରେ ଆମ ପୃଥିବୀର ମହାସାଗର ତଳର ଅଧ୍ୟୟନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଶ୍ୱାସ କରାଯାଏ।

ବାସ୍ତବରେ ସମୁଦ୍ର ତଳର ରହସ୍ୟ ସମ୍ପର୍କରେ ଏବେ ସୁଦ୍ଧା ଆମର ଜ୍ଞାନ ଅତି ସୀମିତ। ଏପରିକି, ଆମେ ମଙ୍ଗଳ ଗ୍ରହ କିମ୍ବା ଚନ୍ଦ୍ରକୁ ଯେତିକି ମାତ୍ରାରେ ଜାଣିଛୁ, ଆମ ପୃଥିବୀର ସମୁଦ୍ରତଳ ସମ୍ପର୍କରେ ମଧ୍ୟ ଆମର ସେତିକି ଜ୍ଞାନ ନାହିଁ। ଏପର୍ଯ୍ୟନ୍ତ ସମୁଦ୍ରତଳର ମାତ୍ର ୨୩% ଭାଗ ଅଞ୍ଚଳର ସର୍ବେକ୍ଷଣ ତଥା ଅଧ୍ୟୟନ କରି ନକ୍ସା ପ୍ରସ୍ତୁତ କରାଯାଇପାରିଛି ; ବାକି ୭୭% ଭାଗ ଅଞ୍ଚଳର ରୂପରେଖ ଆମର ଅଜ୍ଞାତସାରରେ ରହିଛି। ସାଗରତଳର ସବୁଠାରୁ ଗଭୀର ତଥା ଜୀବନ ଉପସ୍ଥିତିର ସମ୍ଭାବନା ଥିବା ଅଞ୍ଚଳକୁ ହାଡାଲ ପରିସର ବୋଲି କୁହାଯାଏ, ଯାହା ଗ୍ରୀକ ପୁରାଣର ପାତାଳର ଦେବତା ହାଡେସ (Hades)ଙ୍କ ନାମାନୁସାରେ ନାମିତ। ସମୁଦ୍ରତଳର ଏହି ଅଞ୍ଚଳ ଏତେ ବ୍ୟାପକ ଯେ ଏହାର କ୍ଷେତ୍ରଫଳ ସମଗ୍ର ଅଷ୍ଟ୍ରେଲିଆ ମହାଦେଶଠାରୁ ମଧ୍ୟ ଅଧିକ। ଆମର ଅଗୋଚରରେ ଥିବା ଏଭଳି ବିସ୍ତୀର୍ଣ୍ଣ ସମୁଦ୍ରତଳର ରହସ୍ୟ ରୋମାଞ୍ଚଘେରା ପ୍ରସଙ୍ଗ ଉପରେ ଆଲୋକପାତ କରି ପୃଥିବୀ ବାହାରେ ସମୁଦ୍ରତଳ ଭଳି ପ୍ରତିକୂଳ ପରିବେଶ ମଧ୍ୟରେ ଜୀବନର ଉପସ୍ଥିତିକୁ ସନ୍ଧାନ କରିବା ନିମନ୍ତେ ଆମେରିକୀୟ ଅନ୍ତରୀକ୍ଷ ସଙ୍ଗଠନ ‘ନାସା’ ଏକ ସମୁଦ୍ରତତଳ ଅଧ୍ୟୟନ କାର୍ଯ୍ୟକ୍ରମ ହାତକୁ ନେଇଛି।

‘ନାସା’ ମହାସାଗର ତଳକୁ ଅଧ୍ୟୟନ କରିବା ପାଇଁ ମନୁଷ୍ୟ ନଥିବା ସ୍ୱୟଂଚାଳିତ ଡ୍ରୋନ୍ କିମ୍ବା ଜଳଯାନ ରୋବୋଟ ପ୍ରେରଣ କରିବାକୁ ଯୋଜନା ରଖିଛି। ଏଭଳି ଯାନରେ କ୍ୟାମେରା ଓ ସେନ୍ସର୍ ସ୍ଥାନିତ ହେବ, ଯାହା ଜରିଆରେ ସାଗର ତଳର ଫଟୋ ସଂଗ୍ରହ ତଥା ମାପନ କରାଯାଇପାରିବ। ମାନବ ରହିତ ଏହି ଯାନକୁ ସମୁଦ୍ର ମଧ୍ୟକୁ ଖସାଇ ଏକ ଅନ୍ତରୀକ୍ଷ ଯାନର କୌଣସି ଗ୍ରହପୃଷ୍ଠକୁ ସ୍ପର୍ଶ ସଦୃଶ ସାଗର ତଳରେ ପିଟିକରି ଅବତରଣ କରାଯିବ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ୧୯୭୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଏକ ଗବେଷକ ଦଳ ପ୍ରଶାନ୍ତ ମହାସାଗର ତଳରେ ୮୦୦୦ ଫୁଟ ଗଭୀରତାକୁ ଏକ ଦୂର-ନିୟନ୍ତ୍ରିତ ଯାନ ପ୍ରେରଣ କରିଥିଲେ। ଏହା ସମୁଦ୍ରତଳର ଜ୍ୱାଳାମୁଖୀଗୁଡ଼ିକର ଉତ୍ତପ୍ତ ଗହ୍ୱର ନିକଟରେ ପହଞ୍ଚି ଚତୁପାର୍ଶ୍ୱର ଫଟୋ ସଂଗ୍ରହ କରିଥିଲା। ଫଟୋସମୂହରୁ ଏଭଳି ଅଭାବନୀୟ ସ୍ଥାନରେ ଅନେକ ଜୀବ ପ୍ରଜାତି ବାସ କରୁଥିବାର ଜଣାଯାଇଥିଲା। ଏହା ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କାରଣ ସମୁଦ୍ର ତଳର ଏହି ଅଞ୍ଚଳରେ ପୃଥିବୀରେ ସକଳ ଶକ୍ତିର ଆଧାର ସୂର୍ଯ୍ୟାଲୋକ କଦାପି ପହଞ୍ଚି ନ ଥାଏ। ସମୁଦ୍ର ଜଳରେ ଉପଲବ୍ଧ କିଛି ରାସାୟନିକ ପଦାର୍ଥର ରାସାୟନିକ ପ୍ରତିକ୍ରିୟାରୁ ହିଁ ଆହରିତ ଶକ୍ତି ଏଠାରେ ଜୀବନପ୍ରକ୍ରିୟା ନିମନ୍ତେ ଶକ୍ତି ଯୋଗାଇ ଜୀବନକୁ ବଞ୍ଚାଇ ରଖିଥାଏ। ଏହି ଅତ୍ୟଧିକ ଗଭୀରତାରେ ଜଳର ଚାପ ୧୫୦୦ ପାଉଣ୍ଡ ବର୍ଗ ଇଞ୍ଚ ପ୍ରତି, ଯେଉଁଥିରେ ଶରୀରର ଜୀବନ୍ତ କୋଷଗୁଡ଼ିକ ସଙ୍ଗେ ସଙ୍ଗେ ଚାପି ହୋଇ ନଷ୍ଟ ହୋଇଯିବ। ପ୍ରକୃତିର ଏଭଳି ପ୍ରତିକୂଳ ବାତାବରଣ ମଧ୍ୟରେ ଜୀବନର ଉପସ୍ଥିତି ବାସ୍ତବରେ ଏକ ବିସ୍ମୟକର ଘଟଣା ନୁହେଁ କି?

ଏହି ମହତ୍ତ୍ୱପୂର୍ଣ୍ଣ ସନ୍ଧାନରେ ଉତ୍ସାହିତ ହୋଇ ଗତ ୨୦୧୪ ମସିହାରେ ନାସାର ଜେଟ୍ ପ୍ରପଲସନ ଲାବୋରେଟୋରି ତରଫରୁ ନିଉଜିଲାଣ୍ଡ ସମୁଦ୍ରତଟ ନିକଟବର୍ତ୍ତୀ କେର୍ମାଡେକ ଗଣ୍ଡ ମଧ୍ୟରେ ନେରେଉସ ନାମକ ଏକ ଜଳଯାନ ରୋବୋଟକୁ ସମୁଦ୍ରତଳର ଅନୁସନ୍ଧାନ ନିମନ୍ତେ ପ୍ରେରଣ କରାଯାଇଥିଲା। ମାତ୍ର ଏହା ୧୦ କି.ମି. ଗଭୀରତାରେ ପହଞ୍ଚିବାବେଳେ ଜଳର ପ୍ରଚଣ୍ଡ ଚାପରେ ଚାପି ହୋଇ ନଷ୍ଟ ହୋଇ ଯାଇଥିଲା। ଏହାପରେ, ୨୦୧୮ ମସିହାରେ ନାସା ଅର୍ଫିୟସ ଶ୍ରେଣୀର ଅନ୍ୟ ମଜଭୁତ ଓ ଉନ୍ନତମାନର ଜଳଯାନ ରୋବଟ ପ୍ରେରଣ କରି ସମୁଦ୍ରତଳର ଅଭିଯାନ ଅବ୍ୟାହତ ରଖିଛି। ନାସା ଇତିମଧ୍ୟରେ ୨୦୦୧ ମସିହାଠାରୁ ‘ନାସା’ ଏକ୍ସଟ୍ରିମ ଏନଭାଇରନମେଣ୍ଟ ଅପରେଶନ ବା ନେମୋ କାର୍ଯ୍ୟକ୍ରମ ହାତକୁ ନେଇ ସମୁଦ୍ର ତଳକୁ ସମୁଦାୟ ୨୩ଟି ମାନବ ଯୁକ୍ତ ଓ ମାନବ ରହିତ ଅଭିଯାନ ପ୍ରେରଣ କରି ସାରିଛି।

ପୃଥିବୀର ସମୁଦ୍ର ତଳର ପ୍ରତିକୂଳ ପରିସ୍ଥିତି ଓ ସେଥିରେ ବାସ କରୁଥିବା ଜୀବପ୍ରଜାତିଙ୍କ ଅଧ୍ୟୟନ ଦ୍ୱାରା ସୌରମଣ୍ଡଳର ଗ୍ରହ ଓ ଚନ୍ଦ୍ରଗୁଡ଼ିକର ଜଣାଥିବା ସମୁଦ୍ରର ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଜୀବନର ଉପସ୍ଥିତିକୁ ଖୋଜି ବାହ୍ୟ ଜାଗତିକ ଜୀବସତ୍ତାର ସନ୍ଧାନ କରାଯାଇପାରିବ ବୋଲି ଆଶା ବାନ୍ଧିଛି ‘ନାସା’।


– ନିକୁଞ୍ଜ ବିହାରୀ ସାହୁ
ଏଜୁକେଶନ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

## କିଡ୍‌ନୀର ଅକ୍ଷମତା



କିଡ୍‌ନୀ ଏପରି ଏକ ଅଙ୍ଗ ଯାହାର କାର୍ଯ୍ୟ ଅକ୍ଷମତା ଅନେକ ଡେରିରେ ଧରାପଡ଼େ। ଅଙ୍ଗଟି ପ୍ରାୟ ୮୦-୯୦ ଶତାଂଶ ଅକ୍ଷମ ନ ହୋଇପଡ଼ିବାର ପୂର୍ବ ପର୍ଯ୍ୟନ୍ତ ରୋଗୀକୁ ସେ ସମ୍ପର୍କରେ କିଛି ଜଣାପଡ଼େନି। ପୁଣି ଅନେକ କ୍ଷେତ୍ରରେ ଗୋଟିଏ କିଡ୍‌ନୀ କାର୍ଯ୍ୟରହିତ ହୋଇ ପଡ଼ିଥିଲେ ମଧ୍ୟ ଅନ୍ୟ କିଡ୍‌ନୀଟି ସନ୍ତୋଷଜନକ ଭାବରେ କାର୍ଯ୍ୟ କରି ଚାଲିଥିବାରୁ କିଡ୍‌ନୀ ଅସୁସ୍ଥତା ବିଷୟରେ କୌଣସି ସୂଚନା ନ ମିଳିବା କିଛି ଅସ୍ୱାଭାବିକ ନୁହେଁ। ଦୁଇଟିଯାକ କିଡ୍‌ନୀ ସୁସ୍ଥ ଭାବରେ କାମ କରି ଚାଲିଥିବାବେଳେ ବିଭିନ୍ନ କାରଣବଶତଃ ଏହା ହଠାତ୍ ଅକାମୀ ହୋଇପଡ଼େ। ଏପରି ଅବସ୍ଥାକୁ କୁହାଯାଏ ‘ଆକ୍ୟୁଟ ରେନାଲ ଫେଲ୍ୟୁଓର୍’ ବା ଏ.ଆର୍.ଏଫ୍.। କିଡ୍‌ନୀ ମଧ୍ୟ ଦେଇ ଯଥେଷ୍ଟ ରକ୍ତ ପ୍ରଭାବିତ ହୋଇ ନ ପାରିବା ଯୋଗୁ ଏହାର ଅକ୍ଷମତା ଉପୁଜେ। ତରଳ ଝାଡ଼ା, ବାନ୍ତି ଯୋଗୁ ଡିହାଇଡ୍ରେସନ୍ ହେବା, ଶରୀରରୁ ଅଧିକ ରକ୍ତକ୍ଷୟ ଘଟିବା, ଚର୍ମର ବେଶି ଅଂଶ ପୋଡ଼ିଯିବା, ସଂକ୍ରମଣ ବଢ଼ି ସେପ୍ଟିସିମିଆ ହେବା, ଅଂଶୁଘାତ ହେବା, ବିଶାକ୍ତ ସାପ କାମୁଡ଼ିବା, ବିଷ ଖାଇବା ଇତ୍ୟାଦି କାରଣରୁ ପ୍ରକାଶ ପାଏ ଆକ୍ୟୁଟ୍ କିଡ୍‌ନୀ ଅକ୍ଷମତା। ଏହା ମାରାତ୍ମକ ହୋଇଥିଲେ ମଧ୍ୟ ବିହିତ ଚିକିତ୍ସା ଫଳରେ ସୁଫଳ ମିଳିବାର ସମ୍ଭାବନା ବେଶି। ପରିସ୍ରାର ପରିମାଣ କମିଯିବା, ବାନ୍ତି ହେବା, ଭୋକ ମରିଯିବା, ଦୁର୍ବଳ ଅନୁଭବ କରିବା, ନିଦୁଳିଆ ଲାଗିବା, ଶ୍ୱାସକଷ୍ଟ ହେବା, ପାଦ ଫୁଲିବା ଆଦି ଏହାର କେତୋଟି ସାଧାରଣ ଲକ୍ଷଣ।

## ଆଲ୍‌ଜିମର୍ ସମସ୍ୟା ଓ ଗାମା ରଶ୍ମି



ଆଲ୍‌ଜିମର୍ ଏକ ବୟସଜନିତ ରୋଗ। ଏହା ମସ୍ତିଷ୍କକୁ ଦୁର୍ବଳ କରିବା ସହ ସ୍ନାୟୁକୋଷ ବିକାଶରେ ବି ବାଧା ଉପୁଜାଏ। ପ୍ରାଥମିକ ଲକ୍ଷଣ ଭାବେ ବେଟା ଆମ୍‌ଲଏଡ ଏବଂ ଟାଉ ପ୍ରୋଟିନ୍ ମଣିଷର ମସ୍ତିଷ୍କ କୋଷରେ ସୃଷ୍ଟି ହୋଇ ଏହାକୁ ନଷ୍ଟ କରିଦିଏ। ଏଥିରୁ ଉପଶମ ପାଇଁ ରୋଗୀ ଶରୀରରେ ଗାମା ୱେଭ୍(ତରଙ୍ଗ) ପ୍ରେରଣ କରାଯାଇଥାଏ। ଏହି ତରଙ୍ଗରେ ଏଭଳି ଶକ୍ତି ରହିଛି, ଯାହା ଆଲଜିମର୍ସକୁ ପ୍ରତିହତ କରିବାରେ ସକ୍ଷମ ହୋଇଥାଏ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କେତେକ ଆଲଜିମର୍ସ ରୋଗୀଙ୍କ ଉପରେ ଏହି ରଶ୍ମିକୁ ନେଇ ପରୀକ୍ଷା ନିରୀକ୍ଷା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଏହି ରଶ୍ମିକୁ ସେମାନଙ୍କ ଶରୀରରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ପ୍ରେରଣ କରିବା ଦ୍ୱାରା ସେମାନେ ଆଲ୍‌ଜିମର୍ସ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡ଼ିଥିଲା। ଏହି ରଶ୍ମି ମସ୍ତିଷ୍କର କୋଷଗୁଡ଼ିକୁ ଆହୁରି ଶକ୍ତିଶାଳୀ କରାଇଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ସେମାନଙ୍କର ସ୍ମରଣଶକ୍ତି କେତେକାଂଶରେ ବୃଦ୍ଧି ପାଉଥିବାର ମଧ୍ୟ ଲକ୍ଷ୍ୟ କରାଯାଇଥିଲା।

## ଏସିଡିଟି ସମସ୍ୟା ଦୂର କରେ ଖଜୁରି



ଖଜୁରିରେ ଫାଇବର୍, କ୍ୟାଲ୍‌ସିୟମ୍, ପଟାସିୟମ୍, ମ୍ୟାଗ୍ନେସିୟମ୍ ବ୍ୟତୀତ ଅନ୍ୟାନ୍ୟ ସ୍ୱାସ୍ଥ୍ୟୋପକାରୀ ତତ୍ତ୍ୱ ପ୍ରଚୁର ପରିମାଣରେ ଭରି ରହିଛି। ଖଜୁରିକୁ ଆମେ ସବୁ ସମୟରେ ଖାଇପାରିବା। ସାଧାରଣତଃ ଖାଇବାରେ ଅନିୟମିତତା ଲାଗି ରହିଲେ ଏସିଡିଟି ସମସ୍ୟା ସୃଷ୍ଟି ହୋଇଥାଏ। ଏହାକୁ ଠିକ୍ ସମୟରେ ନିୟନ୍ତ୍ରଣ କରା ନ ଗଲେ ତାହା ପରବର୍ତ୍ତୀ ସମୟରେ ଗୁରୁତର ଆକାର ଧାରଣ କରିଥାଏ। ଏହାର ଉପକାରୀ ଗୁଣ ତାଲିକାରେ ନିକଟରେ ଆଉ ଏକ କଥାକୁ ସାମିଲ କରାଯାଇଛି। ତାହା ହେଲା, ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଏସିଡିଟି ସମସ୍ୟାକୁ କେତେକାଂଶରେ ଦୂର କରିବାରେ ସକ୍ଷମ ହୋଇଥାଏ। ଖଜୁରିକୁ ବ୍ରେକଫାଷ୍ଟ ତାଲିକାରେ ସାମିଲ କରିପାରନ୍ତି। ନିୟମିତ ଖଜୁରି ଖାଇଲେ ତାହା କୋଷ୍ଠକାଠିନ୍ୟ ପରି ସମସ୍ୟାରୁ ଉପଶମ ଦେଇଥାଏ। ଏହାକୁ ଖାଇବା ଦ୍ୱାରା ହଜମ କ୍ରିୟା ଆହୁରି ସକ୍ରିୟ ରହିଥାଏ। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି, ଯାହା ଉଭୟ ସ୍ନାୟୁ କୋଷ ଓ ମସ୍ତିଷ୍କ କୋଷକୁ ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍, ମିନେରାଲ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି।

## ଜାଣି ରଖନ୍ତୁ...

- ବିଶେଷଭାବରେ ନିୟମିତ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ଏ ସବୁ ପଦାର୍ଥ ରକ୍ତ କୋଷିକାକୁ ଉତ୍ତେଜିତ କରି ରକ୍ତ ସଞ୍ଚାଳନ ବୃଦ୍ଧି କରାଇଥାଏ। ଫଳରେ ରକ୍ତଚାପ ମଧ୍ୟ ବୃଦ୍ଧି ପାଇଥାଏ।
- ଲୁଣ କିମ୍ବା ଚର୍ବି ଜତୀୟ ଖାଦ୍ୟ ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଇବା ଦ୍ୱାରା ପଟାସିୟମ୍‌ର ପରିମାଣ ବଢ଼ିଥାଏ।
- ଗାଜରରେ ପ୍ରଚୁର ପରିମାଣରେ ଭିଟାମିନ୍ସ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଚର୍ମକୁ ସତେଜ ରଖିଥାଏ।
- ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ଆଲୋଚନା କରି ମେଡିସିନ୍ ଖାଆନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



➤ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।

➤ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର- ସକାଳେ ଏବଂ ରାତ୍ର ଭୋଜନ ପରେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।

➤ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ବିଶେଷ ଧ୍ୟାନ ନ ଦିଅନ୍ତି, ତେବେ ଏହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।


➤ଯେ କୌଣସି କାର୍ଯ୍ୟ କଲାବେଳେ ଖୁସି ମନରେ କରନ୍ତୁ। ଏହା ଆପଣଙ୍କ ମନକୁ ପ୍ରସନ୍ନ ରଖିବା ସହ ଅଧିକ କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି କରିଥାଏ। ଚିନ୍ତାଠାରୁ ମଧ୍ୟ ଯେତେ ସମ୍ଭବ ନିଜକୁ ଦୂରେଇ ରଖନ୍ତୁ।

# ବୟସ୍କ ବ୍ୟକ୍ତି ଓ ନୀରୋଗ ଶରୀର



ଡା. ଆଶିଷ ବାନାର୍ଜୀ

‘‘ନିଜ ମନକୁ ସବୁବେଳେ ନିୟନ୍ତ୍ରଣରେ ରଖନ୍ତୁ। ଖାଦ୍ୟପେୟ, ଦୈନନ୍ଦିନ ଚାଲିଚଳଣି ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। ଏଗୁଡିକ ଠିକ୍ ଚାଲିଲେ ଆପଣ ଅନେକାଂଶରେ ସୁସ୍ଥ ରହିବେ। ତା’ ସହ ନିୟମିତ ସମୟ ବ୍ୟବଧାନରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନେବାକୁ ଭୁଲନ୍ତୁ ନାହିଁ। ଯଦି କୌଣସି ରୋଗରେ ପୀଡ଼ିତ ତେବେ ଔଷଧ ଖାଇବା ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।’’



ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ବ୍ୟକ୍ତିର ସ୍ୱାସ୍ଥ୍ୟ ରକ୍ଷାକରିବା ଓ ରୋଗୀର ରୋଗକୁ ଦୂର କରିବା ପାଇଁ ଆବଶ୍ୟକ ଦ୍ରବ୍ୟ ପ୍ରକୃତି ମାଆ କୋଳରେ ମହଜୁଦ ରହିଛି। ମାତ୍ର ଏହି ପ୍ରକୃତିକୁ ଆମେ ନଷ୍ଟ କରି ଓ ପରିବେଶକୁ ଦୂଷିତ କରି ଜୀବଜଗତକୁ ଧ୍ୱଂସ ଆଡକୁ ନେଉଯାଉଛୁ। ଏହି ପରିସ୍ଥିତିରେ ଯେଉଁ ବ୍ୟକ୍ତି ସୁସ୍ଥ ଓ ନୀରୋଗ ଅବସ୍ଥାରେ ୬୦ ବର୍ଷ ଟପିଲେଣି ସେମାନଙ୍କୁ ଭଗବାନଙ୍କ ଆର୍ଶୀବାଦ। ଏଭଳି ବୟସରେ ପହଞ୍ଚିଲେ ସୁସ୍ଥ ରହିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା। ଏହି ସମୟରେ ନିମ୍ନଲିଖିତ କେତୋଟି ବିଷୟ ପ୍ରତି ଗୁରୁତ୍ୱ ଦେଇପାରନ୍ତି।

ଅବସର ସମୟରେ ଉପନୀତ ହେଲେ ମାନସିକ ଅବସାଦ ଦେଖାଯାଏ। ତେଣୁ ସାମାଜିକ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ନିଜେ ଲିପ୍ତ ରହିବେ। ବଳକା ସମୟ ପରିବାର ଓ ଛୋଟ ପିଲାଙ୍କ ସହ ଭାବ ବିନିମୟ କରିବେ। ଏହାଦ୍ୱାରା ବୟସ୍କ ବ୍ୟକ୍ତିଙ୍କୁ ମାନସିକ ଶାନ୍ତି ମିଳେ ଓ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗର କୋଷକୁ ଅମ୍ଳଜାନ ପହଞ୍ଚିପାରେ। ପ୍ରାତଃ ସୂର୍ଯ୍ୟକିରଣରୁ ଭିଟାମିନ୍ ‘ଡି’ ମିଳିଥାଏ। ଏହାଦ୍ୱାରା ମଧୁମେହ, ଉଚ୍ଚ ରକ୍ତଚାପ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। କୋଲେଷ୍ଟରଲ ଓ ଚର୍ବି ଜମିବା କମେ। ତେଣୁ ଏହି ବୟସରେ ସକାଳର କଅଁଳ କିରଣ ସଂସ୍ପର୍ଶରେ ଆସନ୍ତୁ। ସକାଳେ ଖାଲି ପାଦରେ ଶିଶିର ପଡିଥିବା ଘାସ ଉପରେ ଚାଲିଲେ ରକ୍ତଚାପ କମେ ଏବଂ ଦୃଷ୍ଟିଶକ୍ତି ଠିକ୍ ରହେ। ଦିନରେ କିଛି ସମୟ ବାହାର କରି ବଗିଚା କାମ କରନ୍ତୁ। ଏହାଦ୍ୱାରା ମନରେ ଏକାଗ୍ରତା ଆସିଥାଏ। ଏହି ବୟସରେ ଅହଂ ଭାବକୁ ପରିତ୍ୟାଗ କରନ୍ତୁ। କାରଣ ଏଭଳି ଭାବନା ଆପଣଙ୍କର ମାନସିକ ସ୍ଥିତିକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଅନ୍ୟମାନଙ୍କ ସହ ଖୁସିର ମାହୋଲରେ କଥାବାର୍ତ୍ତା କରନ୍ତୁ। ଏହାଦ୍ୱାରା ନିଃସଙ୍ଗତାଜନିତ ଅବସାଦରୁ ମୁକ୍ତି ମିଳେ ଏବଂ ମନ ହାଲୁକା ରହିଥାଏ।

ଗାଧୋଇବା ପୂର୍ବରୁ ଶରୀରକୁ ସୋରିଷ ତେଲ ଦ୍ୱାରା କିଛି ସମୟ ମାଲିସ କରିବେ। ରାତିରେ ଏହି ତେଲରେ ରସୁଣ ଏବଂ କଞ୍ଚା ଜିରା ଫୁଟାଇ ଉଷୁମ କରି ତଳିପାରେ ମାଲିସ କରିବେ। ଏହାଦ୍ୱାରା ବାତଜନିତ ଦେହହାତ, ଗଣ୍ଠିବ୍ୟଥା, ଅଣ୍ଟା ଓ କଫଜନିତ ଥଣ୍ଡା ସର୍ଦ୍ଦି ହୋଇ ନ ଥାଏ। ଦୈନିକ ଭୋଜନରେ ମିଠା, ଲୁଣ, ତେଲ ମସଲା ଓ କାର୍ବୋହାଇଡ୍ରେଡ୍ (ଭାତ) ଯେତେ କମ୍ ଖାଇବେ ସେତେ ଭଲ। ସବୁଜ ପନିପରିବାରେ ପ୍ରସ୍ତୁତ ତରକାରି, ସାଲାଡ ଯେତେ ଅଧିକ ତାହା ଶରୀର ପାଇଁ ସେତେ ଉପକାରୀ। ଖାଦ୍ୟରେ ପ୍ରାକୃତିକ ଉତ୍ପାଦିତ ପନିପରିବା ସାମିଲ କରନ୍ତୁ। ସାର ଏବଂ କୀଟନାଶକ ପ୍ରୟୋଗ କରା ନ ଯାଇ ଜୈବିକ ଖତରୁ ପ୍ରସ୍ତୁତ ପନିପରିବା ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ପାଚିଲା କଷା, ପିତା ଲାଗୁଥିବା ଖାଦ୍ୟ ଶରୀର ପାଇଁ ଉପକାରୀ। ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍, ହୋଟେଲ ଖାଇବା ଅଭ୍ୟାସ ଛାଡିବାକୁ ଚେଷ୍ଟା କରନ୍ତୁ।

ମନକୁ ଅଧିକ ଲୋଭଗ୍ରସ୍ତ କରନ୍ତୁ ନାହିଁ। ନିଜ ମନକୁ ସବୁବେଳେ ନିୟନ୍ତ୍ରଣରେ ରଖନ୍ତୁ। ଖାଦ୍ୟପେୟ, ଦୈନନ୍ଦିନ ଚାଲିଚଳଣି ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। ଏଗୁଡିକ ଠିକ୍ ଚାଲିଲେ ଆପଣ ଅନେକାଂଶରେ ସୁସ୍ଥ ରହିବେ। ତା’ ସହ ନିୟମିତ ସମୟ ବ୍ୟବଧାନରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନେବାକୁ ଭୁଲନ୍ତୁ ନାହିଁ। ଯଦି କୌଣସି ରୋଗରେ ପୀଡ଼ିତ ତେବେ ଔଷଧ ଖାଇବା ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଇଲେକଟ୍ରୋନିକ୍ ଜିନିଷ ମୋବାଇଲ୍ ଏବଂ ଲାପଟପକୁ ସୀମିତ ବ୍ୟବହାର କରନ୍ତୁ। ଏହାର ଆବଶ୍ୟକତାଠାରୁ ଅଧିକ ବ୍ୟବହାର ଆପଣଙ୍କର ମାନସିକ ସ୍ଥିତି ଉପରେ ପ୍ରଭାବ ପକାଇବାର ଆଶଙ୍କା ରହିଛି। ଏ.ସି. (ଏୟାର କଣ୍ଡିଶନର) ଯେତେ କମ୍ ବ୍ୟବହାର କରିବେ ତାହା ସେତେ ଭଲ। ସବୁବେଳେ ଫ୍ରିଜ୍‌ରେ ରହିଥିବା ଖାଦ୍ୟ ଖାଆନ୍ତୁ ନାହିଁ।

ବୟସ ବୃଦ୍ଧି ସଙ୍ଗେ ସଙ୍ଗେ କୋଷଗୁଡ଼ିକର ପୁନଃ ନିର୍ମାଣ କମିବାକୁ ଲାଗେ। ତେଣୁ ଆଣ୍ଟି ଏଜିଂ କୋଷକୁ ସତେଜ କରିବା ପାଇଁ ଦୈନିକ ସକାଳେ ଖାଲି ପେଟରେ ଅଁଳା ଚୂର୍ଣ୍ଣ ଏକ ଚାମଚ ଉଷୁମ ପାଣି ସହିତ ମିଶାଇ ପିଇବେ। ଦୃଷ୍ଟିଶକ୍ତି ସମସ୍ୟା, ବାତରୋଗ, ଝାଡ଼ା ଅପରିଷ୍କାର ହେଉଥିଲେ ତ୍ରିଫଳା ଚୂର୍ଣ୍ଣ ଏକ ଚାମଚ ଏବଂ ଅଶ୍ୱଗନ୍ଧା ଚୂର୍ଣ୍ଣ ଅଧ ଚାମଚ ଉଷୁମ କ୍ଷୀର କିମ୍ବା ପାଣି ସହ ମିଶାଇ ରାତିରେ ଶୋଇବା ପୂର୍ବରୁ ପିଅନ୍ତୁ। ଏକଥା ଆମେ ମନେ ରଖିବା ଦରକାର ଯେ, ‘ପ୍ରକୃତିର ବିକଳ୍ପ ନାହିଁ’।

-ଆନନ୍ଦ ବଜାର
ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫




# ଅଷ୍ଟ୍ରେଲିଆ ଜିତିଲା ବର୍ଡର-ଗାଭାସ୍କର ଟ୍ରଫି

**ସିଡ୍‌ନୀ, ୫।୧**

ଦୀର୍ଘ ଏକ ଦଶନ୍ଧି ବ୍ୟବଧାନରେ ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫି ହାସଲ କରିଛି। ୩ ଦିନରେ ଶେଷ ହୋଇଥିବା ୫ମ ତଥା ଅନ୍ତିମ ଟେଷ୍ଟରେ ଭାରତକୁ ୬ ଉଇକେଟରେ ହରାଇ ପ୍ୟାଟ୍ କୁମିନ୍ସଙ୍କ ଦଳ ୩-୧ରେ ସିରିଜ ବିଜୟୀ ହେବା ସହ ଏହି ସଫଳତା ଲାଭ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୧୬୨ ରନର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ମାତ୍ର ୨୭ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଦ୍ୱିତୀୟ ଇନିଂସରେ ଆହତ ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତି ଅନୁଭବ କରିଥିଲା ଭାରତ। ମ୍ୟାଚରେ ମୋଟ ୧୦ (୪/୩୧, ୬/୪୫) ଉଇକେଟ ନେଇଥିବା ସ୍କଟ ବୋଲାଣ୍ଡ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ସିରିଜରେ ୪୨ ରନ ସହ ୩୨ ଉଇକେଟ ନେଇଥିବା ବୁମ୍‌ରା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଏହା ପୂର୍ବରୁ ଅଷ୍ଟ୍ରେଲିଆ ଶେଷଥର ପାଇଁ ୨୦୧୪-୧୫ ସିଜନରେ ବର୍ଡର-ଗାଭାସ୍କର ଟ୍ରଫି ଜିତିଥିଲା। ସେତେବେଳେ ଅଷ୍ଟ୍ରେଲିଆ ୨-୦ରେ ସିରିଜ ବିଜୟୀ ହୋଇଥିଲା। ଏହାପରେ ୨୦୧୬-୧୭, ୨୦୧୮-୧୯, ୨୦-୨୧ ଓ ୨୦୨୨-୨୩ ସିଜନରେ ଭାରତ ୨-୧ରେ ସିରିଜ ବିଜୟୀ ହୋଇ ବର୍ଡର-ଗାଭାସ୍କର ଟ୍ରଫି ନିଜ ପାଖରେ ରଖିବାରେ ସଫଳ ହୋଇଥିଲା।

### ଜାନି ମ୍ୟାକଗ୍ରା ଡେ’

ସିଡ୍‌ନୀ କ୍ରିକେଟ ଟେଷ୍ଟର ତୃତୀୟ ଦିବସକୁ ପିଙ୍କ୍ ଡେ’ ତଥା ଜାନି ମ୍ୟାକଗ୍ରା ଡେ’ କୁହାଯାଉଛି। ଅଷ୍ଟ୍ରେଲିଆର କ୍ରିକେଟ ଗ୍ରେଟ୍ ଗ୍ଲେନ୍ ମ୍ୟାକଗ୍ରାଙ୍କ ପରଲୋକଗତ ସ୍ତ୍ରୀ ଜାନି ମ୍ୟାକ୍‌ଗ୍ରାଙ୍କ ସମ୍ମାନାର୍ଥେ ଏପରି କରାଯାଉଛି। ତେଣୁ ଖେଳାଳିମାନେ ରବିବାର ପିନ୍ଧିଥିବା ପୋଷାକର ସଂଖ୍ୟା, କାନ୍ଧରେ ଥିବା ଷ୍ଟ୍ରିପ୍ ଏବଂ କ୍ୟାପର ରଙ୍ଗ ପିଙ୍କ୍ ରହିଥିଲା।



ବର୍ଡର-ଗାଭାସ୍କର ଟ୍ରଫି ବିଜୟୀ ଅଷ୍ଟ୍ରେଲିଆ ଦଳ।

### ଦକ୍ଷିଣ ଆଫ୍ରିକା-ଅଷ୍ଟ୍ରେଲିଆ ଫାଇନାଲ

ଭାରତ ବିପକ୍ଷରେ ୩-୧ରେ ଟେଷ୍ଟ ସିରିଜ ବିଜୟୀ ହେବାସହ ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ର ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଦକ୍ଷିଣ ଆଫ୍ରିକା ଫାଇନାଲରେ ପହଞ୍ଚି ସାରିଛି। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଫାଇନାଲ ଲର୍ଡ୍ସରେ ଜୁନ୍ ୧୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

### ବୋଲାଣ୍ଡଙ୍କ ଘାତକ ବୋଲିଂ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୪୧/୬ରୁ ଖେଳ ଆରମ୍ଭ କରିଥିବା ଭାରତ ଆଉ ୧୬ ରନ ମଧ୍ୟରେ ଅବଶିଷ୍ଟ ୪ ଉଇକେଟ ହରାଇଥିଲା। ବୁମ୍‌ରା ବ୍ୟାଟିଂ କରିବାକୁ ଆସିଥିଲେ ମଧ୍ୟ ଖାତା ଖୋଲିପାରିନଥିଲେ। ଅଷ୍ଟ୍ରେଲିଆର ସ୍କଟ ବୋଲାଣ୍ଡ ୬ ଉଇକେଟ ନେଇ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ବୁମ୍‌ରା ବୋଲିଂ ପାଇଁ ଉପଯୁକ୍ତ ଫିଟ୍ ହୋଇ ନ ଥିଲେ। ଏହାର ଫାଇଦା ନେଇଥିଲା ଅଷ୍ଟ୍ରେଲିଆ। ବ୍ୟାଟରମାନେ ଭାରତୀୟ ବୋଲରଙ୍କୁ ସହଜରେ ଖେଳି ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ଟପ୍ ଅର୍ଡରରେ ଉସମାନ ଖ୍ୱାଜା ୪୧ ରନ କରିଥିବାବେଳେ ମିଡିଲ ଅର୍ଡରରେ ଟ୍ରାଭସ ହେଡ୍ ୩୪ ଓ ବିଉ ୱେବଷ୍ଟର ୩୯ ରନରେ ଅପରାଜିତ ରହି ଦଳର ବିଜୟରେ ମୁଣ୍ଡି ମାରିଥିଲେ। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଓ ମହମ୍ମଦ ସିରାଜ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୮୫। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୮୧। ଭାରତ ଦ୍ୱିତୀୟ ଇନିଂସ: ୧୫୭। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୬୨/୪ (ଉସମାନ ଖ୍ୱାଜା-୪୧, ବିଉ ୱେବଷ୍ଟର-୩୯*, ଟ୍ରାଭିସ ହେଡ୍-୩୪*, ପ୍ରସିଦ୍ଧ କ୍ରିଷ୍ଣା-୩/୬୫, ମହମ୍ମଦ ସିରାଜ-୧/୬୯)।



କଟକ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଜଜ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବ ଅବସରରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ(ମଝି)ଙ୍କ ସହ ଡବଲ୍ସ ରନରଅପ୍ ଯୋଡ଼ି ଜଷ୍ଟିସ ଜି.କେ. ଇଳାନଥିରାଇୟାନ ଓ ଜଷ୍ଟିସ ଏନ୍. ସତୀଶ କୁମାର (ମାଡ୍ରାସ) ଏବଂ ଚାମ୍ପିୟନ ଯୋଡ଼ି ଜଷ୍ଟିସ ବିଚୁ କୁରିଆନ ଥୋମାସ ଓ ଜଷ୍ଟିସ ରାଜା ବିଜୟରାଘବନ (କେରଳ)। (ଫଟୋ: ରାଜକିଶୋର ମହାନ୍ତି)

# ଆଇଡବ୍ଲ୍ୟୁଏଲ୍ ଅଭିଯାନ ପାଇଁ ଓଡ଼ିଶା ଏଫ୍‌ସି ପ୍ରସ୍ତୁତ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ):** ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)-୨୦୨୫ ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଏଫ୍‌ସି ଏଥିପାଇଁ ନିଜର ପ୍ରସ୍ତୁତି ଶେଷ କରିଛି। ଏଥର ପ୍ରତିଯୋଗିତାରେ ମୋଟ ୮ଟି ଦଳ ଓଡ଼ିଶା ଏଫ୍‌ସି, ଇଷ୍ଟ ବେଙ୍ଗଲ ଏଫ୍‌ସି, ସେଥୁ ଏଫ୍‌ସି, ଶ୍ରୀଭୂମୀ ଏଫ୍‌ସି, ନୀତା ଫୁଟବଲ ଏକାଡେମୀ, କିକ୍‌ଷ୍ଟାର୍ଟ ଏଫ୍‌ସି, ଗୋକୁଲମ୍ କେରଳ ଓ ହୋପ୍ସ ଏଫ୍‌ସି ଅଂଶଗ୍ରହଣ କରିବ। ଗତ ସଂସ୍କରଣରେ ଆଇଡବ୍ଲ୍ୟୁଏଲ-୨ରେ ଶ୍ରୀଭୂମୀ ଏଫ୍‌ସି ଚାମ୍ପିୟନ ଓ ଓଡ଼ିଶାର ନୀତା ଫୁଟବଲ ଏକାଡେମୀ ରନରଅପ୍ ହୋଇଥିଲା। କଳିଙ୍ଗ ଷ୍ଟାଡିୟମ ଓଡ଼ିଶା ଏଫ୍‌ସିର ଏବଂ କ୍ୟାପିଟାଲ ଫୁଟବଲ ଆରେନା ନୀତା ଫୁଟବଲ ଏକାଡେମୀର ହୋମ୍ ଭେନ୍ୟୁ। ଓଡ଼ିଶା ଏଫ୍‌ସି ମହିଳା ଦଳ ୧୦ ତାରିଖରେ ଗୋକୁଲମ୍ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୧୬ରେ ହୋପ୍ସ, ୨୧ରେ ସେଥୁ, ୨୮ରେ ନୀତା ଏକାଡେମୀ, ଫେବୃଆରୀ ୧ରେ ଶ୍ରୀଭୂମି, ୭ରେ କିକ୍‌ଷ୍ଟାର୍ଟ, ୯ରେ ଇଷ୍ଟ ବେଙ୍ଗଲ, ୧୫ରେ ଗୋକୁଲମ, ୨୧ରେ ନୀତା ଏକାଡେମୀ, ୨୭ରେ ସେଥୁ, ଏପ୍ରିଲ ୧ରେ କିକ୍‌ଷ୍ଟାର୍ଟ ଓ ୬ରେ ହୋପ୍ସ ସହିତ ଖେଳିବ।

# ଓଡ଼ିଶା ଦଳ ଘୋଷିତ




ବିଦାୟୀ ଶୁଭେଚ୍ଛା କାର୍ଯ୍ୟକ୍ରମରେ ଓଡ଼ିଶା ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

### ୧୭ ବର୍ଷରୁ କମ୍ ଜାତୀୟ ରୋଲ ବଲ୍ ଚାମ୍ପିୟନଶିପ୍

ଆନ୍ଧ୍ର ପ୍ରଦେଶର କର୍ନୋଲଠାରେ ଚଳିତ ମାସ ୮ରୁ ୧୧ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ୧୭ ବର୍ଷରୁ କମ୍ ରୋଲ ବଲ୍ ଚାମ୍ପିୟନଶିପ୍ ପାଇଁ ରବିବାର ଓଡ଼ିଶା ଦଳ ଘୋଷଣା ହୋଇଛି। ଅଂଶୁମାନ ପାତ୍ର ଅଧିନାୟକ ଓ ଆୟୂଷ ଜେନା ଉପ ଅଧିନାୟକ ମନୋନୀତ ହୋଇଛନ୍ତି। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଶୁଭମ୍ କୁମାର ଡୋରା, ଦେବରାଜ ପରିଡ଼ା, ରୋହିତ କୁମାର ଭୋଇ, ପୁଣ୍ୟକ ଶ୍ରଫ୍, ପ୍ରୀତ୍ ପ୍ରୀତମ୍ ଜେନା, ସ୍ୱସ୍ତିକ ସୁକୁମାର ପ୍ରହରାଜ, ଅଙ୍କିତ ନାୟକ ଓ ସୂର୍ଯ୍ୟ ପ୍ରତ୍ୟୁଷ ନାୟକ। କଳିଙ୍ଗ ନଗରସ୍ଥିତ ରୋଲ ବଲ୍ ମିନି ଷ୍ଟାଡିୟମରେ ଓଡ଼ିଶା ଦଳ ପାଇଁ ଏକ ବିଦାୟୀ ଶୁଭେଚ୍ଛା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରୋଲ୍ ବଲ୍ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା, ଚେୟାରପର୍ସନ ସୌଦାମିନି ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଲିପ୍‌ସା ପରିଜା, ମଧୁସ୍ମିତା ବଳ, ସୁଭଦ୍ରା ବେହେରା, ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ, କୋଚ୍ ସୁଶାନ୍ତ ସାହୁ ଓ ମ୍ୟାନେଜର ସୌମ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ୧୭ରୁ

**ଭୁବନେଶ୍ୱର, ୫।୧ (ବିଜୟ ରଣା):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଚଳିତମାସ ୧୭ରୁ ୧୯ ପର୍ଯ୍ୟନ୍ତ ହେବ। ପ୍ରତିଯୋଗୀମାନଙ୍କୁ ୧୭ତାରିଖ ସକାଳ ୯ଟା ସୁଦ୍ଧା ରିପୋର୍ଟିଂ କରିବାକୁ ଅନୁରୋଧ କରାଯାଇଛି। ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର (ପୁରୁଷ ଓ ମହିଳା) ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ଏକ ସଙ୍ଗରେ ରାଜ୍ୟ ଶକ୍ତି ଉତ୍ତୋଳନର ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସମସ୍ତ ଅନୁବନ୍ଧିତ ଜିଲା ସଂଘ ଜିଲାସ୍ତରୀୟ ପ୍ରତିଯୋଗିତା କରିବାକୁ କୁହାଯାଇଛି। ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରୁ ଫେବୃଆରୀ ମାସରେ ପାୱାର ଲିଫ୍ଟିଙ୍ଗ ଇଣ୍ଡିଆ ଦ୍ୱାରା ହେବାକୁଥିବା ଜାତୀୟ ସିନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ନିମନ୍ତେ ଓଡ଼ିଶାରୁ ଭାଗ ନେବାକୁଥିବା ପ୍ରତିଯୋଗୀ ଚୟନ କରାଯିବ।

# ମୁଖ୍ୟ ଡ୍ର’ରେ ନାଗାଲ

**ଅକ୍‌ଲାଣ୍ଡ, ୫।୧ (ପି.ଟି.):** ଭାରତର ନମ୍ବର ୱାନ ସିଙ୍ଗଲ୍ସ ଟେନିସ ଖେଳାଳି ସୁମିତ ନାଗାଲ ଏଏସ୍‌ବି କ୍ଲାସିକ୍ ମୁଖ୍ୟ ଡ୍ର’ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଠାରେ ରବିବାର ଏହି ଏଟିପି ୨୫୦ ଇଭେଣ୍ଟରେ ସେ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଫ୍ରାନ୍ସର ଆଡ୍ରିଆନ ମାନାରିନୋଙ୍କୁ ହରାଇ ଦେଇଛନ୍ତି।

# ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଲାନ୍ସର୍ସ ପରାସ୍ତ




ସୁର୍‌ମା ହକି କ୍ଲବ ଓ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

### ହକି ଇଣ୍ଡିଆ ଲିଗ୍

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶାର ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ୩-୪ ଗୋଲରେ ସୁର୍‌ମା ହକି କ୍ଲବ ନିକଟରୁ ପରାଜିତ ହୋଇଛି। ସୁର୍‌ମା କ୍ଲବ ପକ୍ଷରୁ ଜେରେମି ହେୱାର୍ଡ ୧୧, ନିକୋଲାସ ଡେଲା ଟୋରେ ୩୫, ଅଧିନାୟକ ହରମନପ୍ରୀତ ସିଂ ୫୦ ଓ ହରିଶ ସୋମାପ୍ପା ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଥିଏରୀ ବ୍ରିଙ୍କ୍‌ମାନ ୫ମ ମିନିଟରେ ଗୋଲ ଅଭିଯାନ ଆରମ୍ଭ କରିଥିବାବେଳେ ସଞ୍ଜୟ ୩୦ ଓ ଗୁରସାହିବଜିତ ସିଂ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ତୁଳନାତ୍ମକଭାବେ ଦେଖିଲେ ଲାନ୍ସର୍ସ ୨୬ ଥର ପ୍ରତିପକ୍ଷ ସର୍କଲ ଭେଦ କରି ୯ ଶୁଟ୍ କରିଥିବାବେଳେ ସୁର୍‌ମା ୧୪ ଥର ସର୍କଲ ଭେଦ କରିଥିଲା ଏବଂ ୭ ଶୁଟ୍ କରିବାକୁ ସକ୍ଷମ ହୋଇଥିଲା। ତେବେ ଭଲ ଫିନିସିଂ କାରଣରୁ ସୁରମା ବିଜୟୀ ହୋଇ ପାରିଥିଲା। କଳିଙ୍ଗ ଲାନ୍ସର୍ସ କ୍ରମାଗତ ୩ ମ୍ୟାଚରେ ପରାଜିତ ହୋଇ ଟେବୁଲର ନିମ୍ନରେ ଅପରିବର୍ତ୍ତିତ ରହିଛି।

### ତାମିଲନାଡୁ ଡ୍ରାଗନ୍ସ ବିଜୟୀ

ରବିବାରର ଦ୍ୱିତୀୟ ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସ ୨-୦ ଗୋଲରେ ୟୁପି ରୁଦ୍ରାସକୁ ପରାସ୍ତ କରିଛି। ତାମିଲନାଡୁ ପକ୍ଷରୁ ସୁଦେବ ଆଭାରନ ୪୦ ଓ ଥୋମାସ ସୋର୍ସବି ୬୦ତମ ମିନିଟରେ ଗୋଲ ୨ଟି ଦେଇଥିଲେ।

# ଦୃଷ୍ଟିବାଧିତ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ଖେଳିବ ଓଡ଼ିଶା

**ଭୁବନେଶ୍ୱର, ୫।୧ (ବିଜୟ ରଣା)**

ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାଠାରେ ନେତ୍ରା ବିଦ୍ୟାଳୟ ପକ୍ଷରୁ ସୋମବାରଠାରୁ ଆରମ୍ଭ ହେଉଛି ପ୍ରଥମ ଦୃଷ୍ଟିବାଧିତ ଫୁଟ୍‌ବଲ୍ ମ୍ୟାଚ। ଏଥିରେ ଭାଗ ନେଉଥିବା ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଦେବଦତ୍ତ ବେହେରା, ଦୀପକ ସିଂ, ରଞ୍ଜନ ହାଁସ୍‌ଦା, ଭଡା ମୁର୍ମୁ, ପାହାଳ ମୁର୍ମୁ, ଆଲୋକ କୁମାର ଦୀପ (ଅଧିନାୟକ) ଓ ଆକାଶ ପୋଡିଆମି(ଗୋଲକିପର)। ତ୍ରିଲୋଚନ ବେଉରା ଦଳର କୋଚ୍ ରହିଥିବା ବେଳେ ପ୍ରିୟବ୍ରତ ପଣ୍ଡା ଗୋଲ୍ ଗାଇଡ୍ ଭାବେ ଦଳ ସହିତ ଯାଇଛନ୍ତି। ବିଶାଖାପାଟଣା ଯିବା ପୂର୍ବରୁ ଭୁବନେଶ୍ୱର ରେଳଷ୍ଟେଶନରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ଜୟଶ୍ରୀ ତ୍ରିପାଠୀ, ଅଡିଟ ଅଫିସର ସୁବ୍ରତ ମହାନ୍ତି, ସାମାଜିକ କର୍ମୀ ସୁଶାନ୍ତ ସାହୁ, ସନ୍ତୋଷୀ ଜୈନ, ଡ. ରଶ୍ମିରଞ୍ଜନ ସାହୁ ଓ ଶ୍ରୀପତି ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କର ଶୁଭକାମନା କରିଥିଲେ।



ଦୃଷ୍ଟିବାଧିତ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ୍ ମ୍ୟାଚ ଖେଳିବାକୁ ଯିବା ପୂର୍ବରୁ ଅତିଥିଙ୍କ ସହ ଓଡ଼ିଶା ଦଳ।

# ପରାଜୟ ସହ ଓଡ଼ିଶା ଅଭିଯାନ ଶେଷ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

### ବିଜୟ ହଜାରେ ଟ୍ରଫି

ଅତି ନୈରାଶ୍ୟର ସହ ଓଡ଼ିଶା କ୍ରିକେଟ ଦଳର ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଅଭିଯାନ ଶେଷ ହୋଇଛି। ଜୟପୁରଠାରେ ରବିବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧୦୦ ରନରେ ଗୁଜରାଟଠାରୁ ହାରି ଯାଇଛି। ଗୁଜରାଟ ୪୭.୫ ଓଭରରେ ୨୫୨ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ହେମଙ୍ଗ ପଟେଲ ସର୍ବାଧିକ ୪୮, ଉର୍ଭିଲ ପଟେଲ ୪୫ ଓ ରବି ବିଷ୍ଣୋଇ ୪୦ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ତାପସ ଦାସ ୩ଟି, ପ୍ରୟାସ ସିଂ ୨ଟି ଏବଂ ରାଜେଶ ମହାନ୍ତି, ଜାମଳା ମହାପାତ୍ର, କାର୍ତ୍ତିକ ବିଶ୍ୱାଳ, ସୁମିତ ଶର୍ମା ଓ ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୫୩ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ଓଡ଼ିଶା ୩୮.୨ ଓଭରରେ ୧୫୨ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଅଭିଷେକ ରାଉତ ୪୮ ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୪୨ ରନ କରିଥିଲେ। ଏକଦା ଓଡ଼ିଶା ୨ ଉଇକେଟ ହରାଇ ୯୯ ରନ କରି ଭଲ ସ୍ଥିତିରେ ଥିଲା। ମାତ୍ର ସନ୍ଦୀପ ଓ ଅଭିଷେକ ୩ୟ ଉଇକେଟରେ ୮୫ ରନ ଯୋଗ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ସହ ପରବର୍ତ୍ତୀ ୫୩ ରନ ମଧ୍ୟରେ ଓଡ଼ିଶା ଅବଶିଷ୍ଟ ୮ ଉଇକେଟ ହରାଇଥିଲା। ଗୁଜରାଟ ପକ୍ଷରୁ ରବି ବିଷ୍ଣୋଇ ୪ଟି, ଚିନ୍ତନ ଗାଜା ୩ଟି ଏବଂ ଅର୍ଜନ ନାଗ୍ୱାସ୍ୱାଲା, ଅଧିନାୟକ ଅକ୍ଷର ପଟେଲ ଓ ବିଶାଲ ଜୟସ୍ୱାଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଓଡ଼ିଶା ଗ୍ରୁପ୍ ‘ଏ’ରେ ୭ ମ୍ୟାଚରୁ ୨ ବିଜୟ ଓ ୫ ପରାଜୟ ସହ ୮ ପଏଣ୍ଟ ପାଇ ଅଭିଯାନ ଶେଷ କରିଛି। ଦଳ ଏହାର ପ୍ରଥମ ୨ ମ୍ୟାଚରେ ଗୋଆ ଓ ଆସାମଠାରୁ ହାରି ଥିବାବେଳେ ପରବର୍ତ୍ତୀ ୨ ମ୍ୟାଚରେ ଉତ୍ତରାଖଣ୍ଡ ଓ ମଣିପୁରକୁ ପରାସ୍ତ କରିଥିଲା। ତେବେ ପରେ ଝାଡ଼ଖଣ୍ଡ, ହରିୟାଣା ଓ ଏବେ ଗୁଜରାଟଠାରୁ ହାରି ୮ ଦଳ ବିଶିଷ୍ଟ ଗ୍ରୁପ୍‌ରେ ୭ମ ସ୍ଥାନକୁ ଖସି ଆସିଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ